# ଧରିତ୍ରୀ DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୪/୨୦୧୮ (୨୦ ପୃଷ୍ଠା + ଛୁଟିଦିନ) Sambalpur, Sunday, November 4/ 2018 ★★

୧୪ଶ ଭାଗ ୩୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






Kesar Bhawan, Main Road, **Rourkela**

**STORES ALSO AT: Bhubaneswar:** 621, Saheed Nagar, Janpath | **Bhubaneswar:** Biju Patnaik International Airport | **Bhubaneswar:** 309, District Centre, Chandrasekharpur | **Berhampur** : Venkatraju Arcade, Sano Bazar | **Cuttack:** 558/834, Cantonment Road | Toll Free: 1800 3131 777 | **Open on Sundays**





# ସାପ କାମୁଡ଼ାରେ ଛାତ୍ର ମୃତ

**ବଡ଼ସାହି,୩।୧୧(ସ୍ୱ.ପ୍ର.)** ବଡ଼ସାହି ଥାନା ଅଧୀନ ଚାନ୍ଦଡିଆ ପ୍ରାଥମିକ ସ୍କୁଲର ଜଣେ ଅନ୍ତେବାସୀଙ୍କର ସାପ କାମୁଡାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଛାତ୍ରାବାସରେ ରହୁଥିବା ୩ୟ ଶ୍ରେଣୀ ଛାତ୍ର ଲକ୍ଷ୍ମଣ ଚପରାସ (୯)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମାଧପୁର ପଞ୍ଚାୟତ ଚକମାଧପୁର ଗ୍ରାମର ଶ୍ରୀମାତ ଚପରାସଙ୍କ ପୁଅ ଲକ୍ଷ୍ମଣ ଚାନ୍ଦଡିହା ଆଶ୍ରମ ବିଦ୍ୟାଳୟରେ ରହି ପଢୁଥିଲେ। ଶୁକ୍ରବାର ଅପରାହ୍ନରେ ଏକ ସାପ କାମୁଡ଼ି ଦେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଛି। ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।



ରାଉରକେଲା ଭଞ୍ଜଭବନରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ଶିଳ୍ପୀମାନଙ୍କ ନୃତ୍ୟ ପ୍ରଦର୍ଶନ ।

# ଆଜି ବି ଆସିଲାନି ବିମାନ

## ତାରିଖ ବଦଳାଉଛି ଏୟାର ଓଡ଼ିଶା




**ଝାରସୁଗୁଡ଼ା ଅଫିସ,୩।୧୧** ଲୁଚକାଳି ଖେଳୁଛି କି ମିଛ କହୁଛି ଏୟାର ଓଡ଼ିଶା ଜଣାପଡୁନି। କାରଣ ବନ୍ଦ ଥିବା ଉଡାନ୍ ସେବା ଅକ୍ଟୋବର ୨୯ ତାରିଖରୁ ଆରମ୍ଭ ହେବ ବୋଲି ଏୟାର ଓଡ଼ିଶା ସୂଚନା ଦେଇଥିଲା। ପରେ ଏହା ନଭେମ୍ବର ୩ ତାରିଖକୁ ଘୁଞ୍ଚିଥିଲା। ହେଲେ ନଭେମ୍ବର ୩ ତାରିଖରେ ବି ଆସିଲାନି ବିମାନ। ଏବେ ତାହା ନଭେମ୍ବର ୫ ତାରିଖକୁ ଘୁଞ୍ଚିଗଲାଣି। ଏପରି ତାରିଖ ଘୁଞ୍ଚିବାକୁ ନେଇ ଆଶାୟୀ ଯାତ୍ରୀଙ୍କ ମଧ୍ୟରେ ଏୟାର ଓଡ଼ିଶା ପ୍ରତି ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନକୁ ସାମ୍ନା କରିପାରନ୍ତି ସରକାର। ଅନ୍ୟପକ୍ଷରେ ଝାରସୁଗୁଡ଼ାରୁ ଆଉ ବିମାନ ଉଡିବ କି ନାହିଁ ସେ ବାବଦରେ କେହି ବି କହି ପାରୁନାହାନ୍ତି। କାରଣ ବିମାନ ସେବା ବନ୍ଦ ନେଇ ଏୟାର ଓଡ଼ିଶା କର୍ତ୍ତୃପକ୍ଷ ଝାରସୁଗୁଡ଼ା ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦେଇନାହାନ୍ତି। କେବଳ ବୈଷୟିକ ସମସ୍ୟା ରହିଥିବା ଦର୍ଶାଇ ବିମାନ ସେବା ବନ୍ଦ ରଖିଛନ୍ତି। ଝାରସୁଗୁଡ଼ା ବିମାନବନ୍ଦର ଯାତ୍ରୀଙ୍କ ଯାତାୟତ ପରିବର୍ତ୍ତେ ଏବେ ସେଲଫି ଜୋନରେ ପରିଣତ ହୋଇସାରିଛି। ସକାଳେ, ସନ୍ଧ୍ୟାରେ ଶହ ଶହ ଯୁବତୀ ଯୁବକ ବିମାନବନ୍ଦର ଯାଇ କେବଳ ସେଲଫି ନେଉଛନ୍ତି। ବିମାନ ଚଳାଚଳ ନେଇ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ନିର୍ଦ୍ଦେଶକ ସୁଦୀପ ଚୌହାନଙ୍କୁ ପଚାରିବାରୁ ସେ କହିଲେ, ବିମାନ କେବେଠାରୁ ଚାଲିବ ସେ ବାବଦରେ ଏୟାର ଓଡ଼ିଶା ତରଫରୁ କୌଣସି ଲିଖିତ ସୂଚନା ଦିଆଯାଇନାହିଁ। କେବଳ ମୌଖିକ ସୂଚନା ଦିଆଯାଉଛି, ଯାହା ପରବର୍ତ୍ତୀ ସମୟରେ ପରିବର୍ତ୍ତନ ହେଉଛି।






## ଟ୍ରେନ ଧକ୍କାରେ ମହିଳା ମୃତ

**ପଦ୍ମପୁର,୩।୧୧(ଡି.ଏନ.ଏ.)** ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସେରପୁର ନୂଆନନ୍ଦ ଲେଭଲକ୍ରସିଂଠାରୁ ୧ କି.ମି.ଦୂରରେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ କେଦାରପୁର ପଞ୍ଚାୟତ ଜିତାନଗା ଗ୍ରାମର ଉମାମଣି ଘଡ଼େଇ(୫୫)। ଶୁକ୍ରବାର ରାତିରେ ସ୍ଥାନୀୟ ରେଳ ସୁରକ୍ଷା କର୍ମୀ ଫୋନ ଯୋଗେ ଏ ସମ୍ପର୍କରେ ସାବରଙ୍ଗ ଫାଣ୍ଡି ଓ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ସୂଚନା ଦେଇଥିଲେ।

## ଆଜି ଓଡ଼ିଶା ଏକାଦଶ ବନାମ ନ୍ୟୁସାଉଥ୍ ୱେଲ୍ସ ପ୍ରଦର୍ଶନୀ ମ୍ୟାଚ

# ଅଭ୍ୟାସ କଲେ ଦୁଇ ଦଳର ଖେଳାଳି

**ରାଉରକେଲା ଅଫିସ,୩।୧୧** ତପସ୍ୱିନୀ ଏକ୍ସପ୍ରେସ ଯୋଗେ ଶନିବାର ସକାଳ ସାଢେ ୭ଟାରେ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଓଡିଶା ଏକାଦଶ ଓ ନ୍ୟୁ ସାଉଥ ୱେଲ୍ସ ହକି ଦଳର ଖେଳାଳିଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ ଆରଏମସି ପକ୍ଷରୁ ଉପାୟୁକ୍ତ ସୁଷମା ବିଲୁଙ୍ଗ, ସ୍ୱାସ୍ଥ୍ୟ ଅଧିକାରୀ ବସନ୍ତ ମିଶ୍ର ଓ ସ୍ମାର୍ଟସିଟିର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଦୁଇ ଦଳର ଖେଳଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବାଜା ବଜାଇ ଷ୍ଟେଶନ ବାହାର ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ଖେଳାଳିଙ୍କୁ ଦେଖିବାକୁ ଷ୍ଟେଶନ ବାହାରେ ଜନ ସମାଗମ ପରିଲକ୍ଷିତ ହୋଇଥିଲା। ପୋଲିସ ସୁରକ୍ଷା ଭିତରେ ଆସିଥିଲେ ଖେଳାଳି। ଅପରାହ୍ନରେ ଦୁଇ ଦଳ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ପହଞ୍ଚି ଖେଳ ଅଭ୍ୟାସ କରିଥିଲେ। ପରେ ପାନପୋଷ କ୍ରୀଡା ଛାତ୍ରାବାସର ଅନ୍ତେବାସୀଙ୍କ ସହ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଯୁବ ତଥା ଛାତ୍ର ପ୍ରଶିକ୍ଷାର୍ଥୀଙ୍କ ସହ ମନ ଖୋଲି ମିଶିଥିଲେ ନ୍ୟୁ ସାଉଥ ୱେଲ୍ସ ଟିମ୍ ଖେଳାଳି। ପ୍ରଦର୍ଶନୀ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଅଭ୍ୟାସ ଖେଳ ଦେଖିବାକୁ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହୋଇଥିଲା।




ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଶନିବାର ଓଡ଼ିଶା ଏକାଦଶ ଟିମ୍ ଅଭ୍ୟାସ କରୁଛନ୍ତି।





ନିଉ ସାଉଥ ୱେଲସ୍ ଟିମ୍ (ବାମ) ଏବଂ ଓଡ଼ିଶା ଏକାଦଶ ଟିମ୍ ଶନିବାର ରାଉରକେଲାରେ ପହଞ୍ଚିଛନ୍ତି ।


ଧରିତ୍ରୀ
DHARITRI
Quiz No.21
Puja Quiz- 2018

Main Sponsor
TVS

Co-Sponsors
CENTRAL
Nikon

☑ Tick mark the box which is correct

୧. 'ଆନ୍ଧ୍ର କେଶରୀ' ଉପାଧି କିଏ ପାଇଥିଲେ ?
କ. ଟି.ପ୍ରକାଶମ୍ ☐ ଖ. ଏନ୍.ଟି. ରାମାରାଓ ☐ ଗ. ଚନ୍ଦ୍ରବାବୁ ନାଇଡୁ ☐ ଘ. କେଉଁଟି ନୁହେଁ ☐
୨. ନିମ୍ନଲିଖିତ ପଦାର୍ଥ ମଧ୍ୟରୁ କେଉଁଟି କଠିନ ଅବସ୍ଥାରୁ ସିଧାସଳଖ ଗ୍ୟାସୀୟ ଅବସ୍ଥାକୁ ରୂପାନ୍ତରିତ ହୁଏ ?
କ. ଚିନି ☐ ଖ. କପର ସଲ୍‌ଫେଟ୍ ☐ ଗ. ଏମୋନିୟମ୍ କ୍ଲୋରାଇଡ୍ ☐ ଘ. କେଉଁଟି ନୁହେଁ ☐
୩. ନଖ ପଲିସ୍ ଛଡ଼ାଇବା ପାଇଁ କେଉଁ ରାସାୟନିକ ପଦାର୍ଥ ବ୍ୟବହାର କରାଯାଏ ?
କ. ଏସିଟୋନ୍ ☐ ଖ. କିରୋସିନ୍ ☐ ଗ. ଜଳ ☐ ଘ. କେଉଁଟି ନୁହେଁ ☐
୪. ବିହୁ କେଉଁ ରାଜ୍ୟର ପ୍ରସିଦ୍ଧ ପର୍ବ ?
କ. ଉତ୍ତର ପ୍ରଦେଶ ☐ ଖ. ଉତ୍ତରାଖଣ୍ଡ ☐ ଗ. ଆସାମ ☐ ଘ. କେଉଁଟି ନୁହେଁ ☐
୫. ତାମିଲନାଡୁର ମହାବଳୀପୁରମ୍ ମନ୍ଦିର କେଉଁ ରାଜବଂଶର କୀର୍ତ୍ତି ?
କ. ପଲ୍ଲବ ☐ ଖ. ପାଣ୍ଡ୍ୟ ☐ ଗ. ଚାଲୁକ୍ୟ ☐ ଘ. କେଉଁଟି ନୁହେଁ ☐

Participant's Name:.....................
Address:.....................
.....................
Education .....................
Mobile..................... Age:..........
E-mail:.....................

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 21
B-15, Industrial Estate, Rasulgarh, Bhubaneswar-10





# ଅଚିହ୍ନା ବୃଦ୍ଧଙ୍କୁ ଚାରିକାନ୍ଧ ଦେଲେ ସାମାଜିକ କର୍ମୀ

**ବିଜେପୁର, ୩।୧୧ (ଡି.ଏନ.ଏ)**

ସମ୍ପର୍କୀୟମାନଙ୍କ ଅକଥନୀୟ ନିର୍ଯାତନାରେ ଅଣନିଃଶ୍ୱାସୀ ହୋଇ ନିଜ ଠିକଣା ହଜାଇ ଦେଇଥିଲେ ଦୂତ ବରିହା । ଏଠିସେଠି ଘୁରି ବୁଲିବା ପରେ ଦୁଇ ବର୍ଷ ତଳେ ବରଗଡ ଜିଲା ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସିତ ହୋଇଥିଲେ । ଏହି ଖବର ପାଇ ବିଜେପୁର ବ୍ଲକ ବିଲେଇପାଲି ପାର୍ବତୀଗିରି ବୃଦ୍ଧାଶ୍ରମର କର୍ମକର୍ତ୍ତା ତାଙ୍କୁ ଉଦ୍ଧାର କରି ଆଶ୍ରୟ ଦେଇଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ବାର୍ଦ୍ଧକ୍ୟଜନିତ ରୋଗରେ ୮୭ ବର୍ଷ ବୟସରେ ଦୂତ ବରିହା ଆଖି ବୁଜିଲେ । ରକ୍ତ ସମ୍ପର୍କୀୟମାନେ ପର କରି ଦେଇଥିଲେ ସୁଦ୍ଧା ଏହି ଅଜଣା ଅଚିହ୍ନା ଅସହାୟ ବୃଦ୍ଧଙ୍କୁ ଚାରିକାନ୍ଧ ଦେଇ ଅନ୍ତିମ ସଂସ୍କାର କରି କେତେଜଣ ସାମାଜିକ କର୍ମୀ ମାନବିକତାର ପରିଚୟ ଦେଇଛନ୍ତି । ବିଗତ କିଛି ଦିନ ହେଲା ଦୂତ ବାର୍ଦ୍ଧକ୍ୟ ଜନିତ ରୋଗରେ ଶଯ୍ୟାଶାୟୀ ଥିଲେ । ଦୁଇ ଦିନ ହେଲା ସେ ଖାଇପିଇ ପାରୁ ନ ଥିଲେ । ଶେଷକୁ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ପୂର୍ବାହ୍ନରେ ଜଳନ୍ଧର ପଟେଲ, ସୁରେଖା ଭୋଇ, ସଫେଦ ବାରିକ, ସପନ ଭୋଇ କାନ୍ଧ ଦେଇ ଏକ ଦଉଡିଆ ଖଟିଆରେ ଶ୍ମଶାନକୁ ନେଇଥିଲେ । ସେଠାରେ ରୀତିନୀତି ଅନୁସାରେ ତାଙ୍କର ଶବ ସଂସ୍କାର କରିଥିଲେ । ସୁଶୀଲ ଛତର, ରିତେଶ ଛତରିଆ, ଜିଲା ସାହୁ, ରାଜୁ ପଧାନ, ଉପେନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ସେଠ, ଜୟସିଂ ନାଏକ, ବିକାଶ ପଟେଲ, କୁଦେଇ ହୁଏ, ଅକ୍ଷୟ ବାରିକ, ମଧୁ ନାୟକ, ଗ୍ରନ୍ଥ ଲୁହା ପ୍ରମୁଖ ସାମାଜିକ କର୍ମୀ ସହଯୋଗ କରିଥିଲେ ।



ଅସହାୟ ବୃଦ୍ଧଙ୍କ ଶବକୁ ଚାରିକାନ୍ଧ ଦେଉଛନ୍ତି ସାମାଜିକ କର୍ମୀ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୪/୨୦୧୮ | Sambalpur, Sunday, November 4/ 2018 | ପୃଷ୍ଠା-୧



**'୨.୦'ରେ ଅଭିନୟ ଖୁବ୍ ଚ୍ୟାଲେଞ୍ଜିଂ: ଅକ୍ଷୟ କୁମାର**

ବହୁଭାଷାଭିତ୍ତିକ ସାଇନ୍ସ-ଫିକ୍ସନ୍ ଆକ୍ସନ ଡ୍ରାମା '୨.୦' ଖୁବ୍ ଚ୍ୟାଲେଞ୍ଜିଂ ବୋଲି ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତା ଅକ୍ଷୟ କୁମାର।

୦୫

୧୨

**ସିଦାକ ସିଂଙ୍କ ବିରଳ ସଫଳତା**

ପୁଡୁଚେରୀ ସ୍ପିନର ସିଦାକ ସିଂ ମଣିପୁର ବିପକ୍ଷ ସି.କେ. ନାଇଡୁ ଟ୍ରଫି ମ୍ୟାଚରେ ସମସ୍ତ ୧୦ ଉଇକେଟ ନେଇ ଘରୋଇ କ୍ରିକେଟରେ ଏକ ବିରଳ ସଫଳତା ହାସଲ କରିଛନ୍ତି।









ଭୁବନେଶ୍ୱରରେ ଅନୁଷ୍ଠିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ତିମ ଦିବସରେ ଶନିବାର ମହିଳା ଜିମ୍ନାଷ୍ଟ ଦୀପା କର୍ମକାରଙ୍କ ଆତ୍ମଜୀବନୀକୁ ନେଇ ରଚିତ ପୁସ୍ତକ 'ଦି ସ୍ମଲ ଓ୍ୱଣ୍ଡର'ର ପ୍ରଚ୍ଛଦ ପୃଷ୍ଠା ଉନ୍ମୋଚନ ଅବସରରେ (ବାମରୁ) ଲେଖକ ଦିଗ୍‌ବିଜୟ ସିଂ, ବିମଲ ମୋହନ, କୋଚ୍ ବିଶ୍ୱେଶ୍ୱର ନନ୍ଦି ଓ ଦୀପା। **(ବିକାଶ ନାୟକ)**

### ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ

# ଶେଷହେଲା ଖେଳ-ସାହିତ୍ୟର ମହାପର୍ବ

**ଭୁବନେଶ୍ୱର, ୩।୧୧ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ୍ କ୍ରମେ ପାଖେଇ ଆସୁଥିବାବେଳେ ଏସିଆର ସର୍ବପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଭୁବନେଶ୍ୱରରେ ସଫଳତାର ସହ ସମ୍ପନ୍ନ ହୋଇଛି। ଇମର୍ଜିଂ ସ୍ପୋର୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୨ ଦିନିଆ ମେଗା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଦେଶ ବିଦେଶର ଅନେକ କିମ୍ବଦନ୍ତୀ ଖେଳାଳି, ପୁସ୍ତକ ରଚୟିତା ଓ କ୍ରୀଡ଼ା ସାମ୍ବାଦିକ। ଖେଳ-ସାହିତ୍ୟର ଆଲୋଚନା କ୍ରୀଡ଼ାପ୍ରେମୀଙ୍କୁ ଭିନ୍ନ ଅନୁଭବ ଦେଇଥିବାବେଳେ ସୃଷ୍ଟି କରିଥିଲା ଅପୂର୍ବ ପରିବେଶ। ଏପରି ପରିବେଶ କେବଳ ଓଡ଼ିଶା କିମ୍ବା ଭାରତ କାହିଁକି, ସମ୍ପୂର୍ଣ୍ଣ ଏସିଆରେ ମଧ୍ୟ ପୂର୍ବରୁ ସୃଷ୍ଟି ହୋଇ ନ ଥିଲା। ତେଣୁ ସ୍ମରଣୀୟ ସ୍ମୃତି ବହନ କରିଛି ଏହି ନିଆରା ମହୋତ୍ସବ। ଏଥିରେ କିମ୍ବଦନ୍ତୀ ଏବଂ ତାରକା ଖେଳାଳିମାନେ ସେମାନଙ୍କ ଅନୁଭବ ବର୍ଣ୍ଣନା କରିଥିବାବେଳେ କ୍ରୀଡ଼ା ପୁସ୍ତକ ରଚୟିତାମାନେ ତାଙ୍କ ଆଭିମୁଖ୍ୟ ଅବତାରଣା କରିଥିଲେ। ଖେଳ ସାମ୍ବାଦିକମାନେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ସେମାନଙ୍କ ନିଜସ୍ୱ ଶୈଳୀରେ କାର୍ଯ୍ୟକ୍ରମକୁ ଅତି ସୁନ୍ଦରଭାବେ ପରିଚାଳନା କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ଆହୁରି ବଡ଼ ଆକାରରେ କରିବାକୁ ଆଶା ରଖିଛନ୍ତି ଆୟୋଜକ ☞ପୃଷ୍ଠା-୨

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

## ବିଦ୍ୱାନ୍‌ଙ୍କୁ ବିରୋଧ

ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।




# ଘରୋଇ ସ୍କୁଲକୁ ବଳ ପାଉନି

**ଭୁବନେଶ୍ୱର,୩।୧୧ (ବ୍ୟୁରୋ)**

- ପେଷି ହେଉଛନ୍ତି ଅଭିଭାବକ
- ଚଢ଼ା ନାମଲେଖା, ସ୍କୁଲ ଫି' ଉପରେ ଲାଗିବ ଅଙ୍କୁଶ
- ଅବମାନନା କଲେ ଜରିମାନା ସହ ଜେଲ୍



ରାଜ୍ୟରେ ଛତୁଫୁଟିବା ଭଳି ଘରୋଇ ସ୍କୁଲ ଖୋଲିବାରେ ଲାଗିଛି। ଶିକ୍ଷା ବ୍ୟବସାୟରେ ପରିଣତ ହେଲାଣି। ଘରୋଇ ସ୍କୁଲରେ ପାଠ ପଢ଼ାଉଥିବା ଅଭିଭାବକମାନେ ନାମଲେଖା ଓ ସ୍କୁଲ ଫି' ଚାପରେ ତ୍ରାହି ତ୍ରାହି ଡାକୁଛନ୍ତି। ତଥାକଥିତ ନାମକରା ସ୍କୁଲଗୁଡ଼ିକ ମନଇଚ୍ଛା ସ୍କୁଲ ଫି' ବୃଦ୍ଧି କରୁଛନ୍ତି। ଏପରି କି ୧୫ରୁ ୨୦ ପ୍ରତିଶତ ବାର୍ଷିକ ଫି' ବୃଦ୍ଧି କରି ଅଭିଭାବକଙ୍କ ଉପରେ ବୋଝ ଲଦି ଚାଲିଛନ୍ତି। ଏହାକୁ ନେଇ ଅନେକ ସମୟରେ ଅଭିଭାବକ ଓ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଛନ୍ତି। କଥା କୋର୍ଟ କଚେରିକୁ ମଧ୍ୟ ଯାଇଛି। ଘରୋଇ ସ୍କୁଲ ଉପରେ ସରକାରୀ ଅଙ୍କୁଶ ନ ଥିବାରୁ ବେଳକୁ ବେଳ ସମସ୍ୟା ବଢ଼ିବାରେ ଲାଗିଛି। ଦିଲ୍ଲୀ, ପଞ୍ଜାବ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଭଳି ୧୨ଟି ରାଜ୍ୟ ଘରୋଇ ସ୍କୁଲଗୁଡ଼ିକୁ ସରକାରୀ ନିୟନ୍ତ୍ରଣରେ ରଖିଥିବା ବେଳେ ଓଡ଼ିଶାରେ ଏହାର ଠିକ୍ ଓଲଟା। ମନଇଚ୍ଛା ଘରୋଇ ସ୍କୁଲ ଖୋଲୁଥିବା ବେଳେ ସେଗୁଡ଼ିକ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ। ବିଭିନ୍ନ ମହଲରୁ ଚାପ ଓ କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଘରୋଇ ସ୍କୁଲ ପାଇଁ ନୂତନ ରୁଲ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଫି' ସମସ୍ୟା ଦୂର କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ସେହି କମିଟିରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଅଧ୍ୟକ୍ଷ ଥିବା ବେଳେ ଆଇନ ବିଭାଗ ଓ ଅର୍ଥ ବିଭାଗ ଅଧିକାରୀ, ଘରୋଇ ସ୍କୁଲରୁ ୩ ଜଣ, ଅଭିଭାବକ ସଂଘରୁ ୩ ଜଣ, ବ୍ରହ୍ମପୁର ଓ ସମ୍ବଲପୁର ଅଞ୍ଚଳରୁ ଜଣେ ଲେଖାଏ ପ୍ରତିନିଧି ରହିଛନ୍ତି। ମାରାଥନ ବୈଠକ ପରେ ଅକ୍ଟୋବର ମାସରେ କମିଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ହେଲେ ଏ ପର୍ଯ୍ୟନ୍ତ ଘରୋଇ ସ୍କୁଲଗୁଡ଼ିକ ପାଇଁ ନାମଲେଖା, ବାର୍ଷିକ ସ୍କୁଲ ଫି' ଏବଂ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ନେଇ ଚୂଡ଼ାନ୍ତ ଗାଇଡ ଲାଇନ ପ୍ରସ୍ତୁତ ହୋଇପାରିଲା ନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ଘରୋଇ ସ୍କୁଲ ଫି' ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ଚଳିତ ମାସ ଶେଷ ସୁଦ୍ଧା ଚୂଡ଼ାନ୍ତ ଗାଇଡ ଲାଇନ ପ୍ରକାଶ କରିବେ । ସ୍କୁଲଗୁଡ଼ିକ ଆଉ ମନଇଚ୍ଛା ଫି ଆଦାୟ କରି ପାରିବେ ନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫି' ନିର୍ଦ୍ଧାରଣ କମିଟି ବାର୍ଷିକ ୮ ପ୍ରତିଶତ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି । ବାର୍ଷିକ ସର୍ବନିମ୍ନ ୩୦ ହଜାର ଟଙ୍କା ଫି' ରଖିବାକୁ ସ୍ଥିର କରାଯାଇଛି। ଯଦି କୌଣସି ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଅଧିକ ଫି' ନେଇଥିବେ ତେବେ ତାହା ପରବର୍ତ୍ତୀ ବର୍ଷ ପାଇଁ ଆଡଜଷ୍ଟ କରିବେ। ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କଲେ ☞ପୃଷ୍ଠା-୨

## ୧୬ରୁ ବିଧାନସଭା

**ଭୁବନେଶ୍ୱର,୩।୧୧ (ବ୍ୟୁରୋ)**

ଆସନ୍ତା ୧୬ ତାରିଖରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏ ନେଇ ଶନିବାର ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଧିବେଶନ ଡିସେମ୍ବର ୧୫ ଯାଏ ଚାଲିବ। ଏଥିରେ ମୋଟ ୨୩ଟି କାର୍ଯ୍ୟ ଦିବସ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ପିଲାଙ୍କ ସ୍ୱତନ୍ତ୍ର ଦକ୍ଷତାକୁ ପରଖିବା ଭଳି ଦୃଷ୍ଟିଭଙ୍ଗୀ ଶିକ୍ଷକଙ୍କଠାରେ ରହିବା ଉଚିତ ।

**-ରାମନାଥ କୋବିନ୍ଦ, ରାଷ୍ଟ୍ରପତି**

NECC NATIONAL EGG CO-ORDINATION COMMITTEE 03.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 68 | 116 | 126 |
| DKL | 68 | 116 | 126 |
| BDK | 68 | 116 | 126 |
| BLS | 68 | 116 | 126 |
| ANG | 70 | 119 | 129 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers

**■ବରଗଡ଼ ବାଘ ମୃତ୍ୟୁ ଘଟଣା**

# ଅଟକ ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର/ବରଗଡ଼ ଅଫିସ୍, ୩।୧୧ (ବ୍ୟୁରୋ)**

- ଜଙ୍ଗଲରୁ ମିଳିଲା ବାଘ ପଞ୍ଝା, ନଖ, ନିଶ
- ଆଜି ପହଞ୍ଚିବେ ଏନ୍‌ଟିସିଏ ଅଧିକାରୀ



ବରଗଡ଼ ବାଘ ମୃତ୍ୟୁ ଘଟଣାକୁ ନେଇ ବିବାଦ ଥମି ନ ଥିବାବେଳେ ପୁଣି ଏକ ନୂଆ ତଥ୍ୟ ପଦାକୁ ଆସିଛି। ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରୁ ବନ ବିଭାଗ ଶନିବାର ଏକ ବାଘର ପଞ୍ଝା, ନଖ, ୪ଟି ନିଶ ଜବତ କରିଛି। ଏହି ଘଟଣାରେ ଅଟକ ଥିବା ୩ ଜଣଙ୍କୁ ଗିରଫ କରାଯାଇଥିବା ବରଗଡ଼ ବନଖଣ୍ଡ ଅଧିକାରୀ (ଡିଏଫଓ) ଅଭୟ କୁମାର ଦଲେଇ କହିଛନ୍ତି । ଅଭିଯୁକ୍ତମାନେ ହେଲେ ଭଟଲି ଥାନା ଖଜୁରିଆ ଗ୍ରାମର ସୁଶୀଲ ଭୋଇ, ସତ୍ୟବାନ ସାହୁ ଏବଂ ଗୌରୀ ମିର୍ଦ୍ଧା । ତେବେ ଜବତ ଅଂଶବିଶେଷଗୁଡ଼ିକ ଉକ୍ତ ମୃତ ବାଘର ନା ଅନ୍ୟ କେଉଁ ବାଘର ତାହା ଜଣାପଡ଼ିନାହିଁ। ଜବତ ପଞ୍ଝାଟି ଏକ ମହାବଳ ବାଘର ବୋଲି ଆଲୋଚନା ହେଉଛି। ଖୁବ୍‌ଶୀଘ୍ର ଏସବୁର ପରୀକ୍ଷା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ଗଳିତ ମୃତଦେହ ମାଟି ତଳୁ ଉଦ୍ଧାର ହୋଇଥିଲା। ଏହି ଘଟଣାର ଅନୁଧ୍ୟାନ ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ନାଗପୁରର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ହେମନ୍ତ କାମ୍‌ଡି ରବିବାର ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି। ସେହିପରି ସୋମବାର ଓ୍ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ଜବଲପୁରର ରିଜିଓନାଲ ଡେପୁଟି ଡାଇରେକ୍ଟର ଅଭିଜିତ୍ ରାୟ ଚୌଧୁରୀ ଓଡ଼ିଶା ଆସି ଘଟଣାର ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି। ଏନ୍‌ଟିସିଏ ଅଧିକାରୀ ସମସ୍ତ ପ୍ରକାର ଏସ୍‌ଓପି ପାଳନ କରିଛନ୍ତି କି ନାହିଁ, କେଉଁ ଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଲା ଏବଂ ମୃତ ବାଘ କଲରାପତରିଆ ବୋଲି ବନ ବିଭାଗ କିପରି ଜାଣିଲା ସେସବୁର ରିପୋର୍ଟ ନେବେ। ☞ପୃଷ୍ଠା-୨



DHARITRI

ସମ୍ବଲପୁର, ରବିବାର, ନଭେମ୍ବର ୪/୨୦୧୮



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ତାହାକୁ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଆୟୁଷ୍
ପରିବାରବର୍ଗ



ପିୟୁଷ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତି: ଅକ୍ଷୟ ମିଶ୍ରଙ୍କ ନାମ ସୁପାରିସ

**କଟକ ଅଫିସ, ୩।୧୧**

ହାଇକୋର୍ଟରେ ରେଜିଷ୍ଟ୍ରାର ଜେନେରାଲ ଡ. ଅକ୍ଷୟ କୁମାର ମିଶ୍ରଙ୍କୁ ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତିଭାବେ ନିଯୁକ୍ତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି। ଡ. ମିଶ୍ରଙ୍କ ନାମକୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟକୁ ପଠାଯାଇଛି। ୨୦୧୮ ମେ ୧୮ରେ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ପକ୍ଷରୁ ମିଶ୍ରଙ୍କ ସମେତ ୪ଜଣଙ୍କ ନାମ ବିଚାରପତି ନିମନ୍ତେ ସୁପାରିସ କରାଯାଇଥିଲା। ତେବେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇ, ଜଷ୍ଟିସ ମଦନ ବି.ଲୋକୁର ଓ ବିଚାରପତି ଜଷ୍ଟିସ କୁରିଆନ ଜୋସେଫଙ୍କୁ ନେଇ ଗଠିତ କଲେଜିୟମରେ କେବଳ ଡ.ଅକ୍ଷୟ ମିଶ୍ରଙ୍କ ନାମ ସୁପାରିସ କରାଯାଇଥିଲା।

■ ଗୃହ କମିଟିରେ ସତ୍ୟପାଠ ଦାଖଲ କଲେ ଅଭିଜିତ

# ଆସନ୍ତା ବିଧାନସଭାରେ ରିପୋର୍ଟ ଦେବ ଗୃହ କମିଟି

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

କୋଣାର୍କ ଓ ପୁରୀ ଶ୍ରୀମନ୍ଦିର ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଜିତ୍ ଆୟର ମିତ୍ର ଶନିବାର ବିଧାନସଭା ଗୃହ କମିଟିରେ ପୁଣିଥରେ ହାଜର ହୋଇଛନ୍ତି। ସେ ନିଜର ବକ୍ତବ୍ୟ ପାଇଁ ରାଜ୍ୟବାସୀ ଓ ବିଧାନସଭା ଗୃହ କମିଟିକୁ କ୍ଷମାପ୍ରାର୍ଥନା କରିଥିଲେ। ଏହାଛଡା ସେ କମିଟିରେ ସତ୍ୟପାଠ ଦାଖଲ କରିଛନ୍ତି। କମିଟି ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ନରସିଂହ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଅଭିଜିଙ୍କ ସତ୍ୟପାଠର ତର୍ଜମା କରାଯିବ। କମିଟି ଆସନ୍ତା ଅଧିବେଶନରେ ଏ ନେଇ ବାଚସ୍ପତିଙ୍କୁ ରିପୋର୍ଟ ପ୍ରଦାନ କରିବ। ଅକ୍ଟୋବର ୧୧ ତାରିଖରେ ବିଧାନସଭା ଗୃହ କମିଟିରେ ହାଜର ହେବାକୁ ଅଭିଜିତଙ୍କୁ ସମନ ଜାରି କରାଯାଇଥିଲା। ବାତ୍ୟା ତିତ୍‌ଲି ଯୋଗୁ ସେ ହାଜର ହୋଇପାରି ନ ଥିଲେ। କମିଟି ପୁଣି ତାଙ୍କୁ ଅକ୍ଟୋବର ୨୩ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା। ଅଭିଜିତ ବ୍ୟକ୍ତିଗତ ଭାବେ ହାଜର ହୋଇ ସେ ଆପତ୍ତିଜନକ ମନ୍ତବ୍ୟ ସ୍ୱୀକାର କରିବା ସହ ଭୁଲ ମାଗିଥିଲେ। କମିଟି ତାଙ୍କୁ ନଭେମ୍ବର ୨ ତାରିଖରେ ପୁଣି ହାଜର ହୋଇ ସ୍ୱୀକାରୋକ୍ତିକୁ ସତ୍ୟପାଠ ଜରିଆରେ ଦେବାକୁ ପରାମର୍ଶ ଦେଇଥିଲେ । ତେବେ ସେ ୨ ତାରିଖରେ କମିଟି ନିକଟରେ ହାଜର ହୋଇଥିଲେ ମଧ ସତ୍ୟପାଠ ଦାଖଲ କରିପାରି ନ ଥିଲେ। ସତ୍ୟପାଠ ପାଇଁ ଆଉ ଗୋଟିଏ ଦିନ ସମୟ ଦେବାକୁ ସେ ଅନୁରୋଧ କରିଥିଲେ। ଶନିବାର ଅଭିଜିତ ଗୃହ କମିଟିରେ ହାଜର ହୋଇ ସତ୍ୟପାଠ ଦାଖଲ କରିଛନ୍ତି। କମିଟି ସତ୍ୟପାଠକୁ ଭଲ ଭାବେ ତର୍ଜମା କରି ରିପୋର୍ଟ ପ୍ରସ୍ତୁତ କରିବ ଓ ଆସନ୍ତା ୧୬ ତାରିଖରେ ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ରିପୋର୍ଟକୁ ଗୃହରେ ଉପସ୍ଥାପନ କରାଯିବ ବୋଲି ଅଧ୍ୟକ୍ଷ ମିଶ୍ର କହିଛନ୍ତି।

■ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ

# ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ଦେଶ ବଦଳାଇବା ପାଇଁ ଓଡ଼ିଶାର ଯୁବଗୋଷ୍ଠୀ ଆଗକୁ ଆସିବା ଦରକାର। ଉତ୍ତମ ସମାଜ ଗଠନ ପାଇଁ ଦୁର୍ନୀତି ବିରୋଧରେ ଲଢେଇ କରିବା ଉଚିତ। ଏ କ୍ଷେତ୍ରରେ ବିଶେଷକରି ଯୁବ ସମାଜ ଆଗେଇ ଆସିବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ଶେଷ ଦିନରେ ଭିଜିଲାନ୍ସ ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହି ଆହ୍ୱାନ କରିଛନ୍ତି। ସେ ଆହୁରି କହିଥିଲେ, ଓଡ଼ିଶା ଭିଜିଲାନ୍ସ ବିଭାଗ ଦୁର୍ନୀତି ବିରୋଧରେ ଲଢେଇ କରିବା ଲାଗି ଉଲ୍ଲେଖନୀୟ କାର୍ଯ୍ୟଧାରା ଜାରି ରଖିବା ଉଚିତ। ଦୁର୍ନୀତିକୁ ବିରୋଧ କରି ସପ୍ତାହବ୍ୟାପୀ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।

ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ କହିଥିଲେ, ୨୦୧୮ ଅକ୍ଟୋବର ୩୧ ପର୍ଯ୍ୟନ୍ତ ୪୧୩ ଅଫିସରଙ୍କ ବିରୋଧରେ ୨୮୭ଟି ଆପରାଧିକ ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୭ ଜଣ




କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅଧିକାରୀମାନେ।

## ଦଣ୍ଡାଦେଶ ପରିମାଣ ବଢ଼ିଛି

ପ୍ରଥମ ଶ୍ରେଣୀ ଅଫିସର, ୩୩ ଦ୍ୱିତୀୟ ଶ୍ରେଣୀ, ୨୩୮ ତୃତୀୟ ଶ୍ରେଣୀ, ୧୨ ଜଣ ଚତୁର୍ଥ ଶ୍ରେଣୀ, ୨୯ଜଣ ପବ୍ଲିକ୍ ସର୍ଭାଣ୍ଟ ଓ ୬୪ ବେସରକାରୀ ଅଫିସର ଅଛନ୍ତି। ୨୮୭ ମାମଲା ମଧ୍ୟରୁ ୫୫ ମାମଲା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ସମ୍ପର୍କିତ। ଏଥିରେ ୫୭ ସରକାରୀ କର୍ମଚାରୀ ଥିବାବେଳେ ୨୩ ବେସରକାରୀ କର୍ମଚାରୀ ଅଛନ୍ତି। ୫୫ ମାମଲାରେ ପ୍ରାୟ ୫୭.୨୬ କୋଟି ଟଙ୍କା ଜବତ କରାଯାଇଛି। ୧୪୮ ମାମଲାରେ ୧୫୫ ସରକାରୀ କର୍ମଚାରୀ ଓ ୨ ଜଣ ବେସରକାରୀ କର୍ମଚାରୀ ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି। ୮୪ଟି ମାମଲା ସରକାରୀ ଟଙ୍କା ବାଟମାରଣା କରିଥିବା ୧୭୬ ଅଫିସରଙ୍କ ବିରୋଧରେ ରୁଜୁ ହୋଇଛି। ସେଥିରୁ ୧୩୭ ସରକାରୀ କର୍ମଚାରୀ ଥିବାବେଳେ ୩୯ ବେସରକାରୀ କର୍ମଚାରୀ ଅଛନ୍ତି। ଏହି ସମୟ ମଧ୍ୟରେ ୧୯୭ ଅଫିସର ଗିରଫ ହୋଇଛନ୍ତି। ୧୬୮ ମାମଲାର ତଦନ୍ତ ଶେଷ ହୋଇଛି। ୧୬୦ ମାମଲାରେ ୩୨୩ ଅଫିସରଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଛି। ୯୫ ମାମଲାର ବିଚାର ଶେଷ ହୋଇଛି। ୧୧୮ ଅଫିସରଙ୍କୁ ଦଣ୍ଡିତ କରାଯାଇଛି। ତେବେ ୨୦୧୬ରେ ଦଣ୍ଡାଦେଶ ହାର ୪୭% ଥିବାବେଳେ ୨୦୧୭-୧୮ରେ ଏହା ୪% ବଢ଼ି ୫୧%ରେ ପହଞ୍ଚିଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଭିଜିଲାନ୍ସ ଡିଆଇଜି ସଞ୍ଜୟ କୁମାର କୌଶଲ, ପୋଲିସ ଡିଜି ଆର.ପି. ଶର୍ମା, ଗୃହ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲା ପକାଅ ଅଭିଯାନର ମୁକାବିଲା

## ଫୋକସ୍‌ରେ ଯୁବ, ଛାତ୍ର : ପିଏସ୍‌ୟୁ ସମ୍ମୁଖରେ ବିକ୍ଷୋଭ କରିବ ବିଜେଡି

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ଆଗକୁ ସାଧାରଣ ନିର୍ବାଚନ । ତୃଣମୂଳ ସ୍ତରରେ ଜନସାଧାରଣଙ୍କୁ ନିଜ ଆଡକୁ ଆଣିବା ପାଇଁ ରାଜନୈତିକ ଦଳ ପ୍ରୟାସ ଆରମ୍ଭ କଲେଣି। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଛାତ୍ର-ଯୁବକଙ୍କ ସମସ୍ୟା ନେଇ ରାସ୍ତାକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ରାଜ୍ୟରେ କ୍ଷମତାରେ ଥିବା ବିଜେଡି କେନ୍ଦ୍ର ଉପରେ ଦୋଷ ଲଦୁଥିବାବେଳେ ଓଡ଼ିଶାର ବେକାରି ସମସ୍ୟା ପାଇଁ ଭାଜପା ବିଜେଡିର ଦୀର୍ଘ ଶାସନକୁ ଦାୟୀ କରିଛି। ନିଯୁକ୍ତିରେ ରାଜ୍ୟ ସରକାର ବିଫଳ ହୋଇ ଥିବାରୁ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ୫ରେ ରାଜ୍ୟର ସମସ୍ତ ଶ୍ରମ ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପାକୁ ଜବାବ ଦେବାକୁ ଯାଇ ବିଜେଡି ମଧ ଅନୁରୂପ ରଣନୀତି ଆପଣେଇଛି। ଅପରପକ୍ଷରେ ଭାଜପା ହେଉ କି ବିଜେଡି, ଯୁବ ବର୍ଗଙ୍କ ଭରସା ଜିଣିବାରେ ଉଭୟ ବିଫଳ ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

ବିଜେଡି ଯୁବବ୍ୟାପାର ଦାୟିତ୍ୱରେ ଥିବା ବିଧାୟକ ସଞ୍ଜୟ ଦାସବର୍ମା ଶନିବାର ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶାରୁ ବିପୁଳ ଖଣିଜ ସମ୍ପଦ ଉତ୍ତୋଳନ କରି ମଧ କେନ୍ଦ୍ର ଅନୁରୂପ ନିଯୁକ୍ତି ସୁଯୋଗ ଯୁବକଯୁବତୀଙ୍କୁ ଯୋଗାଇ ନ ଦେବା ଦୁର୍ଭାଗ୍ୟଜନକ। ରାଜ୍ୟର ଛାତ୍ର-ଯୁବକଙ୍କୁ ହକ୍‌ରୁ ବଞ୍ଚିତ କରୁଥିବା କେନ୍ଦ୍ର ସରକାର ବିରୋଧରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନିଆଯିବ। ଚଳିତ ମାସ ୫, ୬ ଏବଂ ୮ ତାରିଖରେ ରାଜ୍ୟରେ ଥିବା ସମସ୍ତ ପିଏସ୍‌ୟୁ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୫ରେ ଦକ୍ଷିଣାଞ୍ଚଳ ଆର୍‌ଡିସି ଜୋନ୍, ୬ରେ ଉତ୍ତରାଞ୍ଚଳ ଏବଂ ୮ରେ କେନ୍ଦ୍ରୀୟ ଜୋନ୍‌ରେ ପୂର୍ବାହ୍ନ ୧୦ଟାରୁ ୧୨ଟା ଯାଏ ବିକ୍ଷୋଭ କରାଯିବ ବୋଲି ସେ କହିଛନ୍ତି। ସେହିଭଳି ଭାଜପା ବର୍ଷକୁ ୨ କୋଟି ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେହି ନ୍ୟାୟରେ ୪

■ ଭାଜପା କହିଲା ରାଜନୈତିକ ଫାଇଦା ଆଶାରେ ଆନ୍ଦୋଳନ

■ ଉଭୟ ଫେଲ୍ ବୋଲି କହି କଂଗ୍ରେସର ସମାଲୋଚନା

ବର୍ଷ ୬ ମାସ ପରେ ୯ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା। ପରିସଂଖ୍ୟାନ ଦୃଷ୍ଟିରୁ ପ୍ରାୟ ୩୬ ଲକ୍ଷ ଚାକିରୀ ଓଡ଼ିଶା ଭାଗରେ ପଡିବା କଥା। ହେଲେ ତାହା ଯୋଗାଇବାରେ କେନ୍ଦ୍ର ବିଫଳ ହୋଇଛି। ବିମୁଦ୍ରୀକରଣ ଯୋଗୁ ଦେଶ କୋଟି କୋଟି ନିଯୁକ୍ତି ସୁଯୋଗ ହରାଇଛି। ଓଡ଼ିଶାରେ ଶିଳ୍ପର ପ୍ରଗତି ପାଇଁ ଶିଳ୍ପ କରିଡ୍‌ରର ଆବଶ୍ୟକତା ରହିଛି। କିନ୍ତୁ କେନ୍ଦ୍ର ସରକାର ରାଜ୍ୟକୁ ତାହା ଯୋଗାଇ ପାରିନାହିଁ। ରାଜ୍ୟରେ ୩୦ରୁ ଉର୍ଦ୍ଧ୍ୱ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଥିଲାବେଳେ ଓଡ଼ିଆ ଯୁବକ ଯୁବତୀଙ୍କ ପାଇଁ ସେଥିରେ ନିଯୁକ୍ତି ସୁଯୋଗ ନାହିଁ ବୋଲି ସଞ୍ଜୟ କହିଛନ୍ତି। କେନ୍ଦ୍ରକୁ ଟାର୍ଗେଟ କରିବା ବାହାନାରେ ବିଜେଡି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରାଯାଇଛି। ବିଗତ ୪ ବର୍ଷରେ କେତେ ଓଡ଼ିଆଙ୍କୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାରେ ନିଯୁକ୍ତି ମିଳିଛି, ତାହାର ତାଲିକା ପ୍ରକାଶ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଓ ମୁଖପାତ୍ର ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ।

ବିଜେଡିର ଆନ୍ଦୋଳନ ଡାକରାକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଦଳର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ରାଜ୍ୟ ସରକାର ରାଜନୈତିକ ଫାଇଦା ପାଇଁ ୪୫୦ କୋଟି ଟଙ୍କା ବ୍ୟୟରେ ବିଜୁ ଯୁବ ବାହିନୀ ଗଠନ କରି ଯୁବକମାନଙ୍କୁ ଗୁଣ୍ଡା ସଜାଉଛନ୍ତି। ଓଡ଼ିଶାରେ ତୈଳ ରିଜର୍ଭର ପାଇଁ ସରକାର ସ୍ଥାନ ଦେଉନାହାନ୍ତି । ଏନ୍‌ଟିପିସି ଏବଂ ଡିଟିପିଏସ ଲାଗି ୧୦ ହଜାର କୋଟି ଟଙ୍କା ମଞ୍ଜୁର ପରେ ଉଦ୍‌ଘାଟନ ପାଇଁ ଅନୁମତି ମିଳିନାହିଁ। ସେହିପରି ଆହାର ଅର୍ଥ ନ ଦେବା ଏବଂ କୋଇଲା ଖଣିରେ ଏମ୍‌ସିଏଲ ସହଯୋଗ ନ କରିବା ଯୋଗୁ ୩୧୬ ଦିନ ଧରି ରାଜ୍ୟ ସରକାର ଖଣି ବନ୍ଦ କରିଥିଲେ । ଏଥିପାଇଁ ୮୯୦ କୋଟି ଟଙ୍କା କ୍ଷତି ସହିଥିଲେ । ସେହିପରି ୨୦୦୮ରେ ବିଶ୍ୱଭୂଷଣ ହରିଚନ୍ଦନ ଶିଳ୍ପ ମନ୍ତ୍ରୀ ଥିବା ବେଳେ ଶିଳ୍ପଗୁଡିକରେ ୯୦ %ଅଣକୁଶଳୀ, ୬୦ % ଅର୍ଦ୍ଧକୁଶଳୀ ଏବଂ ୩୦ % କୁଶଳୀ ସ୍ଥାନୀୟ ଲୋକ ନିଯୁକ୍ତି ପାଇବେ ବୋଲି ନିଷ୍ପତ୍ତି ହୋଇଥିଲା । ତାହା କାର୍ଯ୍ୟକାରୀ ହୋଇ ନ ଥିବା ଭୃଗୁ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ନେତା ଅରୋ ପ୍ରସାଦ ମିଶ୍ର କହିଛନ୍ତି ଯେ, ଉଭୟ କେନ୍ଦ୍ର-ରାଜ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା କଥା। ବିଜେଡି-ଭାଜପା ତାହା ନ କରି ନିର୍ବାଚନ ଆସୁଥିବାରୁ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଓଡ଼ିଶା ଭଳି କୃଷିଭିତ୍ତିକ ରାଜ୍ୟରେ କୃଷି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ ଦିଆଯିବା କଥା। ଶିଳ୍ପପତିଙ୍କୁ ଜମି ଯୋଗାଇ ଦେଇ ବିଜେଡି ନିର୍ବାଚନୀ ଚାନ୍ଦା ଆଦାୟ କରୁଛି। ଅନୁରୂପ ଭାବେ ଭାଜପା ପିଏସ୍‌ୟୁଗୁଡିକର ସିଏସ୍‌ଆର ଅର୍ଥକୁ ଦଳୀୟ ପାଣ୍ଠିରେ ପରିଣତ କରିସାରିଲାଣି।

## ପିଏମ୍‌ଜିଏସ୍‌ୱାଇରେ ୧୫୪୩ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୩।୧୧(ବ୍ୟୁରୋ)- ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧୀନ ୧୫୪୩ଟି 'ଅପ୍‌ଗ୍ରେଡେଶନ୍' ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ସଚିବାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ମୋନା ଶର୍ମା କହିଥିଲେ ଯେ, ପିଏମ୍‌ଜିଏସ୍‌ୱାଇ-୨ ରେ କେବଳ ପୂର୍ବରୁ ଥିବା ରାସ୍ତାର ଉନ୍ନତୀକରଣ କରାଯାଇ ପାରିବ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୭୬୦ କି.ମି ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପଗୁଡିକ ମାଧ୍ୟମରେ ମୋଟ ୧୦,୪୪୭ କି.ମି. ରାସ୍ତାର 'ଅପ୍ ଗ୍ରେଡେଶନ୍' ହେବ ।

■ ବାଣ ଫୁଟାଇବାକୁ ୨ ଘଣ୍ଟା

# ନ ମାନିଲେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩।୧୧(ବ୍ୟୁରୋ):ଆସନ୍ତା ୭ ତାରିଖରେ ଦୀପାବଳି ଉତ୍ସବ ଅନୁଷ୍ଠିତ ହେବ। ବାଣ ଫୁଟାଇବା ସମୟ ଓ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ କଡାକଡି ପାଳନ କରିବାକୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଗୃହ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ଚିଠି ଦେଇ ଜଣାଇଛି। ଦୀପାବଳିରେ ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ଏହା ପରେ ଯଦି କୌଣସି ଅଞ୍ଚଳରେ ବାଣଫୁଟେ ତେବେ ସେଥିପାଇଁ ସମ୍ପୃକ୍ତ ଥାନା ଅଧିକାରୀ ଦାୟୀ ରହିବେ। ଏହାକୁ କୋର୍ଟ ଅବମାନନା ବୋଲି ଧରି ନିଆଯିବ। ଏଥିସହିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦୀପାବଳିର ୭ ଦିନ ପୂର୍ବରୁ ଏବଂ ଏହାର ୭ ଦିନ ପରେ ବାୟୁ ପ୍ରଦୂଷଣକୁ ମାପି ରିପୋର୍ଟ ଦେବେ। ବାଣ ତିଆରି କରୁଥିବା ଲାଇସେନ୍ସପ୍ରାପ୍ତ ସଂସ୍ଥାର ବିସ୍ଫୋରକ ଯେପରି ନିମ୍ନମାନର ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ବାଣର ନିର୍ଦ୍ଧାରିତ ଡେସିବଲ୍ ଶବ୍ଦକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ଏଥିସହିତ ବାଣ ଅନ୍‌ଲାଇନ ବିକ୍ରିକୁ ମଧ ନିଷେଧ କରାଯାଇଛି। ଯଦି କୌଣସି ଇ-ବାଣିଜ୍ୟ କମ୍ପାନୀ ନିର୍ଦ୍ଦେଶକୁ ଉଲ୍ଲଂଘନ କରିବେ ତେବେ ସେମାନଙ୍କ ବିରୋଧରେ କୋର୍ଟ ଅବମାନନା ଭାବେ ବିଚାର କରାଯିବ।

**କିଛି ତଥ୍ୟ**

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ବର୍ତ୍ତମାନ ସୁଦ୍ଧା ଏମ୍‌ଏସ୍‌ଏମ୍‌ଇ ସହ ଜଡିତ ୩୩୪ ସାମଗ୍ରୀ ଉପରୁ ଟିକସ ହ୍ରାସ ହୋଇଛି। **– ଅର୍ଥ ମନ୍ତ୍ରଣାଳୟ**

## ପ୍ରଥମ ପୃଷ୍ଠାରୁ...

### ଘରୋଇ ସ୍କୁଲକୁ...

ସମ୍ପୃକ୍ତ ଘରୋଇ ସ୍କୁଲ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ହୋଇଛି। ପ୍ରଥମ ଥର ଉଲ୍ଲଂଘନ କଲେ ସମ୍ପୃକ୍ତ ସ୍କୁଲକୁ ୧ ଲକ୍ଷ ଟଙ୍କା ଜରିମାନା କରାଯିବ। ଦ୍ୱିତୀୟ ଥର ପାଇଁ ୫ ଲକ୍ଷ ଓ ୩ୟ ଥର ଉଲ୍ଲଂଘନ କଲେ ସ୍ୱୀକୃତି ପ୍ରତ୍ୟାହାର କରି ନିଆଯିବା ସହ ସ୍କୁଲ କର୍ତ୍ତୃପକ୍ଷଙ୍କୁ ୬ ବର୍ଷ ଯାଏ ଜେଲଦଣ୍ଡ ଭୋଗିବାକୁ ପଡିବ । ଫି' ନିର୍ଦ୍ଧାରଣ ନେଇ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଶୁଣିବା ପାଇଁ ବ୍ଲକ, ଜିଲା ଓ ରାଜ୍ୟ ସ୍ତରରେ ଏକ ଆପିଲେଟ ଅଥରିଟି ଗଠନ କରାଯିବ। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିଆରସି) ନିକଟରେ ଜାରି କରିଥିବା ସ୍କୁଲ ଫି' ଗାଇଡଲାଇନକୁ ଅନୁକରଣ କରାଯିବ। ଏହି ଗାଇଡଲାଇନ ଅନୁଯାୟୀ ଜିଲାସ୍ତରରେ ଫି' ରେଗୁଲେଶନ କମିଟି ଗଠନ କରାଯିବ। ସେହି କମିଟି ରିପୋର୍ଟ ଆଧାରରେ ଫି' ବୃଦ୍ଧି ହେବ। ପ୍ରତ୍ୟେକ ସ୍କୁଲରେ ଗୋଟିଏ ଅଭିଭାବକ-ଶିକ୍ଷକ ସଂଘ(ପିଟିଏ) ଗଠନ ହେବ। ଶିକ୍ଷା ବର୍ଷ ଆରମ୍ଭରୁ ସମସ୍ତ ଘରୋଇ ସ୍କୁଲ ପିଟିଏ ଗଠନ କରିବାକୁ ବାଧ ହେବେ । ଫି' ବୃଦ୍ଧି ପୂର୍ବରୁ ପିଟିଏ ଜିଲାସ୍ତର ଫି' ରେଗୁଲେଶନ କମିଟି ପରାମର୍ଶ ନେଇ ଏହା ନିର୍ଦ୍ଧାରଣ କରିବେ। ଶିକ୍ଷା ଅଧିକାର ଆଇନ(ଆରଟିଇ)କୁ କଡାକଡି ଲାଗୁ କରିବାକୁ ହେବ। ଏଥିସହିତ ପିଲାମାନଙ୍କର ସୁରକ୍ଷାକୁ ମଧ ସ୍କୁଲ କର୍ତ୍ତୃପକ୍ଷ ନିଶ୍ଚିତ କରିବେ ବୋଲି ଏନ୍‌ସିପିଆରସି ନିର୍ଦ୍ଦେଶ ଦେଇଛନ୍ତି।

ଫି' ନିର୍ଦ୍ଧାରଣ ପୂର୍ବରୁ କମିଟି ୧୦୦ ଅଭିଭାବକ ଓ ଘରୋଇ ସ୍କୁଲ ସଂଘଠାରୁ ମତାମତ ନେଇଛି। ମୋଟ ୧୪୦ଟି ପ୍ରସ୍ତାବ ଆସିଥିଲା। ଅଭିଭାବକ ସଂଘ ବାର୍ଷିକ ଫି' ନିର୍ଦ୍ଧାରଣ ୭ରୁ ୮ ପ୍ରତିଶତ କରିବାକୁ ଦାବି କରୁଥିବା ବେଳେ ସ୍କୁଲ ସଂଘ ୧୦ ପ୍ରତିଶତ ବୃଦ୍ଧି ନେଇ ଅଡି ବସିଛି। କମିଟି ସରକାରଙ୍କୁ ରିପୋର୍ଟ ଦେଇସାରିଛି। ମାତ୍ର ଏଥିରେ ନାମଲେଖା ଫି, ପିଲାଙ୍କ ସୁରକ୍ଷା, ଏନସିପିଆରସି ଗାଇଡ ଲାଇନକୁ ସାମିଲ କରାଯାଇ ନ ଥିବାରୁ କମିଟି ରିପୋର୍ଟକୁ ଚୂଡାନ୍ତ ଅନୁମୋଦନ କରାଯାଇ ନାହିଁ । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଖୁବ୍‌ଶୀଘ୍ର ଫି' ନିର୍ଦ୍ଧାରଣ ଗାଇଡଲାଇନ ପ୍ରସ୍ତୁତ କରାଯିବ ବୋଲି କମିଟିର ଅଧ୍ୟକ୍ଷ ତଥା ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଷଡଙ୍ଗୀ କହିଛନ୍ତି।

### ଶେଷହେଲା ଖେଳ...

ଇମର୍ଜଂ ସ୍ପୋର୍ଟ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ, ଲେଖକ ତଥା ଜଣାଶୁଣା କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର। ଏଥର କାର୍ଯ୍ୟକ୍ରମର ଅବଧି ୨ ଦିନ ହୋଇଥିବାବେଳେ ଆଗାମୀ ଦିନରେ ଏହା ୪-୫ ଦିନିଆ ହେବା ସହ ଆହୁରି ଅଧିକ କିମ୍ବଦନ୍ତୀ ଖେଳାଳି, ତାରକା ଆଥଲେଟ୍ ଏବଂ ପୁସ୍ତକ ରଚୟିତାଙ୍କୁ ଏଥିରେ ସାମିଲ କରିବାକୁ ଉଦ୍ୟମ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସନ୍ଦୀପ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନଭେମ୍ବର ୨୮ରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ ହକି ବିଶ୍ୱକପ୍। ଏହି ମେଗା ପ୍ରତିଯୋଗିତା ପୂର୍ବରୁ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଭୁବନେଶ୍ୱରରେ କ୍ରୀଡ଼ାର ଏକ ଭିନ୍ନ ବାତାବରଣ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଶନିବାର ଶେଷ ଦିବସରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଭାଗ ନେଇଥିଲେ ବିଶ୍ୱର ଚର୍ଚ୍ଚିତ ଦ୍ରୁତତମ ଧାବକ ବେନ୍ ଜନସନ, ପୁସ୍ତକ ରଚୟିତା ରିଚାର୍ଡ ମୁର୍, ଭାରତର ଚାମ୍ପିୟନ ରେସ୍‌ଲର ଭିନେଶ ଫୋଗଟ, ଯୋଗେଶ୍ୱର ଦତ୍ତ, ବଜରଙ୍ଗ ପୁନିଆ, ଜାଭେଲିନ ପୋଷ୍ଟର ବୟ ନୀରଜ ଚୋପ୍ରା ଏବଂ ତାଙ୍କ କୋଚ୍ ୟୁଇ ହନ୍, ଅଷ୍ଟ୍ରେଲିଆର ଅଲିମ୍ପିକ୍ସ ଚାମ୍ପିୟନ ସନ୍ତରଣକାରୀ ଷ୍ଟିଫାନି ରାଇସ, ନିକଟରେ ଅବସର ଘୋଷଣା କରିଥିବା ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ, ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ, ମହିଳା ଜିମ୍ନାଷ୍ଟ ଦୀପା କର୍ମାକର, ତାଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦି, ଦୀପାଙ୍କ ଉପରେ ପୁସ୍ତକ ରଚୟିତା ଦିଗ୍‌ବିଜୟ ସିଂ ଓ ବିମଳ ମୋହନ। ଶେଷରେ ଭାରତୀୟ ଟେଷ୍ଟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ ସଂଯୋଜକ ଏବଂ ଦର୍ଶକଙ୍କ ସହ ମଧୁର ଆଳାପ କରି କାର୍ଯ୍ୟକ୍ରମକୁ ଅଧିକ ସ୍ମରଣୀୟ କରିଥିଲେ।

### ୧୬ରୁ...

ରହିଛି। ସେଥିରୁ ୧୯ଟି ସରକାରୀ ଓ ୪ଟି ବେସରକାରୀ ଦିବସ ରହିଛି। ବିଧାନସଭା ସମସ୍ତ ରବିବାର ବନ୍ଦ ରହିବ। ସେହିପରି ନଭେମ୍ବର ୨୧ରେ ପ୍ରଫେଟ ମହମ୍ମଦଙ୍କ ଜନ୍ମ, ୨୩ରେ ରାସ ପୂର୍ଣ୍ଣିମା ଏବଂ ଡିସେମ୍ବର ୮ ତାରିଖ ଶନିବାର ଗୃହ କାର୍ଯ୍ୟ ବନ୍ଦ ରହିବ।

### ଅଟକ ୩ ...

କିନ୍ତୁ ଡବ୍ଲ୍ୟୁସିସିବି ଏହାର ଅପରାଧ ଦିଗକୁ ତଦନ୍ତ କରିବ। ଅନ୍ୟପଟେ ଓଡ଼ିଶା କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଟିମ୍ ରବିବାର ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିବ। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି ଯେ, ଶନିବାର ମିଳିଥିବା ବାଘର ଗୋଡ଼, ନଖ ଓ ନିଶକୁ ପରୀକ୍ଷା ପାଇଁ ଓୟୁଏଟି ଅଣାଯାଉ। ନଚେତ୍ ଅନେକ ବାଘର ବ୍ୟବଚ୍ଛେଦ କରିଥିବା ଓୟୁଏଟି ପ୍ରାଣୀ ମହାବିଦ୍ୟାଳୟର ପାଥୋଲୋଜି ବିଭାଗର ମୁଖ୍ୟ ଡା. ସୁଶେନ କୁମାର ପଣ୍ଡାଙ୍କୁ ଏହାର ପରୀକ୍ଷା ପାଇଁ ନିଆଯାଉ ବୋଲି ସେ ଦାବି କରିଛନ୍ତି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**: ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ । ବନ୍ଧୁମାନଙ୍କ ନିମନ୍ତ୍ରଣକ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ଅଫିସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ । ପୂର୍ବ ରାଗ ଶୁଝାଇବାକୁ ନେଇ ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ**: କାର୍ଯ୍ୟସିଦ୍ଧି କାରଣରୁ ମାନସିକ ସ୍ଥିତି ଅକ୍ଷୁଣ୍ଣ ରହିବ। ସଭାସମିତି, କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକାଂଶରେ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ**: କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ସକାଶେ ସାହାଯ୍ୟ ପାଇବେ। ଜାଣିଶୁଣି କେତେଜଣ ଈର୍ଷାପରାୟଣ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ**: ଆଲୋଚନାରେ ଅଂଶଗ୍ରହଣକରି ବନ୍ଧୁମାନଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ ସାଧାରଣ କଥାରେ କଳହ ଲାଗିବା ସମ୍ଭାବନା ରହିଛି। ଅବଶ୍ୟ କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ**: ଅନ୍ୟମାନଙ୍କୁ ମନେଇ କାମ ହାସଲ କରିବାରେ ସମର୍ଥ ହେବେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ହେତୁ ଦୈହିକ ଅସୁସ୍ଥତା ଅନୁଭବ କରିବେ। ଅଫିସ୍ କାମରେ ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି।

**କନ୍ୟା**: ରାଶିରେ ଚନ୍ଦ୍ର ଚତୁର୍ଥସ୍ଥ ଶନିଦୃଷ୍ଟି କାରଣରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ ପରୋକ୍ଷ ଶତ୍ରୁତାଜନିତ କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**: ନିଜ ପରିସରର ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ, ବିଭିନ୍ନ ଦିଗରୁ ଅର୍ଥ ପାଇପାରିବେ। କହିବି କହିବି ଚିନ୍ତା କଲେ ମଧ ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**: ଶତ୍ରୁତା କାରଣରୁ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହ ବୈରତା ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ ଆଲୋଚନାରେ ବହୁ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା ସମ୍ଭାବନା ରହିଛି। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ**: କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟିକରିବ। ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁ ଆଗରେ ନ ହେଲେ ମଧ ପଛରେ ନାନାଦି କଥା କହିପାରନ୍ତି। କଳ୍ପନା କରି ନ ଥିବା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର**: ସାମାଜିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ନିର୍ମାଣାଧୀନ କାମ ଶେଷହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିବେ । ଅର୍ଥ ସଙ୍କଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହେବ ।

**କୁମ୍ଭ**: ନିଜ ଲୋକମାନେ ଶତ୍ରୁତା କରିବା କାରଣରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ ଏବଂ କ୍ଷତିରେ ମଧ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ । ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ।

**ମୀନ**: ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି ପୂର୍ବ ପରି ଅକ୍ଷୁଣ୍ଣ ରହିବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। ଆଲୋଚନା ପ୍ରସଙ୍ଗରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ,ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ଗୋବତ୍ସା ଦ୍ୱାଦଶୀ, ରବିବାର ନଭେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୨୦ମି. ଗତେ ଘ୮।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୧।୨୦ମି. ଗତେ ଘ୨।୪୫ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୮।୪୧ମି. ଗତେ ଘ୧୦।୦୫ମି. ମଧ୍ୟେ ରାହୁକାଳ।


HONDA
The Power of Dreams
सच कर देंगे सपने
2 CRORE^
Activa
LOVE IS GROWING
Thank you, India.
Honda Activa, the highest selling two-wheeler* in the country.
^Cumulative sales since year 2001. *Based on SIAM figures Jan'16-Sep'18 (cumulative). Product shown in the picture may vary from actual product available in market. Accessories shown in the picture are not part of standard equipment. **Conditions apply
HET BS-IV
BEST DEAL HONDA
Buy. Sell. Exchange
joyclub
ALWAYS WEAR A HELMET WHILE RIDING
Also available:
Annual Maintenance Contract**
Road Side Assistance**
Engine Health Assurance**
Follow us on
Honda is HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିଣ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ।
–ଶ୍ରୀଅରବିନ୍ଦ

# ବିଦ୍ୱାନ୍‌ଙ୍କୁ ବିରୋଧ



ଆକାର ପଟେଲ

ମୋ ଘରେ ବହିଗୁଡ଼ିକ ଅସ୍ୱାଭାବିକ ଢଙ୍ଗରେ ବର୍ଗୀକୃତ କରି ରଖାଯାଇଛି। କେତେକ ବହି ବିଷୟ ଓ ସାରତତ୍ତ୍ୱ ଅନୁସାରେ ସଜାଯାଇଛି। ଉଦାହରଣସ୍ୱରୂପ ଜୀବନୀ ଓ ଆତ୍ମଜୀବନୀଗୁଡ଼ିକ ଦୁଇଟି ବଡ଼ ବହି ଆଲମାରିରେ ରଖାହୋଇଛି। ସେଗୁଡ଼ିକୁ ପୁଣି ଥାକ ଅନୁସାରେ ଉପବିଭାଗ କରାଯାଇଛି। ଯେମିତି ବ୍ୟବସାୟୀମାନଙ୍କର ଜୀବନୀକୁ ଗୋଟିଏ ଥାକରେ ରଖାଯାଇଛି। ଆଉ କେତେକ ବହି ପ୍ରକାଶକ ଅନୁସାରେ ବର୍ଗୀକରଣ କରାଯାଇଛି। ତେଣୁ ପେଙ୍ଗୁଇନ୍ ବ୍ଲାକ୍ କ୍ଲାସିକ୍ ସିରିଜ୍‌ର ପ୍ରାୟ ୫୦୦ ବହି ଗୋଟିଏ ଶ୍ରେଣୀରେ ବର୍ଗୀକୃତ ହୋଇଛନ୍ତି, ଯଦିଚ ଏଗୁଡ଼ିକର ବିଷୟବସ୍ତୁ ଭିନ୍ନ ଭିନ୍ନ। ଏଗୁଡ଼ିକ ମଧ୍ୟରେ ପ୍ଲାଟୋ ଓ ଆରିଷ୍ଟଟଲଙ୍କ ପରି ଗ୍ରୀକ୍ ଦାର୍ଶନିକଙ୍କ କୃତିଠାରୁ ଆରମ୍ଭ କରି କାଳିଦାସ ଓ ପତଞ୍ଜଳି ପର୍ଯ୍ୟନ୍ତ ଭାରତୀୟ ମନୀଷୀମାନଙ୍କ କୃତି ରହିଛି। କେତେକ ବହିକୁ ତା'ର ଆକାର ଦୃଷ୍ଟିରୁ ସ୍ୱତନ୍ତ୍ର ସ୍ଥାନରେ ରଖାଯାଇଛି। ଅବଶ୍ୟ ଏକା ଲେଖକଙ୍କ ବହିଗୁଡ଼ିକୁ ଏକାଠି ରଖାଯାଇଥାଏ, କାରଣ ସେଗୁଡ଼ିକର ବିଷୟବସ୍ତୁ ସାଧାରଣତଃ ସମାନ ହୋଇଥାଏ। ଏ ନିୟମରେ ଗୋଟିଏ ବ୍ୟତିକ୍ରମ ଅଛି– ଜଣେ ଲେଖକ ବିଭିନ୍ନ ବିଷୟ ଯଥା ପରିବେଶ ଓ ପରିବେଶ ବିଜ୍ଞାନ, ଇତିହାସ, ଜୀବନୀ, କ୍ରିକେଟ୍ ଓ ରାଜନୀତି ବିଷୟରେ ବହିମାନ ଲେଖିଛନ୍ତି। ସେଥିପାଇଁ ମୋ ଲାଇବ୍ରେରିରେ ତାଙ୍କ ବହି ଖୋଜିବା କଷ୍ଟକର ହୁଏ। ସେ ହେଉଛନ୍ତି ରାମଚନ୍ଦ୍ର ଗୁହା।

ନଭେମ୍ବର ୨ ତାରିଖ ଗୁରୁବାର ଗୁହା ଟୁଇଟ୍ କଲେ: ଏପରି ପରିସ୍ଥିତି ସୃଷ୍ଟି ହୋଇଛି, ଯାହା ମୋ ନିୟନ୍ତ୍ରଣ ବାହାରେ। ତେଣୁ ମୁଁ ଅହମଦାବାଦ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇ ପାରୁନାହିଁ। ମୁଁ ବିଶ୍ୱବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଏହାର ଖୁବ୍ ବିଦ୍ୱାନ୍ ଅଧ୍ୟାପକମଣ୍ଡଳୀ ଅଛନ୍ତି ଏବଂ ଏହାର କୁଳପତି ମଧ୍ୟ ଜଣେ ବିଶିଷ୍ଟ ବ୍ୟକ୍ତି। ମୁଁ ଆଶା କରୁଛି, ଗାନ୍ଧୀଙ୍କ ଆତ୍ମା ତାଙ୍କ ଜନ୍ମଭୂମି ଗୁଜରାଟରେ ପୁଣି ଜୀବନ୍ତ ହୋଇଉଠୁ।

ସେ ଯେଉଁ ପରିସ୍ଥିତି କଥା ଏଠାରେ ଉଲ୍ଲେଖ କରିଛନ୍ତି, ମିଳିଥିବା ରିପୋର୍ଟ ଅନୁସାରେ, ତାହା ହେଉଛି ଗୁଜରାଟରେ ସେ ପାଠ ପଢ଼ାଇବାକୁ ଏବିଭିପି ତରଫରୁ ବିରୋଧ କରାଯାଇଛି। ରିପୋର୍ଟ ଅନୁସାରେ, ସଂଗଠିତ ଏବିଭିପି ତରଫରୁ କ୍ୟାମ୍ପସରେ ଗୁହାଙ୍କ ଉପରେ ଆକ୍ରମଣ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଅହମଦାବାଦ ବିଶ୍ୱବିଦ୍ୟାଳୟ ପ୍ରଶାସନ ସୋମବାର ଗୁହାଙ୍କ ପାଖରେ ପହଞ୍ଚି ତାଙ୍କ ଯୋଗଦାନର ତାରିଖ ପରିବର୍ତ୍ତନ କରିବା ବିଷୟରେ ଆଲୋଚନା କରିଥିଲେ। ୨୦୧୯ ଫେବୃୟାରୀ ପହିଲାରେ ତାଙ୍କର ବିଶ୍ୱବିଦ୍ୟାଳୟରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନ ଗୁହାଙ୍କ ସହ ଆଲୋଚନା କରି ଫେରିଯିବାର ଦୁଇଦିନ ପରେ ସେ ଟୁଇଟ୍ କରି ବିଶ୍ୱବିଦ୍ୟାଳୟରେ ଯୋଗ ନ ଦେବାର ନିଷ୍ପତ୍ତି ଜଣାଇଛନ୍ତି। ତା' ପରଦିନ ବିବିସିରେ ଖବର ପ୍ରକାଶ ପାଇଲା ଯେ, ପ୍ରଧାନମନ୍ତ୍ରୀଙ୍କ ନିଜ ରାଜ୍ୟରେ ହିନ୍ଦୁ ଦକ୍ଷିଣପନ୍ଥୀଙ୍କ ଚାପରେ ବାଧ୍ୟହୋଇ ଗୁହା ଏପରି ନିଷ୍ପତ୍ତି ନେଲେ। ସ୍ଥାନୀୟ ଭାଜପା ଛାତ୍ର ଶାଖାର ଜଣେ ଛାତ୍ର କହିଛନ୍ତି ଯେ, ସେମାନେ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କ ପାଖରେ ପହଞ୍ଚି ଗୁହା ଏ ନଗରୀରେ ପାଠ ପଢ଼ାଇବା ସେମାନେ ଚାହାନ୍ତି ନାହିଁ ବୋଲି ଜଣାଇଥିଲେ। ସେମାନେ ଚାହାନ୍ତି ଶିକ୍ଷାୟତନଗୁଡ଼ିକରେ ଜ୍ଞାନୀଗୁଣୀ ଅଧ୍ୟାପକ ପାଠ ପଢ଼ାନ୍ତୁ, କିନ୍ତୁ ଦେଶବିରୋଧୀମାନେ ନୁହନ୍ତି। ଗୁହାଙ୍କ ବହିରେ କିପରି ଦେଶବିରୋଧୀ କଥାମାନ ରହିଛି, ତାହା ସେମାନେ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତାମାନଙ୍କୁ କୁଆଡ଼େ ଦେଖାଇଥିଲେ। ଅଭିଯୋଗ ଅନୁସାରେ, ବ୍ୟକ୍ତି ସ୍ୱାଧୀନତା ନାମରେ ଗୁହା ଆତଙ୍କବାଦ, ମାଓବାଦ ଓ ଜମ୍ମୁ–କଶ୍ମୀରରେ ବିଚ୍ଛିନ୍ନତାବାଦକୁ ସମର୍ଥନ କରିଛନ୍ତି। ସେମାନେ ମଧ୍ୟ ଗୁହାଙ୍କୁ ଜଣେ କମ୍ୟୁନିଷ୍ଟ ବୋଲି ଅଭିହିତ କରିଛନ୍ତି।

ଉକ୍ତ ଛାତ୍ରମାନେ ଗୁହାଙ୍କ ବହି ପଢ଼ି ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ତେବେ ଗୁହା କି ଧରଣର ଲେଖକ ତାହା ମୁଁ ପାଠକମାନଙ୍କୁ ଜଣାଇବାକୁ ଚାହେଁ। ଗୁହାଙ୍କ ବିରୋଧରେ ଅଭିଯୋଗ ନିରାଧାର। ସେଥିପାଇଁ ମୁଁ ଆରମ୍ଭରେ ତାଙ୍କ ବିଷୟ ପ୍ରବେଶର ବ୍ୟାପକତା ବିଷୟରେ ସୂଚନା ଦେଇଛି। ଗୁହା କୌଣସି ନିର୍ଦ୍ଦିଷ୍ଟ ଆଦର୍ଶବାଦକୁ ଭିତ୍ତିକରି କିଛି ଲେଖିନାହାନ୍ତି। ତାଙ୍କର ସେତିକି ବିଦ୍‌ବତ୍ତା ନ ଥିଲେ ଏତେ ବ୍ୟାପକ ବିଷୟରେ ସେ ଲେଖିପାରି ନ ଥାନ୍ତେ। ସବୁଠାରୁ ଦୁଃଖର କଥା, ସରକାର ଏ ଘଟଣାରେ ନୀରବଦ୍ରଷ୍ଟା ସାଜିଲେ। ଆମେ ଏକ ସହନଶୀଳ ସମାଜର ଦାୟାଦ ବୋଲି କଣ୍ଠ ଫଟେଇ ଚିତ୍କାର କରିପାରୁ, କିନ୍ତୁ ବାସ୍ତବତା ଆମ ସାମ୍ନାରେ। ସରକାର ଏସବୁକୁ ପ୍ରୋତ୍ସାହନ ଦେବା ଦୁର୍ଭାଗ୍ୟଜନକ। କିନ୍ତୁ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିଛିବର୍ଷ ହେଲା ଆମେ ଏହି ଧାରାରେ ଚାଲିଆସୁଛୁ। ବର୍ତ୍ତମାନ ଭାରତ ଓ ପାକିସ୍ତାନରେ ଯାହା ଚାଲିଛି, ସେଥିରେ ବାହାର ଦୁନିଆ କିଛି ଫରକ ଦେଖୁନି। ଇସଲାମକୁ ନିନ୍ଦା କରିବାର ମିଥ୍ୟା ଅଭିଯୋଗରେ ଅନେକ ବର୍ଷ ଧରି ଜେଲରେ ରହିଥିବା ଜଣେ ଖ୍ରୀଷ୍ଟିଆନ ମହିଳାଙ୍କୁ ପାକିସ୍ତାନ ସୁପ୍ରିମ୍‌କୋର୍ଟ ବିନା ଦୋଷରେ ଖଲାସ କରିଦେବାରୁ ସେ ଦେଶର ଲୋକମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ତେବେ ଆମେ କିପରି ଭାରତ ଚାହୁଁଛୁ? ଏପରି ଦେଶ ଯେଉଁଠି କିଛି ଲୋକ ଅରୁଚିକର ଭାବୁଥିବା କୌଣସି କଥା କୁହାଯିବା ଉଚିତ ନୁହେଁ ନା ଏପରି ଭାରତ ଯେଉଁଠି କିଛି ଲୋକ ଅରୁଚିକର ଭାବୁଥିବା କଥା ଆଦୌ କୁହାଯାଇପାରିବ ନାହିଁ? ଦୁଃଖର କଥା ଆମ ଦେଶକୁ ଆମେ ଦ୍ୱିତୀୟ ପ୍ରକାର କରିବାକୁ ଚାହୁଁଛୁ।

Email: aakar.patel@gmail.com

### ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି    ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା    ଏ ପଥେ ପାଦ ରଖି। (କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku  ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 2 | 8 | 1 | C | B | | | 3 | | | | | |
| | | | | | | 9 | 2 | | | | | | 1 | |
| | | | B | 2 | 4 | 0 | | D | | A | | | C | |
| D | 7 | | 0 | | | 5 | 4 | | E | | | | | |
| | | | | | E | | | C | | | | | | |
| | | 1 | | E | | | | | A | 6 | 4 | | | |
| | | | C | | | 4 | | | 1 | | 5 | | A | |
| E | | B | 1 | | 0 | 8 | D | | 7 | 3 | | | | |
| A | | D | 9 | | | 1 | 6 | 7 | B | | | | | 5 |
| | 3 | 7 | | B | | | 0 | | | 2 | | | | 6 |
| 9 | | | | | 3 | E | | | | | | | D | |
| | D | E | | 8 | | | B | | | | | | 3 | 7 |
| | | | 5 | | 9 | | | | 6 | | B | | E | |
| | | | | 0 | | | 5 | | | | | A | 4 | |
| 0 | B | C | 7 | | | | | | 4 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 8 | E | 5 | 1 | 4 | 6 | 9 | A | 0 | C | B | 7 | 3 | 2 |
| 5 | 6 | B | D | 2 | A | 0 | 4 | 3 | E | 9 | 7 | C | 8 | 1 |
| 1 | 0 | C | 3 | 9 | 6 | 5 | 7 | E | 8 | 2 | A | B | 4 | D |
| A | 3 | 7 | C | E | 8 | 2 | 1 | B | 4 | D | 5 | 6 | 0 | 9 |
| 2 | 9 | 4 | B | 7 | 0 | 8 | D | C | 1 | 6 | 3 | A | E | 5 |
| 8 | C | 9 | 6 | B | E | 3 | 5 | 2 | D | 7 | 4 | 1 | A | 0 |
| 7 | A | 5 | 2 | 3 | 1 | E | 8 | 4 | C | B | 0 | 9 | D | 6 |
| 6 | 2 | D | A | 8 | C | B | 0 | 9 | 5 | 3 | 1 | 4 | 7 | E |
| 4 | 1 | 3 | 0 | D | 9 | C | 6 | 7 | A | E | 2 | 8 | 5 | B |
| B | E | 0 | 7 | 4 | 5 | D | A | 1 | 6 | 8 | 9 | 3 | 2 | C |
| 3 | 7 | 8 | 9 | A | D | 1 | 2 | 6 | B | 0 | E | 5 | C | 4 |
| 0 | 5 | A | 1 | 6 | 2 | 7 | B | D | 3 | 4 | C | E | 9 | 8 |
| 9 | B | 6 | 4 | C | 3 | A | E | 0 | 2 | 5 | 8 | D | 1 | 7 |
| C | 4 | 2 | E | 5 | B | 9 | 3 | 8 | 7 | 1 | D | 0 | 6 | A |
| E | D | 1 | 8 | 0 | 7 | 4 | C | 5 | 9 | A | 6 | 2 | B | 3 |

ଗତକାଲିର ଉତ୍ତର

# ପଥହୁଡ଼ାଙ୍କ ମାଆବାପା



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ମା' ବାପାଙ୍କ ଚିତ୍ର ଓ ଚରିତ୍ର ପ୍ରତିବିମ୍ବିତ ହେଉଥିବା ଗୋଟିଏ ଗୋଟିଏ ଦର୍ପଣ ହେଉଛନ୍ତି ପ୍ରତ୍ୟେକ ସନ୍ତାନ। ଏମିତି ଏକ ଦର୍ପଣରେ ନିଜର ଏକ ସ୍ୱଚ୍ଛ ଓ ସ୍ପଷ୍ଟ ପ୍ରତିବିମ୍ବ ଦେଖିଲେ ନିଜ ପିତୃତ୍ୱ ବା ମାତୃତ୍ୱ ଯେମିତି ଆହ୍ଲାଦିତ ହୁଏ, ଦର୍ପଣରେ ସମ୍ପୂର୍ଣ୍ଣ ଭିନ୍ନ ଏକ ଚେହେରା ପ୍ରକଟିତ ହେଲେ ମନ ସେମିତି ଅବସୋସ ଓ ଅସନ୍ତୋଷରେ ଭରିଉଠେ। ଜଣେ ସାଧୁର ସନ୍ତାନ ସାଧୁଟିଏ ନ ହୋଇ ଡାକୁଟିଏ ହେଲେ ବା ଡାକୁର ପୁଅ ଡକାୟତି ନ କରି ସାଧୁ ହୋଇଗଲେ ସମଗ୍ର ଦୁନିଆ ପାଇଁ ଏହା ହୁଏତ ଆଶ୍ଚର୍ଯ୍ୟ ହୋଇପାରେ, ମାତ୍ର ସମ୍ପୃକ୍ତ ମାତାପିତାଙ୍କ ପାଇଁ ଏ ପ୍ରକାର ଅନୁଭବ ଅତ୍ୟନ୍ତ ଅସହ୍ୟ।

କେବଳ ନିଜର ପ୍ରତିବିମ୍ବ ପ୍ରକଟିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଦର୍ପଣଟିକୁ ଏମିତି ଅବିଶ୍ୱସ୍ତ ହେବାର ଦେଖି ବାପାମାନେ ବିଚଳିତ ବୋଧ କରନ୍ତି। ନିଜ ପିତୃତ୍ୱକୁ ମନଭରି ଅଭିଶାପ ଦିଅନ୍ତି ଠିକ୍ ବିଶ୍ରବା ଓ ହିରଣ୍ୟକଶିପୁଙ୍କ ପରି। ଆପଣା ଛାୟାରେ ନିଜ ପ୍ରାଣପ୍ରିୟ ସନ୍ତାନକୁ ଜଣେ ବିଶିଷ୍ଟ ବିଦ୍ୱାନ୍ ଓ ବ୍ରହ୍ମଜ୍ଞାନୀ ରୂପରେ ଦେଖିବାକୁ ଚାହୁଁଥିବା ବିଶ୍ରବା ଋଷି ରାବଣର ଉଦଣ୍ଡପଣ ଓ ଅସୁର ସ୍ୱଭାବ ଦେଖି ଯେମିତି ବିବ୍ରତ ହୋଇଥିଲେ, ସେମିତି ବିଚଳିତ ହୋଇଥିଲେ ଦୈତ୍ୟରାଜ ହିରଣ୍ୟକଶିପୁ ଶିଶୁପୁତ୍ର ପ୍ରହ୍ଲାଦର ଅଗାଧ ବିଷ୍ଣୁପ୍ରେମ ଦେଖି। ତେବେ ସେ ହିଂସାଶୀଳ ହିରଣ୍ୟ ହୁଅନ୍ତୁ କି ବିଦ୍ୱାନ୍ ବିଶ୍ରବା, ନିଜ ରକ୍ତରେ ଗଢ଼ା ସନ୍ତାନମାନଙ୍କ ଚରିତ୍ରରେ ଭିନ୍ନ ଏକ ପ୍ରତିବିମ୍ବ ପ୍ରତ୍ୟକ୍ଷ କରିବା ସବୁକାଳରେ ସବୁବାପାଙ୍କ ପାଇଁ ଏକ ଅଭିଶପ୍ତ ଅନୁଭବ।

ଚୋରା ବେପାର ବା ଅପମିଶ୍ରଣ ଭଳି ଅନାଚାରରେ ଲିପ୍ତ ଅସାଧୁ ବେପାରୀ ବାପା ଜଣକୁ ସାଧୁ ପୁଅଟିଏ ମିଳିଗଲେ ବା ଲାଞ୍ଚମିଛରୁ ଉପଲବ୍ଧ ଅଜସ୍ର ଅର୍ଥ ମଧ୍ୟରେ ଉବୁଟୁବୁ ହେଉଥିବା ଦୁରାଚାରୀ ପିତାଙ୍କୁ ଚରିତ୍ରବାନ ପୁତ୍ରଟିଏ ପ୍ରାପ୍ତ ହେଲେ ପ୍ରହ୍ଲାଦ ଓ ହିରଣ୍ୟକଶିପୁ ଭଳି ପିତାପୁତ୍ରର ସମ୍ପର୍କ ପୁନର୍ଜୀବିତ ହୋଇଉଠେ। ସେହିପରି ସାଧୁ ସଚ୍ଚରିତ୍ର ବାପାଙ୍କ ଘରେ ଜନ୍ମ ହୋଇଥିବା ପୁଅଟି ଯେତେବେଳେ ପରବର୍ତ୍ତୀ ଜୀବନରେ ନିଜ ଶକ୍ତି ଜାହିର କରି ଅବଶିଷ୍ଟ ଜଗତକୁ ସଂତ୍ରସ୍ତ କରି ରଖେ, ସେତେବେଳେ ରାବଣ ଓ ବିଶ୍ରବା ଉପାଖ୍ୟାନର ପୁନରାବୃତ୍ତି ଘଟେ। କିଶୋର ରାବଣର ସକଳ ଦୌରାତ୍ମ୍ୟ ପ୍ରତି ଉଦାସୀନ ରହି, ଅସାମର୍ଥ୍ୟ ଓ ଅସହାୟତାର ଦ୍ୱାହି ଦେଇ ନୀରବରେ ଲଙ୍କାପୁରରୁ ନିଷ୍କ୍ରାନ୍ତ ହୋଇଯିବା ଓ ନିଜର ଆଧ୍ୟାତ୍ମିକ ଉତ୍ତରଣ ପାଇଁ ତପସ୍ୟାରେ ନିବିଷ୍ଟ ରହିଥିବା ବିଶ୍ରବା ଋଷିଙ୍କୁ ଏ କଥା କେହି କ'ଣ ପଚାରି ନ ଥାନ୍ତେ, "ତୁମ ଅତ୍ୟାଚାରୀ ପୁଅର ଅସହ୍ୟ ଉଦଣ୍ଡପଣ ପାଇଁ ତୁମେ କ'ଣ ଉତ୍ତରଦାୟୀ ନୁହଁ? ଯଦି ଉତ୍ତରଦାୟୀ, ତେବେ ସେଠାରେ ସ୍ୱର୍ଣ୍ଣଲଙ୍କାକୁ ନିର୍ବିଘ୍ନରେ ଜଳିବାକୁ ଛାଡିଦେଇ ତୁମେ ଏଠାରେ ନିଶ୍ଚିନ୍ତରେ ବସି ତପସ୍ୟା କରୁଛ କିପରି?" ଦୁର୍ଭାଗ୍ୟର ବିଷୟ, ଏମିତି ଏକ ପ୍ରଶ୍ନ କେବଳ ସେକାଳରେ ନୁହେଁ, ଏ କାଳରେ ମଧ୍ୟ ଅନୁଚ୍ଚାରିତ ହୋଇ ରହିଆସିଛି। ଆଉ କାଁ ଭାଁ ଯେତେବେଳେ ବି ଉଚ୍ଚାରିତ ହୋଇଛି, ସେତେବେଳେ ମା'ବାପାମାନଙ୍କ ପାଖରୁ ମିଳିଛି ବିଚିତ୍ର ପ୍ରତିକ୍ରିୟା। ଲକ୍ଷ୍ୟ କରିବାର କଥା, ସେ କାଳରେ ସିନା ଜଣେ ରାବଣର ଉତ୍ପୀଡ଼ନ ଭୋଗ କରୁଥିଲେ ସାଧାରଣ ଲୋକେ, ମାତ୍ର ଏବେ ଏଠାରେ ଶହ ଶହ ରାବଣଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଲୋକେ ତ୍ରାହି ତ୍ରାହି ଡାକୁଥିଲେ ମଧ୍ୟ ସେମାନଙ୍କ ସୃଷ୍ଟିକର୍ତ୍ତା ବିଶ୍ରବାମାନେ ନିଜ ନିଜର ସାଧନାରେ ନିମଗ୍ନ। କିଏ କେଉଁଠି ମହିଳାଙ୍କ ଗଳାରୁ ହାର ଛିଡାଇଲେଣି ତ ଅନ୍ୟ କିଏ ହାତରେ ଛୁରି ଭୁଜାଲି ଧରି ଗାଡିରୁ ଟଙ୍କା ଲୁଟିଲେଣି। ପୁଣି କେହି ଗଞ୍ଜେଇ, ଚରସ ସେବନ କରି ସାମାନ୍ୟ କଥାରେ ନିରୀହ ଲୋକଟିକୁ ମାରି ଲହୁଲୁହାଣ କଲେଣି ତ ଅନ୍ୟ କେହି ଅପ୍ରାପ୍ତବୟସ୍କା ବାଳିକାଟିକୁ ବଳାତ୍କାର କଲେଣି। ଅଥଚ ଏମାନେ କେହି ବିଧବାନନ୍ଦନ ଅନନ୍ତା ନୁହନ୍ତି। ଏମାନଙ୍କ ବାପାମାନେ ନିଜ ନିଜ ପରିସରରେ ଜଣେ ଜଣେ ସମର୍ଥ ପୁରୁଷ। କିଏ ଉଚ୍ଚପଦାଧିଷ୍ଠିତ ଅଧିକାରୀ ତ ଅନ୍ୟ କିଏ ବେପାର ବଣିଜରେ ସଫଳ ସୌଦାଗର। ନିଜ ସହଜଲବ୍ଧ ଧନରୁ ପୁଳା ପୁଳା ଖର୍ଚ୍ଚ କରି ପୁଅକୁ ବଡ଼ ମଣିଷ କରି ଗଢୁଥିବା ଏଇ ବାପାମାନେ ପୁଅଟି ଭଲ ମଣିଷ ହୋଇ ରହିଛି କି ନାହିଁ, ବୁଝିବାକୁ ଇଚ୍ଛା କରନ୍ତି ନାହିଁ।

ଅଳ୍ପଦିନ ତଳେ ରାଜଧାନୀର ଏକ ଗଳିରାସ୍ତାରେ ଜଣେ ଅବସରପ୍ରାପ୍ତ ଶିକ୍ଷକ ରାସ୍ତାର ବାମପଟେ ସାଇକେଲ ଚଳାଇ ଯାଉଥିବା ବେଳେ ଅଚାନକ ଗୋଟିଏ ହାତରେ କାନ ପାଖରେ ମୋବାଇଲ ଧରି ଅନ୍ୟ ହାତରେ ସ୍କୁଟି ଚଳାଉଥିବା ବାର ଚଉଦବର୍ଷର କିଶୋରଟିଏ ତାଙ୍କୁ ପଛଆଡୁ ଧକ୍କା ଦେଇ ତଳେ ପକାଇଦେଲା। ସାମାନ୍ୟ ଆହତ ହୋଇଥିବା ବୃଦ୍ଧ ଜଣକ ଉଠିପଡିଲେ ଓ ନିଜର ସ୍ୱଭାବଗତ ଶିକ୍ଷକୀୟ ଠାଣିରେ ପିଲାଟିକୁ ତାଗିଦ କରି କହିଲେ, ଗାଡି ଚଳାଉଥିବା ବେଳେ ମୋବାଇଲରେ କଥା ହେବା କ'ଣ ନିହାତି ଜରୁରୀ? ବାସ୍, କେବଳ ଏତିକି। ଗର୍ଜି ଉଠିଲା ନିଶ ଉଠି ନ ଥିବା ସେଇ କିଶୋର ଛାତ୍ର ଜଣକ। କହିଲା, ମୋବାଇଲଟା ଆଉ ହୋଇଛି କାହିଁକି?

ଏହାପରେ ସମୟର ବଦଳି ଯାଇଥିବା ରଙ୍ଗକୁ ଲକ୍ଷ୍ୟ କରି ବୃଦ୍ଧଙ୍କର ଚୁପ୍‌ଚାପ ଖାଡିଖୁଡି ହୋଇ ଚାଲିଯିବାର ଥିଲା। ମାତ୍ର ସେ ତାହା ନ କରି ପାଖ ଲୋକଙ୍କଠାରୁ କିଶୋରଟିର ସନ୍ଧାନ ନେଲେ ଓ ତାଙ୍କ ଘରେ ପହଞ୍ଚି ଏତେ କଅଁଳ ବୟସରେ ଏ ପ୍ରକାର ଉଦ୍ଦାମତା ଭବିଷ୍ୟତରେ ତା' ପାଇଁ ଅନିଷ୍ଟକର ହୋଇପାରେ ବୋଲି ତା' ବାପାଙ୍କୁ ଚେତାଇଦେଲେ।

ବୃଦ୍ଧ ଶିକ୍ଷକ ଭାବିଥିଲେ, ପିଲାଟିର ବାପା ବ୍ୟସ୍ତ ହୋଇପଡିବେ। ନିଜ ପୁଅର ଦୋଷ ପାଇଁ ଦୁଃଖ ପ୍ରକାଶ କରିବେ। ମାତ୍ର ତାଙ୍କୁ ସ୍ତବ୍ଧଚକିତ କରି ଗୃହସ୍ୱାମୀ କହିଲେ, ଏତେ ଅଳ୍ପ ବୟସରେ ପୁଅ ମୋର ସ୍କୁଟି ଚଢି ରାସ୍ତାରେ ବୁଲିବା ଯଦି ଅନୁଚିତ, ତେବେ ଆପଣଙ୍କ ବୟସର ବୁଢ଼ା ସାଇକେଲରେ ରାସ୍ତାରେ ବୁଲିବା କୋଉ ଉଚିତ କାର୍ଯ୍ୟ ଯେ! କ୍ଷତାକ୍ତ ଶରୀର ସହ ଆହତ ହୃଦୟ ନେଇ ବାହୁଡିଲା ବେଳେ ସେ ଭାବୁଥିଲେ ସେଇ ବିଚିତ୍ର ବାପାଙ୍କ କଥା। ବିଶ୍ୱରେ ଏପରି ବାପାଙ୍କ ସଂଖ୍ୟା କେତେ କେଜାଣି। ଏମାନଙ୍କ ପୀଡିତ ପିତୃତ୍ୱ ଦ୍ୱାରା ଲାଳିତ ହୋଇଥିବା ସନ୍ତାନମାନେ କଠୋର ଅନୁଶାସନର ଲଗାମ ପରିବର୍ତ୍ତେ ଗୋଟିଏ ଲଗାମହୀନ ଜୀବନର ସବୁଜ ସଙ୍କେତ ପାଇଲା ପରେ ରାବଣ ନ ହୋଇ ରାମ ହେବା ପାଇଁ କାହିଁକି ମନ ବଳାନ୍ତେ ଯେ!

ପଡ଼ିଶା ଘରର ଆଉ ଏକ ଘଟଣା। ଟିଉଶନ ଶିକ୍ଷକ ବାପାଙ୍କ ପାଖରେ ଅଭିଯୋଗ କଲେ, ଆପଣଙ୍କ ଝିଅ ପାଠପଢାରେ ମନ ଦେଉନି। ମୋ କୋଚିଂ ସେଣ୍ଟରରେ ସେ ବୋଧହୁଏ ଏକମାତ୍ର ଝିଅ, ଯିଏ ପାଠପଢାରେ କମ୍, ମୋବାଇଲରେ ବେଶି ମନ ଦେଉଛି। ତାକୁ ଟିକିଏ ଜଗନ୍ତୁ। ପିଲାମାନଙ୍କୁ ଭଲ ପଢାଇବାରେ ପ୍ରସିଦ୍ଧି ହାସଲ କରିଥିବା ଟିଉଶନ ସାର ନିଜର ଶିକ୍ଷକୀୟ ଧର୍ମ ନିର୍ବାହ କରିଛନ୍ତି ବୋଲି ଆତ୍ମସନ୍ତୋଷ ଲାଭ କରୁଥିଲାବେଳେ ଅଚାନକ ତାଙ୍କ ଉପରେ ଅଜାଡି ପଡିଲା ବାପା ମହୋଦୟଙ୍କର ଅଶ୍ରାବ୍ୟ ପ୍ରତିକ୍ରିୟା। ମୋ ଝିଅର ବ୍ୟକ୍ତିଗତ ରୁଚି ଉପରେ ନଜର ରଖିବାକୁ ଆପଣ କିଏ? ତାକୁ କେବଳ ପାଠ ପଢାଇବା ଦାୟିତ୍ୱ ଆପଣଙ୍କର। ତା'ର ଅନ୍ୟ କଥା ବୁଝିବାକୁ ଆମେ ଅଛୁ। ସବୁରି ଅଲକ୍ଷରେ ଟିଉଶନ ସାର ଜଣକ ନିଜ ଦୁଇ ଗାଲରେ ଦୁଇଟି ଶକ୍ତ ଚାପୁଡ଼ା ଦେଇଥିବେ ବୋଲି ଆଶା କରାଯାଏ।

କେଇବର୍ଷ ତଳେ ଆମେରିକାର ଏକ ବିଚାରାଳୟ ଜଣେ କିଶୋର ହତ୍ୟାକାରୀର ବିଚାର କରି ତାକୁ ଦଣ୍ଡିତ କରିବା ପରିବର୍ତ୍ତେ ତା' ମା'ବାପାଙ୍କ ପାଇଁ ଦଣ୍ଡ ବିଧାନ କରିଛନ୍ତି। ଉପର କଥିତ ବାପା ଦୁଇଜଣଙ୍କ ପରି ବୋଧହୁଏ ହୋଇଥିବେ ସେଇ ବାପା ଜଣକ, ଯାହାଙ୍କ ପାଖରେ ନିଜ ପୁଅର ଚାଲିଚଳନ, ଅଭ୍ୟାସ, ଆଚରଣର ଖବର ନେବା ପାଇଁ ସମୟ ନ ଥିବ ବା ଯେତେବେଳେ ବି ସମୟ ଥିବ ସେତେବେଳେ ଏକ ଉଦ୍ଧତ ଐଶ୍ୱର୍ଯ୍ୟ ଓ ଅନ୍ଧ ବାତ୍ସଲ୍ୟ ତାଙ୍କୁ ଏମିତି କବଳିତ କରି ରଖିଥିବ ଯେ, ସେ କିଛି ଦେଖିପାରୁ ନ ଥିବେ। ଏ ପ୍ରସଙ୍ଗରେ ଆମେ ଜାଣିଥିବା ଛୋଟ କାହାଣୀଟିଏ। ନିଜ ମା'ର ପରୋକ୍ଷ ପ୍ରରୋଚନାରେ ପ୍ରଥମେ କାକୁଡି କଦଳୀ ଚୋରି କରି ଶେଷରେ ବଡ଼ ଡକାୟତଟିଏ ପାଲଟି ଯାଇଥିବା ପୁଅ ଜଣେ ଯେତେବେଳେ ଧରାପଡି ଫାଶୀ ପାଇଲା, ସେତେବେଳେ ତାକୁ ପଚରା ଯାଇଥିଲା, 'ମୃତ୍ୟୁ ପୂର୍ବରୁ ତୋର ଶେଷ ଇଚ୍ଛା କ'ଣ।' ଉତ୍ତରରେ ପୁଅଟି ଶେଷଥର ପାଇଁ ନିଜ ମା'କୁ ଭେଟିବାକୁ ଚାହିଁଲା। ମା'କୁ ଭେଟୁ ଭେଟୁ ପୁଅଟି ତା' କାନକୁ ଦାନ୍ତରେ କାମୁଡି ଛିଣ୍ଡାଇଦେଲା ଓ କହିଲା ମୋର ଏ ଅଭିଶପ୍ତ ଜୀବନର ଯେଉଁ ଆଦ୍ୟ ଅଧ୍ୟାୟ ତୋଠୁ ଆରମ୍ଭ ହୋଇଥିଲା, ଏ ଛିଣ୍ଡାକାନଟି ହେଉଛି ତାହାର ଏକ ଚିରନ୍ତନ ସ୍ମାରକୀ। ଏ ସ୍ମାରକୀ ତୋତେ ଓ ଅନ୍ୟମାନଙ୍କୁ ସବୁଦିନେ ସ୍ମରଣ କରାଇ ଦେଉଥିବ ଯେ ମା'ର ସହଯୋଗ ମିଳି ନ ଥିଲେ ପୁଅଟି ଅକାଳରେ ଫାଶୀ ପାଇ ଏ ସଂସାର ଛାଡି ନ ଥାନ୍ତା।

ଡକାୟତ ପୁଅ ଦାନ୍ତରେ କାନ ହରାଇଥିବା କାହାଣୀର ଏଇ ମା' ବା ପୁଅର ଅପରାଧ ପାଇଁ ଜେଲ ଭୋଗୁଥିବା ଆମେରିକାର ସେଇ ବାପାଙ୍କ ଉଦାହରଣ ଆମ ସମାଜରେ ଆତଯାତ ହେଉଥିବା ଉଦାସୀନ ବିଶ୍ରବାମାନଙ୍କ ଚେତନାରେ ଚମକ ଖେଳାନ୍ତା ନାହିଁ! ଏ ଦୁନିଆ ଅନ୍ତତଃ କିଛିମାତ୍ରାରେ ଭବିଷ୍ୟତର ରାବଣମାନଙ୍କ ଉଦଣ୍ଡ ଉତ୍ପାତରୁ ବର୍ତ୍ତିଯାଆନ୍ତା।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ଯୁବବର୍ଗଙ୍କ ସ୍ୱର

ବ୍ୟକ୍ତିତ୍ୱ



ରେବେକା ଗ୍ୟୁମି

ମାନବ ଅଧିକାର ରକ୍ଷା ଲାଗି ବିଶ୍ୱବ୍ୟାପୀ ସଙ୍ଗଠନ ଓ ବ୍ୟକ୍ତିବିଶେଷ କାର୍ଯ୍ୟ କରୁଛନ୍ତି। ଏ ଦିଗରେ ଉତ୍ସର୍ଗୀକୃତ ବ୍ୟକ୍ତି ଓ ସଙ୍ଗଠନଙ୍କୁ ଜାତିସଂଘ ମାନବ ଅଧିକାର ପୁରସ୍କାର ପ୍ରଦାନ କରିଆସୁଛି। ୨୦୧୮ ପାଇଁ ପାକିସ୍ତାନର ମାନବ ଅଧିକାର କର୍ମୀ ସ୍ୱର୍ଗତ ଆସ୍‌ମା ଜାହାଙ୍ଗୀର, ତାଞ୍ଜାନିଆର ମାନବ ଅଧିକାର କର୍ମୀ ରେବେକା ଗ୍ୟୁମି, ବ୍ରାଜିଲ ଆଇନଜୀବୀ ଜେନିଆ ୱାପିଚାନା ଏବଂ ଆୟର୍ଲାଣ୍ଡର ସଙ୍ଗଠନ 'ଫ୍ରଣ୍ଟଲାଇନ୍ ଡିଫେଣ୍ଡର୍ସ' ବିଜୟୀ ଘୋଷିତ ହୋଇଛନ୍ତି। ତେବେ ତାଞ୍ଜାନିଆରେ ବାଳିକା ଶିକ୍ଷା ଓ ସଶକ୍ତୀକରଣ ଦିଗରେ ରେବେକାଙ୍କ କାର୍ଯ୍ୟ ଅନସ୍ୱୀକାର୍ଯ୍ୟ। ଖୁବ୍ କମ୍ ବୟସରେ ସେ ସଂସ୍କାରମୂଳକ ପଦକ୍ଷେପ ନେଇ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ତାଞ୍ଜାନିଆର ଡୋଡୋମାଠାରେ ରେବେକା ୧୯୮୬ ଡିସେମ୍ବର ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଶେଷ କରିବା ପରେ ସେ ୟୁନିଭର୍ସିଟି ଅଫ୍ ଦର୍–ଏସ୍–ସାଲମ୍‌ରୁ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ନିଜ ଦେଶର ବାଳିକା ଶିକ୍ଷା ଅତି ଦୟନୀୟ ସ୍ଥିତିରେ ଥିବା ସେ ଉପଲବ୍ଧି କରିଥିଲେ। ସେମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ପାଇଁ କିଭଳି ସୁଯୋଗ ସୃଷ୍ଟି କରାଯାଇପାରିବ ସେହି ଦିଗରେ ସେ ମୁଣ୍ଡ ଖେଳାଇଥିଲେ। ପଢ଼ା ଶେଷ ପରେ ଯୁବଗୋଷ୍ଠୀଙ୍କ ସକାଶେ ଉଦ୍ଦିଷ୍ଟ ସଙ୍ଗଠନ 'ଫେମିନା'ରେ ସେ ୮ ବର୍ଷ ଟିଭି ବ୍ୟକ୍ତିତ୍ୱ ଓ ଯୁବ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ଜଣେ ଆଇନଜୀବୀ ଭାବେ ବାଲ୍ୟ ବିବାହ ମାମଲାଗୁଡ଼ିକରେ ଲଢ଼ି ବିଜୟ ଲାଭ କରିଥିଲେ। ଏଥିସହିତ ତାଞ୍ଜାନିଆ ହାଇକୋର୍ଟରେ ସେ ତାଞ୍ଜାନିଆ ବିବାହ ଆଇନ ୧୯୭୧କୁ ଚ୍ୟାଲେଞ୍ଜ କରି ସମସ୍ତଙ୍କ ଦୃଷ୍ଟିକୁ ଆସିପାରିଥିଲେ। ସେଠାରେ ବିବାହ ବୟସ ୧୪ ଥିବା ବେଳେ ତାଙ୍କ ଆବେଦନ ଉପରେ ତର୍ଜମା ହେବା ପରେ ସେଠାରେ ଏହାକୁ ୧୮ ବର୍ଷ କରାଯାଇଥିଲା। ଯୁବବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ବୁଝି ସେ ବିଭିନ୍ନ ସଙ୍ଗଠନ ଜରିଆରେ ତାହାର ସମାଧାନ କରି ଚାଲିଛନ୍ତି। ତାଞ୍ଜାନିଆଭିତ୍ତିକ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) 'ମସିଚାନା ଇନିସିଏଟିଭ୍'ର ପ୍ରତିଷ୍ଠାତା ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ରେବେକା ଏବେ ଯୁବଧର୍ମୀ ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଯାତ୍ରା ଜାରି ରଖିଛନ୍ତି। ବ୍ୟକ୍ତିବିଶେଷର ନାଗରିକ ଦାୟିତ୍ୱବୋଧ, ଯୌନ ଓ ପ୍ରଜନନଜନିତ ସ୍ୱାସ୍ଥ୍ୟ ଓ ଅଧିକାର ଏବଂ ଅର୍ଥନୈତିକ ସଶକ୍ତୀକରଣ ଦିଗରେ ସେ ନେଉଥିବା ପଦକ୍ଷେପ ତାଙ୍କ ପ୍ରତି ଯୁବଗୋଷ୍ଠୀଙ୍କ ଆକର୍ଷଣ ବଢ଼ିବାରେ ଲାଗିଛି। ଯୁବବର୍ଗ ବିଶେଷକରି ଯୁବତୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବାରୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ସେ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିଛନ୍ତି। ରେବେକାଙ୍କ ଯୁକ୍ତିସଙ୍ଗତ ଉପସ୍ଥାପନା ଅନ୍ତର୍ଜାତୀୟ ସ୍ତରୀୟ ମଞ୍ଚର ଅଭିଜ୍ଞ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛି। ୨୦୧୫ରେ ତାଞ୍ଜାନିଆ ସାଧାରଣ ନିର୍ବାଚନରେ ଯୁବତୀମାନେ ଅଂଶଗ୍ରହଣ କରିବା ଏବଂ ଯୁବବର୍ଗଙ୍କ ସମସ୍ୟା ପ୍ରତ୍ୟେକ ରାଜନୈତିକ ପାର୍ଟିର ନିର୍ବାଚନୀ ଇସ୍ତାହାରରେ ଯେଭଳି ସ୍ଥାନିତ ହେବ, ସେହି ଦିଗରେ ଅଭିନବ ପଦକ୍ଷେପ ନେଇ ସେ ଚହଳ ସୃଷ୍ଟି କରିଥିଲେ।

ଯୁବବର୍ଗଙ୍କ ପାଇଁ ଅବିରତ କାର୍ଯ୍ୟ ତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ସମ୍ମାନଜନକ ପଦବୀ ଓ ପୁରସ୍କାର ଦେବାରେ ସହାୟକ ହୋଇଛି। ତାଞ୍ଜାନିଆ ଶିକ୍ଷା କର୍ତ୍ତୃପକ୍ଷ (ଟିଇଏ) ପକ୍ଷରୁ ୨୦୧୨ରେ କରାଯାଇଥିବା ଜାତୀୟ ଅଭିଯାନରେ ତାଙ୍କୁ ସଂଯୋଜିକା ଦାୟିତ୍ୱ ଦିଆଯାଇଥିଲା। ୨୦୧୬ ଅକ୍ଟୋବରରେ ୟୁନିସେଫ୍ ପକ୍ଷରୁ ନ୍ୟୁୟର୍କଠାରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସେ ମୁଖ୍ୟ ବକ୍ତା ଭାବେ ଯୋଗ ଦେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏଥିସହିତ ସେ ୨୦୧୬ରେ ୟୁନିସେଫ୍ ଗ୍ଲୋବାଲ ଗୋଲ୍ଡ ଆୱାର୍ଡ ଓ ସେହିବର୍ଷ ନ୍ୟୁ ଆଫ୍ରିକାନ୍ ଓମେନ୍ ମାଗାଜିନ୍ ପକ୍ଷରୁ 'ଆଫ୍ରିକାନ୍ ଓମେନ୍ ଅଫ୍ ଦି ଇୟର' ସମ୍ମାନ ପାଇଥିଲେ। ଏବେ ଜାତିସଂଘ ମାନବ ଅଧିକାର ପୁରସ୍କାର ବିଜୟୀ ତାଲିକାରେ ତାଙ୍କ ନାମ ସ୍ଥାନ ପାଇବା ପରେ ସେ ଆଗକୁ ଅଧିକ କିଛି କରିବା ଲାଗି ପ୍ରେରଣା ପାଇଲେ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

–ଜିତେନ୍ଦ୍ର

## ଏଇ ଭାରତରେ

ଦୁନିଆରେ ଏମିତି ପ୍ରତିଭା ଅଛନ୍ତି ଯେଉଁମାନେ ନିଜ ବୟସ ତୁଳନାରେ ଅଧିକ ଜ୍ଞାନୀ। ଏପରି ଜଣେ ପ୍ରତିଭା ହେଉଛନ୍ତି ମଣିପୁର ଚୂଡ଼ାଚାନ୍ଦପୁର ଜିଲାର ନବମ ଶ୍ରେଣୀ ଛାତ୍ର ଆଇଜାକ୍ ପୌଲାଲୁଙ୍ଗମୁଆଁ ଭୈଫେଇ। ସେ ମାଟ୍ରିକ ପରୀକ୍ଷା ଦେବା ପାଇଁ ଆବେଦନ କରିଛନ୍ତି। ଆଇଜାକ୍ ଚୂଡ଼ାଚାନ୍ଦପୁରସ୍ଥିତ ରେବର୍ନ ସ୍କୁଲ୍‌ର ଛାତ୍ର। ସେ ନଭେମ୍ବର ୧୦ରେ ୧୧ବର୍ଷରେ ପଦାର୍ପଣ କରିବେ। ତେବେ ମଣିପୁରର ସର୍ବକନିଷ୍ଠ ଛାତ୍ର ଭାବରେ ସେ ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଆଶା ରଖିଛନ୍ତି। ସେ ହାଇଦ୍ରାବାଦର ଛାତ୍ରୀ ନୈନା ଯଶୱାଲ୍ ବିଷୟରେ ଜାଣିବା ପରେ ଖୁବ୍ କମ୍ ବୟସରେ ଏଭଳି ଚ୍ୟାଲେଞ୍ଜ୍ ଗ୍ରହଣ କରିବାକୁ ଅନୁପ୍ରେରିତ ହୋଇଥିବା ପ୍ରକାଶ କରିଛନ୍ତି। ନୈନା ମାତ୍ର ୮ବର୍ଷ ବୟସରେ ୧୦ମ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିଦିନଠାରୁ ସେ କମ୍ ବୟସରେ ଏଭଳି ବିରଳ ସଫଳତା ପାଇଁ ଉଦ୍ୟମ କରିଆସୁଛନ୍ତି। ଆଇଜାକ୍ ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହୋଇ ଗରିବ ଲୋକଙ୍କ ସେବା କରିବାକୁ ଅଭିଳାଷ ରଖିଛନ୍ତି। ତାଙ୍କ ପିତା ଗେନ୍‌ଖୋଲିଏନ୍ କହନ୍ତି, ପୁଅ ଅଢ଼େଇ ବର୍ଷରେ ସ୍କୁଲରେ ନାମ ଲେଖାଇ ବର୍ଷକ ମଧ୍ୟରେ ପ୍ରିପ୍ୟାରେଟୋରି କ୍ଲାସ୍ ଏ ଏବଂ ବି ସମ୍ପୂର୍ଣ୍ଣ କରିଥିଲା। ୪ବର୍ଷ ବୟସରେ ଆଇଜାକ୍ ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲା। ସେ ପାଠପଢ଼ାରେ ଖୁବ୍ ଭଲ କରିବା ସହିତ ଶ୍ରେଣୀରେ ସବୁବେଳେ ପ୍ରଥମ ହେଉଥିଲା। କିନ୍ତୁ ଏତେ କମ୍ ବୟସରେ ଆଇଜାକ୍‌ର ସଫଳତାରେ ଲୋକେ ସନ୍ଦେହ କରୁଥିଲେ। ଆଇଜାକ୍ ସ୍କୁଲ୍ ସିଲାବସ୍ ବାହାରେ ଅନ୍ୟାନ୍ୟ ପୁସ୍ତକ ମଧ୍ୟ ପାଠ କରୁଥିଲା।

### ୨୫ ବର୍ଷ ତଳର ଧରିତ୍ରୀ

୪ ନଭେମ୍ବର ୧୯୯୩

- ଜମ୍ମୁ–କଶ୍ମୀର ମୁକ୍ତି ସାମ୍ମୁଖ୍ୟର ନେତା ଅମାନୁଲ୍ଲା ଖାଁଙ୍କୁ ଭାରତ ନିକଟରେ ପ୍ରତ୍ୟର୍ପଣ କରିବାକୁ ନୂଆଦିଲ୍ଲୀ ବ୍ରସେଲ୍‌ସଠାରେ ଦାବି କରିଛି।
- ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ କୌଶଳରେ ନିର୍ମିତ ଭାରତୀୟ ଜାହାଜ ଆଇଏନ୍‌ଏସ୍–ସୁଜାତା ନୌବାହିନୀରେ ସାମିଲ।

## ପାଠକ ଶ୍ରେଷ୍ଠ ବିଚାରକ

### ସଂକଟରେ ଶିକ୍ଷା ଓ ଶିକ୍ଷକ

ମହାଶୟ,

ଧରିତ୍ରୀ(୭।୧୦)ର ସମ୍ପାଦକୀୟ ପୃଷ୍ଠାରେ ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ 'ସଂକଟରେ ଶିକ୍ଷା ଓ ଶିକ୍ଷକ' ଲେଖାଟି ଖୁବ୍ ଉପାଦେୟ ହୋଇଛି। ସେ ଠିକ୍ କହିଛନ୍ତି, ସ୍ୱାଧୀନ ଭାରତରେ ଶିକ୍ଷାକୁ ବିକାଶର ଏକ ଅଙ୍ଗ ଭାବରେ ଗ୍ରହଣ କଲେ ନାହିଁ ସରକାର। ନୈତିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେଇ ଆତ୍ମମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ ପ୍ରତି ଧ୍ୟାନ ଦେଲେନି ସରକାର। ପଣ୍ଡିତ ନେହେରୁ ତାଙ୍କ ବହିରେ କିମ୍ବା କୌଣସି ସଭାରେ ଭାରତୀୟ ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧରେ ପଦେହେଲେ କହିନାହାନ୍ତି। କବି ଗଙ୍ଗାଧର ଲେଖିଥିଲେ– ଗୋଖଲେ, ଦାଦା ଭାଇ, ଗାନ୍ଧିଜୀ ପ୍ରାଚୀନ ଶିକ୍ଷା ଦ୍ୱାରା ପୁଣି ଭାରତରେ ସେହି ସୁଦିନ ଫେରି ଆସିବାର ସ୍ୱପ୍ନ ଦେଖିଥିଲେ। ବିଦ୍ୟାଦାନ ନିମନ୍ତେ କେହି ବେତନ ଲୋଡିବେ ନାହିଁ ବୋଲି ସେ ଆଶା କରିଥିଲେ। ତାହା ସଫଳ ହେଲା ନାହିଁ। ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ପ୍ରାଚୀନ ଭାରତର ସଂସ୍କୃତି, ପରମ୍ପରା, ଇତିହାସ ଓ ଦର୍ଶନକୁ ସ୍ଥାନ ଦେବା ଓ ପ୍ରତି ବିଦ୍ୟାଳୟକୁ ମଣିଷଗଢା କାରଖାନା କରିବା ଦରକାର।

ଡ. ବାବାଜୀ ଚରଣ ସେଠୀ, ଭୁବନେଶ୍ୱର

### ମନ୍ତ୍ରୀ ଉତ୍ତର ଦିଅନ୍ତୁ

ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ମୂଲ୍ୟବୃଦ୍ଧିଜନିତ ମହଙ୍ଗା ମାଡ଼ରେ ଦେଶର କୋଟି କୋଟି ଗରିବ ଓ ମଧ୍ୟବିତ୍ତ ଲୋକେ ହନ୍ତସନ୍ତ ହେଉଥିବା ବେଳେ ପେଟ୍ରୋଲିୟମ ମନ୍ତ୍ରୀ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରବୃଦ୍ଧିର ଆଳ ଦେଖାଉଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀଙ୍କ ପାଇଁ ଗୋଟିଏ ପ୍ରଶ୍ନ। ଉପା ସରକାର ସମୟରେ ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ସର୍ବୋଚ୍ଚ ସ୍ତର ୧୪୦ ଡଲାର ଥିଲା ସେତେବେଳେ ଦେଶରେ ପେଟ୍ରୋଲ ଲିଟର ୭୦ରୁ ୭୫ ଟଙ୍କାରେ ମିଳୁଥିଲା। ଏବେ ବିଶ୍ୱ ବଜାରରେ ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୦ ଡଲାରରୁ କମ୍ ଥିବାବେଳେ ପେଟ୍ରୋଲ ଲିଟର ୭୮ ଟଙ୍କାରୁ ଅଧିକ ହୋଇଛି କାହିଁକି?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ମିଷ୍ଟାନ୍ନ ଭୋଗ

ଆଗକୁ ମା' କାଳୀଙ୍କ ପୂଜା। ଅନେକ ଶକ୍ତିପୀଠରେ ସରକାରଙ୍କ ବାରଣସତ୍ତ୍ୱେ ବଳି ଦିଆଯାଏ। କିନ୍ତୁ ଭଦ୍ରକ ଜିଲା ଧାମନଗର ବ୍ଲକ ଧୁଷୁରୀ ନିକଟ ବ୍ରାହ୍ମଣପାଳ ଗ୍ରାମରେ ଥିବା ମା' ଦକ୍ଷିଣକାଳୀ ପୀଠରେ ଆମିଷ ବଦଳରେ ବାର ପ୍ରକାର ମିଷ୍ଟାନ୍ନ ଭୋଗ ଲାଗି ହୁଏ। ଭୋଗ ମଧ୍ୟରେ ଜିଲାପି, ବିଭିନ୍ନ ରଙ୍ଗର ଶୁଖିଲା ବର୍ଫି, ଲବଙ୍ଗି, ଖୁଡୁମା, ଫେଣି, ଲଡ୍ଡୁ, ବୁନ୍ଦିଆ, ଗଜା ସହିତ ଖଇ ଉଖୁଡ଼ା ଲାଗିଥାଏ। ୫୦ ଟଙ୍କା ମଧ୍ୟରେ ଭୋଗ ପୁଡ଼ିଆ ବିକ୍ରି ହୋଇଥାଏ। ଓଡ଼ିଶାରେ ଥିବା ଅନ୍ୟ ଶକ୍ତିପୀଠ ଆମିଷ ଭୋଗ ବଦଳରେ ଏପରି ମିଷ୍ଟାନ୍ନ ଭୋଗ ଲଗାଇବା ଉଚିତ।

କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ।
- ପ୍ଲାଟୋ

## ସଂକ୍ଷେପରେ

### ବିଜେଡିରେ ସାମିଲ ହେଲେ ସଂଖ୍ୟାଲଘୁ ନେତା

**ଭୁବନେଶ୍ୱର,୩।୧୧(ବ୍ୟୁରୋ):** କଂଗ୍ରେସ ଓ ଭାଜପା ଛାଡ଼ି ବହୁ ସଂଖ୍ୟାଲଘୁ ନେତା ଶନିବାର ବିଜେଡିରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡିରେ ସାମିଲ ହୋଇଥିବା ନେତାମାନେ ହେଉଛନ୍ତି- ଖୋର୍ଦ୍ଧା ଜିଲା ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ଅନିସୁର ରହେମାନ୍, ଗଞ୍ଜାମ ଜିଲା ସଭାପତି ବାବୁ ଖାଁ, ଝାରସୁଗୁଡ଼ା ଜିଲା ସଭାପତି ଏସ.କେ. ତୁଫାନ୍, ନବରଙ୍ଗପୁର ଜିଲା ସଭାପତି ଅନୱର ଖାଁ, ସୁନ୍ଦରଗଡ଼ ଜିଲା ସଭାପତି ମହମ୍ମଦ ମୋଇନ୍, ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ଖୁଦରତ୍, ଏସ୍.କେ. ମୁସ୍ତଫା। ବିଜେଡି ସଂଖ୍ୟାଲଘୁ ସେଲ୍ ମୁଖ୍ୟ ମୁନ୍ନା ଖାଁଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ଏହି ନେତୃମଣ୍ଡଳୀମାନଙ୍କ ଯୋଗଦାନ ବିଜୁ ଜନତା ଦଳର ସାଂଗଠନିକ ଶକ୍ତି ବୃଦ୍ଧି କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ୧୫ ପ୍ରକଳ୍ପରେ ୯୦୦୦ ନିଯୁକ୍ତି ଲକ୍ଷ୍ୟ

**ଫୋକସ୍‌ରେ ଶିଳ୍ପ**
- ଚତୁର୍ଥ ପର୍ଯ୍ୟାୟ ଗ୍ରାଉଣ୍ଡ-ବ୍ରେକିଂର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଶନିବାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଚତୁର୍ଥ ପର୍ଯ୍ୟାୟ ଗ୍ରାଉଣ୍ଡ-ବ୍ରେକିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ୬ଟି କ୍ଷେତ୍ରର ୧୫ ନୂଆ ଶିଳ୍ପ ପ୍ରକଳ୍ପର ମୂଳଦୁଆ ପଡିଛି। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ' ପୂର୍ବରୁ ରାଜ୍ୟର ଶିଳ୍ପ ଅର୍ଥନୀତିକୁ ଏହି ଗ୍ରାଉଣ୍ଡ-ବ୍ରେକିଂ ଆହୁରି ସୁଦୃଢ କରିବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିନିର୍ମାଣ କ୍ଷେତ୍ରରେ ରାଜ୍ୟ ପୂର୍ବ ଭାରତର ପ୍ରକୃଷ୍ଟ ସ୍ଥାନ ହେବାକୁ ଯାଉଛି। ଲୋକାଭିମୁଖୀ ପ୍ରଗତିଶୀଳ ଶିଳ୍ପ ସଂସ୍ଥାଗୁଡିକୁ ରାଜ୍ୟ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ତୃଣମୂଳରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ଝଲକ ଉତ୍ସାହଜନକ। ବିଶେଷ ଭାବେ ଘରୋଇ ଶିଳ୍ପ ପାର୍କ ନୀତି ଦ୍ୱାରା ଧାମରାରେ ହେଉଥିବା ଅଗ୍ରଗତିର ସୂଚନା ମିଳିଛି। ବନ୍ଦରଭିତ୍ତିକ ନିର୍ମାଣକୁ ଏହା ପ୍ରୋତ୍ସାହିତ କରିବ। ବର୍ଷକରୁ କମ୍ ସମୟ ମଧ୍ୟରେ ୬୪ଟି ପ୍ରକଳ୍ପର ଗ୍ରାଉଣ୍ଡ-ବ୍ରେକିଂ ହେବା ସହ ୩୦,୦୦୦ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ସାରା ଦେଶରେ ବିନିର୍ମାଣ ନିବେଶରେ ରାଜ୍ୟ ୧ ନମ୍ବର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ୪ର୍ଥ ପର୍ଯ୍ୟାୟ ଗ୍ରାଉଣ୍ଡ-ବ୍ରେକିଂ କାର୍ଯ୍ୟକ୍ରମକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଭାରମ୍ଭ କରୁଛନ୍ତି।

ସେହିପରି ନବରଙ୍ଗପୁର ଭଳି ପଛୁଆ ଅଞ୍ଚଳରେ ମକା ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଶନିବାର କରାଯାଇଥିବା ୧୫ଟି ପ୍ରକଳ୍ପର ଗ୍ରାଉଣ୍ଡବ୍ରେକିଂ ଦ୍ୱାରା ପ୍ରାୟ ୯୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଓଡ଼ିଶା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ବିନିର୍ମାଣ ନୀତି ଦ୍ୱାରା ରାଜ୍ୟରେ ଉପଲବ୍ଧ କଞ୍ଚାମାଲକୁ ବିନିଯୋଗ କରାଯାଇ ଭିତ୍ତିଭୂମିର ନିର୍ମାଣ କରାଯିବ। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'କୁ ସଫଳ କରିବା ପାଇଁ ସମସ୍ତ ବିଭାଗୀୟ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କ୍ଲିଅରାନ୍ସ କମିଟି ଦ୍ୱାରା ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପାରାଦୀପରେ ଚିରିପାଲି ପଲି ଫିଲ୍ମସ ଲିଃ ଦ୍ୱାରା ୧୧୦୦ କୋଟି ଟଙ୍କା ନିବେଶ କରାଯିବ। ଲାଞ୍ଜିଗଡସ୍ଥିତ ବେଦାନ୍ତ ଆଲୁମିନା ରିଫାଇନେରିକୁ ମଧ୍ୟ ଅନୁମୋଦନ ମିଳିଛି। ଏଥିରେ ପ୍ରାୟ ୬,୪୮୩ କୋଟି ଟଙ୍କାର ନିବେଶ କରାଯାଇଛି। ବେଦାନ୍ତ ପକ୍ଷରୁ ଭଦ୍ରକ ଧାମରାରେ ଜଷ୍ଟିସ ସୋଡା ଉତ୍ପାଦନ କ୍ଷେତ୍ରରେ ୬,୫୦୦ କୋଟି, ଝାରସୁଗୁଡା ବୁର୍ଖାସ୍ଥିତ ବେଦାନ୍ତ ଆଲୁମିନା ସ୍ମେଲଟର ସମ୍ପ୍ରସାରଣ ପ୍ରକଳ୍ପରେ ୧୨୪୦ କୋଟିର ପୁଞ୍ଜି ନିବେଶକୁ ଅନୁମୋଦନ ମିଳିଛି। ଢେଙ୍କାନାଳ ଜିଲା କାମାକ୍ଷାନଗରରେ ନାଲ୍‌କୋ ୫,୫୨୨ କୋଟି ଟଙ୍କାର ପୁଞ୍ଜି ନିବେଶ କରି ଆଲୁମିନିୟମ୍ ଡାଉନ୍‌ଷ୍ଟ୍ରିମ୍ ପ୍ରକଳ୍ପ କରିବ ବୋଲି ଜଣାପଡିଛି।

### '୨.୦'ରେ ଅଭିନୟ ଖୁବ୍ ଚ୍ୟାଲେଞ୍ଜିଂ: ଅକ୍ଷୟ କୁମାର



**ଚେନ୍ନାଇ**

ବହୁଭାଷାଭିତ୍ତିକ ସାଇନ୍ସ-ଫିକ୍ସନ୍ ଆକ୍ସନ ଡ୍ରାମା '୨.୦' ଖୁବ୍ ଚ୍ୟାଲେଞ୍ଜିଂ। ସମଗ୍ର ଅଭିନୟ ଜୀବନରେ ଏହି ଫିଲ୍ମରେ ଅଧିକ ବେଶଭୂଷାରେ ସଜେଇ ହୋଇଥିବା ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତା ଅକ୍ଷୟ କୁମାର। '୨.୦'ରେ ସୁପରଷ୍ଟାର ରଜନୀକାନ୍ତଙ୍କର ବିପକ୍ଷ ଚରିତ୍ରରେ ସେ ଅବତୀର୍ଣ୍ଣ ହୋଇଛନ୍ତି। ଏହାଦ୍ୱାରା ଦକ୍ଷିଣ ଭାରତୀୟ ଫିଲ୍ମରେ ତାଙ୍କର ପ୍ରଥମ ପ୍ରବେଶ ଘଟିପାରିଛି। ଏଠାରେ ଫିଲ୍ମର ଟ୍ରେଲର ଲଞ୍ଚହେବା ଅବସରରେ ଅକ୍ଷୟ କହନ୍ତି, ଏହି ଫିଲ୍ମରେ କାମକରିବା ଉଭୟ ଆହ୍ୱାନ ସୃଷ୍ଟିକାରୀ ଏବଂ କୌତୁକପୂର୍ଣ୍ଣ ଥିଲା। ଉକ୍ତ ଫିଲ୍ମରେ ଦର୍ଶକଙ୍କ କୋଳାହଳ ମଧ୍ୟରେ ଅକ୍ଷୟ ତାଙ୍କ ବକ୍ତୃତା ତାମିଲ ଭାଷାରେ ଆରମ୍ଭ କରିଥିବାର ଦୃଶ୍ୟ ରହିଛି। ସେ ତାମିଲ ଭାଷା କହିବାକୁ ଦୁଇଘଣ୍ଟା ଅଭ୍ୟାସ କରିଥିବା ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମ ନଭେମ୍ବର ୨୯ରେ ତାମିଲ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ରିଲିଜ ହେବାକୁ ଯାଉଛି। ଏସ୍. ଶଙ୍କର ନିର୍ଦ୍ଦେଶିତ ଏବଂ ଏ. ସୁବାସକରନ୍ ପ୍ରଯୋଜିତ ଉକ୍ତ ଫିଲ୍ମରେ ଆମି ଜାକସନ୍, ଆଦିଲ୍ ହୁସେନ୍ ଏବଂ ସୁଧାଂଶୁ ପାଣ୍ଡେ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଇପ ଉପରେ ଘୋଡ଼ା**
**ବାହାରେ ଦେଖିଲେ ହଡ଼ା ।**

କେତେକ ବ୍ୟକ୍ତି ନିଜ ପତ୍ନୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ବାହାଦୁରି ଦେଖାଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଜୋର କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଘରେ ତୁମ୍ଭି ତୋଫାନ ଅଥଚ ବାହାରେ ଭୀରୁତା ପ୍ରଦର୍ଶନ କରୁଥିବା ଏପରି କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମାଗି ଖାଉଥାଏ ଅଇଁଠା ପାଣି**
**ଯାଚିଲେ ନ ଖାଏ ସର ଲବଣୀ ।**

ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ମାନସମ୍ମାନକୁ ନ ଜଗି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାକ ଟେକିଥାନ୍ତି। ପ୍ରକୃତିଛଡ଼ା ଲୋକଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ଦଦରାଲୁଣ୍ଡାରେ ମାଓବାଦୀ ବ୍ୟାନର
# ୩ ବିଧାୟକଙ୍କୁ ହତ୍ୟା ଧମକ

**ଭଞ୍ଜନଗର,୩।୧୧(ଡି.ଏନ.ଏ.)**

ଦୀର୍ଘଦିନର ବ୍ୟବଧାନ ପରେ ଗଞ୍ଜାମ ଜିଲାରେ ପୁଣିଥରେ ନିଜ ଉପସ୍ଥିତି ଜାହିର ଉଦ୍ୟମ କରିଛନ୍ତି ମାଓବାଦୀ। ଭଞ୍ଜନଗର ଥାନା ଦଦରାଲୁଣ୍ଡାରେ ମାଓବାଦୀଙ୍କ ହାତଲେଖା ବ୍ୟାନର ମିଳିବା ପରେ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। କାରଣ ଏଥିରେ ୩ ବିଧାୟକ ଓ ପୋଲିସ ଇନ୍‌ଫର୍ମରମାନଙ୍କୁ ହତ୍ୟା ଧମକ ଦିଆଯାଇଛି। ଏହି ବ୍ୟାନର ଅସଲ କି ନକଲି ତାହା ଜଣାପଡିନାହିଁ। ପୋଲିସ ଉକ୍ତ ବ୍ୟାନରକୁ ଜବତ କରି ତନାଘନା ଚଳାଇଛି।

ରାଜ୍ୟରେ ମାଓବାଦୀ ହିଂସା କମିବାରେ ଲାଗିଛି। ଗଞ୍ଜାମ ଜିଲାରେ ମଧ୍ୟ ବହୁ ପରିମାଣରେ ମାଓବାଦୀ ପ୍ରଭାବ କମିଛି। ଗୋଇନ୍ଦା ରିପୋର୍ଟକୁ ଭିତ୍ତିକରି ଭଞ୍ଜନଗରଠାରେ ନିୟୋଜିତ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ଅନ୍ୟତ୍ର ପଠାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ କୋମ୍ବିଂ ଅପରେଶନ କମାଇ ଦିଆଯାଇଛି। ଏଭଳି ସ୍ଥିତିରେ ଶୁକ୍ରବାର ରାତିରେ ଭଞ୍ଜନଗର ଥାନା ଦଦରାଲୁଣ୍ଡାଠାରେ ମାଓବାଦୀଙ୍କ ନାମରେ ଏକ ବ୍ୟାନ୍‌ର ମରାଯାଇଛି। ସେଥିରେ ପୋଲିସ ଇନ୍‌ଫର୍ମର ଏବଂ ଗଞ୍ଜାମ କନ୍ଧମାଳ ଜିଲାର ୩ଜଣଙ୍କୁ ହତ୍ୟା ପାଇଁ ଧମକ ଦିଆଯାଇଛି। କେଉଁ ୩ଜଣଙ୍କୁ ହତ୍ୟା କରାଯିବ ତାହା ସ୍ପଷ୍ଟ ଭାବେ ଏଥିରେ ଲେଖାଯାଇନାହିଁ। କେବଳ ୩ ଏମଲଙ୍କୁ ହତ୍ୟା କରାଯିବ ବୋଲି ଲେଖାଯାଇଛି। ଏମଲ କିଏ ସେ ନେଇ ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି। ତଥାପି ଏମଲର ଅର୍ଥ ଏମ୍‌ଏଲ୍‌ଏ ବୋଲି ଆଲୋଚନା ହେଉଛି। ତଳେ 'ସିପିଆଇ ମାଓବାଦୀ' ଲେଖାଯାଇଛି। ଯଦି ଏମ୍‌ଏଲ୍‌ଏଙ୍କୁ ହତ୍ୟା ଧମକ ହୋଇଥାଏ ତେବେ ବିଧାୟକମାନଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶନିବାର ସକାଳେ ଘଟଣାଟି ଲୋକଲୋଚନକୁ ଆସିବା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଭଞ୍ଜନଗର ଥାନା ଅଧିକାରୀ ସୁଦୀପ ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବ୍ୟାନରଟିକୁ ଜବତ କରିଛନ୍ତି। ବ୍ୟାନରକୁ ନେଇ ନାନା ଆଲୋଚନା ହେଉଛି। ସମ୍ପୃକ୍ତ ଅଞ୍ଚଳବାସୀଙ୍କ କହିବା ହେଲା, ବର୍ତ୍ତମାନ ମାଓବାଦୀଙ୍କ ସେଭଳି ଗତିବିଧି ଏହି ଅଞ୍ଚଳରେ ନାହିଁ। ଏହିଭଳି ସ୍ଥିତିରେ ବ୍ୟାନରକୁ ନେଇ ଲୋକେ ନାନା ସନ୍ଦେହରେ ଅଛନ୍ତି। ଆଉ କେତେଜଣ କହୁଛନ୍ତି, ଏହା ମାଓବାଦୀଙ୍କର ହୋଇଥାଇପାରେ। ପୋଲିସ କିନ୍ତୁ ଏହା କୌଣସି ଅସାମାଜିକ ଯୁବକଙ୍କ କାମ ବୋଲି ସନ୍ଦେହ କରୁଛି। ବ୍ୟାନ୍‌ରରେ ମାଓବାଦୀଙ୍କ ଲେଖା ସହ ଏହି ଲେଖାରେ ତାଳମେଳ ରହୁନାହିଁ। ତଥାପି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଏନେଇ ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ସ୍ପଷ୍ଟ ଜଣାପଡ଼ିବ।

### ଯୁକ୍ତ୨ ରି-ଚେକିଂ ପରୀକ୍ଷାଫଳ ପ୍ରକାଶିତ

**ଭୁବନେଶ୍ୱର, ୩।୧୧(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୧୮ ଯୁକ୍ତ୨ ବିଜ୍ଞାନ ବିଭାଗ ବାର୍ଷିକ ପରୀକ୍ଷା ଫଳରେ ମାର୍କ ତ୍ରୁଟିକୁ ନେଇ ରି-ଚେକିଂ କରିଥିବା ଛାତ୍ରୀଛାତ୍ରଙ୍କ ପୁନଃ ପରୀକ୍ଷାଫଳ ପ୍ରକାଶ ପାଇଛି। ସିଏଚ୍‌ଏସ୍‌ଇର ସାମ୍ସ ୱେବସାଇଟ୍ ମାଧ୍ୟମରେ କଲେଜଗୁଡ଼ିକୁ ପରୀକ୍ଷାଫଳ ପଠାଇ ଦିଆଯାଇଛି। ଛାତ୍ରୀଛାତ୍ରମାନେ କଲେଜକୁ ଯାଇ ନିଜ ପରୀକ୍ଷାଫଳ ଦେଖିପାରିବେ। ଆଉ ୨/୩ଦିନ ଭିତରେ ବାଣିଜ୍ୟ ବିଭାଗରେ ରି-ଚେକିଂ ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପୁନଃ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

### ବାମୁଣିରେ ହେବ ମକା ପ୍ରୋସେସିଂ ୟୁନିଟ

**ନବରଙ୍ଗପୁର,୩।୧୧( ବି.ପ୍ର.):** ନବରଙ୍ଗପୁର ଜିଲାରେ ମକା ଚାଷୀଙ୍କ ଆଶା ସଞ୍ଚାର ହୋଇଛି। ଦୀର୍ଘ ଦିନର ଦାବି ପରେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବାମୁଣିରେ ମକା ପ୍ରୋସେସିଂ କମ୍ପାନୀ ସ୍ଥାପନ ହେବାକୁ ଯାଉଛି। ଶନିବାର ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

**ଦିଶା ଇଣ୍ଡେନ ଗ୍ରାମୀଣ ବିତରକ, ଚାରମାଳ**

ଏତଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମହିମା ଇଣ୍ଡେନ ଗ୍ୟାସ ଏଜେନ୍ସି ରେଢ଼ାଖୋଲଙ୍କ ଅଧୀନରେ ଥିବା ରେଢ଼ାଖୋଲ ବ୍ଲକର ବଡ଼ନୂଆପଡ଼ା ମୁମପାଳ, ଚାରମାଳ, ବ୍ରହ୍ମପୁରା, ଖୁବେଲ, ରାଶିବେଢ଼ା, କୁଶାରିମୁଣ୍ଡା, କୁସୁମବାହାଳ, ଲଦଲଦା, କୁଟୁଣିଆ, ଗରଗଡ଼ବାହାଳ, ପଲସାମାଲ, ଶିଆଳିପାଣି, ସାନସିଣ୍ଡୋଲ, ଭାଡ଼ିଦର, ରେଙ୍ଗାଲି, ହେଲେଇ, ବଂଶାଜାଲ, ମୁଷାକଟା, ରତ୍ନା ବଡ଼ମାଲ, ବାନ୍ଧନଟେଲା, ଶାତସମା, କୁଇଲିପଦର, ହେମନ୍ତଖୋଲ, ଡଙ୍ଗାପଥର, ମହାଲିଙ୍ଗ, ସାଇବେର୍ଣ୍ଣୀ, ରଙ୍ଗମାଟିଆ, ସରପାଳ, ମୋତିବାହାଳ, ମେଷୁଆପାଲି, କେଉଟିବାହାଲି, ବାରବାଙ୍କ, ଚୁଡ଼ାପୁଡୁଗ, କୁହ୍ଲିଆବାହାଲି, ଗମ୍ଭାଲିବେର୍ଣ୍ଣୀ, ତ୍ରିବଣପୁର, ଗୋଗୁଆ ଗ୍ରାମର ଏଲପିଜି ହିତାଧିକାରୀମାନଙ୍କ ସୁବିଧା ନିମନ୍ତେ ଇଣ୍ଡେନ ଅଏଲ କମ୍ପାନୀ ଆପଣଙ୍କ ନିକଟତମ ବିତରକ ଦିଶା ଇଣ୍ଡେନ ଗ୍ରାମୀଣ ବିତରକ, ଚାରମାଳଙ୍କୁ ସ୍ଥାନାନ୍ତର କରିଛନ୍ତି। ଆପଣମାନଙ୍କୁ ଅନୁରୋଧ ଦିଶା ଇଣ୍ଡେନ ଗ୍ରାମୀଣ ବିତରକ ଚାରମାଳଙ୍କ ସହିତ ଯୋଗାଯୋଗ କରି ଗ୍ୟାସ ନିଅନ୍ତୁ।

**ମୋବାଇଲ ନଂ: 9437537250, 7008603675**
**ଠିକଣା:** ଚାରମାଳ, ୫୫ ନଂ ଜାତୀୟ ରାଜପଥ
(କେନ୍ଦୁପତ୍ର ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟ)

ମୋବାଇଲ ମାଧ୍ୟମରେ ଆପଣଙ୍କ ଗ୍ୟାସ ବୁକିଙ୍ଗ୍ ନିମନ୍ତେ
(୧) **9090824365** ନଂ କୁ କଲ୍ କରନ୍ତୁ
(୨) ଭାଷା ଚୟନ କରନ୍ତୁ
(୩) ରିଫିଲ ବୁକିଂ ନିମନ୍ତେ 1 ଟିପନ୍ତୁ
(୪) ନିଜର କଞ୍ଜ୍ୟୁମର ନଂ ଦିଅନ୍ତୁ
(୫) ରିଫିଲ ବୁକିଙ୍ଗ୍ ସ୍ୱୀକୃତ କରିବା ନିମନ୍ତେ କନଫର୍ମ କରନ୍ତୁ।

**ମମତା ମହାନ୍ତି**
**ଦିଶା ଇଣ୍ଡେନ ଗ୍ରାମୀଣ ବିତରକ, ଚାରମାଳ**

### କମଳାଙ୍ଗ ହାତୀମୃତ୍ୟୁ ଘଟଣା
# ବହିଷ୍କୃତ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୩ ଗିରଫ

**ଢେଙ୍କାନାଳ ଅଫିସ, ୩।୧୧**

ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା କମଳାଙ୍ଗ ହାତୀମୃତ୍ୟୁ ଘଟଣାରେ ବହିଷ୍କୃତ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତି, ନିଲମ୍ବିତ ଫରେଷ୍ଟର ପ୍ରଭାକର ରଣା ଓ ଫରେଷ୍ଟ ଗାର୍ଡ ଗିରୀଶ ଚନ୍ଦ୍ର ଦେହୁରୀଙ୍କୁ କ୍ରାଇମବ୍ରାଞ୍ଚ ଶନିବାର ଗିରଫ କରିଛି। ଅଭିଯୁକ୍ତଙ୍କୁ ଅପରାହ୍ନ ୫ଟାରେ କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍‌ଙ୍କ ଅଦାଲତରୁ ସମସ୍ତଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ଅଭିଯୁକ୍ତମାନେ ତଦନ୍ତରେ ସହଯୋଗ କରିବେ, କାହାରିକୁ ଧମକଚମକ ଦେବେନାହିଁ, ସାକ୍ଷ୍ୟପ୍ରମାଣକୁ ନଷ୍ଟ କିମ୍ବା ପ୍ରଭାବିତ କରିପାରିବେନି ଭଳି ସର୍ତ୍ତ ରଖି କୋର୍ଟ ସମସ୍ତଙ୍କ ଜାମିନ ମଞ୍ଜୁର କରିଛନ୍ତି।

ଅକ୍ଟୋବର ୨୭ରେ ଭୂମିଠାରୁ ସ୍ୱଳ୍ପ ଉଚ୍ଚରେ ଝୁଲି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ ହାତୀଙ୍କ ଜୀବନ ଯାଇଥିଲା। ଏପରି ସ୍ପର୍ଶକାତର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। କର୍ତ୍ତବ୍ୟରେ ଅବହେଳା ଯୋଗୁ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମହାନ୍ତିଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ନରେଶ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଆର୍ତ୍ତତ୍ରାଣ ନାୟକ, ସେସୁର ଲାଇନମ୍ୟାନ୍ ଫିରୋଜ ପଣ୍ଡା, ସଦର ରେଞ୍ଜର ପ୍ରସନ୍ନ କୁମାର ବିଶ୍ୱାଳ, ମେରାମଣ୍ଡଳୀ ସେକ୍ସନ ଫରେଷ୍ଟର ପ୍ରଭାକର ରଣା ଏବଂ ଫରେଷ୍ଟ ଗାର୍ଡ ଗିରୀଶ ଚନ୍ଦ୍ର ଦେହୁରୀ ନିଲମ୍ବିତ ହୋଇଥିଲେ। ଘଟଣାର ପ୍ରାସଙ୍ଗିକତା ଦୃଷ୍ଟିରୁ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର। ସେହିପରି ସହକାରୀ ବନ ସଂରକ୍ଷକଙ୍କ ଅଭିଯୋଗକ୍ରମେ କଣ୍ଟାବଣିଆ ଥାନାରେ ମାମଲା ରୁଜୁ କରାଯାଇଥିଲା। କ୍ରାଇମବ୍ରାଞ୍ଚ ହାତକୁ ତଦନ୍ତ ଭାର ଯିବା ପରେ କେସ୍ ନଂ. ୨୩/୧୮, ଦଫା ୧୬୬, ୪୨୯, ୩୪ ଆଇପିସି, ୧୪୬ ଇଲେକ୍ଟ୍ରିସିଟି ଆକ୍ଟ ଏବଂ ୫୧ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟ-୧୯୭୨ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ରାଜ୍ୟ ଫରେନ୍‌ସିକ ସାଇନ୍ସ ଲାବରେଟୋରି ଟିମ୍, କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା, ଏସ୍‌ପି ସନ୍ଦୀପ ମଡକର ମଧ୍ୟ ଘଟଣାସ୍ଥଳରେ ଛାନଭିନ୍ କରିଥିଲେ।

ତଦନ୍ତରୁ ଜଣାପଡ଼ିଛି, ମାତ୍ର ସାଢ଼େ ୫ ଫୁଟ ଉଚ୍ଚତାରେ ୧୧ କେଭି ବିଦ୍ୟୁତ୍ ତାର ଝୁଲି ରହିଥିଲା। ଏ ନେଇ ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ। ଘଟଣାଦିନ ୨୫ରୁ ଊର୍ଦ୍ଧ୍ୱ ହାତୀ ଉକ୍ତ ରାସ୍ତା ଦେଇ ଆସୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୫ ମାଈ, ଗୋଟିଏ ଦନ୍ତା ଏବଂ ଗୋଟିଏ ଛୁଆ ହାତୀର ମୃତ୍ୟୁ ଘଟିଥିଲା। ବିଦ୍ୟୁତ୍ ବିଭାଗ ଅବହେଳାରୁ ଏପରି ଦୁର୍ଘଟଣା ଘଟିଛି। ସଞ୍ଜୟ ମହାନ୍ତି ବିଭାଗୀୟ ନିୟମ ଭଙ୍ଗ କରିଥିଲେ ଏବଂ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ପାଳନ କରି ନ ଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ସଞ୍ଜୟ ଚାଇଁପାଳ ଡିଭିଜନ ମେରାମଣ୍ଡଳୀ ସେକ୍ସନରେ ଠିକାରେ କାର୍ଯ୍ୟ କରୁଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ହଟାବଣାପୁର ଚକ୍ରଦା ଗ୍ରାମରେ। ସେହିପରି ପ୍ରଭାକରଙ୍କ ଘର ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ଏବଂ ଗିରୀଶଙ୍କ ଘର ଢେଙ୍କାନାଳ ସଦର ଥାନା ନୂଆଗାଁ ଅଞ୍ଚଳରେ। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।

**କୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ**



### ଯୁବତୀଙ୍କୁ ଗଣବଳାତ୍କାର

**ପାଲଲହଡ଼ା,୩।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗତ ୩୦ ତାରିଖ ରାତିରେ ଗଣବଳାତ୍କାର କରାଯାଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ପ୍ରେମିକ କାଳିଆ ମହାକୁଡ ଓ ତାଙ୍କ ଦୁଇ ସାଙ୍ଗ ହେମନ୍ତ ମହାକୁଡ, ଦୁଃଶାସନ ସିତାରୀ ଏଥିରେ ସମ୍ପୃକ୍ତ ବୋଲି ଯୁବତୀ ଜଣକ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଶନିବାର ପ୍ରେମିକ କାଳିଆଙ୍କୁ ଗିରଫ କରିଛି।

**FORM A**
**PUBLIC ANNOUNCEMENT**
(Under Regulation 6 of the Insolvency and Bankruptcy Board of India (Insolvency Resolution Process for Corporate Persons) Regulations, 2016)
**FOR THE ATTENTION OF THE CREDITORS OF SRI BALAJI METALLICS PRIVATE LIMITED**

**RELEVANT PARTICULARS**

| | | |
|---|---|---|
| 1. | Name of Corporate Debtor | SRI BALAJI METALLICS PRIVATE LIMITED |
| 2. | Date of Incorporation of Corporate Debtor | 28th April, 2003 |
| 3. | Authority under which corporate debtor is Incorporated/ Registered | Registrar of Companies, Cuttack |
| 4. | Corporate Identity No / Limited Liability Identification No. of Corporate Debtor | CIN - U27102OR2003PTC007133 |
| 5. | Address of the Registered Office and Principal Office (if any) of Corporate Debtor | BG-2, SDDC Complex, Rourkela 769012, India |
| 6. | Insolvency Commencement date in respect of Corporate Debtor | 31st October, 2018 (Vide order C.P.(IB)-165/KB/2018 passed by Hon'ble NCLT, Kolkata Bench), received on 2nd November, 2018 |
| 7. | Estimated date of closure of insolvency resolution process | 29th April, 2019 |
| 8. | Name and Registration Number of the Insolvency Professional acting as interim Resolution Professional | NIHAR RANJAN NAYAK, **Registration No.:** IBBI/IPA-001/IP-P00460/2017-18/10803 |
| 9. | Address and E-mail of the interim resolution professional, as registered with the Board | **Address :** Salarpuria and Partners, 7, Chittaranjan Avenue, 3rd Floor, Laha Paint House, Kolkata, West Bengal 700072, **Email :** banpur65@yahoo.co.in |
| 10. | Address and E-mail to be used for correspondence with the interim resolution professional | **Address :** Salarpuria and Partners, 7, Chittaranjan Avenue, 3rd Floor, Laha Paint House, Kolkata, West Bengal 700072, **Email :** banpur65@yahoo.co.in |
| 11. | Last date for submission of claims | 14th November, 2018 |
| 12. | Classes of creditors, if any, under clause (b) of sub-section (6A) of section 21, ascertained by the interim resolution professional | Not Applicable |
| 13. | Names of Insolvency Professionals Identified to act as Authorised Representative of creditors in a class (Three names for each class) | Not Applicable |
| 14. | (a) Relevant Forms and (b) Details of Authorized Representatives are available at: | Web link : http://ibbi.gov.in/downloadform.html Physical Address : Not Applicable |

Notice is hereby given that the National Company Law Tribunal, Kolkata Bench, has ordered the commencement of a Corporate Insolvency Resolution Process of the **Sri Balaji Metallics Private Limited** vide its Order C.P.(IB)-165/KB/2018 dated 31st October, 2018; which was received on 2nd November, 2018.

The Creditors of Sri Balaji Metallics Private Limited, are hereby called upon to submit their claims with proof on or before 14th November, 2018 to the interim resolution professional at the address mentioned against entry No.10.

The financial creditors shall submit their claims with proof by electronic means only. All other creditors may submit the claims with proof in person, by post or by electronic means.

A financial creditor belonging to a class, as listed against the entry No.12, shall indicate its choice of authorised representative from among the three insolvency professionals listed against entry No.13 to act as authorised representative of the class in Form CA.

**Submission of false or misleading proofs of claim shall attract penalties.**
**Name and Signature of Interim Resolution Professional : NIHAR RANJAN NAYAK**
**Registration No. IBBI/IPA-001/IP-P00460/2017-18/10803**
**Date and Place : 3rd November, 2018, Kolkata**

### ସୁନ୍ଦରୀକୁ ଟ୍ରାଙ୍କୁଲାଇଜ ପାଇଁ ପ୍ରସ୍ତୁତି ଶେଷ
# ଆଜି ହାତୀ ପିଠିରେ ମକ୍‌ଡ୍ରିଲ୍

- ଭୋର୍ ୪ଟାରେ ପହଞ୍ଚିଲା ହାତୀ ଯଶୋଦା
- ଦିଆଗଲା ବିଶ୍ରାମ, ହେଲା ସ୍ୱାସ୍ଥ୍ୟ ପରୀକ୍ଷା
- ଭୁବନେଶ୍ୱରରୁ ଆସିଛି ସ୍ୱତନ୍ତ୍ର ଯନ୍ତ୍ର

**ବନ୍ତଳା, ୩।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ସୃଷ୍ଟି କରିଥିବା ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବନ ବିଭାଗ ସମସ୍ତ ପ୍ରସ୍ତୁତି ଶେଷ କରିଛି। ଶୁକ୍ରବାର ଚନ୍ଦକା ଅଭୟାରଣ୍ୟରୁ ଅଣାଯାଇଥିବା କୁମ୍‌କି ହାତୀ ଯଶୋଦା ଭୋର୍ ୪ଟାରେ ଏଠାରେ ପହଞ୍ଚିବା ପରେ ସୁନ୍ଦରୀ ଧରା ଅଭିଯାନ ସଫଳ ହେବ ବୋଲି ବିଭାଗ ଆଶା ବାନ୍ଧିଛି। ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟରେ ଯଶୋଦାକୁ ରଖାଯାଇ ଶନିବାର ଦିନତମାମ ତାକୁ ବିଶ୍ରାମ ଦିଆଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ସହ ଖାଇବା ପାଇଁ କଦଳୀ ଗଛ, ବରଡ଼ାଳ, ନଡ଼ିଆ, ଆଖୁ ଆଦି ଦିଆଯାଇଛି। ରବିବାର ସକାଳେ ହାତୀ ପିଠିରେ ବସି ବିଶେଷଜ୍ଞମାନେ ଟ୍ରାଙ୍କୁଲାଇଜ ନିମନ୍ତେ ମକ୍‌ଡ୍ରିଲ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଶେଷ ହେବା ପରେ ବାଘୁଣୀ ଥିବା ସ୍ଥାନକୁ ଯଶୋଦାକୁ ନିଆଯିବ। ଏହି ଅଭିଯାନରେ ସାମିଲ ଥିବା ୩୦ ଜଣ ବନ କର୍ମଚାରୀ ୩ଟି ଗାଡି, ଏକ ଷ୍ଟ୍ରେଚର, ପାଣି ସ୍ପ୍ରେ ମେଶିନ, ମେଡିଶିନ ଆଦି ନେଇ ପ୍ରସ୍ତୁତ ହୋଇ ରହିଛନ୍ତି। ଟ୍ରାଙ୍କୁଲାଇଜ ପରେ ତୁରନ୍ତ ବାଘୁଣୀକୁ ରାଇଗୁଡ଼ା ରେଞ୍ଜ ଏନ୍‌କ୍ଲୋଜରକୁ ଅଣାଯିବ। ଦିନରେ ଟ୍ରାଙ୍କୁଲାଇଜ କରାଯାଇ ନ ପାରିଲେ ରାତିରେ ଯନ୍ତା ବସାଯିବ। ସେଥିପାଇଁ ଭୁବନେଶ୍ୱରରୁ ଏକ ସ୍ୱୟଂଚାଳିତ ଯନ୍ତା ଅଣାଯାଇଛି। ସେଥିରେ ମଇଁସି ଓ ଛେଳି ରଖି ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବାକୁ ବିଶେଷଜ୍ଞମାନେ ଯୋଜନା କରିଛନ୍ତି। ଶନିବାର ରାତିରେ ସୁନ୍ଦରୀ ଟିକରପଡ଼ା ରେଞ୍ଜ କଦଳୀଖୁଲା ଗେମ୍‌ଟ୍ୟାଙ୍କ ନିକଟରେ ଥିବାବେଳେ ବିଦାମରା, ବିପ୍ରଡ଼ିହ ଗ୍ରାମାଭିମୁଖୀ ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ସାତକୋଶିଆ ଡିଏଫ୍‌ଓ ରାମାସ୍ୱାମୀ ପି. କହିଛନ୍ତି, ଯଶୋଦା ପହଞ୍ଚିବା ପରେ ତାକୁ ବିଶ୍ରାମ ଦିଆଯାଇଛି। ରବିବାର ଅଭିଯାନ ଆରମ୍ଭ କରାଯିବାର ଯୋଜନା ରହିଛି।

### ଚକାପାଦରେ ବାଘ ଆତଙ୍କ

**ଫୁଲବାଣୀ ଅଫିସ, ୩।୧୧**

କନ୍ଧମାଳ ଜିଲା ଚକାପାଦ ବ୍ଲକ ଅଞ୍ଚଳରେ ବାଘ ଉପସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବିଶେଷ କରି ଚକାପାଦ-ବଦଲା ରାସ୍ତାରେ ଲୋକଙ୍କ ଏକୁଟିଆ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଇଛି। ସନ୍ଧ୍ୟାରୁ ଏହି ଅଞ୍ଚଳରେ ଥିବା ଲୋକଙ୍କ ଘରେ ତାଟି କବାଟ ପଡିଯାଉଛି। ଗତ ୩ ଦିନ ମଧ୍ୟରେ ବାଘ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛେଳି ମାରି ଖାଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡିଛି। ଅପରପକ୍ଷେ ଏହା ବାଘ ନୁହେଁ, ଚିତା ବୋଲି ବନ ବିଭାଗ କହୁଛି । ଚକାପାଦ ବ୍ଲକ ବ୍ରାହ୍ମଣପାଦ ପଞ୍ଚାୟତର ଅର୍ଜ୍ଜାଙ୍ଗି ଗ୍ରାମ ପାଖରେ ବାଘ ବୁଲୁଥିବା ଜଣାପଡିଛି। ଦିନକୁ ଦିନ ବାଘ ଭୟ ଲୋକଙ୍କ ମଧ୍ୟରେ ବଢ଼ି ଚାଲିଛି। ଗ୍ରାମବାସୀ ଜଙ୍ଗଲକୁ ଛେଳି ଚରାଇବାକୁ ଗଲେ ବାଘ ମାରି ଖାଇ ଦେଉଥିବା ଅଭିଯୋଗ କରିଛନ୍ତି। ଅର୍ଜ୍ଜାଙ୍ଗି ଗ୍ରାମର ପ୍ରାୟ ୧୦ ଛେଳିକୁ ବାଘ ପାହାଡ଼ ଉପରକୁ ନେଇ ପଳାଇଛି। ଏବେ ଆମେ ଭୟଭୀତ । ଗୋରୁ କିମ୍ବା ଛେଳି ଚରାଇବାକୁ ଜଙ୍ଗଲ ନ ନେଇ ଘରେ ବାନ୍ଧି ରଖୁଛୁ ବୋଲି ଗ୍ରାମର ମାନସ କହଁର ଓ ଅବିନାଶ କହଁର ପ୍ରକାଶ କରଛନ୍ତି।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



**ସଂକ୍ଷେପରେ**

## ଆଜି ବିଜେଡିର ମହିଳା ସମାବେଶ

**ସମ୍ବଲପୁର, ୩।୧୧ (ବ୍ୟୁରୋ)**- ବିଜୁ ଜନତା ଦଳ ପକ୍ଷରୁ ୪ ତାରିଖ ମହିଳା ଜନସମ୍ପର୍କ ପଦଯାତ୍ରା ଓ ସମାବେଶ ସମ୍ବଲପୁରଠାରେ ହେବ । ଏ ନେଇ ଶାନ୍ତିନଗରସ୍ଥିତ ଭୀମ ଭୋଇ କଲ୍ୟାଣ ମଣ୍ଡପଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା । ସମ୍ବଲପୁର ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତା, କର୍ମୀ ଓ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ଚଳିତ ମାସ ୪ ତାରିଖ ଅପରାହ୍ନ ୪ଟାରେ ବାଲିବନ୍ଧାଠାରୁ ପଦଯାତ୍ରା ବାହାରି କୁଞ୍ଜେଲପଡା, ଝାଡୁଆପଡା, ନନ୍ଦପଡା ପରିକ୍ରମା କରି ଟାଉନ ହଲ ପଡିଆରେ ପହଞ୍ଚିବ । ଏହାପରେ ମହିଳା ସମାବେଶ ବେଶ । ଏଥିରେ ରାଜ୍ୟ ବିଜୁ ମହିଳା ସଭାନେତ୍ରୀ ପ୍ରମିଳା ମଲ୍ଲିକ, ମୁଖପାତ୍ର ସୁଲୋଚନା ଦାଶ, ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ଶ୍ରୀମୟୀ ମିଶ୍ର, ଏଲିନା ଦାଶ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସମ୍ବଲପୁର ବିଧାନସଭା କ୍ଷେତ୍ର ବୁର୍ଲା, ହୀରାକୁଦ ଓ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ ୫ହଜାରରୁ ଉର୍ଦ୍ଧ୍ୱ ମହିଳା ସମାବେଶରେ ଯୋଗଦେବାକୁ ସ୍ଥିର ହୋଇଛି । ପ୍ରସ୍ତୁତି ବୈଠକରେ ସମ୍ବଲପୁର ଟାଉନ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ରାଜ୍ୟ ପରିଷଦ ସଦସ୍ୟ ସିଦ୍ଧାର୍ଥ ଦାଶ, ଟାଉନ ସଭାନେତ୍ରୀ ସୁମିତ୍ରା ଅଗ୍ରୱାଲ, ଦେବାଶିଷ ନନ୍ଦ, ହୀରାକୁଦ ଟାଉନ ସଭାପତି ଶାନ୍ତନୁ କୁମାର ପଣ୍ଡା ନିଜସ୍ୱ ମତ ଉପସ୍ଥାପନ କରିଥିଲେ।

### ୫ ଦିନ ଧରି ବନ୍ଦ ରହିଥିଲା ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ, ସେବା ସମବାୟ ସମିତି

# ତ୍ରିପାକ୍ଷିକ ବୈଠକ ପରେ ଖୋଲିଲା

**ରେଙ୍ଗାଲି,୩।୧୧ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଓ ଲଇଡା ସେବା ସମବାୟ ସମିତି ଦୀର୍ଘ ୫ ଦିନ ଧରି ବନ୍ଦ ରହିବା ପରେ ଶନିବାର ଖୋଲିଛି। ୨୦୧୭ ଖରିଫ ଋତୁରେ ଲଇଡା ଗ୍ରାମ ପଞ୍ଚାୟତର ୩୬୪ ଚାଷୀ କୃଷି ବୀମା ଅନ୍ତର୍ଭୁକ୍ତ ହୋଇଥିଲେ। ଫସଲ କ୍ଷୟକ୍ଷତି ରିପୋର୍ଟ ଅନୁସାରେ ଚାଷୀମାନେ ୩୨.୫୪ ପ୍ରତିଶତ ହିସାବରେ ଫସଲ ବୀମା ରାଶି ପାଇଥାନ୍ତେ। ହେଲେ ସେମାନେ ସେଥିରୁ ବଞ୍ଚିତ ହୋଇଥିବାରୁ ଗତ ଅକ୍ଟୋବର ୨୯ ତାରିଖରୁ ସମବାୟ ସମିତି ଏବଂ ବ୍ୟାଙ୍କରେ ତାଲା ଝୁଲାଇ ଦେଇଥିଲେ।



ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟରୁ ଖୋଲାଯାଉଛି ତାଲା।

ଏ ନେଇ ରୋଙ୍ଗାଲିସ୍ଥିତ ହରିହର ଧର୍ମଶାଳାଠାରେ ଲଇଡା ଚାଷୀବୃନ୍ଦ, ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ, କେନ୍ଦ୍ର ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖା ଏବଂ ମୁଖ୍ୟ କାର୍ଯ୍ୟାଳୟ କର୍ମଚାରୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ପରେ ଉକ୍ତ ତାଲା ଖୋଲାଯାଇଛି। ବୈଠକରେ ଚାଷୀମାନେ ବୀମାରାଶି ପାଇବା ପାଇଁ ଯୋଗ୍ୟ ଅଟନ୍ତି। କିନ୍ତୁ ଟିଏଟିଏ, ଏଆଇସି, ଜିଆଇସି ଲିମିଟେଡ ସେମାନଙ୍କୁ ବୀମା ରାଶି ପ୍ରଦାନ କରି କରିନାହାନ୍ତି। ଏ ବାବଦରେ ବ୍ୟାଙ୍କ ପାଖରୁ ବୀମା କମ୍ପାନୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ମତ ପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ତୁଳସୀ ଦାସ ମାହାଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି, ସରୋଜ ପୂଜାରୀ, ଦୁର୍ଗା ପ୍ରସାଦ ନାଥ, ସୁଶୀଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍‌ସିଏଲକୁ ସତର୍କତା ପୁରସ୍କାର

**ସମ୍ବଲପୁର,୩।୧୧(ବ୍ୟୁରୋ)**

କୋଲ ଇଣ୍ଡିଆର ସହାୟକ ମହାନଦୀ କୋଇଲା କମ୍ପାନୀ (ଏମସିଏଲ)କୁ ଦୁର୍ନୀତି ବିରୋଧରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସର୍ବଶ୍ରେଷ୍ଠ ସର୍ତକତା ପୁରସ୍କାର-୨୦୧୮ ସମ୍ମାନରେ ସମ୍ମାନିତ କରାଯାଇଛି । ଗତ ଅକ୍ଟୋବର ୩୧ ତାରିଖ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଏମସିଏଲ ବିତ୍ତ ନିର୍ଦ୍ଦେଶକ କେ. ଆର. ବାସୁଦେବନ, ମୁଖ୍ୟ ସର୍ତକତା ଅଧିକାରୀ ମୁନୱର ଖୁର୍ସିଦ ପୁରସ୍କାର ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଏମସିଏଲ ଦେଶର ଶ୍ରେଷ୍ଠ କୋଇଲା ଉତ୍ପାଦନକାରୀ କମ୍ପାନୀ ଅଟେ।




ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଏମ୍‌ସିଏଲ ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ସିଦ ଓ ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୩।୧୧(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ କେତେଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ମୂଳ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୦୯ ବ୍ୟାଚର ଭି. ଜୟକୁମାର ବର୍ତ୍ତମାନ ସିଏମ୍‌ଜିଆଇ, ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଅଛନ୍ତି। ଉକ୍ତ ଦାୟିତ୍ୱ ସହ ସେ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମାନ୍‌ସୀ ନିମ୍ବଲ(୨୦୧୦ ବ୍ୟାଚ) ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ, ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଉପରୋକ୍ତ ଦାୟିତ୍ୱ ସହ ଓଡ଼ିଶା ଉଠା ଜଳସେଚନ ନିଗମର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଜଳସମ୍ପଦ ବିଭାଗର ଉପସଚିବ ସ୍ୱାଧା ଦେବଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ଦିଆଯାଇଛି।

# ପିଆଜ ବୋଝେଇ ଟ୍ରକ୍‌ରେ ନିଆଁ ଲାଗିଲା

**ସମ୍ବଲପୁର,୩।୧୧(ବ୍ୟୁରୋ)**

ଯୁଯୁମୁରା ନିକଟରେ ଶନିବାର ଏକ ପିଆଜ ବୋଝେଇ ଟ୍ରକ (ନଂ.ଡବ୍ଲ୍ୟୁବି ୩୩- ସି-୬୦୨୧)ରେ ନିଆଁ ଲାଗିଯାଇଥିଲା । ଏହି ସମୟରେ ଡ୍ରାଇଭର, ହେଲ୍ପର ବାହାରେ ରହିଥିଲା ବେଳେ ପିଆଜ ସହ ସମ୍ପୂର୍ଣ୍ଣ ଟ୍ରକ କ୍ଷୟକ୍ଷତିରୁ ଅଳ୍ପକେ ବର୍ତ୍ତିଯାଇଛି। କେବିନ ଭିତରେ ରୋଷେଇ ହେଉଥିବାବେଳେ ନିଆଁ ଲାଗିଥିବା ଜଣାପଡ଼ିଛି। ଯୁଯୁମୁରା ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଟ୍ରକ୍‌ଟି ପିଆଜ ନେଇ ଭୁବନେଶ୍ୱର ପଟକୁ ଯାଉଥିଲା।

### ବାଣ ବିକ୍ରି ଉପରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପାଳନ ହେବ

# ଏସ୍‌ପିଙ୍କୁ ଭେଟିଲା ଫଟ୍‌କା ବ୍ୟବସାୟୀ ସଂଘ

**ସମ୍ବଲପୁର,୩।୧୧(ବ୍ୟୁରୋ)**

ବାଣ ବିକ୍ରି ଉପରେ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରାଯାଉଛି। ସୁରକ୍ଷା ନେଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। ଖବରଦାତା ସମ୍ମିଳନୀରେ ସମ୍ବଲପୁର ଫଟ୍‌କା ବ୍ୟବସାୟୀ ସଂଘ ପକ୍ଷରୁ ଏହି ସୁଚନା ଦିଆଯାଇଛି । ସଭାପତି ମଧୁସୁଦନ ମିଶ୍ର କହିଥିଲେ ଯେ ଜିଲା ପ୍ରଶାସନ ବାଣ ବିକ୍ରି ଉପରେ କଟକଣା ଲଗାଇଛନ୍ତି। ପ୍ରଶାସନ ଯେଉଁ ସ୍ଥାନରେ ସ୍ଥାନ ନିରୂପଣ କରିଛନ୍ତି ସେହିଠାରେ ବାଣ ବିକ୍ରି କରାଯିବ। ସୁପ୍ରିମକୋର୍ଟଙ୍କ ଯେଉଁ ବାଣ ବିକ୍ରି ପାଇଁ ଅନୁମତି ଦେଇଛନ୍ତି ତାହା ଅନୁକରଣ କରାଯିବ। ଦିଲ୍ଲି ଓ ଏନସିଆରରେ ବାଣ ଫୁଟାଇବା ବନ୍ଦ କରାଯାଇଛି । ହେଲେ ଅକ୍ଟୋବର ୩ରେ ସୁପ୍ରିମ୍‌କୋର୍ଟ ପୁନର୍ବାର ବାଣ ବିକ୍ରି ଉପରେ ବିଚାର କରି ଅନ୍ୟ ରାଜ୍ୟରେ ଏହାକୁ କୋହଳ କରଥିଲେ। ଏଣୁ ପୂର୍ବରୁ ପ୍ରସ୍ତୁତ ବାଣ ଦୀପାବଳୀ ଓ ଅନ୍ୟ ପର୍ବପର୍ବାଣୀରେ ବିକ୍ରି ହୋଇପାରିବ ବୋଲି ମିଶ୍ର ଜଣାଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସେମାନାଥ ବେହେରା, ମହମ୍ମଦ ରଫିକ, ତନୁଜ ବରିହା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ପୂର୍ବରୁ ସମ୍ବଲପୁର ଫଟକା ବ୍ୟବସାୟୀ ସଂଘ ପୂର୍ବାହ୍ନରେ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଭେଟିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ବାଣ ବିକ୍ରି ହେବ କହିଥିଲେ।

# ପୁରୁଣା ସମ୍ପର୍କକୁ ଭୁଲି ପାରୁନାହାନ୍ତି ଦୁଇନେତା

**ସମ୍ବଲପୁର,୩।୧୧ (ବ୍ୟୁରୋ)**

ଜୀବନ ଜଞ୍ଜାଳ ହେଉ ବା ରାଜନୈତିକ ପଶାପାଲିରେ ପଡି ଅନେକ ଲୋକ ନିଜ ସମ୍ପର୍କଠାରୁ ଦୂରେଇ ଯାଇଥାନ୍ତି। ମନ ଭିତରେ କ୍ରୋଧ ନ ଥିଲେ ମଧ୍ୟ ବୃତ୍ତିରେ ପ୍ରତିଯୋଗିତା କରନ୍ତି । ଲୋକ ଦେଖାଣିଆ ଭାବେ ବିରୋଧୀ ହୋଇଥାନ୍ତି । ହେଲେ ସମୟ ମିଳିଲେ ପୁଣି କିଛି ସମୟ ବିତେଇଥାନ୍ତି ସେହି ପୁରୁଣା ଅଭୁଲା ସ୍ମୃତିକୁ ନେଇ । ଭୁଲି ପାରନ୍ତି ନାହିଁ ସେହି ପୁରୁଣା ସମ୍ପର୍କକୁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମାନେଶ୍ୱର ବ୍ଲକ ସାହାସପୁର ଗ୍ରାମରେ। ଏହି ଗ୍ରାମରେ ହେଉଥିବା ଫୁଟବଲ ଟୁର୍ନାମେଣ୍ଟରେ ଯୋଗ ଦେଇ ଦୁଇ ଜନପ୍ରତିନିଧିଵ କାନ୍ଧରେ ହାତ ଦେଇ ନିଜ ପୁରୁଣା ସମ୍ପର୍କକୁ ପୁଣି ଜୀବନ୍ତ କରିଛନ୍ତି । ମାନେଶ୍ୱର ବ୍ଲକ ଜୋନ-୨ ବିଜେଡିରୁ ବିଜୟୀ ହୋଇଥିବା ସତ୍ୟନାରାୟଣ ମେଣ୍ଡୋଲି ଓ ଭାଜପାର ପୂର୍ବତନ ଜିଲା ପରିଷଦ ସଭ୍ୟ ରମେଶ ପ୍ରଧାନ । ବେଶ୍ ଖୁସିରେ କାନ୍ଧରେ ହାତ ଦେଇ ଛିଡା ହୋଇଥିଲେ ଦୁଇ ବିରୋଧୀ ରାଜନୈତିକ ଦଳର ଏହି ଦୁଇ ନେତା। ଏବେ ଏମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଫଟୋକୁ ଦେଖି ପୁରୁଣା ସମ୍ପର୍କ ଭୁଲି ପାରୁନାହାନ୍ତି ଦୁଇ ସହକର୍ମୀ ବୋଲି ଚର୍ଚ୍ଚା ଜୋର ଧରିଛି। ସତ୍ୟନାରାୟଣ ପୂର୍ବରୁ ଭାଜପା ସମର୍ଥନରେ କାମ କରୁଥିଲେ। ଏପରିକି ଭାଜପାର ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ରଙ୍କ ଅନୁଗତ ଥିଲେ । ସେ ସମୟରେ ରମେଶ ଭାଜପା ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଟିକେଟ ପାଇ ବିଜୟୀ ହୋଇଥିଲେ । ରମେଶଙ୍କ ବିଜୟ ହେବାରେ ସତ୍ୟନାରାୟଣଙ୍କ ଅଶେଷ ଭୂମିକା ରହିଥିଲା । ହେଲେ ସତ୍ୟନାରାୟଣ କିଛି ଦିନ ସକ୍ରିୟ ରାଜନୀତିରୁ ଦୂରେଇ ଯାଇ ଏକ ବୃଦ୍ଧାଶ୍ରମ କରି ସେବା କରୁଥିଲେ । ଗତ ନିର୍ବାଚନରେ ବିଜେଡି ତାଙ୍କୁ ଜିଲା ପରିଷଦ ପ୍ରାର୍ଥି କରିଥିଲା ଓ ସେ ବିଜୟୀ ହୋଇଥିଲେ। ଏ ସମ୍ପର୍କରେ ରମେଶ ପ୍ରଧାନଙ୍କୁ ପଚାରିବାରୁ ରାଜନୀତି ତା ଯାଗାରେ ଆଉ ସମ୍ପର୍କ ତା ଯାଗାରେ ରହିଛି । ନିର୍ବାଚନ କିମ୍ବା ରାଜନୈତିକ କାର୍ଯ୍ୟରେ ଜଣେ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ଜଣକୁ ବିରୋଧ କରେ। ହେଲେ ସାମାଜିକ କାମରେ ସମସ୍ତେ ସମାନ।



ସାହସପୁର ଗ୍ରାମ ଖେଳ ପଡିଆରେ ସତ୍ୟନାରାୟଣ ମେଣ୍ଡଲୀ ଓ ରମେଶ ପ୍ରଧାନ ।

# ଭିମ୍‌ସାର ନର୍ସଙ୍କ ମଧ୍ୟରେ ଉତ୍ତେଜନା

**ବୁର୍ଲା, ୩।୧୧(ଡି.ଏନ.ଏ.)**

ବୁର୍ଲା ଭିମସାରରେ କାର୍ଯ୍ୟରତ ନର୍ସମାନେ ସେମାନଙ୍କୁ ଡ୍ୟୁଟି ବଣ୍ଟନରେ ପାତରଅନ୍ତର ନେଇ ମାଟ୍ରନଙ୍କ କାର୍ଯ୍ୟାଳୟକୁ ଘେରାଇ କରିଛନ୍ତି। ପ୍ରଶାସନିକ ଅଧିକାରୀ ନିହାରରଞ୍ଜନ ଦାଶ ମନଇଚ୍ଛା ନର୍ସଙ୍କ ଡ୍ୟୁଟିରେ ହସ୍ତକ୍ଷେପ କରୁଥିବା ଏମାନେ ଅଭିଯୋଗ ଆଣିଥିଲେ। ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କୁମାର ପୂଜାହାରୀ ଏବଂ ପ୍ରଶାସନିକ ଅଧିକାରୀ ଦାଶ ବିକ୍ଷୋଭସ୍ଥଳକୁ ଆସଥିଲେ ବି ସମାଧାନ କରି ନ ପାରି ଫେରି ଯାଇଥିଲେ। ଶେଷରେ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିବା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି ।

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

**DISTRICT RURAL DEVELOPMENT AGENCY, PURI**
Tel. No. : 0652-222136(O), Email : ori-dpuri@nic.in
Lt. No. 6372 , Date: 02.11.2018

**TENDER NOTICE FOR PROCUREMENT OF SPORTS EQUIPMENT**

Sealed tenders are invited by **District Rural Development Agency, Puri District** from reputed Firms/ Agencies as per tender specifications for **"Supply of Sports Equipment"** under **Biju Yuva Vahini Programme.** The detailed tender document may be downloaded from the website **www.puri.nic.in.**
Interested bidders may submit their sealed tender documents in the prescribed format mentoring **"Supply of Sports Equipment"** on the cover of the envelope to the District **Rural Development Agency, Puri District by** Dt. 19.11.2018 upto 3PM. Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Supply of Sports Equipment" on the cover of the envelope along with the samples of the Sports Equipment.**
The Technical Bid will be opened on the **same day at 4PM** in the presence of the bidders or their authorized representatives. The date and time of opening of the Financial Bids will be intimated to the shortlised bidders later.
Tenders received after due date and time will not be accepted. **District Rural Development Agency Puri District** shall not be responsible for Postal delay or similar reasons. No Tenders sent through an electronic means shall be accepted. Any corrigendum / addendum, If any, will be uploaded in the above mentioned website.
Available of Bid document in website :- From Dt. 03.11.2018 of 11.00 AM to Dt. 19.11.2018 upto 3.00 PM
Pre Bid Meeting : **Dt. 08.11.2018** on or before 3 PM
Last Date of Receipt of Bid : Dt. 19.11.2018 on or before 3 PM
Date of opening of online Bid : **Dt. 19.11.2018** on or before 4 PM
District Rural Development Agency, Puri District reserves the right to accept or reject any or all tender without assigning any reason thereof.
Address : District Rural Development Agency, Puri District, Email : ori-dpuri@nic.in
**Sd./- Project Director**
**District Rural Development Agency, Puri**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି? ଅଲଇଣ୍ଡିଆ ଖୋଲା ଚାଲେଞ୍ଜ ୨ ଘଣ୍ଟାରେ ୧୦୦% ସମାଧାନ କାମ ନହେଲେ ଟଙ୍କା ଫେରସ୍ତ ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ. ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି କଠିନ ରୁ କଠିନ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi



ଜୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।

- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ



### ଗଛରେ ପିଟି ହେଲା କାର୍ : ଚାଳକ ଗୁରୁତର

ଜମନକିରା, ୩। ୧୧(ଡି.ଏନ୍.ଏ.) ସମ୍ବଲପୁର ଜିଲା ଜମନକିରା ଥାନା କୁଚିଣ୍ଡା ଭୋଜପୁର ରାସ୍ତା ଟାଙ୍ଗରମାଲ ଛକରେ ଏକ ମହିନ୍ଦ୍ରା ଏସ୍‌ୟୁଭି (ନଂ. ଓଡି ୦୨ଜି ୩୭୩୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ିର ଚାଳକ ତଥା ମାଲିକ ଜନ୍ମାଜୟ ଖଡ଼ିରତ୍ନ (୨୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ପ୍ରଥମେ ଜମନକିରା ପ୍ରାଥମିକ ଚିକିତ୍ସାକେନ୍ଦ୍ରକୁ ନେଇଥିଲା। ସେଠାରୁ ବୁର୍ଲା ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନାନୁଯାୟୀ, ସର୍ବେଜାଲ ଗାଁର ଜନ୍ମାଜୟ ଗାଡ଼ିରେ କୁଚିଣ୍ଡା ପଟକୁ ଯାଉଥିଲେ। ଟାଙ୍ଗରମାଲ ଛକରେ ଏକ ଆମ୍ବ ଗଛରେ ଗାଡ଼ି ପିଟି ହୋଇଯାଇଥିଲା। ଏଥିରେ ଗାଡ଼ିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଏ ନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି।

### ରେଙ୍ଗାଲି ପଞ୍ଚାୟତକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବି

ରେଢ଼ାଖୋଲ,୩।୧୧(ଡି.ଏନ.ଏ.) : ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ୍ ରେଙ୍ଗାଲି ପଞ୍ଚାୟତକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବିରେ ପଞ୍ଚାୟତବାସୀ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ଖରିଫ ଋତୁରେ ସ୍ୱଳ୍ପ ଓ ଅନିୟମିତ ବର୍ଷା ଯୋଗୁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମରୁଡ଼ି ଦେଖାଦେଇଛି। ଏହି ପଞ୍ଚାୟତରେ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ହୋଇନ ଥିବାରୁ ବର୍ଷା ଜଳ ଉପରେ ନିର୍ଭର କରି ଚାଷୀମାନେ ଚାଷ କାର୍ଯ୍ୟ କରିଥାନ୍ତି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ, ରୋଗ ପୋକ ଓ ହାତୀ ଉପଦ୍ରବରେ ଧାନ ଅମଳ ସମ୍ଭବ ହୋଇନି। ଚାଷୀମାନେ ଋଣ କରି ଚାଷ କରିଥିଲେ। ଏଣୁ ଋଣ ଛାଡ଼ କରାଯିବା ସହ ଇନପୁଟ୍ ସବସିଡି ପ୍ରଦାନ କରାଯିବାକୁ ପଞ୍ଚାୟତବାସୀ ପ୍ରଶାସନକୁ ଜଣାଇଛନ୍ତି। କରା୍ଯାଉ। ରେଙ୍ଗାଲି ପଞ୍ଚାୟତର ରେଙ୍ଗାଲି, ସଂଗ୍ରାମପୁର, କଦଳିପାଲି, ପଟୁପାଲ, କଷଣ୍ଡା, ଚକାମୁଣ୍ଡା ସମେତ ସମସ୍ତ ଗ୍ରାମର ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଭୀମସେନ ସାହୁ, ବସନ୍ତ ସାହୁ, ଲବଣିଶ୍ୱର ଦେହୁରୀ, ରାଜେନ୍ଦ୍ର ଜେନା,ପର୍ଶୁରାମ ମିର୍ଦ୍ଧା, ଦିଲୀପ ମହାକୁଡଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଦାବିରେ ଆନ୍ଦୋଳନ

# କ୍ୟାମ୍ପ କୋର୍ଟ ବନ୍ଦ, ଫେରିଲେ ବିଚାରପତି






ସମ୍ବଲପୁର ଜିଲା ମଣ୍ଡଳକାରାଗାରରେ ମୁଖ୍ୟ ଗେଟ ସମ୍ମୁଖରେ ଓକିଲମାନେ ବିଚାରପତି ମାନଙ୍କୁ ଅନୁରୋଧ କରୁଛନ୍ତି (ବାମ)। ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରୁଛନ୍ତି ।

**ସମ୍ବଲପୁର,୩।୧୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ସମ୍ବଲପୁର ଜିଲା ଓକିଲ ସଂଘର ଆନ୍ଦୋଳନ ଜାରି ରହିଛି। ୨ ମାସ ହେବ କୋର୍ଟ କାର୍ଯ୍ୟ ବନ୍ଦ ରହିଛି। ଏକାଧିକ ମାମଲା ବିଚାର ନ ହୋଇ ପଡ଼ି ରହିଛି। ଏଭଳି ଅସ୍ୱାଭାବିକ ପରିସ୍ଥିତିରେ ଜେଲ୍ ହାଜତରେ କଏଦୀଙ୍କ ସଂଖ୍ୟାରେ ବୃଦ୍ଧି ଚିନ୍ତାର ବିଷୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି କ୍ୟାମ୍ପ୍ କୋର୍ଟ ଜରିଆର ବିଚାରାଧୀନ କଏଦୀଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରାଯିବାକୁ ହାଇକୋର୍ଟ ନିର୍ଦ୍ଦେଶ କରିଥିଲେ। ତଦନୁଯାୟୀ, ସମ୍ବଲପୁର ମଣ୍ଡଳ କାରାଗାର ପରିସରରେ ଗତ ସୋମବାରଠାରୁ କ୍ୟାମ୍ପ୍ କୋର୍ଟ ଆରମ୍ଭ ହୋଇଥିଲା। ତେବେ ଓକିଲମାନେ ଏହାକୁ ବିରୋଧ କରି ବନ୍ଦ କରି ଦେଇଛନ୍ତି। ଶନିବାର ବିଚାରପତିମାନେ କ୍ୟାମ୍ପ କୋର୍ଟକୁ ଆସିଥିବା ବେଳେ ଓକିଲମାନଙ୍କ ଅନୁରୋଧ କ୍ରମେ ଫେରିଆସିଥିଲେ। ଜିଲା ଓକିଲ ସଂଘ କର୍ମକର୍ତ୍ତା କାରାଗାର ମୁଖ୍ୟ ଗେଟ ସମ୍ମୁଖରେ ପ୍ଲାକାର୍ଡ ଧରି ଛିଡ଼ା ହୋଇ ଧାରଣା ଦେଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ସେଠାକୁ ବିଚାରପତିମାନେ ଆସିଥିଲେ। ଓକିଲମାନେ ସେମାନଙ୍କୁ ରୋକିଥିଲେ। ସଂଘ ସଭାପତି ବିଜିତେନ୍ଦ୍ରୀୟ ପ୍ରଧାନ, ଉପସଭାପତି ବେଦବ୍ୟାସ ସାଥୁଆ, ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଶତାଧିକ ଓକିଲ ଉପସ୍ଥିତ ରହିଥିଲେ।

ଏଠାରେ ସୂଚନାଯୋଗ୍ୟ, ମଙ୍ଗଳବାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ଜିଲା ଓକିଲ ସଂଘ ପତ୍ର ଲେଖିଥିଲେ। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କ୍ୟାମ୍ପ କୋର୍ଟ କରାଯିବା ନିର୍ଦ୍ଦେଶକୁ ସେଥିରେ ସ୍ୱାଗତ କରାଯାଇଥିଲା। ହେଲେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ଦାବି ଉପରେ ମୁଖ୍ୟ ବିଚାରପତି ୭୨ ଘଣ୍ଟା ମଧ୍ୟରେ ନିଜସ୍ୱ ମତ କେନ୍ଦ୍ର ସରକାରଙ୍କୁ ଜଣାଇବାକୁ କୁହାଯାଇଥିଲା। ନଚେତ୍ କ୍ୟାମ୍ପ କୋର୍ଟ ବନ୍ଦ କରି ଦିଆଯିବ ବୋଲି ଜଣାଇ ଦିଆଯାଇଥିଲା। ଏପରି ସ୍ଥଳେ ଶୁକ୍ରବାର ଧାର୍ଯ୍ୟ ସମୟ ସୀମା ପୂରିଥିବା ବେଳେ ଓକିଲମାନେ କ୍ୟାମ୍ପ କୋର୍ଟ ବନ୍ଦ କରିଥିଲେ। କ୍ୟାମ୍ପ କୋର୍ଟ ଜରିଆରେ ସୋମବାର ପ୍ରଥମ ଦିନରେ ୬୭ କଏଦୀଙ୍କୁ ଜାମିନ ମିଳିଥିଲା। ସେହିପରି ଦ୍ୱିତୀୟ ଦିନରେ ୪୮, ତୃତୀୟ ଦିନରେ ୨୮ ଓ ଚତୁର୍ଥ ଦିନରେ ୩୩ଜଣଙ୍କୁ ବ୍ୟକ୍ତିଗତ ମୁଲଚାଲରେ ଏପରି ମୋଟ ୧୭୬ ଜଣଙ୍କୁ ଛଡାଯାଇଥିଲା। ଏବେ କ୍ୟାମ୍ପ କୋର୍ଟ ବନ୍ଦ ହୋଇଥିବା ବେଳେ ପୁଣି ଜେଲରେ କଏଦୀ ସଂଖ୍ୟା ବଢ଼ିବ।

#### ଜେଲ୍ ସମ୍ମୁଖ, କଚେରି ଛକରେ ବିକ୍ଷୋଭ

# ୧୧ ଦଫା ଦାବିରେ ଭାଜପାର ବିକ୍ଷୋଭ

**ରେଢ଼ାଖୋଲ,୩।୧୧(ଡି.ଏନ.ଏ.)**

୧୧ ଦଫା ଦାବି ନେଇ ରେଢ଼ାଖୋଲ ଭାଜପା ପକ୍ଷରୁ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ବ୍ଲକର ଶତାଧିକ କର୍ମକର୍ତ୍ତା ସ୍ଥାନୀୟ ରାମମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସରକାରଙ୍କ ବିରୋଧରେ ନାରା ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମର ପ୍ରଧାନ, ସୀମାଞ୍ଚଳ ଖଟେଇ, ଜିଲା ସଭାପତି ରାମଚନ୍ଦ୍ର ମେହେର, ଗୋବିନ୍ଦ ଅଗ୍ରୱାଲ, ପ୍ରତାପ ପ୍ରଧାନ, ନାଉରୀ ନାଏକ, ଦେବେନ୍ଦ୍ର ମହାପାତ୍ର, କଣ୍ଡେଲ ପ୍ରଭାତ ପଣ୍ଡା, ଦାମୋଦର କର, ଡା. ରାଜକୁମାର ବଡ଼ପଣ୍ଡା ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ କୃଷି ଋଣ ଛାଡ, କେରାଣ୍ଡି ଯୋର୍ ଡ୍ୟାମ ପୁନରୁଦ୍ଧାର କରାଯାଇ କେନାଲ ମାଧ୍ୟମରେ ଜଳସେଚନ, ପାନୀୟଜଳ ସୁବିଧା, ଖାଲିଥିବା ଡାକ୍ତର ପଦବୀ ପୂରଣ, ହାତୀ, ବାରହା, ଭାଲୁ ଆକ୍ରମଣରେ ଶିକାର ହେଉଥିବା ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, ଭୂମିହୀନଙ୍କୁ ପଟ୍ଟା, ଶିକ୍ଷକ ପଦବୀ ପୂରଣ, ରାଶନ କାର୍ଡ ପ୍ରଦାନରେ ପ୍ରୀୟାପ୍ରିତି ତୋଷଣ ଉପରେ ରୋକ୍, ଉଚ୍ଚଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ରୋଜଗାର ଓ ନିଯୁକ୍ତି, ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ପ୍ରଦାନ, ବହୁ ପ୍ରତିକ୍ଷିତ ଜନକଲ୍ୟାଣକାରୀ ଯୋଜନା ଆୟୁଷ୍ମାନ ଭାରତ ରାଜ୍ୟରେ ଲାଗୁ କରାଯିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ବେହେରା, ଚେରେଙ୍ଗା ଦେହୁରୀ, ଶିବରାମ ସାହୁ, ଜିଲାପରିଷଦ ସଭ୍ୟ ପ୍ରମୋଦ ସାହୁ, ନେତ୍ରାନନ୍ଦ ରାଉଳ ଉପସ୍ଥିତ ରହିଥିଲେ।




ସ୍ଥାନୀୟ ରାମମନ୍ଦିରରୁ ବ୍ଲକ୍ କାର୍ଯ୍ୟାଳୟକୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

### କିସିଣ୍ଡା ଆଞ୍ଚଳିକ ଗଣ୍ଡ ସାଂସ୍କୃତିକ ସମାଜର ବୈଠକ

# ବିଧାୟକଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ

**ନାକଟିଦେଉଳ,୩।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଆଞ୍ଚଳିକ ଗଣ୍ଡ ସାଂସ୍କୃତିକ ସମାଜର ଏକ ବୈଠକ କିସିଣ୍ଡା ଜଙ୍ଗବଡ଼ଦେଓ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମାଜର କେନ୍ଦ୍ରୀୟ ସଭାପତି ହରିହରି ବରିହା ବୈଠକରେ ସଭାପତିତ୍ୱ କରିଥିଲେ। ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣ୍ଡ ସମାଜର ସାଂସ୍କୃତିକ ରୀତିନୀତି ଓ ପରମ୍ପରା ବହୁ ପ୍ରାଚୀନ ବୋଲି କହିଥିଲେ। ଏହି ଅବସରରେ କିସିଣ୍ଡା ଉପ୍ରା ସ୍କୁଲରେ ଆବଶ୍ୟକ ଶ୍ରେଣୀ କୋଠରୀ ନିର୍ମାଣ, କିସିଣ୍ଡା ହାଇସ୍କୁଲରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, କିସିଣ୍ଡା କଲେଜ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ଧଳପୁର ନୋଡ଼ାଲ ସ୍କୁଲରେ ପାଚେରି ନିର୍ମାଣ, ଗିରିଶ୍ଚନ୍ଦ୍ରପୁର ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, କିସିଣ୍ଡାଠାରୁ ପଡ଼ିଆବାହାଲ ଭାୟା ଫଟାମୁଣ୍ଡା ରାସ୍ତା ନିର୍ମାଣ, ଗଣ୍ଡ ସମାଜର ପୁଅ ଝିଅମାନଙ୍କ ବିବାହ କାର୍ଯ୍ୟ ପାଇଁ କଲ୍ୟାଣ ମଣ୍ଡପ ନିର୍ମାଣ, ମରୁଡ଼ି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା, ଆଦି ୮ଦଫା ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ଗଣ୍ଡ ସମାଜ ପକ୍ଷରୁ ବିଧାୟକ ପୂଜାରୀଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଗଣ୍ଡ ସାଂସ୍କୃତିକ ସମାଜର ସଭାପତି ସନତ ନାଏକ, ସମ୍ପାଦକ ସୁରେନ୍ଦ୍ର ପଟ୍ଟା, ରୋହିତ ଭୋଇ, ଜିଲା ଆଦିବାସୀ କଲ୍ୟାଣ ସଂଘ ନେତା ମହେନ୍ଦ୍ର କୁଅଁର ପ୍ରମୁଖଙ୍କ ସମେତ ସମାଜର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# କୁଦଗୁଣ୍ଡେରପୁରରେ ଜନସମ୍ପର୍କ ପଦଯାତ୍ରା



କୁଦଗୁଣ୍ଡେରପୁରରେ ବିଜେଡ଼ିର ପଦଯାତ୍ରା।

**ବୁର୍ଲା,୩।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଧନକଉଡ଼ା ବ୍ଲକ କୁଦଗୁଣ୍ଡେରପୁର ପଞ୍ଚାୟତରେ ଶନିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତିନିଧି ହୀରାଲାଲ ବେହେରାଙ୍କ ନେତୃତ୍ୱରେ କୁଦ ମହଦାରୁ ପଦଯାତ୍ରା ବାହାରିଥିଲା। କୁଦଅମଲିପାଲି ଗ୍ରାମରେ ବ୍ଲକ ପର୍ଯ୍ୟବେକ୍ଷକ ମିର୍ଜା ସାହେବ ଜାନବେଗଙ୍କ ଅଧ୍ୟକ୍ଷତାରେ କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭାର ଆୟୋଜିତ ହୋଇଥିଲା। ସଭାରେ ବ୍ଲକ ସଭାପତି ଯତିନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ହୀରାଲାଲ ବେହେରା, ଯୁବନେତା ଇଂ. ଦିଲୀପ ଦୁରିଆ, ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, କାହ୍ନୁ ମିଶ୍ର, କଲାମାଟି ସରପଞ୍ଚ ଶ୍ରୀହରି ନାଗ, ବାବୁଲା ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାରେ ଅତିଥିମାନେ ରାଜ୍ୟ ସରକାରଙ୍କ ସଫଳତା ଓ କେନ୍ଦ୍ର ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ। କୁଦଗୁଣ୍ଡେରପୁରବାସୀଙ୍କ ଦୀର୍ଘଦିନର ଦାବି ମହାନଦୀରେ ପୋଲ ନିର୍ମାଣ ନବୀନ ସରକାରଙ୍କ ସମୟରେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଣୁ ଏହା ଅଞ୍ଚଳର ବିକାଶ ଦିଗରେ ରାଜ୍ୟ ସରକାରଙ୍କ ଅନ୍ୟତମ ସଫଳତା ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ମୁକ୍ତେଶ୍ୱର ଭୋସାଗର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କୁଦ ପାଦଖାଇ, କୁଦମହଦା, କୁଦଗୁଣ୍ଡେରପୁର, କୁଦଜାମପାଲି, କୁଦତବଡା ଆଦି ୬ଖଣ୍ଡ ଗ୍ରାମର ଶତାଧିକ ଜନସାଧାରଣଙ୍କ ସମେତ ଚିପିଲିମା, ଚାରପାଲି, ଗୋଶାଳା, ସାତୁପାଲି ଅଞ୍ଚଳରୁ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ରେଙ୍ଗାଲି,୩।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ନିଶାନଭଙ୍ଗା ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ହତ୍ୟା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଗ୍ରାମର ଗଣେଷ ବାଗ ଝାରସୁଗୁଡା ଜିଲା ତୁମ୍ବେକେଲା ଗ୍ରାମର ଇନ୍ଦ୍ରାଣୀ ବାଗ (୨୩)ଙ୍କୁ ଗତ ବର୍ଷ ବିବାହ କରିଥିଲେ। ଶନିବାର ଇନ୍ଦ୍ରାଣୀଙ୍କ ମୃତ୍ୟୁ ହୋଇଥିବା ଖବର ପାଇ ବାପା ଘର ଲୋକେ ନିଶାନଭଙ୍ଗା ଗ୍ରାମକୁ ଆସିଥିଲେ। ଇନ୍ଦ୍ରାଣୀଙ୍କ ମୃତଦେହ ଘରେ ପଡ଼ି ରହିଥିବା ବେଳେ ସେଠାରେ କେହି ନଥିବା ଦେଖିବାକୁ ପାଇଥିଲେ। ଏଥିରେ କକା ବଂଶୀଧର ରେଙ୍ଗାଲି ଥାନାକୁ ଆସି ତାଙ୍କ ଝିଆରୀଙ୍କ ଶଶୁର ଘର ଲୋକେ ମାରି ଦେଇଥିବା ସନ୍ଦେହ କରି ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରଜନୀକାନ୍ତ ସାମଲ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମାଜିଷ୍ଟ୍ରେଟ୍ ତହସିଲଦାର ଲୀନା କୁମାରୀ ଖେସଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ଧାରା ୪୯୮(ଏ), ୩୦୨/୩୪ରେ ଥାନାରେ ଏକ ମାମଲା (ନଂ. ୧୯୩/୧୮) ରୁଜୁ ହୋଇଛି।

# ଯୁବ ହକି କପ୍ ଉଦ୍‌ଘାଟିତ





ଶନିବାର ସମ୍ବଲପୁର ହାୱା ମଇଦାନରେ ଯୁବ ହକି କପ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ (ବାମ)। ମ୍ୟାଚରେ ଜ୍ୟୋତିଭବନ ବନାମ ନର୍ଦ୍ଦନ ଷ୍ଟାର ମ୍ୟାଚର ଦୃଶ୍ୟ ।

**ସମ୍ବଲପୁର, ୩।୧୧ (ବ୍ୟୁରୋ)**

ଯୁବ ହକି କପ୍ ଶନିବାର ସମ୍ବଲପୁର ହାୱା ମଇଦାନଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ଓ ବିଜୁ ଯୁବ ବାହିନୀର ମିଳିତ ଆୟୋଜନରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି, ରେଙ୍ଗାଲି ବିଧାୟକ ରବିନାରାୟଣ ନାୟକ, ଏସଡିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ଜିଲାପାଳ ସମର୍ଥ ବର୍ମା, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ଏସ୍‌ପି ସଞ୍ଜୀବ ଆରୋରା, ସିଆରପିଏଫ କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, କ୍ରୀଡ଼ା ସଙ୍ଗଠକ ସାବିର ହୁସେନ, ଏମ୍‌ପି ପ୍ରତିନିଧି ସରୋଜ ସାହୁ ଓ ଗୋପୀରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ାଧିକାରୀ ଉପେନ୍ଦ୍ର ଶତପଥିଙ୍କ ପରିଚାଳନା ଓ ବିରୁପାକ୍ଷ ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ ଜ୍ୟୋତି ଭବନ ବନାମ ସମ୍ବଲପୁର ନର୍ଦ୍ଦନ ଷ୍ଟାର ମଧ୍ୟରେ ହୋଇଥିଲା। ସୁଶୀଲ ତିର୍କୀ ଓ ଅଭିଜିତ ତିର୍କୀ ଅମ୍ପାୟାର ଥିଲେ। ରାଜେଶ ଖୁଣ୍ଟିଆ ତୃତୀୟ ଅମ୍ପାୟାର, ଜିତେନ୍ଦ୍ର ଶର୍ମା. ସୁଶୀଲ ଖେସ, ସେର୍ମନ୍ ବାର୍ଲା ମ୍ୟାଚ ଅଫିସିଆଲ୍ ରହିଥିଲେ। ଚଳିତ ମାସ ୬ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ସମ୍ବଲପୁର ନର୍ଦ୍ଦନ ଷ୍ଟାର, ଜ୍ୟୋତିଭବନ, ଆଇଟିସି ରେମେଡ, ରାଇଜିଂ ଷ୍ଟାର, ବାମରା ଏକାଦଶ, ଯୁଯୁମୁରା ଏକାଦଶ, ଜମନକିରା ଏକାଦଶ ଓ କୁଚିଣ୍ଡା ଏକାଦଶ ଏଥିରେ ଭାଗ ନେଇଛନ୍ତି । ଚଳିତ ମାସ ୨୭ ତାରିଖରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ ହେବ। ଏଣୁ ହକିର ପ୍ରଚାର ପ୍ରସାର ଲାଗି ଏହି ଟୁର୍ନାମେଣ୍ଟର ପରିକଳ୍ପନା କରାଯାଇଛି ବୋଲି ଆୟୋଜକ ସୂଚନା ଦେଇଥିଲେ ।

ଧରିତ୍ରୀ
DHARITRI
ରବିବାର, ୪ ନଭେମ୍ବର, ୨୦୧୮



ବିଶାଳ ପ୍ରତିମୂର୍ତ୍ତି ନିର୍ମାଣ କରିବା ପରିବର୍ତ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଉପରେ ସରକାର ଗୁରୁତ୍ୱ ଦେବା ଉଚିତ। ଦାରିଦ୍ର୍ୟ ଦୂରୀକରଣ ଦିଗରେ ମଧ ପଦକ୍ଷେପ ଗ୍ରହଣ ହେଲେ ଲୋକଙ୍କ ମଙ୍ଗଳ ହେବା।
- ସଞ୍ଜୟ ସିଂ, ଏଏପି ଏମ୍‌ପି



## ସଂକ୍ଷେପରେ

### ବସ୍‌ରେ ଗୁଳିକାଣ୍ଡ: ୭ ନିହତ

**କାଏରୋ,୩।୧୧(ପି.ଟି.):** ଇଜିପ୍ଟର ମିନ୍ୟା ପ୍ରଦେଶରେ କପ୍ଟିକ୍ ଖ୍ରୀଷ୍ଟିଆନ୍‌ଙ୍କୁ ନେଇ ଯାତ୍ରା କରୁଥିବା ଏକ ବସ୍ ଉପରେ ଆକ୍ରମଣ ହୋଇଛି। ବନ୍ଧୁକଧାରୀଙ୍କ ଆଖିବୁଜା ଗୁଳିଚାଳନା ଯୋଗୁ ୭ ଜଣ ନିହତ ହୋଇଛନ୍ତି। ଏହି ଘଟଣାରେ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ସେଣ୍ଟ ସାମୁଏଲ୍ ଧର୍ମପୀଠ ପରିଦର୍ଶନ ପାଇଁ ଯାଉଥିବାବେଳେ ଶ୍ରଦ୍ଧାଳୁମାନେ ରାସ୍ତାରେ ଆକ୍ରମଣର ଶିକାର ହୋଇଥିବା ସ୍ଥାନୀୟ ବିଶପ୍ କହିଛନ୍ତି। ଏହି ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। ଇଜିପ୍ଟ ରାଷ୍ଟ୍ରପତି ଅବ୍‌ଦେଲ ଫତା ଅଲ୍-ସିସି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଇଜିପ୍ଟରେ ଜେହାଦୀମାନେ ବେଶ୍ ସକ୍ରିୟ ଅଛନ୍ତି। ଧର୍ମୀୟ ଦୃଷ୍ଟିରୁ ଏଠାରେ ସଂଖ୍ୟାଲଘୁ ଥିବା ଖ୍ରୀଷ୍ଟିଆନ୍‌ଙ୍କୁ ଟାର୍ଗେଟ କରି ସଦ୍ୟ ଆକ୍ରମଣ ହୋଇଛି। ଆହତଙ୍କୁ ବେନି ମଜାରସ୍ଥିତ ଶେଖ୍ ଫଦେଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ୧୯୮୪ ଦଙ୍ଗା: ହର୍‌ସିମରତ, ସୁଖବୀର ଅଟକ

**ନୂଆଦିଲ୍ଲୀ,୩।୧୧ (ପି.ଟି.):** ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ନ୍ୟାୟ ଦାବିରେ ଦିଲ୍ଲୀରେ ଶିଖ୍ ସମ୍ପ୍ରଦାୟ ପକ୍ଷରୁ ଶନିବାର ବିକ୍ଷୋଭ ପଦଯାତ୍ରା କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ହର୍‌ସିମରତ୍ କୌର ବାଦଲ ଏବଂ ଶିରୋମଣି ଅକାଳୀ ଦଳ ଅଧକ୍ଷ ସୁଖବୀର ସିଂ ବାଦଲଙ୍କୁ ପୋଲିସ ଅଟକ ରଖିଥିଲା। ଦୁଇ ନେତାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗୁରୁଦ୍ୱାର ରାକବ୍‌ଗଞ୍ଜ ସାହିବଠାରୁ ଆରମ୍ଭ ହୋଇଥିଲା। ବିକ୍ଷୋଭକାରୀମାନଙ୍କୁ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେଶନ୍ ନିକଟରେ ଅଟକାଯାଇଥିଲା। ପୋଲିସ ଅଟକାଇବା ପୂର୍ବରୁ ହର୍‌ସିମରତ୍ କୌର ଖବରଦାତାଙ୍କୁ କହିଥିଲେ, ଶିଖ୍ ସମ୍ପ୍ରଦାୟ ଦୀର୍ଘ ୩୪ବର୍ଷ ହେଲା ନ୍ୟାୟ ଅପେକ୍ଷାରେ ରହିଛି। ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଶିଖ୍ ସମ୍ପ୍ରଦାୟର ଦୁଇ ଅଙ୍ଗରକ୍ଷୀ ଗୁଳି ଚଳାଇ ହତ୍ୟା କରିବା ପରେ ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଏହି ସମ୍ପ୍ରଦାୟର ହଜାର ହଜାର ଲୋକଙ୍କୁ ହତ୍ୟା କରାଯିବା ସହିତ ବହୁ ଶିଖ୍ ମହିଳାଙ୍କୁ ବଳାତ୍କାର କରାଯାଇଥିଲା। ଅନେକ ଲୋକ ଗୃହଶୂନ୍ୟ ହୋଇଯାଇଥିଲେ। ଭାରତ ଇତିହାସରେ ଏହା ଥିଲା ଏକ କଳଙ୍କିତ ଅଧାୟ। ଏ ପର୍ଯ୍ୟନ୍ତ ଏହି ସମ୍ପ୍ରଦାୟ ନ୍ୟାୟ ପାଇ ନ ଥିବା ସେ ଅଭିଯୋଗ କରିଥିଲେ।

## ଇତିହାସର ଆଇନାରେ

### ନଭେମ୍ବର ୪ର ପ୍ରମୁଖ ଘଟଣା

#### ଜାପାନ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା

୧୯୨୧ ନଭେମ୍ବର ୪ରେ ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ହାରା ତାକାଶୀଙ୍କୁ ହତ୍ୟା କରାଯାଇଥିଲା। ସେ ଥିଲେ ଦେଶର ଦଶମ ପ୍ରଧାନମନ୍ତ୍ରୀ। ୧୯୧୮ ସେପ୍ଟେମ୍ବର ୨୯ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ପଦରେ ଥିଲେ। ଜାପାନର ପ୍ରଧାନମନ୍ତ୍ରୀ ପଦରେ ବସିବାରେ ସେ ଥିଲେ ପ୍ରଥମ ସାଧାରଣ ବ୍ୟକ୍ତି ତଥା ଖ୍ରୀଷ୍ଟିୟାନ୍ ନେତା। ଏଣୁ ତାଙ୍କୁ 'କମନର୍ ପ୍ରାଇମ୍ ମିନିଷ୍ଟର୍' ବୋଲି କୁହାଯାଉଥିଲା। ସେ ହାରା କେଇ ନାମରେ ମଧ ନାମିତ। ୧୯୧୮ର ରାଇସ୍ ବିପ୍ଳବ ପରେ ପ୍ରଧାନମନ୍ତ୍ରୀ ତେରାଉଚି ମାସାଟେକ୍ ପଦରୁ ଓହରି ଯାଇଥିଲେ।

#### ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି

୨୦୦୮ ନଭେମ୍ବର ୪ରେ ବାରାକ୍ ହୁସେନ୍ ଓବାମା ଆମେରିକାର ୪୪ତମ ତଥା ଦେଶର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଆମେରିକା ରାଷ୍ଟ୍ରପତି ପଦରେ ବସିବାରେ ସେ ହେଉଛନ୍ତି ପ୍ରଥମ ଆଫ୍ରିକୀୟ ଆମେରିକୀୟ। ୨୦୦୯ ଜାନୁୟାରୀ ୨୦ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୯ ରୁ ୨୦୧୭ ଯାଏ ସେ ଏହି ପଦରେ ଥିଲେ। ଏହାପୂର୍ବରୁ ସେ ଆମେରିକୀୟ ସିନେଟର୍ ଥିଲେ। ୨୦୦୫ରୁ ୨୦୦୮ ପର୍ଯ୍ୟନ୍ତ ସେ ଆମେରିକୀୟ ସିନେଟ୍‌ରେ ଇଲିନୟରୁ ପ୍ରତିନିଧିତ୍ୱ କରୁଥିଲେ।

## ସିବିଆଇରେ ଅହମିକା ଲଢ଼େଇ

# ପାଦ ବଢ଼ାଇଲେ ଖାର୍ଗେ

**ନୂଆଦିଲ୍ଲୀ,୩।୧୧(ପି.ଟି.)**



■କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

■ସିବିଆଇ ନିର୍ଦ୍ଦେଶକ ବର୍ମାଙ୍କୁ ଛୁଟିରେ ପଠାଇବା ବେଆଇନ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭିତରେ ଚାଲିଥିବା ଅହମିକାର ଲଢ଼େଇରେ ପଡୁନି ପୂର୍ଣ୍ଣଚ୍ଛେଦ। ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବାରୁ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ସରକାର ବାଧ୍ୟତାମୂଳକ ଛୁଟିରେ ପଠାଇଛନ୍ତି। କିନ୍ତୁ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିରୋଧ କରୁଛି କଂଗ୍ରେସ। ଦଳର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ଶନିବାର ଏ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବର୍ମାଙ୍କୁ କାର୍ଯ୍ୟରୁ ନିବୃତ୍ତ ରଖିବା ବେଆଇନ କାର୍ଯ୍ୟ। ଏହାଦ୍ୱାରା ସିବିଆଇ ଆଇନର ଉଲ୍ଲଂଘନ ହେଉଛି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ଖାର୍ଗେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ଓ ବହିଷ୍କାର ପ୍ରସଙ୍ଗରେ କେବଳ ତିନିଜଣିଆ କମିଟି ନିଷ୍ପତ୍ତି ନେଇପାରିବେ। ଏହି କମିଟିରେ ବିରୋଧୀ ଦଳ ନେତା, ପ୍ରଧାନମନ୍ତ୍ରୀ ଏବଂ ପ୍ରଧାନ ବିଚାରପତି ସଦସ୍ୟ ରହିପାରିବେ। କିନ୍ତୁ ଏ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ବୋଲି ଖାର୍ଗେ କହିଛନ୍ତି। ଖାଲି ସେତିକି ନୁହେଁ, ସିବିଆଇ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା କ୍ଷମତା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ର ନାହିଁ ବୋଲି ସେ ମଧ କହିଛନ୍ତି। ବର୍ମାଙ୍କୁ ଛୁଟିରେ ପଠାଇବା ଲାଗି ସିଭିସି ଏବଂ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୨୩ରେ ଜାରି ହୋଇଥିବା ପୃଥକ୍ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ଖାର୍ଗେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଅନ୍ୟପଟେ ରାକେଶ ଅସ୍ଥାନାଙ୍କ ବିରୋଧରେ ହୋଇଥିବା ଲାଞ୍ଚ ମାମଲାର ତଦନ୍ତ ଚାଲିଛି। ଲାଞ୍ଚ କାରବାରର ସମ୍ପୃକ୍ତି ନେଇ ଗିରଫ ହୋଇଥିବା ମଧ୍ୟସ୍ଥ ମନୋଜ ପ୍ରସାଦଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ସ୍ୱତନ୍ତ୍ର ସିବିଆଇ ବିଚାରପତି ସନ୍ତୋଷ ସ୍ନେହୀ ମାନ୍ ତାଙ୍କ ଜାମିନ ନାମଞ୍ଜୁର କରିଛନ୍ତି। ଅଭିଯୁକ୍ତ ପ୍ରସାଦ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ସେ ଜାମିନରେ ମୁକୁଳିଲେ ତଦନ୍ତକୁ ପ୍ରଭାବିତ କରିବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସିବିଆଇ ଦର୍ଶାଇଛି।

## କଂଗ୍ରେସରେ ଯୋଗଦେଲେ ଶିବରାଜଙ୍କ ଶାଳକ

**ନୂଆଦିଲ୍ଲୀ,୩।୧୧(ପି.ଟି.)**



ବିଧାନସଭା ନିର୍ବାଚନ ଲାଗି ମଧ୍ୟପ୍ରଦେଶରେ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏଠାରେ ମୁଖ୍ୟତଃ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେଉଛି। ଜିତାପଟ ନିଜ ସପକ୍ଷରେ ନେବା ଲାଗି ସଭିଏଁ କଳବଳ ଲଗାଇଦେଇଛନ୍ତି। ପୁନଃ କ୍ଷମତା ଦଖଲ ଲାଗି ଉଦ୍ୟମ ଚଳାଇଥିବା ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଶନିବାର ଶକ୍ତ ଝଟକା ଲାଗିଛି। ତାଙ୍କ ଶାଳକ ସଞ୍ଜୟ ସିଂ ମସାନୀ କଂଗ୍ରେସରେ ଯୋଗଦେଇଛନ୍ତି। ରାଜ୍ୟବାସୀ ଚୌହାନ୍‌ଙ୍କୁ ନୁହେଁ ବରଂ ବରିଷ୍ଠ କଂଗ୍ରେସ ନେତା କମଲନାଥଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦେଖିବାକୁ ଚାହୁଁଛନ୍ତି ବୋଲି ମସାନୀ କହିଛନ୍ତି। ମସାନୀ ହେଉଛନ୍ତି ଚୌହାନଙ୍କ ସ୍ତ୍ରୀ ସାଧନା ସିଂଙ୍କ ଭାଇ। ମଧ୍ୟପ୍ରଦେଶ କଂଗ୍ରେସ ସଭାପତି କମଲ ନାଥଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳର ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ଅନ୍ୟ ସଦସ୍ୟଗଣ ଉପସ୍ଥିତ ରହିଥିଲେ। ଏଠାରେ ଭାଜପା ଉପରେ ବର୍ଷିଛନ୍ତି ସଞ୍ଜୟ। 'ନାମ୍‌ଦାର'ଙ୍କ ପାଇଁ 'କାମ୍‌ଦାର'ଙ୍କୁ ଭାଜପା ଅଣଦେଖା କରୁଛି ବୋଲି ସେ କହିଛନ୍ତି।

## ଥରୁରଙ୍କ ନାଁରେ ମାନହାନି ମକଦ୍ଦମା

**ନୂଆଦିଲ୍ଲୀ,୩।୧୧(ପି.ଟି.)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ବିଛା' ବୋଲି କହି ଅଡୁଆରେ ପଡ଼ିଯାଇଛନ୍ତି କଂଗ୍ରେସ ନେତା ଶଶୀ ଥରୁର। ତାଙ୍କ ନାଁରେ ମାନହାନି ମକଦ୍ଦମା ହୋଇଛି। ଭାଜପା ନେତା ରାଜୀବ ବବ୍ବର ଦିଲ୍ଲୀର ଏକ କୋର୍ଟରେ ମାମଲା ଦାଏର କରିବା ସହ ଏହି କଂଗ୍ରେସ ନେତାଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ଥରୁର ଉଦ୍ଦେଶ୍ୟମୂଳକ ଭାବେ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହାଦ୍ୱାରା କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ବରଂ ହିନ୍ଦୁ ଦେବଦେବୀଙ୍କୁ ମଧ ଅପମାନିତ କରିଛନ୍ତି। ଲୋକଙ୍କ ବିଶ୍ୱାସକୁ ସେ କୁଠାରାଘାତ କରିଛନ୍ତି। ଗତ ରବିବାର ବାଙ୍ଗାଲୋର ସାହିତ୍ୟ ଉତ୍ସବରେ ଯୋଗଦେଇ ଥରୁର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦି 'ଶିବଲିଙ୍ଗ ଉପରେ ବସିଥିବା ଏକ ବିଛା' ସଦୃଶ ବୋଲି ନାମଗୋପନ ସର୍ତ୍ତରେ ଜଣେ ଆର୍‌ଏସ୍‌ଏସ୍ ନେତା କହିଥିବା ସେ ଶୁଣିଛନ୍ତି। ଥରୁର ଏହା ପ୍ରକାଶ କରିବା ପରେ ବିବାଦ ଘନୀଭୂତ ହୋଇଛି। ସେହିପରି ସ୍ତ୍ରୀ ସୁନନ୍ଦା ପୁଷ୍କରଙ୍କ ରହସ୍ୟଜନକ ମୃତ୍ୟୁ ମାମଲା ସମ୍ପର୍କିତ କେତେକ ଦସ୍ତାବିଜ୍ ଥରୁରଙ୍କୁ ଦେବା ଲାଗି ଶନିବାର ଦିଲ୍ଲୀ ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଥରୁରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ପହୱା କହିଛନ୍ତି, ସରକାରୀ ଓକିଲଙ୍କ ପକ୍ଷରୁ ଦାଖଲ ହୋଇଥିବା କେତେକ ବୈଦ୍ୟୁତିକ ପ୍ରମାଣର ଅବସ୍ଥା ଭଲ ନାହିଁ। ତେଣୁ ଯାଞ୍ଚ କରିବା ପାଇଁ ଥରୁର ଏସବୁର ନକଲ ମାଗିଛନ୍ତି। ଏହାପରେ କୋର୍ଟ ପୋଲିସକୁ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକା ବିମାନବନ୍ଦର ଉଡ଼ାଇଦେବାକୁ ଧମକ ଦେଇ ଗିରଫ

**ଲକ୍ଷ୍ନୌ,୩।୧୧(ପି.ଟି.)**

ଆମେରିକାର ମାୟାମି ବିମାନବନ୍ଦରରେ ବିସ୍ଫୋରଣ ଘଟାଇ ଉଡ଼ାଇଦେବାକୁ ଧମକ ଦେଇଥିବା ଉତ୍ତରପ୍ରଦେଶ (ୟୁପି)ର ଜଣେ ୧୮ ବର୍ଷୀୟ ଯୁବକ ଗିରଫ ହୋଇଛନ୍ତି। ରାଜ୍ୟ ଆତଙ୍କ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ହାତରେ ସେ ଧରାପଡ଼ିଥିବା ଶନିବାର ଜଣେ ଅଧିକାରୀ କହିଛନ୍ତି। ଜେରା କରାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି ବୋଲି ଏଟିଏସ୍ ଆଇଜି ଅସୀମ୍ ଅରୁଣ କହିଛନ୍ତି। ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଯୁବକ ୧,୦୦୦ ଡଲାର ମୂଲ୍ୟର ବିଟ୍‌କଏନ୍ କିଣିଥିଲେ। କିନ୍ତୁ କେହି ତାଙ୍କୁ ଠକିଦେଲେ। ଏହାପରେ ସେ ଆମେରିକୀୟ ଗୋଇନ୍ଦା ସଂସ୍ଥା ଏଫ୍‌ବିଆଇରେ ଅଭିଯୋଗ ଦାଏର କରିଥିଲେ। କିନ୍ତୁ ସେପଟୁ କୌଣସି ପ୍ରତିକ୍ରିୟା ମିଳିପାରିଲା ନାହିଁ। ଉତ୍କ୍ଷିପ୍ତ ହୋଇ ସେ ମାୟାମି ବିମାନବନ୍ଦରକୁ ବାରମ୍ବାର କଲ୍ କରିବା ସହ ଆକ୍ରମଣ ଧମକ ଦେଲେ। ଏକେ୪୭, ଗ୍ରେନେଡ୍ ଏବଂ ସୁଇସାଇଡ୍ ବେଲ୍ଟ ନେଇ ସମସ୍ତଙ୍କୁ ହତ୍ୟା କରିବେ ବୋଲି ସେ କହିଲେ। ଭଏସ୍ ଓଭର ଇଣ୍ଟରନେଟ ପ୍ରୋଟୋକଲ୍ (ଭିଓଆଇପି) ଜରିଆରେ ସେ କଥା ହେଉଥିଲେ। ଆଇପି ଠିକଣା ସଂଗ୍ରହ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ ହେବ।

## ଫ୍ଲୋରିଡା ଯୋଗ ଷ୍ଟୁଡିଓରେ ଗୁଳିମାଡ଼: ୩ ନିହତ



**ଟଲ୍ଲାହସୀ,୩।୧୧(ପି.ଟି.)**

ଆମେରିକାର ଫ୍ଲୋରିଡା ଷ୍ଟେଟ୍‌ର ରାଜଧାନୀ ଟଲ୍ଲାହସୀରେ ଥିବା ଏକ ଯୋଗ ଷ୍ଟୁଡିଓରେ ଶୁକ୍ରବାର ରାତିରେ ଘଟିଛି ଗୁଳିକାଣ୍ଡ। ଜଣେ ବନ୍ଧୁକଧାରୀଙ୍କ ବର୍ବର ଆକ୍ରମଣରେ ୨ ଜଣ ନିହତ ହେବା ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଏହାପରେ ଆକ୍ରମଣକାରୀ ଜଣକ ନିଜକୁ ନିଜେ ଗୁଳିକରି ଟଳିପଡ଼ିଛନ୍ତି। ଏଥିସହିତ ଫ୍ଲୋରିଡା ଗୁଳିକାଣ୍ଡର ମୃତ୍ୟୁସଂଖ୍ୟା ୩ ହୋଇଛି। ଟଲ୍ଲାହସୀ ପୋଲିସ ମୁଖ୍ୟ ମାଇକେଲ୍ ଡେଲିଓଙ୍କ ସୂଚନା ଅନୁଯାୟୀ ଟଲ୍ଲାହସୀ ଶପିଂ ସେଣ୍ଟର ଭିତରେ ଉକ୍ତ ଯୋଗ ଷ୍ଟୁଡିଓ ରହିଛି। ବନ୍ଧୁକଧାରୀ ଜଣକ ତା' ଭିତରକୁ ପ୍ରବେଶ କରି ଅତର୍କିତ ଆକ୍ରମଣ କରିଥିଲେ। ୬ ଜଣଙ୍କୁ ସେ ଗୁଳିମାଡ଼ କରିବା ସହ ଅନ୍ୟ ଜଣଙ୍କୁ ପିସ୍ତଲ ଦ୍ୱାରା ଆଘାତ ଦେଇଥିଲେ। ଆକ୍ରମଣକାରୀଙ୍କୁ ପୋଲିସ ଚିହ୍ନଟ କରିଛି। ସେ ହେଉଛନ୍ତି ସ୍କଟ୍ ପଲ୍ ବିଅର୍ଲି (୪୦)।

## ଫୁର୍‌ସତ

### ସୁନାମି:୨୮୦ ବିଲିୟନ୍ ଡଲାର କ୍ଷତି

**ଜେନେଭା:** ବିଗତ ୨୦ବର୍ଷ ମଧ୍ୟରେ ଭାରତ ଓ ପ୍ରଶାନ୍ତ ମହାସାଗର ସୀମାନ୍ତ ଦେଶଗୁଡ଼ିକରେ ସୁନାମିଜନିତ କ୍ଷୟକ୍ଷତି ୨୮୦ ବିଲିୟନ୍ ଆମେରିକୀୟ ଡଲାର ବୋଲି ଜାତିସଂଘ ଦପ୍ତର ପକ୍ଷରୁ ପ୍ରକାଶ ପାଇଛି। ଏଥିପାଇଁ ୨,୫୧,୭୭୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮୦ ବିଲିୟନ୍ ଆର୍ଥିକ କ୍ଷତି ଘଟିଛି। ବିପର୍ଯ୍ୟୟ ଆଶଙ୍କା ହ୍ରାସ ନିମିତ୍ତ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ପ୍ରତିନିଧି ମାମି ମିଜୁଟୋରି କହନ୍ତି, ନଭେମ୍ବର ୫କୁ ବିଶ୍ୱ ସୁନାମି ସଚେତନତା ଦିବସ ଭାବରେ ପାଳନ କରାଯାଉଛି। ଭବିଷ୍ୟତରେ ଏହି ବିପର୍ଯ୍ୟୟ ମୁକାବିଲା ପାଇଁ ଦେଶ ଦେଶ ମଧ୍ୟରେ ବୁଝାମଣା ରହିବା ଆବଶ୍ୟକ। ଇଣ୍ଡୋନେସିଆର କେନ୍ଦ୍ରୀୟ ସୁଲାୱେସି ଭୟଙ୍କର ସୁନାମି ଏବଂ ଭୂକମ୍ପ ମାଡ଼ରୁ ଅଣ୍ଟା ସଳଖୁଛି। ସେପ୍ଟେମ୍ବର ୨୮ରେ ଇଣ୍ଡୋନେସିଆରେ ଏଭଳି ଭୟଙ୍କର ସୁନାମି ଯୋଗୁ ବ୍ୟାପକ ଧନଜୀବନ ହାନି ହୋଇଥିଲା।

### ଭାରତରେ ବାଘବଂଶ ବୁଡ଼ାଇବ ଚାଇନା



**ନୂଆଦିଲ୍ଲୀ:** 'ଔଷଧ ଓ ଗବେଷଣା ଉଦ୍ଦେଶ୍ୟରେ' ବାଘଅସ୍ଥି ଓ ଗଣ୍ଡା ଶିଙ୍ଗ ଚାଲାଣ ଉପରେ ୨୫ବର୍ଷ ଧରି ଯେଉଁ ନିଷେଧାଜ୍ଞା ଜାରି ହୋଇଥିଲା ଚାଇନା ତାହାକୁ ଉଠେଇଦେବା ପରେ ଭାରତରେ ବାଘ ଓ ଗଣ୍ଡାଙ୍କ ଉପରକୁ ବିପଦ ମାଡିଆସିଛି। ଏହାଦ୍ୱାରା ଏହି ବନ୍ୟପ୍ରାଣୀଙ୍କ ଶିକାର ବୃଦ୍ଧିପାଇବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରିଛନ୍ତି। ତେଣୁ ଦେଶରେ ବନ୍ୟଜୀବଙ୍କ ସୁରକ୍ଷା ଲାଗି କଡା ନୀତିନିୟମ କାର୍ଯ୍ୟକାରୀ କରିବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ଫରେଷ୍ଟରଙ୍କ କହିବାନୁଯାୟୀ, ଚାଇନା ସରକାରଙ୍କ ନିଷେଧାଜ୍ଞା ପ୍ରତ୍ୟାହାର ନିଷ୍ପତ୍ତି ଦ୍ୱାରା ଭାରତରୁ ବନ୍ୟଜୀବଙ୍କ ଦେହାବଶେଷ ଚୋରାଚାଲାଣ ପାଇଁ ବାଟ ଫିଟିଯିବ। ଏଥିପାଇଁ ବନ୍ୟପ୍ରାଣୀ ଶିକାର ବୃଦ୍ଧିପାଇବ। ବିଶ୍ୱର ୭୦% ବାଘ ଏବଂ ୮୫% ଏକ ଶିଙ୍ଗୀ ଗଣ୍ଡା ଭାରତରେ ଅଛନ୍ତି। ତେବେ ଚାଇନାର ଏହି ନିଷ୍ପତ୍ତି ଭାରତ ସମେତ ଆଫ୍ରିକୀୟ ଦେଶ ପାଇଁ ମଧ ବିପଦ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଗ୍ରାହକମାନେ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଇଁ ଜଙ୍ଗଲୀ ବାଘ ଉତ୍ପାଦକୁ ଅଧିକ ପସନ୍ଦ କରିଥାଆନ୍ତି ବୋଲି ବନ୍ୟଜୀବ ସଂରକ୍ଷଣବିତ୍ ତଥା ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ସମିତିର ପ୍ରତିଷ୍ଠାତା ବେଲିଣ୍ଡା ରାଇଟ୍ ପ୍ରକାଶ କରିଛନ୍ତି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସକାଳେ କୁହୁଡ଼ି ହୋଇପାରେ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୧.୫ |
| ଚାନ୍ଦବାଲି | ୩୨.୫ | ୨୩.୪ |
| କଟକ | ୩୧.୨ | ୨୧.୫ |
| ପାରାଦ୍ୱୀପ | ୩୧.୦ | ୨୩.୬ |
| ଭୁବନେଶ୍ୱର | ୩୨.୨ | ୨୨.୦ |
| ଗୋପାଳପୁର | ୩୫.୦ | ୨୩.୮ |
| ପୁରୀ | ୩୨.୦ | ୨୪.୫ |
| ଅନୁଗୋଳ | ୩୩.୧ | ୧୯.୬ |
| ବାରିପଦା | ୩୦.୬ | ୨୧.୫ |
| ଝାରସୁଗୁଡ଼ା | ୩୩.୮ | ୨୦.୫ |
| କେନ୍ଦୁଝର | ୩୦.୩ | ୧୮.୪ |
| ସମ୍ବଲପୁର | ୩୫.୦ | ୨୦.୮ |
| ସୁନ୍ଦରଗଡ଼ | --- | ୨୦.୦ |
| ହୀରାକୁଦ | ୩୩.୬ | ୨୦.୬ |
| ତାଳଚେର | ୩୩.୮ | ୨୧.୩ |
| ଭବାନୀପାଟଣା | ୩୦.୬ | ୧୯.୮ |
| ବଲାଙ୍ଗୀର | --- | ୨୦.୫ |
| କୋରାପୁଟ | ୩୧.୬ | ୧୭.୬ |
| ଫୁଲବାଣୀ | ୩୨.୫ | ୧୫.୪ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୩.୮ | ୨୪.୬ |
| ସୋନପୁର | ୩୪.୨ | ୨୦.୮ |
| ଦାରିଙ୍ଗିବାଡ଼ି | --- | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ୨୦୫୦ ସୁଦ୍ଧା ସହରରେ ବାସ କରୁଥିବେ ୫୦% ଭାରତୀୟ



**ହାଇଦ୍ରାବାଦ୍:** ଭାରତ ଏହାର ୪,୫୦୦ ନଗର ଏବଂ ସହରକୁ ପରିବେଶ ସହାୟକ କରିବା ସହିତ ବିଶ୍ୱର ସବୁଜ ସହର ଥିବା ୫ଟି ଦେଶ ମଧ୍ୟରେ ଭାରତ ଅନ୍ତର୍ଭୁକ୍ତ ହେବାକୁ ଯାଉଛି ବୋଲି କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ ଗୁରୁବାର ପ୍ରକାଶ କରିଛନ୍ତି। ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି) ଦ୍ୱାରା ଏଠାରେ ଆୟୋଜିତ ୧୬ତମ ଗ୍ରୀନ୍ ବିଲ୍ଡିଂ କଂଗ୍ରେସରେ ଉଦ୍‌ଘାଟନୀ ଅଭିଭାଷଣ ଦେଇ ପୁରୀ କହିଲେ, ଲୋକମାନେ ସହରଗାମୀ ହେଉଥିବାବେଳେ ୨୦୫୦ ସୁଦ୍ଧା ଦେଶର ଅଧାଭାଗ ଲୋକ ସହରରେ ବାସ କରୁଥିବେ। ଭାରତର ୪,୫୦୦ ନଗର ଏବଂ ସହରକୁ ସବୁଜ ସୁନ୍ଦର କରାଯିବାର ଯୋଜନା ରହିଛି। ସହରାଞ୍ଚଳରେ ଅଧିକରୁ ଅଧିକ ବୃକ୍ଷରୋପଣ କରାଯାଇ ଏହାକୁ ପରିବେଶ ଅନୁକୂଳ କରାଯିବ। ଏଥିପାଇଁ ସରକାର, ନିର୍ମାଣ ଉଦ୍ୟୋଗ ଏବଂ ଅଂଶୀଦାରମାନେ ଏକତ୍ର କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ୨୦୩୦ ସୁଦ୍ଧା ଆମ ଦେଶର ୪୦% ଲୋକ ସହରାଞ୍ଚଳରେ ବାସ କରୁଥିବେ। ୨୦୫୦ ସୁଦ୍ଧା ଏହା ବୃଦ୍ଧିପାଇ ୫୦%ରେ ପହଞ୍ଚିବ। ତେଣୁ ପ୍ରାଥମିକ ପର୍ଯ୍ୟାୟରୁ ସହରଗୁଡିକୁ ସବୁଜକରଣ କରାଗଲେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

# ‘ଟେକ୍‌ନିକ୍ ଗୁରୁତ୍ୱପୂର୍ଣ୍ଣ’



ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଅନ୍ତିମ ଦିବସର ମୁଖ୍ୟ ଆକର୍ଷଣ ଅଷ୍ଟ୍ରେଲିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ମହିଳା ସନ୍ତରଣକାରୀ ଷ୍ଟିଫାନୀ ରାଇସା

**ଭୁବନେଶ୍ୱର ୩।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କ୍ରିକେଟରେ ଫିଟ୍‌ନେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ଏହା ସବୁକିଛି ନୁହଁ ବୋଲି ପୂର୍ବତନ ଭାରତୀୟ କ୍ରିକେଟର ତଥା ଅନ୍ୟତମ ଶ୍ରେଷ୍ଠ ଫିଲ୍ଡର ରୂପେ ପରିଗଣିତ ହେଉଥିବା ମହମ୍ମଦ କୈଫ୍ କହିଛନ୍ତି। ଆଜିକାଲି କ୍ରିକେଟରେ ଫିଟ୍‌ନେସ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହା ଭଲ କଥା। କିନ୍ତୁ ଯେଉଁ ଖେଳାଳିଙ୍କ ଫିଟ୍‌ନେସ୍‌ସ୍ତର ସେତେ ଭଲ ନୁହେଁ, ସେମାନେ ଯେ, ଭଲ ଖେଳାଳି ନୁହଁ ଏକଥା କହିହେବ ନାହିଁ। ଏଠାରେ ଚାଲିଥିବା ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଦ୍ୱିତୀୟ ତଥା ଅନ୍ତିମ ଦିବସରେ ‘ସିକ୍ୟୁଲାରିଷ୍ଟ ଆଣ୍ଡ କ୍ରିକେଟ’ ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ସେ ଏହି କଥା କହିଛନ୍ତି। ପୁଣି ୟୋ- ୟୋ ଫିଟ୍‌ନେସ୍ ଟେଷ୍ଟ ଦଳ ତଥା ଖେଳାଳି ଚୟନର ଏକମାତ୍ର ମାପଦଣ୍ଡ ହେବା ଉଚିତ ନୁହଁ ବୋଲି ସେ କହିଛନ୍ତି।

ନିଜ ସମୟରେ କଭରରେ ଜବରଦସ୍ତ ଫିଲ୍ଡିଂ କରି ଉଦାହରଣ ସୃଷ୍ଟି କରିଥିବା ମିଡଲ ଅର୍ଡରରେ ଜଣେ ଉପଯୋଗୀ ବ୍ୟାଟ୍ସମ୍ୟାନ ରୂପେ ବେଶ୍ ସଫଳତା ହାସଲ କରିଛନ୍ତି। ଫିଟନେସ ପାଇଁ ସେ କ୍ରିକେଟ ପ୍ରଶଂସକଙ୍କ ନିକଟରେ ବେଶ୍ ପରିଚିତ ଓ ସେ ଭାରତର ସର୍ବକାଳୀନ ଫିଟେଷ୍ଟ ଖେଳାଳି ରୂପେ ପରିଗଣିତ ହେଉଥିଲେ। ବର୍ତ୍ତମାନ ଟିମ୍ ଇଣ୍ଡିଆ ଚୟନରେ ୟୋ- ୟୋ ଟେଷ୍ଟର ଅପରିହାର୍ଯ୍ୟ ହୋଇପଡିଛି। ତେବେ ଏହାକୁ କୈଫ୍ ନାପସନ୍ଦ କରିଛନ୍ତି। ଯେଉଁ ଖେଳାଳିମାନେ ଏହ ଟେଷ୍ଟରେ ବିଫଳ ହେଉଛନ୍ତି ସେମାନଙ୍କୁ ଦଳରେ ସ୍ଥାନ ନ ମିଳିବା ଠିକ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଜଣେ କ୍ରକେଟର ଫିଟ୍‌ନେସ ଓ ସ୍କିଲରେ ସନ୍ତୁଳନ ରକ୍ଷା କରିବା ନିହାତି ଜରୁରୀ। ପୂର୍ବତନ ପାକିସ୍ତାନ ଅଧିନାୟକ ଇଞ୍ଜାମାମ ଉଲ୍ ହକ ଓ ପୂର୍ବତନ ଅଷ୍ଟ୍ରେଲିଆ ଓପନର ଡେଭିଡ ବୁନ୍‌ଙ୍କ ଉଦାହରଣ ଦେଇ ସେ ଏହି କଥା କହିଛନ୍ତି। ଏହି ଦୁଇ ଖେଳାଳି ସେତେ ଫିଟ୍ ନ ଥିଲେ ମଧ୍ୟ ବିଶ୍ୱର ସଫଳ କ୍ରିକେଟର ରୂପେ ପରିଗଣିତ ହେଉଥିଲେ। ଏପରିକି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଅନିଲ କୁମ୍ବଲେ, ରାହୁଲ ଦ୍ରାଵିଡ ସେତେ ପରିମାଣର ଫିଟ ନ ଥିଲେ ମଧ୍ୟ ନିଜକୁ ଶ୍ରେଷ୍ଠ କ୍ରିକେଟର ଗଠିତୋଳିବାରେ ସକ୍ଷମ ହୋଇଥିଲେ। ଜଣେ ଖେଳାଳି ଯଦି ଭଲ ରନ୍ ସଂଗ୍ରହ କରୁଛି ଓ ଉନ୍ନତ ବୋଲିଂ କରି ଉଇକେଟ ହାସଲ କରୁଛି, ତେବେ ତାଙ୍କୁ ଫିଟ୍‌ନେସ୍ କାରଣରୁ ଦଳରୁ ବାଦ ଦେବା ଠିକ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ଅମ୍ବାତି ରାୟୁଡୁ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଜବରଦସ୍ତ ପ୍ରଦର୍ଶନ କରି ୬୦୦ ରନ ସଂଗ୍ରହ କରିଥିଲେ ମଧ୍ୟ ୟୋ- ୟୋ ଟେଷ୍ଟରେ ବିଫଳ ହେବା କାରଣରୁ ତାଙ୍କୁ ଦଳରେ ନିଆଯାଇ ନ ଥିଲା। ଫଳରେ ସେ ଦୀର୍ଘ ଦୁଇବର୍ଷ ଦଳରୁ ବାଦ ପଡିଥିଲେ । ତେବେ ଶେଷରେ ସେ ଏସିଆକପ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଫିଲ୍ଡିଂର ମାନରେ ଉନ୍ନତି ଆଣିବାକୁ ହେଲେ ଫିଟନେସ ନିଶ୍ଚିତଭାବେ ଜରୁରୀ ବୋଲି ସେ କହିଛନ୍ତି।

ମୁଁ ଯେତେବେଳେ ଦଳରେ ଥିଲି ସେତେବେଳେ ବିପ୍ ଟେଷ୍ଟ ହେଉଥିଲା। ତେବେ ଫିଟ୍‌ନେସ୍ କାରଣରୁ ଜଣେ ଖେଳାଳି କେବେବି ଦଳରୁ ବାଦ୍ ପଡୁନଥିଲେ। ଅବଶ୍ୟ ସେତେବେଳେ ଆଗାମୀ କିଛି ମାସ ମଧ୍ୟରେ ଫିଟ୍‌ନେସରେ ଉନ୍ନତି ଆଣିବାକୁ ସମ୍ପୃକ୍ତ ଖେଳାଳିଙ୍କୁ ପରାମର୍ଶ ଦିଆଯାଉଥିଲା।

ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଫିଲ୍ଡିଂ ପ୍ଲେସମେଣ୍ଟକୁ ନେଇ ମଧ୍ୟ କୈଫ ପ୍ରଶ୍ନ ଉଠାଇଛନ୍ତି। ମୌଳିକଭାବେ ସେ ଜଣେ ଉଇକେଟ କିପର ହୋଇଥିବା ବେଳେ ତାଙ୍କୁ କଭର କିମ୍ବା ପୋଜିସନ୍‌ରେ ଫିଲ୍ଡିଂ କରିବାକୁ କୁହାଯାଉଛି। ଅନ୍ୟସ୍ଥାନରେ ରିଷଭ ଫିଲ୍ଡିଂ କରିବାରେ ଅସହଜ ଅନୁଭବ କରୁଥିବେ ବୋଲି ୩୭ ବର୍ଷୀୟ କୈଫ୍ କହିଛନ୍ତି।

ଅବଶ୍ୟ ଅଧିନାୟକ କୋହଲି ଏବେ ଫିଟ୍‌ନେସର ମାନ ନେଇ ସାରା ଦୁନିଆ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଯାହା ଫଳରେ ଭାରତ ଏବେ ଭଲ ପ୍ରଦର୍ଶନ କରୁଛି। ଫିଟ୍‌ନେସ ଓ ପ୍ରତିଭାର ଆସାଧାରଣ ସନ୍ତୁଳନ କୋହଲିଙ୍କ ପାଖରେ ରହିଛି।

୨୦୧୪ ଲୋକ ସଭା ନିର୍ବାଚନରେ କୈଫ ଅଂଶଗ୍ରହଣ କରିଥିଲେ। କଂଗ୍ରେସ ଟିକେଟରୁ ଉତ୍ତର ପ୍ରଦେଶର ଫୁଲପୁର ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚନ ଲଢିଥିଲେ ମଧ୍ୟ ଏବେକାର ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। ତେବେ ସେ ବର୍ତ୍ତମାନ ରାଜନୀତିରେ ନାହାନ୍ତି। ଏବେ ରାଜନୀତିରେ ଯୋଗ ଦେବାକୁ ମୁଁ ଚିନ୍ତା କରୁନାହିଁ ବୋଲି ସେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ରାଜନୀତି ଲୋକଙ୍କୁ ବିଭାଜିତ କରିଥାଏ। ତେବେ ଲୋକଙ୍କ ସେବା କରିବା ମନୋବୃତ୍ତି ପିଲାବେଳୁ ମୋଠାରେ ଥିଲା। ତେଣୁ ମୁଁ ନିର୍ବାଚନ ଲଢିଥିଲି।

ଏବେ କ୍ରୀଡ଼ା ତଥା କ୍ରିକେଟ ସହିତ ମୁଁ ଏବେ ଜଡିତ ରହିଛି। ଏକାଡେମୀରେ ଯୁବପିଢିର ଖେଳାଳିଙ୍କ ସହ ମୋର ଅଭିଜ୍ଞତା ବାଣ୍ଟିବାକୁ ଚେଷ୍ଟା କରୁଛି। ଉତ୍ତର ପ୍ରଦେଶରୁ ଅଧିକରୁ ଅଧିକ ଭାରତ ପାଇଁ କ୍ରିକେଟ ଖେଳନ୍ତୁ ମୁଁ ଚାହେଁ ବୋଲି କୈଫ କହିଛନ୍ତି। କୈଫ୍‌ଙ୍କ ପରେ ସୁରେଶ ରାଇନା, ପ୍ରବୀଣ କୁମାର, ରୁଦ୍ରପ୍ରତାପ ସିଂ, ଭୁବନେଶ୍ୱର କୁମାର ପ୍ରଭୃତି ଉତ୍ତର ପ୍ରଦେଶ ଖେଳାଳି ଟିମ୍ ଇଣ୍ଡିଆ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ୬ ବର୍ଷର କ୍ୟାରିୟରରେ କୈଫ୍ ୧୩ଟି ଟେଷ୍ଟ ଓ ୧୨୫ଟି ଦିନିକିଆ ଖେଳିଛନ୍ତି।



ମହମ୍ମଦ କୈଫ୍

କ୍ରୀଡ଼ା ଜାତି ଓ ଧର୍ମଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ରହିଛି। ମୁସଲମାନ ହୋଇଥିଲେ ମଧ୍ୟ ମୁଁ କେବେବି ଅବହେଳାର ଶିକାର ହୋଇ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ବିବିଧତାରେ ଏକାତ ଭାରତର ସଂସ୍କୃତି। ଏହା ସାରା ବିଶ୍ୱରେ ବିରଳ। ଏହାକୁ ନେଇ ଆମେ ନିଶ୍ଚିତଭାବେ ଗର୍ବିତ। କ୍ରିକେଟରେ ରନ ସଂଗ୍ରହ କରିବାକୁ ହେବ କିମ୍ବା ଉଇକେଟ ନେଇ ଭଲ ପ୍ରଦର୍ଶନ କରିବାକୁ ହେବ। ଏଥିରେ ଜାତି, ଧର୍ମର କେଉଁଠାରୁ ଆସିଲା ବୋଲି ସେ ପ୍ରଶ୍ନ କରିଥିଲେ। ଦଳରେ ସ୍ଥାନ ହାସଲ କରିବାକୁ ହେଲେ ଭଲ ପ୍ରଦର୍ଶନ କରିବାକୁ ହେବ। ନ ହେଲେ ବାଦ ପଡିବା ନିଶ୍ଚିତ।

ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ହେଉଛନ୍ତି ମୋର ରୋଲ ମଡେଲ ବୋଲି କୈଫ କହିଛନ୍ତି। ତାଙ୍କୁ ଦେଖି ମୁଁ କ୍ରିକେଟ ଖେଳିବା ଆରମ୍ଭ କରିଛି।

କ୍ରିକେଟର ୩ଟି ଫର୍ମାଟରୁ ଟେଷ୍ଟ ହେଉଛି ଶ୍ରେଷ୍ଠ। ଟି୨୦ ଓ ଦିନିକିଆର ଲୋକପ୍ରିୟତା ଶୀର୍ଷକୁ ଛୁଇଁ ଥିଲେ ମଧ୍ୟ ଟେଷ୍ଟ ଦ୍ୱାରା ଜଣେ କ୍ରିକେଟର ମହାନ୍ ହୋଇଥାଏ। ଟେଷ୍ଟ ଫର୍ମାଟରେ ଜଣେ କ୍ରିକେଟର ପରୀକ୍ଷା ସମ୍ମୁଖୀନ ହୋଇଥାଏ। ଲୋକପ୍ରିୟତାରେ ବୃଦ୍ଧି ଆଣିବା ପାଇଁ ଡେ ଆଣ୍ଡ ନାଇଟ ଟେଷ୍ଟକୁ ନେଇ ପରୀକ୍ଷା ନିରୀକ୍ଷା କରାଯିବା ଉଚିତ୍ ବୋଲି ସେ କହିଥିଲେ। ଜୁନିୟରସ୍ତରରେ କୋଚ୍ ରୂପେ କାର୍ଯ୍ୟ କରୁଥିବା ରାହୁଲ ଦ୍ରାଵିଡଙ୍କୁ ସେ ପ୍ରଶଂସା କରିଛନ୍ତି। ଦ୍ରାଵିଡଙ୍କ ପ୍ରଚେଷ୍ଟାରେ ଜୁନିୟରସ୍ତର ପ୍ରତିଭାସମ୍ପନ୍ନ କ୍ରିକେଟର ସୃଷ୍ଟି ହୋଇପାରୁଛନ୍ତି ବୋଲି ସେ କହିଥିଲେ। ସୁଯୋଗ ମିଳିଲେ ଓଡ଼ିଶାର କୋଚ୍ ଦାୟିତ୍ୱ ନେବାକୁ ପଛାଇବି ନାହିଁ ବୋଲି କୈଫ୍ କହିଥିଲେ। ଫିଟ୍‌ନେସ ପାଇଁ ବର୍ଷାରେ ଫୁଟବଲ ଖେଳିଥାଏ । ତେଣୁ ବର୍ଷକୁ ମୁଁ ପିଲା ଦିନେ ଅପେକ୍ଷା କରି ରହିଥାଏ।

# ଜିଦ୍‌ରୁ ସିଦ୍ଧି

**ଭୁବନେଶ୍ୱର,୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ବାହାରକୁ ନିରୀହ ଜଣାପଡୁଥିଲେ ମଧ୍ୟ ଜିମ୍ନାଷ୍ଟିକ୍ ସେନସେଶନ ଦୀପା କର୍ମକାର ବେଶ୍ ଜିଦଖୋର୍ ଓ ବଦ୍‌ରାଗି। ଏହା ସେ ଓ ତାଙ୍କ କୋଚ୍ ବିଶ୍ୱେଶ୍ୱର ନନ୍ଦୀ ସ୍ୱୀକାର କରିଛନ୍ତି। ତେବେ ଏହି ଜିଦ୍ ଓ ବଦ୍‌ରାଗୀପଣ ତାଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛି। ଏଠାରେ ଅନୁଷ୍ଠିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଯୋଗ ଦେଇ ଦୀପା ଏହି କଥା କହିଥିଲେ। ତେବେ ଏହା ପୂର୍ବରୁ ଦୀପାଙ୍କ କ୍ୟାରିୟର ଓ ସଫଳତାକୁ ନେଇ ଦିଗ୍‌ବିଜୟ ସିଂ ଓ ବିମଲ ମୋହନଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ଦି ସ୍ମଲ୍ ଓ୍ୱାଣ୍ଡର’ର ପ୍ରଚ୍ଛଦ ପୃଷ୍ଠ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଦୀପା ଓ ନନ୍ଦୀ ଜିମ୍ନାଷ୍ଟିକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଭାରତର ପ୍ରଥମ ମହିଳା ଜିମ୍ନାଷ୍ଟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଦୀର୍ଘ ୫୨ ବର୍ଷ ପରେ ଭାରତର ପ୍ରଥମ ଜିମ୍ନାଷ୍ଟ ଭାବେ ସେ ଅଲିମ୍ପିକ୍ (୨୦୧୬ ରିଓ)ରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ଦୀପା ଏଥିସହିତ ନିଜ ରାଜ୍ୟ ତ୍ରିପୁରାକୁ କେବଳ ଭାରତରେ ନୁହଁ ସାରା ବିଶ୍ୱରେ ପରିଚିତ କରାଇଛନ୍ତି। ଦେଶର ଅନ୍ୟସ୍ଥାନରେ ଜିମ୍ନାଷ୍ଟିକକୁ ନେଇ ସେତେଟା କ୍ରେଜ୍ ନାହିଁ। କିନ୍ତୁ ତ୍ରିପୁରା ଭଳି ଗୋଟିଏ ଛୋଟିଆ ରାଜ୍ୟରେ ଜିମ୍ନାଷ୍ଟିକକୁ ନେଇ ପୁରୁଣା ସଂସ୍କୃତି ବଜାୟ ରହିଛି। ଦୀପାଙ୍କ ସଫଳତା ପରେ ଏହି ସଂସ୍କୃତି ଆଗକୁ ବଢିବ ବୋଲି ନନ୍ଦୀ କହିଛନ୍ତି। ମାତ୍ର ୪ ଫୁଟ୍ ୧୧ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଦୀପାଙ୍କ ପ୍ରଥମ ଗୁରୁ ହେଉଛନ୍ତି ନନ୍ଦୀଙ୍କ ପତ୍ନୀ ସୋମା ନନ୍ଦୀ। ମାତ୍ର ୬ ବର୍ଷ ବୟସରେ ସେ ସୋମାଙ୍କଠାରୁ ପ୍ରଶିକ୍ଷଣ ନେଇଛନ୍ତି। ତ୍ରିପୁରାରେ ଜିମ୍ନାଷ୍ଟିକ୍‌ର ଯଥେଷ୍ଟ ଲୋକପ୍ରିୟତା ରହିଛି। ଭାରତୀୟ ଜିମ୍ନାଷ୍ଟିକ୍‌ର ଜନକ ଦିଲୀପ ସିଂ ମଧ୍ୟ ଏହି ରାଜ୍ୟର। ଦୀପାଙ୍କ ପୂର୍ବରୁ ମଧ୍ୟ ତ୍ରିପୁରାରେ ବହୁ ପ୍ରତିଭା ସମ୍ପର୍ଣ୍ଣ ଜିମ୍ନାଷ୍ଟ ରହିଛନ୍ତି। ତେବେ ଆନ୍ତର୍ଜାତିକସ୍ତରରେ ଏମାନେ ପଦକ ଜିତିପାରି ନ ଥିବାରୁ ଅଜଣା ହୋଇ ରହିଥିଲେ ବୋଲି ଦୀପା କହିଛନ୍ତି। ପଦକ ହିଁ ଜଣେ କ୍ରୀଡ଼ାବିତ୍‌ଙ୍କୁ ଲୋକପ୍ରିୟ କରାଇଥାଏ। ପୂର୍ବରୁ ତ୍ରିପୁରାରେ ଜିମ୍ନାଷ୍ଟିକ୍‌ରେ ପୁଅମାନଙ୍କୁ ଅଗ୍ରାଧିକାର ଦିଆଯାଇଥାଏ। ଏବେ କିନ୍ତୁ କଥା ବଦଳିଛି ବୋଲି ଦୀପା କହିଛନ୍ତି। ଏବେ ଜଣେ ଝିଅ ପାଇଁ ତ୍ରିପୁରା ସାରା ବିଶ୍ୱରେ ପରିଚୟ ପାଇଛି ବୋଲି କୋଚ୍ ନନ୍ଦୀ କହିଛନ୍ତି।





ଦୀପା କର୍ମକାର

ଜିମ୍ନାଷ୍ଟିକ ଆଦୌ ସହଜ ନୁହଁ, କିନ୍ତୁ ଅସମ୍ଭବ ନୁହଁ ବୋଲି ନନ୍ଦୀ କହିଥିଲେ।

ପିତା ଦୁଲାଲ କର୍ମକାର ଜଣେ ଭାରୋତ୍ତଳକ କୋଚ୍ ହୋଇଥିଲେ ମଧ୍ୟ ଦୀପା ଜିମ୍ନାଷ୍ଟିକ୍‌କୁ ଆପଣେଇଥିଲେ। ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜୟିନୀ ଭାରୋତ୍ତୋଳିକା କର୍ନମ ମାଲେଶ୍ୱରୀ ମୋର ଫେଭରାଇଟ୍ ଆଥଲେଟ ବୋଲି ଦୀପା କହିଛନ୍ତି। ଆସନ୍ତା ମାସରେ ଦୀପା ଅଲିମ୍ପିକ୍ କ୍ୱାଲିଫାଇଙ୍ଗ୍ ଖେଳିବାକୁ ବିଦେଶ ଯିବେ।

ଓଡ଼ିଆ ତାରକା ଜିମ୍ନାଷ୍ଟ ରାକେଶ ପାତ୍ରଙ୍କୁ ନନ୍ଦୀ ବେଶ୍ ପ୍ରଶଂସା କରିଥିଲେ। ତେବେ ଓଡ଼ିଶାରେ ଜିମ୍ନାଷ୍ଟିକ୍‌ର ସଂସ୍କୃତି ବେଶ୍ ପୁରୁଣା। ଜିମ୍ନାଷ୍ଟିକକୁ ଆଗକୁ ନେବାକୁ ହେଲେ ସରକାରଙ୍କୁ ପ୍ରୟାସ କରିବାକୁ ହେବ। ଏଥିପାଇଁ ଅର୍ଥ ବ୍ୟୟ କରିବାକୁ ସରକାର ଆଦୌ ପଛେଇବା ଉଚିତ୍ ନୁହଁ ବୋଲି ସେ ମତ ଦେଇଥିଲେ। ସରକାରଙ୍କ ପ୍ରୟାସ ଜାରି ରହିଲେ ଓଡ଼ିଶାରେ ଆହୁରି ୧୦ ଜଣ ରାକେଶ ପାତ୍ର ସୃଷ୍ଟି ହେବେ ବୋଲି ନନ୍ଦୀ କହିଥିଲେ। ଅଲିମ୍ପିକ୍ସ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ବୋଲି ଦୀପା ଶେଷରେ କହିଥିଲେ। କିଛି ଦିନ ପୂର୍ବରୁ ଇଞ୍ଜୁରିରୁ ଫେରିବା ପରେ ସେ ପୁଣି ଅଭ୍ୟାସ ଆରମ୍ଭ କରିଛନ୍ତି। ଜିମ୍ନାଷ୍ଟିକ୍‌ରେ ଆହତ ହେବାର ସମ୍ଭାବନା ବେଶି। ତେଣୁ ବିପଦ ଥାଏ। ତେବେ ରିସ୍କ ନେଇ ଆଗକୁ ବଢ଼ିବାକୁ ହୋଇଥାଏ ବୋଲି ଦୀପା ଶେଷରେ କହିଥିଲେ।

## ରାହାନେଙ୍କ ମତ

ପ୍ରଶ୍ନ- କେଉଁ ଭାରତୀୟ ବୋଲରଙ୍କୁ ସାମ୍ନା କରିବାକୁ ଭୟ କରନ୍ତି?
ରାହାନେ- ଯଶପ୍ରୀତ୍ ବୁମ୍‌ରା
ପ୍ରଶ୍ନ-ସବୁଠାରୁ ଦ୍ରୁତତମ ବୋଲର?
ରାହାନେ- ଉମେଶ ଯାଦବ
ପ୍ରଶ୍ନ- ଭାରତୀୟ ଦଳରେ ଶ୍ରେଷ୍ଠ ବନ୍ଧୁ?
ରାହାନେ- ରୋହିତ୍ ଶର୍ମା
ପ୍ରଶ୍ନ- କ୍ରିକେଟ ବାଦ୍ ପସନ୍ଦର ଖେଳ?
ରାହାନେ- ଟେନିସ୍
ପ୍ରଶ୍ନ- କ୍ରିକେଟରେ ବିରାଟ କୋହଲି କ’ଣ?
ରାହାନେ- ମ୍ୟାଚ୍ ବିଜେତା
ପ୍ରଶ୍ନ- ଯଶପ୍ରୀତ୍ ବୁମ୍‌ରା?
ରାହାନେ- ଡେଥ୍ ଓଭର ସ୍ପେଶାଲିଷ୍ଟ
ପ୍ରଶ୍ନ- ପୃଥ୍ୱୀ ଶ’ଙ୍କୁ ପରାମର୍ଶ କ’ଣ ରହିବ?
ରାହାନେ- ନିଜ ଉପରେ ଭରସା ରଖ।

# ‘ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦିଆଯାଉ’

**ଭୁବନେଶ୍ୱର, ୩।୧୧:** ବର୍ତ୍ତମାନର ବ୍ୟସ୍ତବହୁଳ ସମୟରେ କ୍ରିକେଟର ସବୁଠୁ ପୁରୁଣା ଫର୍ମାଟ୍ ଟେଷ୍ଟ ପ୍ରତି କ୍ରୀଡ଼ାପ୍ରେମୀଙ୍କ ଆଗ୍ରହ ଆସ୍ତେ ଆସ୍ତେ କମିଆସିଲାଣି। ଲୋକମାନେ ୫ ଦିନ ଧରି ଷ୍ଟାଡିୟମ କିମ୍ବା ଟିଭି ସମ୍ମୁଖରେ ବସି ଟେଷ୍ଟ ମ୍ୟାଚ୍ ଦେଖିବାକୁ ଆଉ ପସନ୍ଦ କରୁନାହାନ୍ତି। ଏପରିସ୍ଥଳେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ୍ ଟି୨୦ର ଆବିର୍ଭାବ ମଧ୍ୟ ଟେଷ୍ଟ କ୍ରିକେଟ ପ୍ରତି ଲୋକଙ୍କ ବିମୁଖତାର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଦିନକୁ ଦିନ ଟେଷ୍ଟ ମ୍ୟାଚ୍‌ରେ ଦର୍ଶକଙ୍କ ସଂଖ୍ୟା କମି କମି ଯାଉଥିବାବେଳେ ଏହା ଲୋକପ୍ରିୟତା ମଧ୍ୟ ହରାଇବାରେ ବସିଛି। କ୍ରିକେଟର ଏହି ଗୁରୁତ୍ୱପୂର୍ଣ୍ଣ ଫର୍ମାଟ୍‌କୁ ବଞ୍ଚାଇ ରଖିବା ଲାଗି ଜୋର୍‌ଦାର ପ୍ରୟାସ ଚାଲିଛି। ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଏସିଆର ସର୍ବପ୍ରଥମ ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଟେଷ୍ଟ କ୍ରିକେଟକୁ କେଉଁଭଳି ବଞ୍ଚାଇ ରଖାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା।

ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ତିମ ତଥା ୨ୟ ଦିବସର ଶେଷ ବିଷୟ ‘ସେଭ୍ ଦି ଟେଷ୍ଟ କ୍ରିକେଟ’ ଉପରେ ଅତିଥିଭାବେ ଯୋଗଦେଇ ଭାରତୀୟ ଟେଷ୍ଟ ଦଳର ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ନିଜ ମତ ରଖିଥିଲେ। ଟେଷ୍ଟ ମ୍ୟାଚ୍‌ରେ ଦର୍ଶକଙ୍କ ସଂଖ୍ୟା ଓ ଲୋକପ୍ରିୟତା କମିଯାଉଥିବା ପ୍ରଶ୍ନରେ ରାହାନେ କହିଥିଲେ, ‘ଫ୍ୟାନଙ୍କ ଯୋଗୁ ଆମେ ଗତ କିଛିବର୍ଷ ହେବ ଟେଷ୍ଟରେ ଏକ ନମ୍ବର ମାନ୍ୟତା ବଜାୟ ରଖିଛୁ। ମ୍ୟାଚ୍ ସମୟରେ ଆମକୁ ଉତ୍ସାହିତ କରିବାରେ ଦର୍ଶକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ତେଣୁ ଯେଉଁଠାରେ ଟେଷ୍ଟ ମ୍ୟାଚ୍ ଆୟୋଜିତ ହେଉଛି ସେଠାରେ ସ୍କୁଲ ପିଲାଙ୍କ ଲାଗି ମାଗଣା ପ୍ରବେଶ ବ୍ୟବସ୍ଥା କରାଇବା ଆବଶ୍ୟକ। ସେହିଭଳି ଯଦି ସେମାନଙ୍କ ଲାଗି ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ଆୟୋଜନ କରାଯାଆନ୍ତା ତେବେ ଅଧିକରୁ ଅଧିକ ମାତ୍ରାରେ ସ୍କୁଲ ପିଲା ମ୍ୟାଚ୍ ଉପଭୋଗ କରିବାକୁ ଆଗ୍ରହୀ ହୁଅନ୍ତେ। କିଛି ସ୍କୁଲ ପିଲାଙ୍କୁ ମନୋନୀତ କରାଯାଇ ବ୍ରେକ ସମୟରେ ସେମାନଙ୍କୁ ଫେଭରାଇଟ୍ ଖେଳାଳିଙ୍କ ସହ ମିଶିବାର ସୁଯୋଗ ଦିଆଯାଉ। ଅପରପକ୍ଷରେ ଆଗାମୀ ପିଢ଼ିର ଯୁବ କ୍ରିକେଟରଙ୍କ ମନରେ ଟେଷ୍ଟ କ୍ରିକେଟ ପ୍ରତି ଧାରଣା ସୃଷ୍ଟି କରାଯିବା ଆବଶ୍ୟକ। ଫଳରେ ଭବିଷ୍ୟତରେ ମଧ୍ୟ ସେମାନେ ଏହି ଫର୍ମାଟ୍ ପ୍ରତି ରୁଚି ବଜାୟ ରଖନ୍ତେ’ ବୋଲି ରାହାନେ କହିଛନ୍ତି। ସେହିଭଳି ଘରୋଇ କ୍ରିକେଟରେ ୧୬ ଓ ୧୯ ବର୍ଷରୁ କମ୍ ଜୁନିୟରସ୍ତରରେ ଯେଉଁ କ୍ରିକେଟର ପ୍ରଭାବୀ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ପୁରସ୍କୃତ କରାଯିବା ଆବଶ୍ୟକ। ମ୍ୟାଚ୍‌ରେ ଉଲ୍ଲେଖନୀୟ ଇନିଂସ କିମ୍ବା ବୋଲିଂ କରୁଥିବା ଖେଳାଳିଙ୍କର ଗଣମାଧ୍ୟମ ସହଯୋଗରେ ସ୍ୱତନ୍ତ୍ର ଲେଖା ବାହାର କରି ସେମାନଙ୍କୁ ହାଇଲାଇଟ୍ କରାଯିବା ଦରକାର। ଫଳରେ ଭବିଷ୍ୟତରେ ଆହୁରି ଭଲ ପ୍ରଦର୍ଶନ ପାଇଁ ସେମାନଙ୍କୁ ଏହି ଲେଖା ପ୍ରେରଣା ଦିଅନ୍ତା’ ବୋଲି ମୁମ୍ବାଇର ଏହି ଷ୍ଟାଇଲିଶ ବ୍ୟାଟ୍ସମ୍ୟାନ ପ୍ରକାଶ କରିଛନ୍ତି। ସେହିଭଳି ପିଙ୍କ୍ ବଲ୍‌କୁ ନେଇ ରାହାନେ ମଧ୍ୟ ନିଜ ମତ ରଖିଛନ୍ତି। ‘କେଉଁ ସ୍ଥାନରେ ମ୍ୟାଚ୍ ଖେଳାଯାଉଛି, ସେଠାକାର ପରିବେଶ, କାକର ସମସ୍ୟା ଆଦିକୁ ନଜରରେ ରଖି ପିଙ୍କ୍ ବଲରେ ମ୍ୟାଚ୍ ଖେଳାଯିବ କି ନାହିଁ ତାହା ନିଷ୍ପତ୍ତି ନିଆଯିବା ଆବଶ୍ୟକ। ଭାରତର ଘରୋଇ କ୍ରିକେଟରେ ମଧ୍ୟ ଏହି ବଲ୍‌ର ବ୍ୟବହାର ହୋଇସାରିଛି’ ବୋଲି ରାହାନେ ଏହି ଅବସରରେ ପ୍ରକାଶ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ପୂଜାରା ଧୈର୍ଯ୍ୟର ପରାକାଷ୍ଠା ଦେଖାଇ ୫୦୦ରୁ ଊର୍ଦ୍ଧ୍ୱ ବଲରେ ଖେଳିଥିବା ଦ୍ୱିଶତକୀୟ ଇନିଂସକୁ ରାହାନେ ଏହି ଅବସରରେ ବେଶ୍ ତାରିଫ୍ କରିବା ସହ ଯୁବ କ୍ରିକେଟରଙ୍କ ଲାଗି ସେ ପ୍ରେରଣା ବୋଲି କହିଥିଲେ। ନିକଟରେ ବିଜୟ ହଜାରେ ଟ୍ରଫି ଓ ଦେଓଧର ଟ୍ରଫି ପରି ୫୦ ଓଭର ବିଶିଷ୍ଟ କ୍ରିକେଟ ଟୁର୍ନାମେଣ୍ଟ ଖେଳିଥିବାରୁ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ସହ ୨୦୧୯ ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିବାର ନେଇ ରାହାନେ ଆଶାବାଦୀ ରହିଛନ୍ତି।

–ତୁଷାର କୁମାର ସେନାପତି



ଅଜିଙ୍କ୍ୟ ରାହାନେ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୪ ନଭେମ୍ବର, ୨୦୧୮



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଦେବଗଡରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଦେବଗଡ, ୩।୧୧(ସ୍ୱ.ପ୍ର) ଦେବଗଡ ପୌରାଞ୍ଚଳରେ ବିଶ୍ୱ ମିତବ୍ୟୟିତା ଦିବସ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ନାରାୟଣ ନାଏକଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ମ୍ୟୁନିସିପାଲିଟି ଓ କଚେରୀ ସାହି ପ୍ରାଥମିକ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ମ୍ୟୁନିସିପାଲିଟି ଅଫିସରୁ ବାହାରି କାରଗିଲ୍ ଛକ, ଟ୍ରାଫିକ ଛକ, ପ୍ରାଇଭେଟ ବସଷ୍ଟାଣ୍ଡ, ପୋଷ୍ଟ ଅଫିସ ଛକ ଦେଇ ମିତବ୍ୟୟିତା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ସହ ଏକ ସଚେତନତା ରଥ ପରିକ୍ରମା କରିଥିଲା। ଏଥିରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତରୁଲତା ପୂଜାରୀ, ଫକୀର ମହାପାତ୍ର, ଅମିତ ମିଶ୍ର, ପ୍ରଭଞ୍ଜନ ଅମାନ୍ତ, କୁନ୍ତଳା ପ୍ରଧାନ, ରଶ୍ମିରେଖା ସାହୁ, ରଶ୍ମିତା ପ୍ରଧାନ, ଡିଏସଏସଓ ର କିରାଣୀ ନନ୍ଦିନୀ ନାୟକ, ସୁମନ କୁମାର ଜିତ୍ ପ୍ରମୁଖ ସହଯୋଗ କରିଥିଲେ।

ବାରକୋଟ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ

# ମରୁଡ଼ି ଅଞ୍ଚଳ ଘୋଷଣା ଦାବି ଉଠିଲା



ବାରକୋଟ ପଞ୍ଚାୟତ ସମିତିର ସାଧାରଣ ବୈଠକରେ ଉପସ୍ଥିତ ଅଧିକାରୀ, ଲୋକପ୍ରତିନିଧି।

**ବାରକୋଟ, ୩।୧୧ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ବୈଠକ ବ୍ଲକସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁବାସିନୀ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଡିଓ ଟୁଟୁ ମେହେର ସଭା ପରିଚାଳନା କରିଥିଲେ। ବୈଠକରେ ଉପାଧକ୍ଷ ହରମୋହନ ପାଣି, ଜିଲା ପରିଷଦ ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ, ଏମଏଲଏ ନମିନି ଅରୁଣ କୁମାର ସାହୁ, ଜିଲାପରିଷଦ ସଭ୍ୟ ଦାଶରଥି କିସାନ, ଏଇ ତେଜରାଜ ଧରୁଆ, ଜିପିଓ କିଶୋର ନାଏକ ମଞ୍ଚାସୀନ ଥିଲେ । ବୈଠକରେ ପୂର୍ବ ବୈଠକର ବିବରଣୀକୁ ଗ୍ରାମ ସମ୍ପ୍ରସାରଣ ଅଧିକାରୀ କିଶୋର ନାଏକ ପଠନ କରିବା ପରେ ଏହା ଠିକ ଥିବାରୁ ସର୍ବସମ୍ମତିକ୍ରମେ ଦୃଢ଼ୀକରଣ କରାଯାଇଥିଲା। ବୈଠକରେ କୃଷି, ଶିକ୍ଷା, ପାନୀୟ ଜଳ, ପଶୁ ସମ୍ପଦ, ଜଙ୍ଗଲ ସମ୍ପଦ, ଶିଶୁ ଓ ମହିଳା ବିକାଶ ଉପରେ ଆଲୋଚନା ହୋଇଥିଲା। ବସାଲଇ ଏବଂ କଣ୍ଟାପାଲି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ନିମ୍ନମାନର ଛତୁଆ ତିଆରି ଉପରେ ଅଭିଯୋଗ କରିଥିଲେ । ପୂର୍ବ ବୈଠକର ଆଲୋଚନା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗୃହରେ ଉଦବେଗ ପ୍ରକାଶ ପାଇଥିଲା। ବଂପରଡା ସରପଞ୍ଚ ପର୍ଶୁରାମ କିଷାନ କଟ୍ରାପାଲି ୟୁଜି ଏମଇ ସ୍କୁଲର ଶିକ୍ଷକଙ୍କ ଅଭାବରୁ ଶିକ୍ଷାଦାନରେ ବ୍ୟାହତ ହେଉଥିବା ଅଭିଯୋଗ କରିଥିଲେ। ସରକାରଙ୍କ ତରଫରୁ ଦେବଗଡ ଜିଲାର ତିଲେଇବଣି ବ୍ଲକକୁ ମରୁଡି ଘୋଷଣା କରାଯାଇଥିବାବେଳେ ବାରକୋଟ ବ୍ଲକକୁ ମଧ୍ୟ ମରୁଡି ଘୋଷଣା କରିବାକୁ ଦାବି ହୋଇଥିଲା । ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ତଥା ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ଶେଷରେ ଜିପିଓ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

**ଦେବଗଡ, ୩।୧୧(ସ୍ୱ.ପ୍ର)**

ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡିୟମସ୍ଥିତ ଇଣ୍ଡୋର୍ ହଲ୍‌ରେ ଜିଲା କ୍ରୀଡା କାର୍ଯ୍ୟାଳୟ ତରଫରୁ ବୁଧବାର ଜିଲାସ୍ତରୀୟ ଯୁବ ମହୋତ୍ସବ ଓ ଚୟନ ଶିବିର ଉଦ୍‌ଘାଟିତ ହୋଇଥିବାବେଳେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର, ଜିଲା ସାଂସ୍କୃତିକ ସଂଯୋଜକ ଦିଲୀପ ଗୁରୁ, ମାର୍କଣ୍ଡେଶ୍ୱର ଶତପଥୀ, ହେମନ୍ତ କୁମାର ମହାପାତ୍ର, ଡିସିପିଓ ରୋମିଓ ମହାପାତ୍ର, ସୁମିତ୍ରା ପୁରୋହିତ, ନରେଶ ବେହେରା, ଶୁଭଶ୍ରୀ ଦେବ ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଚୟନ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଚୟନ କାର୍ଯ୍ୟକ୍ରମରୁ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ୧୮ରୁ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଜିଲାରୁ ପ୍ରତିନିଧିତ୍ୱ କରିବେ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏକକ ଅଭିନୟ, ଓଡିଶୀ, ଇଲୋକେସନ, ତବଲା ବାଦନ, ମୃଦଙ୍ଗ ବାଦନ ପ୍ରତିଯୋଗିତା ହୋଇଥିଲା।




ଜିଲାସ୍ତରୀୟ ଯୁବ ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଦୁର୍ନୀତି ନିବାରଣ ସପ୍ତାହ ପାଳନ

## ଅନ୍ତିମ ଦିନରେ ଶୋଭାଯାତ୍ରା

**ଦେବଗଡ,୩।୧୧(ସ୍ୱ.ପ୍ର.)**

ସୁନାମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହର ବିଭିନ୍ନ ଦିନରେ ଶପଥପାଠ, ପ୍ରଶ୍ନୋତ୍ତରୀ,ବକ୍ତୃତା ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶନିବାର ସପ୍ତାହ ପାଳନର ଶେଷ ଦିନରେ ଏକ ଜନ ସଚେତନତା ଶୋଭାଯାତ୍ରା ବାହାରିଥିଲା। ସ୍କୁଲର ଅଧକ୍ଷ ତାପସ କୁମାର ଚଟୋପାଧ୍ୟାୟ ସବୁଜ ପତାକା ଦେଖାଇ ଏହାକୁ ଉଦଘାଟନ କରିଥିଲେ । ଓଡିଆ ଅଧ୍ୟାପକ ଡ. ସୁରେନ୍ଦ୍ରନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ସୁନାମୁଣ୍ଡା ଗ୍ରାମ ପରିକ୍ରମା କରିବା ସହିତ ହାତରେ ପ୍ଲାକାର୍ଡ, ବ୍ୟାନର ସହ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ଦୁର୍ନୀତି ହଟାଇବା ନେଇ ସଚେନତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧ୍ୟାପକ ଜଗଦିଶ ପାତ୍ର, ରସାୟନ ବିଜ୍ଞାନ ଅଧ୍ୟାପିକା ନିର୍ମାଳାଦେବୀ ଲାକ୍ରା,ଇତିହାସ ଅଧ୍ୟାପକ ତେଜସିଂହ ,ହିନ୍ଦି ଅଧ୍ୟାପକ ମହୀତାପ ସିଂହ ଦୁବେ, ଷ୍ଟାଫ ନର୍ସ ତଥା ମାଟ୍ରନ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ହକି ଲିଗ୍ ଉଦ୍‌ଘାଟିତ

## ଯୋଗଦେବେ ୩୨ ଟିମ୍




ହକି ଲିଗ୍ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଦେବଗଡ, ୩।୧୧(ସ୍ୱ.ପ୍ର)**

ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଅଧୀନ ସ୍ଥାନୀୟ ଖେଳପଡିଆରେ ତିଲେଇବଣି ସ୍ପୋର୍ଟସ ଏଣ୍ଡ୍ ୟୁଥ ଆସୋସିଏସନ୍ ଆନୁକୂଲ୍ୟରେ ୪ ଦିନିଆ ହକି ଲିଗ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶନିବାର ୨ୟ ଦିନ ଖେଳ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୨ଟି ହକି ଟିମ୍ ଯଥା କୁମଡପାଲି, ମୁଣ୍ଡଗୋହିରା, କଣ୍ଟେଇକୁଳି, ଶାନ୍ତିନଗର, କୁମୁରାପାଲି, ଏଏସସି ପ୍ରଭାଶୁଣି, କୋଡଗୁଡା, ରାଇଜିଙ୍ଗ କ୍ଲବ ତିଲେଇବଣି, ବିରୀଗୁଡା, କେନ୍ଦୁଛାପଲ, ରତାଖଣ୍ଡି, ଜିଏମ କ୍ଲବ ପ୍ରଭାଶୁଣି, କରଡାପାଳ, ଆନନ୍ଦ ନଗର, ରାଇପୁର, ରାମଚନ୍ଦ୍ରପୁର, ବାସୁଦେବପୁର, ଫଟାମୁଣ୍ଡା, ବନ୍ଦିଆମୁଣ୍ଡା, ଗଡମଖୋଳ, ଡିମିରିକୁଦା, ପେଣ୍ଡେରାଖୋଳ, ଶିମିଳିଗୁଡା, ରଜାମୁଣ୍ଡା, ବଂସଜୋର ପ୍ରମୁଖ ଗ୍ରାମୀଣ ହକି ଟିମ୍ ଯୋଗଦାନ କରୁଥିବାବେଳେ ପ୍ରଥମ ଦିନରେ ୧୬ଟି ଟିମ୍ ପରସ୍ପର ଭିତରେ ଲିଗ ରାଉଣ୍ଡ ମ୍ୟାଚ ଖେଳିଥିଲେ। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୀମସେଣ୍ଟ ପୁନମକାନ୍ତ ଏକ୍କା ଯୋଗଦେଇ ଆନୁଷ୍ଠାନିକ ଭାବେ ଦୀପ ପ୍ରଜ୍ୱଳନ ଏବଂ ଫିତା କାଟି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ଜିପିଓ କସମସ୍ ତିର୍କୀ, ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ତିଲେଇବଣି ସ୍ପୋର୍ଟସ ଏଣ୍ଡ୍ ୟୁଥ ଆସୋସିଏଶନ୍‌ର ପ୍ରେମୁସ ଖାଖା, ସମ୍ପାଦକ ସୁଶୀଲ ଜୟସ୍ୱାଲଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରୁଥିବା ଜଣାପଡିଛି।

## ଦେବଗଡ ସହରରେ ବିଜେଡି ଜନସମ୍ପର୍କ ପଦଯାତ୍ରା

**ଦେବଗଡ,୩।୧୧(ସ୍ୱ.ପ୍ର)**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ସଭାପତି ସୁଧୀର କପରଦାର, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାର ୩ଟି ଯାକ ବ୍ଲକର ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆୟୋଜିତ ପଦଯାତ୍ରା ସହିତ ପଥପ୍ରାନ୍ତ ସଭା ମାଧ୍ୟମରେ ଓଡିଶା ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେବା ସହ ଲିଫ୍‌ଲେଟ ବଣ୍ଟନ କରି ଗାଁ ଲୋକଙ୍କୁ ସଚେତନ କରାଇ ଲୋକଙ୍କ ଆସ୍ଥା ଭାଜନ ହେବାକୁ ପ୍ରୟାସ କରିଥିଲେ। ଦେବଗଡ ସହରରେ ଅପରାହ୍ନରେ ଏକ ବାଇକ ରାଲିର ଆୟୋଜନ କରାଯାଇଥିଲା। ପରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଏକ ପଥପ୍ରାନ୍ତ ସଭା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିବା ସହ ଜିଲାରେ ଦେଖାଦେଇଥିବା ବିଭିନ୍ନ ସମସ୍ୟାର କିପରି ସମାଧାନ ହୋଇପାରିବ ସେନେଇ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବିଭୂତି ଗଙ୍ଗଦେବ, ଦେବେନ୍ଦ୍ର ବେହେରା, ବରିଷ୍ଠ ବିଜେଡି ନେତା ଇଂ ଚିତ୍ତରଞ୍ଜନ ପ୍ରଧାନ, ଇଂ ବିଷ୍ଣୁପ୍ରସାଦ ଅମାତ୍ୟ, ତିଲେଇବଣି ବ୍ଲକ ଉପାଧକ୍ଷ ଭୂପେନ୍ଦ୍ର ପ୍ରସାଦ ନାୟକ, ଚନ୍ଦ୍ରଶେଖର ଭୁକ୍ତା, ଜିଲା ସମ୍ପାଦକ ହିମାଂଶୁ ଶେଖର ବଡପଣ୍ଡା, କୋଷାଧକ୍ଷ ମନୋଜ ପ୍ରଧାନ, ଟାଉନ ସଭାପତି ଆଲୋକ ଅମାନ୍ତ, ଶରତ ମେହେର, ବିକାଶ ମିଶ୍ରଙ୍କ ସମେତ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

ପାନୀୟଜଳ ଓ ପରିମଳ ସମ୍ବନ୍ଧୀୟ ସମୀକ୍ଷା ବୈଠକ

## ଜଳଯୋଗାଣ ପ୍ରକଳ୍ପ ଅଗ୍ରଗତି ନେଇ ଆଲୋଚନା

**ଦେବଗଡ,୩।୧୧(ସ୍ୱ.ପ୍ର)**

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଏକ ସମୀକ୍ଷା ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଭୀନସେଣ୍ଟ ପୁନମକାନ୍ତ ଏକ୍କା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ଦାଶ ମଞ୍ଚାସୀନ ଥିଲେ। ବୈଠକରେ ଜିଲାପାଳ ସାମଲ ଜିଲାରେ କାର୍ଯ୍ୟକାରୀ ହେଉଥିବା ୯୫ଟି ପାନୀୟ ଜଳଯୋଗାଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଉପସ୍ଥିତ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇଦେବା ନିମନ୍ତେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଅଚଳ ହୋଇ ପଡିଥିବା ପ୍ରକଳ୍ପଗୁଡିକର ଶୀଘ୍ର ମରାମତି କରି ସେଗୁଡିକ ଚଳନକ୍ଷମ କରିବାକୁ ପରାମର୍ଶ ଦେଇଥିଲେ। ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ପରିମଳ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ଉପରେ ସମୀକ୍ଷା କରି ଗ୍ରାମାଞ୍ଚଳର ସମସ୍ତ ପରିବାର ଯେଭଳି ଶୌଚାଳୟ ବ୍ୟବହାର କରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଗ୍ରାମାଞ୍ଚଳର ସ୍କୁଲ ଏବଂ ଅଙ୍ଗନୱାଡିକେନ୍ଦ୍ରଗୁଡିକ ପରିମଳ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ୍ ସାହୁ, ଜିଲା ମରାମର୍ଶଦାତା କୁମୁଦ ଚନ୍ଦ୍ର ଶତପଥୀ, ପ୍ରଶାନ୍ତ ସାମଲ, ଜିଲା ସଂଯୋଜିକା ଅନୀଲ ପ୍ରିୟଦର୍ଶିନୀ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**Cancellation Notice**
**of**
**Bid Identification No. CCE, KIP(KCD)-02/2018-19 of**
**e PROCUREMENT NOTICE NO. CCE, KIP-03/2018-19 (Online)**

**No.703-A:-** The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

**Sd./- Chief Construction Engineer,**
**Kanupur Irrigation Project, Basudevpur**
32012/11/0016/1819

**Bhubaneswar Smart City Limited**
**Block-1, II-Floor, BMC-Bhawani Mall,**
**Bhubaneswar-751007**
No. 5458 Date: 02.11.2018

**Corrigendum to Tender Call Notice Vide bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

*Sd./- Chief Executive Officer*
*Bhubaneswar Smart City Limited*
13070/11/0035/1819

**NOTIFIED AREA COUNCIL, PURUSHOTTAMPUR (GM.)**
**Email: purushottampurnac@gmail.com, Ph. No. 06811-275333**
Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*

**Odisha State Medical Corporation Limited (OSMC)**
Assuring Quality, Saving Lives
**In front of Ram Mandir, Convent Square, Unit – III,**
**Bhubaneswar -751 001**
**Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**
**Date: 02.11.2018**

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments) 09.11.2018, 3 PM (Glucometer) **Venue:** Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time | End Date & Time |
| | | 15.11.2018, 3 PM (Plastic Surgery & Glucometer) 16.11.2018, 3 PM (Warehouse Equipments) | 30.11.2018, 5 PM (Warehouse Equipments) 01.12.2018, 5 PM (Glucometer) 03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments) 05.12.2018 11 AM (Glucometer) 07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./-**
**Managing Director**
**OSMC Ltd., Odisha**
**10112/11/0046/1819**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

*Sd./- Dr. Siva Prasad Padhi*
*Chief District Medical &*
*Public Health Officer, Rayagada*
10035/11/0018/1819

**DIRECTORATE OF SECONDARY EDUCATION**
**6th Floor, Heads of Departments Building, Unit-V, Bhubaneswar, 751001**
Email: dseorissaedn@yahoo.com
**REQUEST FOR PROPOSALS (RFP)**
53-N
Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*

## ସଂକ୍ଷେପରେ

### ୧୦ ଉଇକେଟ ନେଲେ ସିଦାକ ସିଂ

**ମୁମ୍ବାଇ,୩।୧୧:** ଚଳିତ ଘରୋଇ ସିଜନରେ ପ୍ରଥମ ଥର ଅଂଶଗ୍ରହଣ କରିଥିବା ପୁଡୁଚେରୀ ଦଳ ସ୍ପିନର ସିଦାକ ସିଂ ଶନିବାର ଘରୋଇ କ୍ରିକେଟରେ ଇତିହାସ ସୃଷ୍ଟି କରିଛନ୍ତି। ୨୦୧୫ରେ ମୁମ୍ବାଇ ପକ୍ଷରୁ ୭ ଟି୨୦ ମ୍ୟାଚ୍ ଖେଳିଥିବା ବାମହାତୀ ସ୍ପିନର ସିଦାକ ସି.କେ. ନାଇଡୁ ଟ୍ରଫି ୨୩ ବର୍ଷରୁ କମ୍ ଟୁର୍ନାମେଣ୍ଟର ମଣିପୁର ବିପକ୍ଷ ମ୍ୟାଚ୍‌ରେ ଅନୀଲ କୁମ୍ବଲେଙ୍କ ସଫଳତାକୁ ଦୋହରାଇଛନ୍ତି। ୧୯ ବର୍ଷୀୟ ବୋଲର ଇନିଂସରେ ସମସ୍ତ ଉଇକେଟ ନେଇଛନ୍ତି। କେବଳ ତାଙ୍କ ଯୋଗୁ ମଣିପୁର ଦଳ ୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସେ ୧୭.୫ ଓଭର ବୋଲିଂ କରି ୭ ମେଡନ ସହ ୩୧ ବ୍ୟୟ କରି ୧୦ ଉଇକେଟ ନେଇଛନ୍ତି। ୧୯୯୯ରେ ଫିରୋଜ ଶାହା କୋଟଲାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ୨ୟ ଟେଷ୍ଟରେ ସମସ୍ତ ଉଇକେଟ ନେଇ କୁମ୍ବଲେ ଜିମ ଲାକରଙ୍କ ସହ ସମକକ୍ଷ ହୋଇଥିଲେ। ୩ ବର୍ଷ ପୂର୍ବେ ୧୫ ବର୍ଷୀୟ ସିଦାକ କନିଷ୍ଠ ଖେଳାଳି ଭାବେ ମୁମ୍ବାଇ ପକ୍ଷରୁ ଖେଳିଥିଲେ। ଛୋଟିଆ କ୍ୟାରିୟରରେ ତାଙ୍କୁ ବହୁ ସମସ୍ୟା ସମ୍ମୁଖୀନ ହେବାକୁ ପଡ଼ିଛି। ସନ୍ଦେହଜନକ ବୋଲିଂ ଶୈଳୀ ଯୋଗୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ଏଥିସହ ବିସିସିଆଇ ମ୍ୟାଚ୍ ରେଫରି ସିଦାକଙ୍କୁ ସନ୍ଦେହଜନକ ଶୈଳୀରେ ବୋଲିଂ କରୁଥିବା ଖେଳାଳିଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରିଥିଲେ। କିନ୍ତୁ ଏବେ ବିରଳ ରେକର୍ଡର ଅଧିକାରୀ ହେବା ଯୋଗୁ ସେ ପୁଣି ସିନିୟର ସ୍ତରକୁ ଫେରିପାରିବେ। ସେ ପୁଡୁଚେରୀ ପକ୍ଷରୁ ଚଳିତ ସିଜନର ରଣଜୀ ଟ୍ରଫିରେ ପଦାର୍ପଣ କରିବେ ବୋଲି ଆଶା କରାଯାଉଛି।



❝ ଅଷ୍ଟ୍ରେଲିଆର ଏକ କ୍ଲବରେ ଚେଷ୍ଟା କରି ବିଫଳ ହୋଇଥିଲେ ମଧ୍ୟ ଜଣେ ପ୍ରଫେସନାଲ ଫୁଟ୍‌ବଲର ହେବା ଲାଗି ମୁଁ ଆଶା ଛାଡ଼ି ନାହିଁ ।

–ଉସେନ ବୋଲ୍ଟ, ସୁପରଷ୍ଟାର ସ୍ପ୍ରିଣ୍ଟର



❝ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଦକ୍ଷତା ପ୍ରତିପାଦନ ପାଇଁ ରିଷଭ ପନ୍ତଙ୍କ ଲାଗି ଏକ ବଡ଼ ସୁଯୋଗ ।

–ରୋହିତ ଶର୍ମା
ଭାରତୀୟ କାମଚଳା ଅଧିନାୟକ

# ହରିୟାଣା ପ୍ରଥମ ଇନିଂସ ଅଗ୍ରଣୀ

**ଭୁବନେଶ୍ୱର,୩।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚରେ ହରିୟାଣା ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ କରିଛି। ୧୧୮ରନରେ ପଛୁଆ ଥାଇ ଘରୋଇ ଦଳ ଓଡ଼ିଶା ଶନିବାର ତୃତୀୟ ଦିବସ ଖେଳ ସୁଦ୍ଧା ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ବିନିମୟରେ ୫୦ ରନ କରିଛି। ସନ୍ଦୀପ ପଟ୍ଟନାୟକ (୬ରନ) ଜୟନ୍ତ ଯାଦବଙ୍କ ବଲ୍‌ରେ ଉଇକେଟକିପର ନୀତୀନ ସଇନିଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଛନ୍ତି। ଓପନର ଅନୁରାଗ ଷଡ଼ଙ୍ଗୀ ଏବଂ ଗୋବିନ୍ଦ ପୋଦାର ଯଥାକ୍ରମେ ୧୭ ଓ ୨୨ ରନ କରି ଅପରାଜିତ ରହିଛନ୍ତି। ସକାଳ ସେସନରେ ହରିୟାଣା ଏହାର ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩୯/୩ରୁ ଖେଳ ଆରମ୍ଭ କରିଥିଲା। ଦଳ ଶନିବାର ଆଉ ୨୦୩ ରନ ଯୋଗ କରି ଅଲଆଉଟ ହୋଇଯାଇଥିଲା। ୧୧୩ ରନ କରି ଅପରାଜିତ ରହିଥିବା ହିମାଂଶୁ ରାଣା ଦେବବ୍ରତ ପ୍ରଧାନଙ୍କ ଦ୍ୱାରା ବୋଲ୍ଡ ହେବା ପୂର୍ବରୁ ତାଙ୍କ ବ୍ୟକ୍ତିଗତ ସ୍କୋରକୁ ୧୬୪ରେ ପହଞ୍ଚାଇ ସାରିଥିଲେ। ୩୪ ରନ କରି ଅପରାଜିତ ଥିବା ପ୍ରମୋଦ ଚାଣ୍ଡିଲା ୫୩ ରନ କରିଥିଲେ। ସେ ମଧ୍ୟ ଦେବବ୍ରତଙ୍କ ବଲର ଶିକାର ହୋଇଥିଲେ। ହିମାଂଶୁ ଓ ପ୍ରମୋଦଙ୍କ ମଧ୍ୟରେ ଚତୁର୍ଥ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୧୪୯ରନର ଭାଗୀଦାରି ହୋଇଥିଲା। ଦଳର ଅନ୍ୟତମ ସଫଳ ବ୍ୟାଟ୍ସମ୍ୟାନ ହର୍ଶଲ ପଟେଲ ୭୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଦେବବ୍ରତ ୩ଟି ଉଇକେଟ ଅକ୍ତିଆର କରିଥିବାବେଳେ ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି ଓ ଗୋବିନ୍ଦ ପୋଦାର ୨ଟି ଲେଖାଏଁ ଏବଂ ପପୁ ରୟ ଗୋଟିଏ ଉଇକେଟ ନେଇଥିଲେ।



ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ଗୋବିନ୍ଦ ପୋଦାର ଓ ଅନୁରାଗ ଷଡ଼ଙ୍ଗୀ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୨୪
ହରିୟାଣା ପ୍ରଥମ ଇନିଂସ: ୪୪୨ (ହିମାଂଶୁ ରାଣା-୧୬୪, ଚୈତନ୍ୟ ବିଶ୍ନୋଇ-୭୫, ହର୍ଶଲ ପଟେଲ-୭୨, ପ୍ରମୋଦ ଚାଣ୍ଡିଲା-୫୩; ଦେବବ୍ରତ ପ୍ରଧାନ-୩/୯୬, ଗୋବିନ୍ଦ ପୋଦାର-୨/୫୩, ରାଜେଶ ମହାନ୍ତି-୨/୭୭, ସୂର୍ଯ୍ୟକାନ୍ତ ପ୍ରଧାନ ୨/୧୦୦, ପପୁ ରୟ-୧/୭୬)।
ଓଡ଼ିଶା ଦ୍ୱିତୀୟ ଇନିଂସ: ୫୦/୧(ଗୋବିନ୍ଦ ପୋଦାର-୨୨*, ଅନୁରାଗ ଷଡ଼ଙ୍ଗୀ-୧୭*; ଜୟନ୍ତ ଯାଦବ-୧/୯)।

# ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଟି୨୦ ଆଜି

**କୋଲକାତା, ୩।୧୧ (ପି.ଟି.)**

ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ଏଠାରେ ରବିବାରଠାରୁ ଆରମ୍ଭ ହେବ। ଜାସନ ହୋଲ୍ଡରଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ପୂର୍ବରୁ ଘରୋଇ ଦଳ ପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୦-୨ରେ ପରାଜିତ ହୋଇସାରିଛି। ପରେ ଅନୁଷ୍ଠିତ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ୱେଷ୍ଟଇଣ୍ଡିଜ କିଛିଟା ଚ୍ୟାଲେଞ୍ଜ ଦେଇଥିଲେହେଁ ୧-୩ରେ ହାରିଯାଇଥିଲା। କିନ୍ତୁ ଭ୍ରମଣକାରୀ ଦଳ କାର୍ଲୋସ ବ୍ରାଥୱେଟଙ୍କ ଅଧିନାୟକତ୍ୱରେ ଟି୨୦ରେ ଭାରତକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ୨୦୧୬ରେ ବ୍ରାଥୱେଟ୍ ଏହି ଭେନ୍ୟୁରେ ଇଂଲଣ୍ଡ ବୋଲର ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଲଗାତର ୪ଟି ଛକା ଲଗାଇଥିଲେ। ୱେଷ୍ଟଇଣ୍ଡିଜକୁ ଦ୍ୱିତୀୟ ଥର ଟି୨୦ ବିଶ୍ୱକପ୍ ଜିତାଇଥିଲେ। ଟେଷ୍ଟ ଓ ଦିନିକିଆ ସିରିଜରେ ଖେଳି ନ ଥିବା ୱେଷ୍ଟଇଣ୍ଡିଜର କେତେଜଣ ଷ୍ଟାର ଖେଳାଳି ଆସି ଦଳ ସହିତ ଯୋଗ ଦେଇଛନ୍ତି। ସେମାନେ ହେଲେ ଡାରେନ ବ୍ରାଭୋ, କିରନ ପୋଲାର୍ଡ ଓ ଆଣ୍ଡ୍ରେ ରସେଲ। ଏହି ଖେଳାଳିମାନଙ୍କର ଇଣ୍ଡିଆ ପ୍ରିମିୟର ଲିଗ୍‌ରେ ଯଥେଷ୍ଟ ଅଭିଜ୍ଞତା ରହିଛି। ଇଡେନଗାର୍ଡେନ୍ସ ଏକ ବ୍ୟାଟିଂ ପିଚ୍ ହୋଇଥିବାରୁ ଦୁଇ ଦଳଠାରୁ ଭଲ ସ୍କୋର ଆଶା କରାଯାଉଛି।

**ଭାରତୀୟ ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, କେ.ଏଲ୍ ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ରିଷଭ ପନ୍ତ୍ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, କେ. ଖଲିଲ ଅହମ୍ମଦ।

**ମ୍ୟାଚ ଆରମ୍ଭ: ସନ୍ଧ୍ୟା ୭ଟା।**

**ୱେଷ୍ଟଇଣ୍ଡିଜ:** କାର୍ଲୋସ ବ୍ରାଥୱେଟ୍ (ଅଧିନାୟକ), ଫାବିଏନ୍ ଆଲେନ୍, ଡାରେନ ବ୍ରାଭୋ, ଶିମରନ ହେଟମେର, କିମୋ ପଲ୍, କିରନ ପୋଲାର୍ଡ, ଦୀନେଶ ରାମଦିନ (ଉଇକେଟକିପର), ଆନ୍ଦ୍ରେ ରସେଲ ଶେରଫାନେ, ରଥରଫୋର୍ଡ, ଓସାନେ ଥୋମସ, ଖାରି ପିଏରେ, ଓବେଦ୍ ମ୍ୟାକ୍‌ରୟ, ରୋଭମାନ ପାୱେଲ, ନିକୋଲାସ ପୁରାନ।

# ୧୫ ବର୍ଷରୁ କମ୍ ସାଫ୍ ଫୁଟ୍‌ବଲ: ଭାରତକୁ ବ୍ରୋଞ୍ଜ

**କାଠମାଣ୍ଡୁ, ୩।୧୧ (ପି.ଟି.):** ଭାରତୀୟ ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ୧୫ ବର୍ଷରୁ କମ୍ ସାଫ୍ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛି। ଶନିବାର ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଆୟୋଜକ ନେପାଳକୁ ହରାଇ ଦେଇଛି। ପ୍ରଥମାର୍ଦ୍ଧରେ ଥାଲଚେ ଭାନ୍‌ଲାଲରୁଟଫେଲା କରିଥିବା ଗୋଲ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ଉଭୟ ଦଳ ଦ୍ୱିତୀୟାର୍ଦ୍ଧ ଅପେକ୍ଷା ପ୍ରଥମାର୍ଦ୍ଧରେ ଅଧିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଭାନଲାରୁଟଫେଲା (୧୮ତମ ମିନିଟ୍)ଙ୍କ ବ୍ୟତୀତ ଦୁଇ ଦଳର କୌଣସି ଖେଳାଳି ସଫଳ ହୋଇ ନ ଥିଲେ। ମ୍ୟାଚ୍‌ର ୪୨ତମ ମିନିଟ୍‌ରେ ଭାରତ ନିକଟରେ ଅଗ୍ରଣୀ ବ୍ୟବଧାନକୁ ଡବଲ କରିବାର ସୁବର୍ଣ୍ଣ ସୁଯୋଗ ଥିଲା। ମାତ୍ର ଭାରତୀୟ ଫରୱାର୍ଡ ଖେଳାଳି ବିଫଳ ହୋଇଥିଲେ। ସେହିଭଳି ମ୍ୟାଚ୍‌ର ୭୨ତମ ଓ ୭୭ତମ ମିନିଟ୍‌ରେ ଆୟୋଜକ ଦଳ ଦୁଇଟି ସୁଯୋଗ ହରାଇଥିଲେ।

# ଜିଲାସ୍ତରୀୟ କ୍ରିକେଟ: ବରଗଡ଼ ଚାମ୍ପିୟନ

**ସରଣ୍ଡା,୩।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କୁମେଲସିଂହା ସିଦ୍ଧାର୍ଥ ପବ୍ଲିକ ସ୍କୁଲରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ୧୭ବର୍ଷରୁ କମ୍ କ୍ରିକେଟ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍‌ରେ ବରଗଡ଼ ପ୍ରତିପକ୍ଷ ପଦ୍ମପୁରକୁ ହରାଇ ଚାମ୍ପିୟନ ହୋଇଛି। ବରଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୭ଉଇକେଟ୍ ହରାଇ ୧୬୯ ରନ୍ ସଂଗ୍ରହ କରିଥିଲା । ଜବାବରେ ପଦ୍ମପୁର ୧୫.୩ ଓଭରରେ ମାତ୍ର ୮୭ରନ୍ କରି ଅଲଆଉଟ୍ ହୋଇଥିଲା । ସ୍ୱତନ୍ତ୍ର ସାହୁ, ଭବାନୀ ଶଙ୍କର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । ସେହିପରି ବରଗଡ଼ର ହର୍ଷ ଜୟସ୍ୱାଲ ଶ୍ରେଷ୍ଠ ଉଇକେଟ୍ କିପର, ପଦ୍ମପୁରର ଶୁଭ୍ରାଂଶୁ ପଟ୍ଟନାୟକ ଶ୍ରେଷ୍ଠ ବୋଲର, ବରଗଡ଼ର ଆଶୁତୋଷ ଦାଶ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବରଗଡ଼ର ତରଙ୍ଗ ଶର୍ମା ମ୍ୟାନ ଅଫ ଦି ଫାଇନାଲ ଏବଂ ପଦ୍ମପୁରର ଶାଶ୍ୱତ ପ୍ରଧାନ ମ୍ୟାନ ଅଫ ଦି ସିରିଜ ମନୋନିତ ହୋଇଥିଲେ । ଜିଲା ଶିକ୍ଷା ଅଧିକାର ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ ମୁଖ୍ୟଅତିଥି ଏବଂ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ, ବରଗଡ଼ ବିଇଓ ସୁଧାଂଶୁ ଶେଖର ମିଶ୍ର, ଭେଡ଼େନ ବିଇଓ ମଛିନ୍ଦ୍ର ମଲ୍ଲିକ, ଅତାବିରା ବିଇଓ ରାଜାରାମ ମେହେର, ସିଦ୍ଧାର୍ଥ ଶଙ୍କର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଦ୍ଧାର୍ଥ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ଜି. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଓ ଶିକ୍ଷକ ଅସିତ କୁମାର ଅମାନ୍ତ ମଞ୍ଚ ପରିଚାଳନା କରିଥିଲେ। ଏ. କେ ମାହାଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆ ବ୍ଲୁରେ ସ୍ୱସ୍ତିକ, ୟେଲୋରେ ଶୁଭମ

**କଟକ ଅଫିସ,୩।୧୧**

ନଭେମ୍ବର ୧୦ ତାରିଖରୁ ଲକ୍ଷ୍ନୌଠାରେ ଆରମ୍ଭ ହେବାକୁ ଥିବା ୧୯ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ଦୁଇ ଓଡ଼ିଆ ସ୍ୱସ୍ତିକ ସାମଲ ଓ ଶୁଭମ ଶତ୍ରୁଜିତ ସାମିଲ ହୋଇଛନ୍ତି । ଗତ ୧୯ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ପ୍ରଦର୍ଶନ ଭିତ୍ତିରେ ଏହି ଦୁଇ ଖେଳାଳି ସୁଯୋଗ ପାଇଛନ୍ତି । ରାଜ୍ୟ ଦଳର ଓପନର ଭାର ସମ୍ଭାଳୁଥିବା ସ୍ୱସ୍ତିକ ଇଣ୍ଡିଆ ବ୍ଲୁରେ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଶୁଭମ ଇଣ୍ଡିଆ ୟେଲୋ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ସୂଚନା ଥାଉକି ଗତ ଭିନୁ ମଙ୍କଡ ଟ୍ରଫିରେ ସ୍ୱସ୍ତିକ ଓ ଶୁଭମ ଓଡ଼ିଶା ପକ୍ଷରୁ ସର୍ବାଧିକ ରନସଂଗ୍ରହକାରୀ ରହିଛନ୍ତି । ସ୍ୱସ୍ତିକ ୭ ମ୍ୟାଚ୍‌ରୁ ୫୦.୨୯ ଆଭରେଜରେ ୩୫୨ରନ୍ କରିଥିଲେ । ଏହା ମଧ୍ୟରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ରହିଥିବା ବେଳେ ସର୍ବାଧିକ ସ୍କୋର କରିଥିଲେ ୧୨୨ରନ୍ । ସେହିପରି ଶୁଭମ ୭ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକୀୟ ଇନିଂସ୍ ସହାୟତାରେ ୨୨୭ରନ୍ କରିଛନ୍ତି । ବ୍ୟାଟିଂ ଆଭଜେର ୩୭.୮୩ ରହିଥିବା ବେଳେ ସର୍ବାଧିକ ସ୍କୋର ହେଉଛି ୯୬ରନ୍ ।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-MBJ-0055-2017/ 28406 R&DM, Dated 1 AUG 2018**

**No.XXI-86:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-**ଧନପୁର,** ଥାନା-ବେତନଟୀ ନଂ-୬୯, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଧନପୁର ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୧୧୫୬ ତା.୧୧।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଧନପୁର,** ଥାନା-ବେତନଟୀ ନଂ-୬୯, ଜିଲ୍ଲା-ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଧନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ହେକ୍ଟର ୮.୪୩୬୫ ବ.ମି. | ହେକ୍ଟର ୨.୨୧୦୦ ବ.ମି. | ଏଥି ସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧତାରିଖ- ୦୨।୦୪।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ଯୁଗ୍ମ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୩୩/୨୦୧୭
ଏ. ୨.୨୧୦୦

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଧନପୁର ମାଇନର ନିମନ୍ତେ
ମୌଜା-ଧନପୁର, ଥାନା-ବେତନଟୀ ନଂ-୬୯, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫ | ୧୦୬୯ | ୦.୦୬୮୦ | ୦.୦୪୨୦ | ଶାରଦ ଅଣଜଳ ସେଚିତ ଦୁଇ | ଅର୍ଜୁନ ମହାନ୍ତ, ପି: ମହେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୫ | ୧୦୬୭ | ୦.୦୮୦୦ | ୦.୦୪୮୦ | ଶାରଦ ଅଣଜଳ ସେଚିତ ଦୁଇ | ଅରୁଣ ମହାନ୍ତ, ପି: ଜିତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୯ | ୮୪୧ | ୦.୫୩୭୦ | ୦.୦୪୫୦ | ଡାହି | ସେଖ ଆନୁଆର ଅଲ୍ଲି, ପି: ସେଖ ମଇନୁଦ୍ଦିନ, ଜା: ମୁସଲମାନ, ବା: ନିଜଗାଁ |
| ୩୩ | ୭୭୪ | ୦.୧୪୬୦ | ୦.୦୬୬୦ | ଶାରଦ ଅଣଜଳ ସେଚିତ ଦୁଇ | କରମୁ ମହାନ୍ତ, ପି: ମଙ୍ଗୁଳ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୩୮ | ୧୦୪୯ | ୦.୦୬୪୦ | ୦.୦୫୬୦ | ଶାରଦ ଅଣଜଳ ସେଚିତ ଦୁଇ | କୃଷ୍ଣଚନ୍ଦ୍ର ମହାନ୍ତ, ଗୌର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୪୦ | ୧୦୫୦ | ୦.୦୭୮୦ | ୦.୦୬୦୦ | ଶାରଦ ଅଣଜଳ ସେଚିତ ଦୁଇ | କୃଷ୍ଣଚନ୍ଦ୍ର ମହାନ୍ତ, ଶିରିଶ ଚନ୍ଦ୍ର ମହାନ୍ତ, ପିନିକି ମହାନ୍ତ, ପି: ଗୌରହରି ମହାନ୍ତ, ଆହ୍ଲାଦି ମହାନ୍ତ, ସ୍ୱା: ଗୌରହରି ମହାନ୍ତ |
| ୪୬ | ୭୭୮ | ୦.୦୮୦୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ଗଜେନ୍ଦ୍ର ମହାନ୍ତ, ରାଜେନ୍ଦ୍ର ମହାନ୍ତ, ପି: କେଶବ ମହାନ୍ତ, ବିନତା ମହାନ୍ତ, ସ୍ୱା: କେଶବ ମହାନ୍ତ, ଉପେନ୍ଦ୍ର ମହାନ୍ତ, ପି: ସହଦେବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୫୨ | ୭୬୧ | ୦.୦୫୬୦ | ୦.୦୨୪୦ | ଶାରଦ ଅଣଜଳ ସେଚିତ ଦୁଇ | ଗୁନଧର ମହାନ୍ତ, ଦିନବନ୍ଧୁ ମହାନ୍ତ, ମନୋହର ମହାନ୍ତ, ପି: ଗଙ୍ଗାଧର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୭୧ | ୭୫୦ | ୦.୦୪୦୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ଛତିଶଚନ୍ଦ୍ର ମହାନ୍ତ, ପି: ସହଦେବ ମହାନ୍ତ, ସରସ୍ୱତୀ ମହାନ୍ତ, ସ୍ୱା: ସହଦେବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୬୬ | ୦.୦୬୮୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୭୪ | ୬୮୬ | ୦.୧୨୦୦ | ୦.୦୨୦୦ | ଶାରଦ ଅଣଜଳ ସେଚିତ ଦୁଇ | ଛତିଶ ମହାନ୍ତ, ପି: ଭକ୍ତୁ ମହାନ୍ତ, ଜା: କୁଡୁମି, ବା: ଶାଳବାଣୀ ସାମିଲ ନହଣ୍ଡାଶୋଳ |
| ୭୭ | ୭୬୭ | ୦.୦୫୨୦ | ୦.୦୫୨୦ | ଶାରଦ ଅଣଜଳ ସେଚିତ ଦୁଇ | ଜଗତ ରାମ ମହାନ୍ତ, ଅଭିରାମ ମହାନ୍ତ, ପି: ସୁରେନ୍ଦ୍ର ମହାନ୍ତ, ଶ୍ରୀମତୀ ମହାନ୍ତ, ସ୍ୱା: ସୁରେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୮୫ | ୭୪୦ | ୦.୦୫୨୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ଜୟରାମ ମହାନ୍ତ,, ପି: ସାନସମ୍ଭୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୪୧ | ୦.୦୨୮୦ | ୦.୦୧୪୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୭୪୬ | ୦.୦୧୨୦ | ୦.୦୧୨୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୭୪୯ | ୦.୦୭୨୦ | ୦.୦୨୦୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୭୬୫ | ୦.୦୮୦୦ | ୦.୦୨୨୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୭୬୯ | ୦.୦୫୦୦ | ୦.୦୧୬୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୯୨ | ୬୮୧ | ୦.୦୯୩୦ | ୦.୦୭୩୦ | ଶାରଦ ଅଣଜଳ ସେଚିତ ଦୁଇ | ଜେମା ମହାନ୍ତ, ସ୍ୱା: ବଂଶୀଧର ମହାନ୍ତ, ବଂଶୀଧର ମହାନ୍ତ, ପି: ମଙ୍ଗୁଳୁ ମହାନ୍ତ, ଜା: କୁଡୁମି, ବା: କୁଣ୍ଡେଇ |
| ୯୫ | ୧୦୫୬ | ୦.୨୮୦୦ | ୦.୦୨୬୦ | ଶାରଦ ଅଣଜଳ ସେଚିତ ଦୁଇ | ଯୋଗେଶ୍ୱର ମହାନ୍ତ, ଗଣେଶ୍ୱର ମହାନ୍ତ, ମନ୍ଦୋଦରୀ ମହାନ୍ତ, ତାରାମଣି ମହାନ୍ତ, ପି: ଦେବେନ୍ଦ୍ର ମହାନ୍ତ, ମହେଶ୍ୱର ମହାନ୍ତ, ପି: ମିଳନ ମହାନ୍ତ, ଗଜେନ୍ଦ୍ର ମହାନ୍ତ, ବାସନ୍ତୀ ମହାନ୍ତ, ପି: ହେବେନ୍ଦ୍ର ମହାନ୍ତ, ସହଚରୀ ମହାନ୍ତ, ସ୍ୱା: ହେମେନ୍ଦ୍ର ମହାନ୍ତ, ତିଲୋତ୍ତମା ମହାନ୍ତ, ପି: ଦୀନବନ୍ଧୁ ମହାନ୍ତ, ବିଦ୍ୟାଧର ମହାନ୍ତ, ସୁଲୋଚନା ମହାନ୍ତ, ପୋକି ମହାନ୍ତ, ପି: ଦୁଃଖୁ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ମନମୋହନ ମହାନ୍ତ, ପି: ପ୍ରହଲ୍ଲାଦ ମହାନ୍ତ, ନିଶାମଣି ମହାନ୍ତ, ସ୍ୱା: ପ୍ରହଲ୍ଲାଦ ମହାନ୍ତ, ପ୍ରଫୁଲ୍ଲ ମହାନ୍ତ, ଯତୀନ୍ଦ୍ର ମହାନ୍ତ, ମୁଖ ମହାନ୍ତ, ଚାନ୍ଦ ମହାନ୍ତ, ସର୍ଦି ମହାନ୍ତ, ପି: କାର୍ତ୍ତିକ ମହାନ୍ତ, ଗୋବିନ୍ଦ ମହାନ୍ତ, ଭାରତୀ ମହାନ୍ତ, ସାରଥି ମହାନ୍ତ, ପି: ରାଧୁ ମହାନ୍ତ, ଜା: କୁଡୁମି, ବା: ସାଳବାଣି ସାମିଲ ନହଣ୍ଡାଶୋଳ |
| | ୧୦୫୬/ ୧୯୭୪ | ୦.୧୭୪୦ | ୦.୦୧୨୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୯୭ | ୧୦୬୪ | ୦.୦୬୨୦ | ୦.୦୨୪୦ | ଶାରଦ ଅଣଜଳ ସେଚିତ ଦୁଇ | ତ୍ରିଲୋଚନ ମହାନ୍ତ, ପି: ସହଦେବ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୧୧ | ୮୨୪/ ୧୯୫୮ | ୦.୦୭୩୦ | ୦.୦୧୦୦ | ଶାରଦ ଅଣଜଳ ସେଚିତ ଦୁଇ | ଦୈତାରୀ ମହାନ୍ତ, ବିଜୟ କୁମାର ମହାନ୍ତ, ପି: ଶ୍ରୀହରି ମହାନ୍ତ, ବୁଧୁନି ମାହାନ୍ତ, ସ୍ୱା: ଶ୍ରୀହରି ମହାନ୍ତ, ରଘୁନାଥ ମହାନ୍ତ, ତାରାଚାନ୍ଦ ମାହାନ୍ତ, ଗୌରହରି ମହାନ୍ତ, ପି: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୮୨୬ | ୦.୨୯୨୦ | ୦.୦୯୬୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୮୨୭ | ୦.୧୦୨୦ | ୦.୦୦୬୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୧୧୨ | ୮୧୭ | ୦.୧୮୦୦ | ୦.୦୦୪୦ | ଡାହି | ଦୈତାରୀ ମହାନ୍ତ, ବିଜୟ କୁମାର ମହାନ୍ତ, ଉଷାବତୀ ମହାନ୍ତ, ଫୁଲଶ୍ୱରୀ ମହାନ୍ତ, ପି: ଶ୍ରୀହରି ମହାନ୍ତ, ବୁଧୁନି ମାହାନ୍ତ, ସ୍ୱା: ଶ୍ରୀହରି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୫ | ୧୦୫୫ | ୦.୧୪୦୦ | ୦.୦୭୮୦ | ଶାରଦ ଅଣଜଳ ସେଚିତ ଦୁଇ | ପ୍ରତାପ ଚନ୍ଦ୍ର ମହାନ୍ତ, ପି: ମହେଶ୍ୱର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୩୭ | ୧୦୭୦ | ୦.୦୭୦୦ | ୦.୦୧୨୦ | ଶାରଦ ଅଣଜଳ ସେଚିତ ଦୁଇ | ପ୍ରଫୁଲ୍ଲ ମହାନ୍ତ, ପରେଶ ମହାନ୍ତ, ସରେଶ ମହାନ୍ତ, ପି: ଯତୀନ୍ଦ୍ର ମହାନ୍ତ, ଜୟମଣୀ ମହାନ୍ତ, ସ୍ୱା: ଯତୀନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୪୦ | ୧୦୫୧ | ୦.୨୧୩୦ | ୦.୦୨୬୦ | ଶାରଦ ଅଣଜଳ ସେଚିତ ଦୁଇ | ପିତାୟର ମହାନ୍ତ, ନିଶାକର ମହାନ୍ତ, ପି: ପ୍ରତାପ ମହାନ୍ତ, ବିନୋଦ ମହାନ୍ତ, ପି: ଗଙ୍ଗାଧର ମହାନ୍ତ, ଚନ୍ଦ୍ର ଶେଖର ମହାନ୍ତ, ରବୀନ୍ଦ୍ର ମହାନ୍ତ, ପି: ଅନନ୍ତ ମହାନ୍ତ, ରେବତୀ ମହାନ୍ତ, ସ୍ୱା: ଅନନ୍ତ ମହାନ୍ତ, ମହେନ୍ଦ୍ର ମହାନ୍ତ, ପ୍ରହଲ୍ଲାଦ ମହାନ୍ତ, ଫକୀର ଚନ୍ଦ୍ର ମହାନ୍ତ, ପି: ଗୟାରାମ ମହାନ୍ତ, ନିରଞ୍ଜନ ମହାନ୍ତ, ଧନଞ୍ଜୟ ମହାନ୍ତ, ପି: ମହେଶ୍ୱର ମହାନ୍ତ, ସାରଥି ମହାନ୍ତ, ସ୍ୱା: ମହେଶ୍ୱର ମହାନ୍ତ, ଗୁରୁପ୍ରସାଦ ମହାନ୍ତ, ପି: ପରମାନନ୍ଦ ମହାନ୍ତ, ଦାମୋଦର ମହାନ୍ତ, ପି: ତରଣୀ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୪୧ | ୧୦୬୩ | ୦.୦୩୬୦ | ୦.୦୦୮୦ | ଶାରଦ ଅଣଜଳ ସେଚିତ ଦୁଇ | ପୁନଗି ମହାନ୍ତ, ପି: ଜିତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୫୬ | ୧୦୫୨/ ୧୯୭୩ | ୦.୧୦୨୦ | ୦.୦୮୦୦ | ଶାରଦ ଅଣଜଳ ସେଚିତ ଦୁଇ | ବିଦ୍ୟାଧର ମହାନ୍ତ, ପି: ଦୁଃଖୁ ମହାନ୍ତ, ଜା: କୁଡୁମି, ବା: ସାଳବାଣି ସାମିଲ ନହଣ୍ଡଶୋଳ |
| ୧୬୪ | ୧୦୬୫/ ୧୮୮୧ | ୦.୦୩୦୦ | ୦.୦୦୮୦ | ଶାରଦ ଅଣଜଳ ସେଚିତ ଦୁଇ | ବେଙ୍ଗ ମହାନ୍ତ, ପି: ଦୁଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୬୮ | ୬୮୨ | ୦.୦୯୧୦ | ୦.୦୧୦୦ | ଶାରଦ ଅଣଜଳ ସେଚିତ ଦୁଇ | ବୈକୁଣ୍ଠ ମହାନ୍ତ, ପି: ସାନମହନ ମହାନ୍ତ, ରଙ୍ଗି ମହାନ୍ତ, ସ୍ୱା: ସାନମହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୧୭୦ | ୭୭୨ | ୦.୧୭୮୦ | ୦.୧୨୨୦ | ଶାରଦ ଅଣଜଳ ସେଚିତ ଦୁଇ | ଭରତଚନ୍ଦ୍ର ମହାନ୍ତ, ପି: ଗିରିଧାରୀ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୮୪୩ | ୦.୫୩୨୦ | ୦.୦୪୬୦ | ଡାହି | |
| | ୧୦୪୮ | ୦.୧୦୦୦ | ୦.୦୦୮୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୨୦୦ | ୮୧୬ | ୦.୦୬୨୦ | ୦.୦୪୫୦ | ଡାହି | ରଘୁନାଥ ମହାନ୍ତ, ପି: ରବି ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୧୧ | ୧୦୫୪ | ୦.୧୫୦୦ | ୦.୦୫୨୦ | ଶାରଦ ଅଣଜଳ ସେଚିତ ଦୁଇ | ରବିନାରାୟନ ମହାନ୍ତ, ତପନ କୁମାର ମହାନ୍ତ, ପି: ଜହରଲାଲ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୧୨ | ୭୮୨ | ୦.୨୦୦୦ | ୦.୦୧୩୦ | ଶାରଦ ଅଣଜଳ ସେଚିତ ଦୁଇ | ରମାକାନ୍ତ ମହାନ୍ତ, ପି: ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା: କୁଡୁମି, ବାଁ ନିଜଗାଁ |
| | ୭୯୪ | ୦.୧୦୫୦ | ୦.୦୨୨୦ | ଡାହି | |
| ୨୨୩ | ୭୮୦ | ୦.୦୪୮୦ | ୦.୦୨୮୦ | ଶାରଦ ଅଣଜଳ ସେଚିତ ଦୁଇ | ମେସାର୍ସ ରୁଚିଶୟା ଇଣ୍ଡଷ୍ଟ୍ରିଜ ଲିମିଟେଡ ଅୟେଲ ପାମ ଡିଭିଜନ ଆଇ.ଡି.ଏ.ଏଡି.ବି. ରୋଡ ପେଦାପୁରମ, ଜିଲ୍ଲା: ପୂର୍ବ ଗୋଦାବରୀ, ପ୍ରଦେଶ- ଆନ୍ଧ୍ର ପ୍ରଦେଶ |
| | ୭୮୧ | ୦.୧୯୮୦ | ୦.୦୫୨୦ | ଡାହି | |
| | ୭୮୯ | ୦.୧୬୫୦ | ୦.୦୫୫୦ | ଶାରଦ ଅଣଜଳ ସେଚିତ ତିନି | |
| | ୭୯୦ | ୦.୧୧୨୦ | ୦.୦୬୦୦ | ଡାହି | |
| | ୭୯୨ | ୦.୮୪୭୦ | ୦.୨୦୮୦ | ଡାହି | |
| | ୭୯୩ | ୦.୧୧୪୦ | ୦.୦୨୮୦ | ଡାହି | |
| | ୮୪୫ | ୦.୩୪୪୦ | ୦.୦୯୩୦ | ଡାହି | |
| | ୭୭୯/ ୧୮୬୩ | ୦.୦୩୬୦ | ୦.୦୧୩୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୨୨୪ | ୭୭୮ | ୦.୦୪୬୦ | ୦.୦୪୬୦ | ଶାରଦ ଅଣଜଳ ସେଚିତ ଦୁଇ | ଲକ୍ଷ୍ମଣ ମହାନ୍ତ, ପି: ହର ମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୨୮ | ୧୦୬୫ | ୦.୦୨୮୦ | ୦.୦୨୮୦ | ଶାରଦ ଅଣଜଳ ସେଚିତ ଦୁଇ | ଲକ୍ଷ୍ମୀଧର ମହାନ୍ତ, ପି: ଅମୂଲ୍ୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୩୬ | ୭୭୭ | ୦.୦୯୮୦ | ୦.୦୦୬୦ | ଶାରଦ ଅଣଜଳ ସେଚିତ ଦୁଇ | ଶଙ୍କର ମହାନ୍ତ, ପି: ରାହିନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୩୯ | ୭୭୯ | ୦.୦୬୪୦ | ୦.୦୩୬୦ | ଶାରଦ ଅଣଜଳ ସେଚିତ ଦୁଇ | ଶତ୍ରୁଘ୍ନ ମହାନ୍ତ, ପି: ହରମୋହନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୪୬ | ୧୦୬୮ | ୦.୦୮୦୦ | ୦.୦୧୮୦ | ଶାରଦ ଅଣଜଳ ସେଚିତ ଦୁଇ | ସନ୍ତୋଷ କୁମାର ମହାନ୍ତ, ପି: ରହିନା ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୭୪/ ୧୯୧୩ | ୦.୧୩୮୦ | ୦.୦୫୦୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୨୬୦ | ୧୦୬୬ | ୦.୦୯୮୦ | ୦.୦୬୦୦ | ଶାରଦ ଅଣଜଳ ସେଚିତ ଦୁଇ | ଶିଖର ମହାନ୍ତ, ପି: ଜିତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୬୮ | ୭୭୩ | ୦.୧୭୮୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ସୁଦର୍ଶନ ମହାନ୍ତ, ଅନାଦି ଚରଣ ମହାନ୍ତ,, ବିରେନ୍ଦ୍ର ନାଥ ମହାନ୍ତ, ପି: ମଧୁସୂଦନ ମହାନ୍ତ, ଫୁଲମଣି ମହାନ୍ତ, ସ୍ୱା: ମଧୁସୂଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୮୪୨ | ୦.୫୦୩୦ | ୦.୦୫୩୦ | ଡାହି | |
| ୨୭୦ | ୬୮୦ | ୦.୦୬୪୦ | ୦.୦୧୨୦ | ଶାରଦ ଅଣଜଳ ସେଚିତ ଦୁଇ | ସୁନିଲ କୁମାର ମହାନ୍ତ, ପି: ଚୈତନ୍ୟ ମହାନ୍ତ, ଚଞ୍ଚଳା ମହାନ୍ତ, ସ୍ୱା: ଚୈତନ୍ୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୭୭ | ୬୮୫ | ୦.୦୮୦୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ସୁରେନ୍ଦ୍ର ମହାନ୍ତ, ଉମାକାନ୍ତ ମହାନ୍ତ, ସପନ ମହାନ୍ତ, ସୁମିତ୍ରା ମହାନ୍ତ, ପି: ଦୟାଲ ମହାନ୍ତ, ଯୁଗ ମହାନ୍ତ, ପାର୍ବତୀ ମହାନ୍ତ, ଯାତ୍ରୀ ମହାନ୍ତ, ପି: ନିତାଇ ମହାନ୍ତ, ଗୟାପାଳ ମହାନ୍ତ, ଛତିଶ ମହାନ୍ତ, ସୁରୁମାଲି ମହାନ୍ତ, ଯଶୋବନ୍ତ ମହାନ୍ତ, ପି: ଭକ୍ତୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୮୨ | ୭୪୮ | ୦.୦୪୮୦ | ୦.୦୨୬୦ | ଶାରଦ ଅଣଜଳ ସେଚିତ ଦୁଇ | ହରି ମହାନ୍ତ, ପି:ସୁଫଳ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| ୨୮୪ | ୭୪୫ | ୦.୦୯୪୦ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ହରିନାରାୟଣ ମହାନ୍ତ, ପି: ସୁରେନ୍ଦ୍ର ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୭୪୬ | ୦.୦୧୨୦ | ୦.୦୧୨୦ | ଶାରଦ ଅଣଜଳ ସେଚିତ ଦୁଇ | |
| | ୭୭୮ | ୦.୦୬୬୦ | ୦.୦୧୬୦ | ଶାରଦ ଅଣଜଳ ସେଚିତ ଦୁଇ | |
| ୬୫ | ୬୬୫ | ୦.୦୨୨୫ | ୦.୦୦୪୦ | ଶାରଦ ଅଣଜଳ ସେଚିତ ଦୁଇ | ଚନ୍ଦ୍ର ଶେଖର ମହାନ୍ତ, ପି: ଅନନ୍ତ ମହାନ୍ତ, ଜା: କୁଡୁମି, ବା: ସାଳବାଣି ସାମିଲ ନହଣ୍ଡାଶୋଳ |
| ସର୍ବମୋଟ | ୬୪ ପ୍ଲଟକୁ | ଏ. ୮.୪୩୬୫ | ଏ. ୨.୨୧୦୦ | | |

24001/14/0366/1819

# DISTRICT OFFICE, KHORDHA

## SPECIAL LAND ACQUISITION (NH) CELL

**Land Acquisition Officer (NH) and Competent Authority, Plot No. 318 (Dharakote House), Kharavela Nagar, Unit-III, Bhubaneswar-751001, Phone: 0674-2394492**

**No- 969** **Dt. - 29.10.2018**

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (48 of 1956) the Central Government vide their Gazette Notification No. **S.O. 5279(E), Dated 11th October, 2018** have acquired the lands indicated in the Schedule here under for building (Widening/6 laning etc.) maintenance, management and operation of National Highway No. 5 on the Stretch of land from Km. 0.000 to Km.62.000 (Bhubaneswar - Kolkota Section) in the District of JAJPUR in the State of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (48 of 1956) it is hereby informed to the land owners and other interested persons whose lands are acquired for building (Widening/ 6 laning etc.) maintenance, management and operation of National Highway No. 5 on the above Stretch of land in the District of JAJPUR in the State of Odisha.; to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations orders and Rent Receipt. (3) Conversion Certificate etc. in person or through Agents or through Advocates in the place and on the date as indicated under, to the Land Acquisition Officer and Competent Authority, NH-5 Project, Khordha at Bhubaneswar and to State their respective interest on such lands.

**Sd/- Land Acquisition Officer (NH) & Competent Authority**
**Khordha, Bhubaneswar**

| Sl. No. | Name of the District | Name of the Tahasil | Name of the Village | Date & Time | The place where the land owners/ interested persons have to appear and submit their claims |
|---|---|---|---|---|---|
| 01 | Jajpur | Darpan | 1. Baula<br>2. Chakakhaira<br>3. Khaira | On or before 12.11.2018 during working hours | Special Land Acquisition (NH) Cell, Plot No. 318 (Dharakote House), Kharavela Nagar, Unit-III, Bhubaneswar-1, Ph.: 0674-2394492 |

### MINISTRY OF ROAD TRANSPORT AND HIGHWAYS

## NOTIFICATION

**New Delhi, the 11th October 2018**

**S.O. 5279 (E)** – Whereas by the notification of the Government of India in the Ministry of Road Transport and Highways, number S.O. 1338(E), dated 23rd March, 2018, published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening / 6 laning, etc.), maintenance, management and operation of National Highway No.16 on the stretch of land from Km. 0.000 to Km.62.000 (Bhubaneswar - Kolkota Section) in the District of JAJPUR in the State of ODISHA;

And whereas, the substance of the said notification has been published in "Sambad" and "Samaj" both dated 06th April, 2018, under sub-section (3) of section 3A of the said Act;

And whereas, objections have been received and the same have been considered and disallowed by the competent authority;

And whereas, in pursuance of the sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by sub-section(1) of section 3D of the said Act, the Central Government hereby declares that the land specified in the said Schedule annexed hereto should be acquired for the aforesaid purpose;

And, further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

**Brief description of the land to be acquired with or without structure falling within the stretch of land from Km. 0.000 to Km.62.000 (Bhubaneswar - Kolkota Section) of the NH-16 in the District of JAJAPUR in the State of Odisha.**

| Sl. No. | Survey Number | Type of land | Nature of land | Area in Hectre | Name of the land owner/ interested person / Part Survey No. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **TALUK : DARPAN** | | | | | |
| **VILLAGE : BAULA** | | | | | |
| 1 | 1 | Private | Chaka | 0.0081 | Patitapaban Mohanty Share 8 Anna Sudarsan Mahanty, S/o Rangadhar Mahanty Satyabhama Mohanty, W/o Rangadhar Mohanty Share 8 Anna 1 |
| **VILLAGE : CHAKAKHAIRA** | | | | | |
| 2 | 311 | Government | Nayanjori | 0.0526 | Public Works Department 311 |
| **VILLAGE : KHAIRA** | | | | | |
| 3 | 797 | Private | Paninala | 0.0081 | Kulamani Pradhan son of Baban Charan Pradhan, Nilamani Pradhan son of Krushna Chandra Pradhan, Forcible possession Dhoi Baral son of Kesuri Baral 797 |
| 4 | 939 | Private | Chaka | 0.0344 | Surendranath Acharya, Maheswar Acharya son of Biswanath Acharya 939 |
| 5 | 941 | Private | Chaka | 0.0425 | Pratap Chandra Acharya son of Damodar Acharya 941 |
| 6 | 944 | Private | Chaka | 0.0324 | Keshab Chandra Acharya Makunda Acharya son of Padamlav Acharya 944 |
| 7 | 945 | Private | Chaka | 0.0526 | Harsabardhan Kandoi son of Pawan Kumar Kandoi 945 |
| | | | TOTAL | 0.2307 | |

**[F. No. NHAI/11012//58/2005/Pt./LA/N.H.-5/Nofification/3D]**
**RAJESH GUPTA, Dy. Secy.**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

### ODISHA POWER TRANSMISSION CORPORATION LTD.

OPTCL Lifeline of Orissa

A GOVT. OF ODISHA UNDERTAKING

Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6

**TENDER CALL NOTICE NO.- 06/2018-19**

For and on behalf of OPTCL, sealed tenders are invited from **VEHICLE OWNERS/TRAVEL AGENCIES** for Engagement of One No. hire **A/C Bolero or equivalent** required for field & office works of DGM (Elect.) EHT (O&M) Division, Bhanjanagar on monthly basis with daily hiring rate along with copies of required documents of the Vehicle, GST registration certificate & copy of valid PAN of the owner. **Commencement of Sale of Tender Paper :** From Dated 03.11.2018, 11 AM to Dated 14.11.2018, 12 Noon. **Last Date of Submission of Tender Paper :** Dated 14.11.2018 up to 2:00 PM. **Date of Opening of Tender Paper :** Dated 14.11.2018 at 3:00 PM. **Cost of Tender paper :** Rs.2200/- + GST @12% = Rs.2240/-. For details please visit our website **www.optcl.co.in N.B :** All subsequent addendums/Corrigendum to the tender (if any) will be hosted in the OPTCL's website **http://www.optcl.co.in** only.

***DGM (Elect.), EHT(O&M), Div.***

### Food Corporation of India, Regional Office, Bhubaneswar

**No.-S&S/2/OMSS (D)/BC/Wheat/2018-19** **Date : 03.11.2018**

**SALE OF WHEAT BY FCI THROUGH E-AUCTION**

Bids are invited for weekly sale of wheat under OMSS (D) for the month of Nov-2018 from Bulk Consumers already empanelled with FCI through E-Auction platform of mjunction services limited. Empanelment of new bulk consumers/traders shall be carried out by mjunction services limited.

The notice of e-auction will be issued on **5th, 12th , 19th& 26th Nov-2018** and e-auction will be conducted on **9th, 15th , 22nd & 29th Nov -2018** respectively between **11.00 AM to 2.00 PM** on the auction day in the mjunctionservices limited website **http://www.valuejunction.in/fci.** For further details please visit **http://fci.gov.in** and **http://www.valuejunction.in/fci.**

**GENERAL MANAGER (ODISHA)**

### OFFICE OF THE REGULATED MARKET COMMITTEE, BOLANGIR

**E-Procurement Notice: 02/2017-18**

**E-mail: rmcbgr@rediffmail.com**

**No. 516** **Date 01.11.2018**

**1st Corrigendum E-Procurement Notice: 02/2017-18**

Due to technical error in the e-Procurement portal, the above tender call notice can not be uploaded in the website http://www.tenderorissa.gov.in in time. Hence the Tender Call Notice is hereby postponed. Further notice will be published later.

**Sd./- Sub-Collector, Bolangir-cum-Chairman, RMC, Bolangir**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

### ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
**Tel: 0674-2540051 CIN: U40102OR2004SGC007553**

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: CPC-42/2018-19** **Date: 04.11.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of 2x20 MVA, 132/33KV Grid Sub-station (AIS) with SAS at Nabarangpur and associated 132KV LILO line from Jayanagar-Tentulikhunti CKT-II (Under Construction) to 132/33 KV Grid S/S Nabarangpur at an Estimated Cost of the Package for Rs.33.54 Crore in Nabarangpur District on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(05.11.2018)/ (11:00)AM** up to Dt.**(10.12.2018)/(12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail. **Note:** Bidders are requested to regularly visit OPTCL website / Tender Portal only for amendment / errata / corrigendum (if any) and any other information regarding these tender, as the same shall be published only on OPTCL website / Tender Portal.

Sd/-
**Chief General Manager (CPC)**
**e-Mail: sgm.cpc@optcl.co.in**

**CR Advt. No. 56/2018-19**

Please connect us: optcl.odisha optcl_odisha energyodisha

### OFFICE OF THE EXECUTIVE ENGINEER KENDRAPARA (R&B) DIVISION, KENDRAPARA

Email ID: eernbkdp@gmail.com
Tel. (06727) 220268, Fax No. (06727) 220862

**GOVERNMENT OF ODISHA "e" Procurement Notice**

792-B

**e-Procurement Notice for Building Works**

**Bid Identification No. E.E., (R&B) KDP-21/2018-19**

1. No. of work : 4 Nos. (Buildings)
2. Estimated Cost : Rs. 13,82,818/- to Rs. 15,68,767/-
3. Period of Completion : 4 (Four) Calendar months
4. Date & time of sale & receipt of bid document : From 10.00AM of 08.11.2018 to 5PM of 19.11.2018
5. Last date / time of receipt of bids : 5PM of 19.11.2018
6. Date & time of opening of bids : 11.00AM of 20.11.2018
7. Name and address of the Officer Inviting Bid : Executive Engineer, Kendrapara (R&B) Division, Kendrapara

Further details can be seen from the State Govt. portal "https://tendersorissa.gov.in

***(Er. P.K. Mohanty), Executive Engineer Kendrapara (R&B) Division***

34097/11/0014/1819

### OFFICE OF THE PARADEEP MUNICIPALITY, PARADEEP

**No.: 8422** **Dt.01.11.18**

**QUOTATION CALL NOTICE**

The Executive Officer, Paradeep Municipality on behalf of Paradeep Municipality, Dist.- Jagatsinghpur invites sealed quotations from the intending registered Supplier/Dealers/Firm of Godrej brand for supply of furniture (Details in BOQ) to Paradeep Municipality. The prescribed quotation schedule (DTCN) can be downloaded from Paradeep Municipality website **www.paradeepmunicipality.org.in** from **10.00 A.M. Date 02.11.18 to date 12.11.18 upto 5.00 P.M.** on payment of Rs.500.00 (Rupees five hundred) only (non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Paradeep Municipality payable at Paradeep from any Nationalized Bank.

The quotation paper along with all documents shall be received in the Office of the Executive Officer, Paradeep Municipality through by person on or before date **13.11.18 upto 12.30 P.M.** The quotation will be opened on the same date at 3.30 P.M. in presence of the quotationers or their authorized representatives. The quotation received beyond the schedule date and time will not be considered at all.

The undersigned has the right to accept, cancel or reject any or all the quotations without assigning any reason thereof.

**Sd./- Executive Officer Paradeep Municipality**

### BERHAMPUR UNIVERSITY

**BHANJA BIHAR, BERHAMPUR-760007, ODISHA**

No. 7509/Welfare/2018 Date: 31.10.2018

**ADVERTISEMENT**

Nominations are invited for award of KABI SAMRAT UPENDRA BHANJA NATIONAL AWARD FOR LIFE TIME ACHIEVEMENT IN LITERATURE to be awarded on the 53rd Foundation Day Function of the University on 2nd January 2019. The nominations should reach the undersigned on or before 01.12.2018 by Speed / Registered Post only.

The detail informations are available in the University website www.buodisha.edu.in.

*By order of the Vice-Chancellor*
***Sd./- Registrar***

### GOVERNMENT OF ODISHA

## " e"-PROCUREMENT NOTICE

### WORKS DEPARTMENT

E-mail: ceroads.bbsr@gmail.com

**Bid Identification No. CE-DPI & R- 48 /2018-19**

785-B

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below:
2. Nature of work : Road
3. No. of work : 01 No.
4. Tender Paper cost : Rs.10,000.00
5. Class of Contractor : Special Class/Super Class
6. Available of bid document in the website : From 10.00 AM of November 13, 2018 to 5.00 PM of December 03, 2018
7. Date of opening of Bid : 11.15 AM on December 04, 2018
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

***Sd./- O.P. Patel, OSD-cum-Chief Engineer (DPI & Roads), Odisha***

34117/11/0134/1819

### GOVERNMENT OF ODISHA

### OFFICE OF THE EXECUTIVE ENGINEER RURAL WORKS DIVISION, DHARMAGARH

Tel: 06672-242765, Fax: 06672-242823, Email: rw_dharmagarh@yahoo.com

**BID IDENTIFICATION NO. DMGH/Online-05 OF 2018-19, Date: 30.10.2018**

**"e" PROCUREMENT NOTICE**

**No. 937-O:-** Bid documents consisting of Work, Estimate Cost, Cost of tender paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the work : Road works in the District of Kalahandi as mentioned in DTCN.
2. Total No. of works : 05 nos.
3. Estimated Cost : Rs. 22.12 to 44.25 lakhs
4. Period of Completion : 02 calendar months
5. Other details:

| Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|
| From | To | | |
| 06.11.2018 at 10.00AM | 16.11.2018 upto 5.00PM | 12.11.2018 upto 5.00PM | 17.11.2018 at 11.00AM |

Further details can be seen from the website www.tendersorissa.gov.in

***Sd./- Executive Engineer, Rural Works Division, Dharmagarh***

25100/11/0004/1819

### OFFICE OF THE REGULATED MARKET COMMITTEE, PATNAGARH

No. 138/ Date: 02.11.2018

**SHORT TENDER CALL NOTICE**

Sealed quotations are invited by the Chairman, RMC, Patnagarh from the intending agencies for supply & installation of following items to RMC, Patnagarh. All quotation shall reach to the Office of the Regulated Market Committee, patnagarh in the Address i.e. Secretary, Regulated Market Committee, Patnagarh, At/PO- Jogimunda, Dist.- Balangir, PIN-767027 (ODISHA) on or before 12.11.2018 upto 2PM and same will be opened on the same date at 4PM in presence of quotationer or his authorized representative. The quotationer shall submit the quotation alongwith GST License, PAN Card, Dealership Certificate, P.F. requisition slip with latest deposit challan, ESIC registration with latest deposit challan, valid labour license, MSME Certificate, Govt. work order & work completion certificate of last 3 years and any other requisites. No quotation shall be entertained after expire of the due date and time. Item shall bring to the Market Yards on his own convenience.

Authority has reserve the right to accept or reject any or all quotation without assigning any reason thereof.

| Sl. No. | Item |
|---|---|
| 1. | Fire Fighting arrangement / System in Mandal Market Yard (Under RMC, Patnagarh) |
| 2. | Fire Fighting arrangement / System in Jogimunda Market Yard (Under RMC, Patnagarh). |
| 3. | CCTV per PIC, with all arrangement and fitting. |

***Sd./- Sub-Collector-cum-Chairman RMC, Patnagarh***

### CPWD

**Notice Inviting e-Tenders**

The Executive Engineer, Bhubaneswar Central Division No.I, CPWD, Bhubaneswar-751012 invites on behalf of President of India online percentage rate tenders on one bid system for following works :

1. NIT No. 28/NIT/BCD-I/CPWD/2018-19, Name of work: A/R & M/O 168 Nos. Quarters for DAG Staff in DAG Colony at Puri during 2018-2019. SH: Supplying and Providing labours for day to day maintenance of quarters. (Nov,2018 to April,2019). Estimated Cost : ₹ 5,16,430.00 Earnest Money : ₹10,329.00, Period of Completion : 6 Months, Last time and date of submission of bid : 15.00 hours of 15.11.2018.
2. NIT No. 29/NIT/BCD-I/CPWD/2018-19, Name of work: Construction of Accessible toilets under Swachhta Action Plan (SAP) at SVNIRTAR, Olatpur, Cuttack, Odisha including internal electrification. Estimated Cost : ₹3,29,420.00 Earnest Money : ₹ 46,588.00, Period of Completion : 3 Months, Last time and date of submission of bid : 15.00 hours of 15.11.2018.
3. NIT No. 30/NIT/BCD-I/CPWD/2018-19, Name of work: A/R & M/O to 168 Nos. Staff Qtrs in DAG Colony at Puri during 2018-19. SH : Day to day maintenance works. Estimated Cost : ₹14,49,848.00 Earnest Money : ₹28,997.00, Period of Completion : 12 Months, Last time and date of submission of bid : 15.00 hours of 15.11.2018.
4. NIT No. 31/NIT/BCD-I/CPWD/2018-19, Name of work: Renovation of CGHS Wellness Centre-1 at Old AG Colony, Unit-IV, Bhubaneswar including electrical Installation. Estimated Cost : ₹27,66,556.00 Earnest Money : ₹55,331.00, Period of Completion : 04 Months, Last time and date of submission of bid : 15.00 hours of 15.11.2018.
5. NIT No. 32/NIT/BCD-I/CPWD/2018-19, Name of work: Renovation of CGHS Wellness Centre-2 at Old AG Colony, Unit-IV, Bhubaneswar including electrical Installation. Estimated Cost : ₹26,61,950.00 Earnest Money : ₹53,239.00, Period of Completion : 04 Months, Last time and date of submission of bid : 15.00 hours of 15.11.2018.
6. NIT No. 33/NIT/BCD-I/CPWD/2018-19, Name of work: Construction of a conference hall and two record room & the garage along with toilet in each floor for CGHS, WC-1 and provision of electrical fitting & installation including Bulk services at CGHS, Unit-IV, Bhubaneswar. Estimated Cost: ₹55,22,568.00 Earnest Money : ₹1,10,451.00, Period of Completion : 06 Months, Last time and date of submission of bid : 15.00 hours of 15.11.2018

The tender forms and other details can be obtained from the website **www.tenderwizard.com/CPWD**. The Press Notice is also available on **www.eprocure.gov.in**

| | |
|---|---|
| Dollar (100) | 72.45 |
| Sensex (579.68) | 35,011.65 |
| Nifty (172.55) | 10,553.00 |
| Gold (₹ 20) | 32,650.00 |
| Silver (₹ 30) | 39,530.00 |

"ଆଗାମୀ ଦିନରେ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ଭାବେ ଉଭା ହେବ ।"

**– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ**



"ଆମଦାନୀ ଉପରେ କଟକଣା ଲଗାଇଲେ ଏହା ରପ୍ତାନି ଉପରେ ପ୍ରଭାବ ପକାଇବ ।"

**– ଅମିତାଭ କାନ୍ତ,ସିଇଓ, ନୀତି ଆୟୋଗ**



# ସିଏସ୍‌ସି ଜରିଆରେ ଏଲ୍‌ପିଜି ସିଲିଣ୍ଡର ବୁକିଂ, ରିଫିଲିଂ

**ନୂଆଦିଲ୍ଲୀ,୩–୧୧**

ଗ୍ରାମାଞ୍ଚଳରେ ଏଲ୍‌ପିଜି ସିଲିଣ୍ଡର ଯୋଗାଣକୁ ବୃଦ୍ଧି କରିବା ଲକ୍ଷ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ଆଉ ଏକ ଅଭିନବ ପନ୍ଥା ଗ୍ରହଣ କରିଛନ୍ତି। ଏହି କମ୍ପାନୀଗୁଡିକ ଶନିବାର କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ସହ ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ତଦନୁଯାୟୀ ଏହି କେନ୍ଦ୍ର ଜରିଆରେ ଏଣିକି ଗ୍ରାମାଞ୍ଚଳରେ ଏଲ୍‌ପିଜି ସିଲିଣ୍ଡର ବୁକିଂ ଓ ରିଫିଲିଂ କରାଯାଇପାରିବ। ଏବେ ଦେଶରେ ପ୍ରାୟ ୩.୧ ଲକ୍ଷ ସିଏସ୍‌ସି ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଛନ୍ତି। ତୈଳ କମ୍ପାନୀଗୁଡିକ ପ୍ରାରମ୍ଭରେ ୧ ଲକ୍ଷ କେନ୍ଦ୍ର ସହିତ ଏଲ୍‌ପିଜି ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବ। ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଚୁକ୍ତି ଅନୁଯାୟୀ ସିଏସ୍‌ସି ପରିଚାଳନା କରୁଥିବା ଗ୍ରାମାଞ୍ଚଳ ସ୍ତରର ଉଦ୍ୟୋଗୀଙ୍କୁ ନୂଆ ଏଲ୍‌ପିଜି ବୁକିଂ ପାଇଁ ୨୦ ଟଙ୍କା ମିଳିବ। ରିଫିଲିଂ ପାଇଁ ୨ ଟଙ୍କା ଏବଂ ସିଏସ୍‌ସି ହତାରେ ସିଲିଣ୍ଡର ପହଞ୍ଚାଇବା ଲାଗି ୧୦ ଟଙ୍କା ମିଳିବ। ତେବେ ଘରେ ପହଞ୍ଚାଇ ଦେଲେ ତାଙ୍କୁ ୧୯.୫ ଟଙ୍କା ମିଳିବ। ସେ କହିଛନ୍ତି ଯେ, ଦେଶରେ ଏଲ୍‌ପିଜି ସଂଯୋଗ ୨୫ କୋଟିରେ ପହଞ୍ଚିଛି। ଉଜ୍ୱଳାରେ ଏହି ସଂଖ୍ୟା ୫.୭୫ କୋଟି। ରିଫିଲିଂ ଓ ବଣ୍ଟନ ବ୍ୟବସ୍ଥା ବୃଦ୍ଧି ହେବା ଦରକାର। ଏମଓୟୁ ପରେ ତୈଳ କମ୍ପାନୀଗୁଡିକ ଆଜିଠାରୁ ୧ ଲକ୍ଷ ମିନି ବଣ୍ଟନ କେନ୍ଦ୍ରର ସହାୟତା ପାଇବେ। ସମସ୍ତ କାରବାର ଅନଲାଇନରେ ହେବ। ଏଥିଲାଗି ତୈଳ କମ୍ପାନୀ ଓ ସିଏସ୍‌ସିଙ୍କ ଲାଗି ଏକ ସ୍ୱତନ୍ତ୍ର ପରପସ୍ ଭେହିକିଲ୍‌କୁ ଏକତ୍ରୀକରଣ କରାଯାଇଛି। ଏହାଦ୍ୱାରା ଏଲ୍‌ପିଜି ସିଲିଣ୍ଡର ଯୋଗାଣକୁ ସହଜରେ ଦ୍ୱାରଦେଶରେ ପହଞ୍ଚାଯାଇପାରିବ। ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ଏବଂ ଉତ୍ତର–ପୂର୍ବ ଭାରତର ଗୋଟିଏ ରାଜ୍ୟରେ ଆସନ୍ତା କିଛି ଦିନ ଭିତରେ ଏହାକୁ ପାଇଲଟ ଭିତ୍ତିରେ ଲାଗୁ କରାଯିବ। ଏହି ସେବାକୁ ମାସେ କିମ୍ବା ଦୁଇ ମାସ ଭିତରେ ସାରା ଦେଶରେ ଲାଗୁ କରାଯିବ। ଏମ୍‌ଓୟୁ ଚୁକ୍ତି ବେଳେ ଉପସ୍ଥିତ ଥିବା ଆଇନ ଓ ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏହାକୁ ସ୍ୱାଗତ କରିଛନ୍ତି।




**ତୈଳ କମ୍ପାନୀଙ୍କ ସହ କମନ ସର୍ଭିସ ସେଣ୍ଟରର ଏମ୍‌ଓୟୁ**

- ଗ୍ରାମାଞ୍ଚଳରେ ୩.୧ ଲକ୍ଷ ସିଏସ୍‌ସି ସେବା ଯୋଗାଇବେ
- ପ୍ରାରମ୍ଭରେ ୧ ଲକ୍ଷ ସିଏସ୍‌ସିକୁ କାର୍ଯ୍ୟରେ ଲଗାଯିବ
- ଏଲ୍‌ପିଜି ସଂଯୋଗ ୨୫କୋଟିରେ ପହଞ୍ଚିଛି

## ଗ୍ରାହକ ଆମ ପାଇଁ ବ୍ରାଣ୍ଡ ଆମ୍ବାସାଡର

**ହୋମ୍ ଫର୍ନିଚର ତଥା ଆସବାବପତ୍ର ଯୋଗାଣ କ୍ଷେତ୍ରରେ ଦେଶରେ ଯେଉଁ କେତୋଟି ହାତ ଗଣତି କମ୍ପାନୀ ରହିଛନ୍ତି ସେମାନଙ୍କ ମଧ୍ୟରେ ଗୋଦ୍‌ରେଜ ଇଣ୍ଟେରିଓ ଅନ୍ୟତମ। ଗ୍ରାହକଙ୍କୁ କ୍ରୟରେ ଉନ୍ନତ ଅଭିଜ୍ଞତା ପ୍ରଦାନ ଲାଗି କମ୍ପାନୀ ବିଭିନ୍ନ ପଦକ୍ଷେପ ନେବା ସହ ଲାର୍ଜ ଫର୍ମାଟ ଷ୍ଟୋର ମାନ ସ୍ଥାପନ କରୁଛି। ନିକଟରେ ଭୁବନେଶ୍ୱରର ପାତ୍ରପଡାଠାରେ ଏଭଳି ଏକ ଷ୍ଟୋରର ଶୁଭାରମ୍ଭ ହୋଇଛି। ଏହି ଅବସରରେ କମ୍ପାନୀର ବରିଷ୍ଠ ବିକ୍ରି ପ୍ରବନ୍ଧକ ପ୍ରଦୋଶ କୁମାର ଦାସ ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...**



**◆ଗ୍ରାହକଙ୍କୁ ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ନେଇ କମ୍ପାନୀ କେଉଁ ଦିଗକୁ ଧ୍ୟାନରେ ରଖିଛି?**

▸▸ଗ୍ରାହକଙ୍କ ଉନ୍ନତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି। ଅସଲ ଭାବେ କହିବାକୁ ଗଲେ ଗ୍ରାହକ ଆମ ଲାଗି ବ୍ରାଣ୍ଡ ଆମ୍ବାସାଡାର। ଗ୍ରାହକଙ୍କୁ ଫର୍ନିସିଂ ପ୍ରଡକ୍ଟ, ଡିଜାଇନ୍‌ରେ ଭିନ୍ନତା, ଏସଥେଟିକ୍ ଭାଲ୍ୟୁ, ମଲ୍ଟି ୟୁଟିଲିଟି ଭଳି ସ୍ୱତନ୍ତ୍ର ପ୍ରଡକ୍ଟ ଯୋଗାଣ ନେଇ କାର୍ଯ୍ୟ କରୁଛୁ। ସେହିଭଳି ଗ୍ରିନ୍ ଇନିସିଏଟିଭ ଉପରେ ପ୍ରାଥମିକତା ଦେଉଛୁ। ଗ୍ରାହକଙ୍କ ଚାହିଦାକୁ ସବୁ ବେଳେ ଅଗ୍ରାଧିକାର ଦେଇ ଆସିଛୁ।

**◆ପୂର୍ବାଞ୍ଚଳରେ ଉପସ୍ଥିତିକୁ ନେଇ କ'ଣ କହିବେ?**

▸▸ପୂର୍ବାଞ୍ଚଳ ଆମ ପାଇଁ ଏକ ପ୍ରମୁଖ ବଜାର। ଓଡିଶାର ପ୍ରାୟ ସବୁ ଜିଲାରେ ମଲ୍ଟି ବ୍ରାଣ୍ଡ ଆଉଟଲେଟରେ ଆମେ ଉପସ୍ଥିତି ଜାହିର କରିଛୁ। ଓଡିଶାରେ ମୋଟ ୪୪ ଟି ସ୍ୱତନ୍ତ୍ର ଆଉଟଲେଟ ରହିଛି। କଟକ ଏବଂ ଭୁବନେଶ୍ୱରରେ ୧୧ଟି ସ୍ୱତନ୍ତ୍ର ଷ୍ଟୋର ଖୋଲିଛୁ।

**◆ରାଜ୍ୟରେ କମ୍ପାନୀର ଅଭିବୃଦ୍ଧି କେମିତି ରହିଛି?**

▸▸ରାଜ୍ୟରେ କମ୍ପାନୀର ୧୨–୧୫% ଅଭିବୃଦ୍ଧି ନେଇ ଆଶ ରହିଛି। ହୋମ୍ ଏବଂ ଅଫିସ ସେଗ୍‌ମେଣ୍ଟରେ ୧୩୦ରୁ ୧୪୦ କୋଟି ବ୍ୟବସାୟ ନେଇ ଲକ୍ଷ୍ୟ ରହିଛି। ରାଜ୍ୟରେ ଲାର୍ଜ ଫର୍ମାଟ ଷ୍ଟୋର ଦ୍ୱାରା ଉପସ୍ଥିତି ଦୃଢୀକରଣ ଉପରେ ଲକ୍ଷ୍ୟ ରହିଛି। କମ୍ପାନୀର ବଜାର ଅଂଶରେ ବୃଦ୍ଧି ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି।

**◆ଲାଷ୍ଟମାଇଲ ଗ୍ରାହକଙ୍କ ନିକଟତର ହେବା ନେଇ କ'ଣ ଯୋଜନା ରଖିଛନ୍ତି?**

▸▸ଆସବାବ, ଫର୍ନିଚର ସେଗମେଣ୍ଟରେ ସଙ୍ଗଠିତ ବଜାର ଅଂଶ ଏବେ ମଧ୍ୟ କମ୍ ରହିଛି। ଏହି କ୍ଷେତ୍ରରେ ଦ୍ରୁତ ଭାବେ ପରିବର୍ତ୍ତନ ହେଉଛି। ଲୋକଙ୍କ ଜୀବନ ଶୈଳୀ ଏବଂ ଚାହିଦା ବଢିବାରୁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ବ୍ରାଣ୍ଡ ପ୍ରଡକ୍ଟ କ୍ରୟ ଉପରେ ଧ୍ୟାନ ଦେଲେଣି। ଆମର ଚ୍ୟାନେଲକୁ ଦୃଢୀକରଣ ନେଇ ବିଭିନ୍ନ ପଦକ୍ଷେପ ନେଉଛୁ। ଲାଷ୍ଟ ମାଇଲ ଗ୍ରାହକଙ୍କ ନିକଟରେ ପହଞ୍ଚିବା ତଥା ଆବଶ୍ୟକତା, ସୁଲଭ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ ନେଇ କାର୍ଯ୍ୟ କରୁଛୁ।

**◆ନୂଆ ଷ୍ଟୋରକୁ ନେଇ କ'ଣ ଆଶା ରଖିଛନ୍ତି।**

▸▸ପାତ୍ରପଡାରେ ନୂଆ ଷ୍ଟୋରଟି ୫,୦୦୦ ବର୍ଗଫୁଟରେ ଖୋଲିଛି। ଏଠାରେ ଗ୍ରାହକଙ୍କ ଲାଗି କମ୍ପାନୀର ସୋଫା, ବେଡ୍, ୱାର୍ଡରୋବ, ହୋମ୍ ଫର୍ଣ୍ଣିସିଂ, ହୋମ ଫର୍ନେସ, ଷ୍ଟୋରେଜ ସଲ୍ୟୁଶନ, ଡାଇନିଂ ଡେକର, ମ୍ୟାଟ୍ରେସ କଲେକ୍ସନ ରହିଛି। ଚାହିଦା ବଢୁଥିବାରୁ ଷ୍ଟୋରଟି ଭଲ ପ୍ରଦର୍ଶନ କରିବ ବୋଲି ଆଶା।

**ସଂକ୍ଷେପରେ**

### ଋଣ ନିୟମ କୋହଳ ଚାପ
## କେନ୍ଦ୍ର ବିରୋଧରେ ବର୍ଷିଲେ ଡେପୁଟି ଗଭର୍ନର ବିଶ୍ୱନାଥନ

**ନୂଆଦିଲ୍ଲୀ,୩–୧୧:** ରିଜର୍ଭ ବ୍ୟାଙ୍କ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ କମାଇବା ଲାଗି ଉଭୟ ପକ୍ଷ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବିରଲ ଆଚାର୍ଯ୍ୟଙ୍କ ପରେ ରିଜର୍ଭ ବ୍ୟାଙ୍କର ଅନ୍ୟ ଜଣେ ଡେପୁଟି ଗଭର୍ନର କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ବ୍ୟାଙ୍କଗୁଡିକ ପାଇଁ ଋଣ ପ୍ରଦାନ ନିୟମକୁ କୋହଳ କରିବା ଲାଗି କେନ୍ଦ୍ର ସରକାର ଚାପ ପ୍ରୟୋଗ କରୁଥିବାରୁ ଡେପୁଟି ଗଭର୍ନର ଏନ.ଏସ୍. ବିଶ୍ୱନାଥନ ଏହାକୁ ସମାଲୋଚନା କରିଛନ୍ତି। ଏକ୍ସଏଲ୍‌ଆର୍‌ଆଇ, ଜାମସେଦପୁର ପକ୍ଷରୁ ଅକ୍ଟୋବର ୨୯ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଶ୍ୱନାଥନ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଫେବୃୟାରୀ ୧୨ରେ ବ୍ୟାଙ୍କଗୁଡିକ ପାଇଁ ଜାରି କରାଯାଇଥିବା ସର୍କୁଲାରକୁ ସମର୍ଥନ କରିଛନ୍ତି। ବ୍ୟାଙ୍କଗୁଡିକ ନିକଟରେ ନିଜସ୍ୱ ଅର୍ଥ ନାହିଁ। ସେମାନଙ୍କ ନିକଟରେ ଜମାକାରୀଙ୍କ ଅର୍ଥ ରହିଛି। ସେ କହିଛନ୍ତି ଯେ, ଦୃଢ଼ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଅର୍ଥନୀତି ଅଭିବୃଦ୍ଧି ପାଇଁ ଅତ୍ୟାବଶ୍ୟକ। ବାଲାନ୍ସ ଶିଟ୍ ସୁଦୃଢ଼ ରହିଛି ବୋଲି ବିଚାର ନ କରି ବରଂ ଦୁର୍ବଳତାକୁ ଚିହ୍ନଟ କରିବା ସହ ଏହାର ସମାଧାନ ପ୍ରକୃତ ପଦକ୍ଷେପ ହେବ। ଉଲ୍ଲେଖଥାଉ କି, ବିବାଦକୁ ହାଲ୍‌କା କରିବା ଲାଗି କେନ୍ଦ୍ର ସରକାର ବିବୃତି ଜାରି କରିବାର ଦୁଇ ଦିନ ପୂର୍ବରୁ ବିଶ୍ୱନାଥନ ବିବୃତି ଦେଇଥିଲେ। ଆର୍‌ବିଆଇ ଏହାକୁ ଶୁକ୍ରବାର ନିଜ ୱେବସାଇଟ୍‌ରେ ଅପଲୋଡ କରିଥିଲେ। ସେ କହିଛନ୍ତି ଯେ, ଜମାକାରୀଙ୍କ ଅର୍ଥକୁ ନେଇ ବ୍ୟାଙ୍କଗୁଡିକ ଋଣ ଦେଇଥାନ୍ତି। ଏଣୁ ଜମାକାରୀଙ୍କ ଅର୍ଥକୁ ଏଭଳି ବ୍ୟବହାର କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ରାଜ୍ ଇଲେକଟ୍ରୋନିକ୍ସର ପ୍ରାଇସ୍ ଚ୍ୟାଲେଞ୍ଜ ଅଫର

**ଭୁବନେଶ୍ୱର,୩–୧୧**

ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଦୀପାବଳି ଏବଂ ଧନତେରସକୁ ନଜରରେ ରଖି ପ୍ରାଇସ ଚ୍ୟାଲେଞ୍ଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକମାନେ ଓଏଲ୍‌ଇଡି, କ୍ୟୁଏଲ୍‌ଇଡି, ଡିଆଇଓଏସ୍ ରେଫ୍ରିଜରେଟର, ୫ ଷ୍ଟାର ଓ ଇନଭର୍ଟର ଏସି ଉପରେ ସହଜ ଇଏମ୍‌ଆଇ ଏବଂ ୦% ସୁଧରେ ପ୍ରଡକ୍ଟ ଲାଭ କରିପାରିବେ। ସେହିଭଳି ବଜେଟ ଅନୁଯାୟୀ କିସ୍ତି ସୁବିଧା ଗ୍ରାହକ ପାଇପାରିବେ। ବଜାଜ ଫାଇନାନ୍ସ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଗିଫ୍ଟ ଭାଉଚର ସୁବିଧା, ଦୀପାବଳି ମଧ୍ୟରେ ଫାଇନାନ୍ସରେ ପ୍ରଡକ୍ଟ କ୍ରୟରେ ଗୋଟିଏ କିସ୍ତିର ଦେୟ ଗ୍ରାହକ ଫେରିପାଇବେ। ଗୋଟିଏ ପ୍ରଡକ୍ଟ କ୍ରୟରେ ଦୁଇଟି ଉପହାର ଏବଂ ରିହାତିରେ ପ୍ରଡକ୍ଟ କିଣିବାକୁ ଗ୍ରାହକ ସକ୍ଷମ ହେବ। ୫୫ ଇଞ୍ଚର ବଛା ବଛା ଟିଭି କିଣିଲେ ୩୨ ଇଞ୍ଚର ଏଲ୍‌ଇଡି ଟିଭି ମାଗଣା ପାଇପାରିବେ । ସେହିଭଳି ନିର୍ଦ୍ଧାରିତ ଡିଓସ୍ ରେଫ୍ରିଜରେଟର କ୍ରୟରେ ୩୨ ଇଞ୍ଚର ଏଲ୍‌ଇଡି କିମ୍ବା ମିନି ରେଫ୍ରିଜରେଟର ରହିଛି। ଏହା ବାଦ୍ ଆକର୍ଷଣୀୟ ଏକ୍ସଚେଞ୍ଜ ଅଫର ମଧ୍ୟ ରହିଛି। ଏହି ଅଫର ରାଜ ଇଲେକଟ୍ରୋନିକ୍ସର ୨୨ ଶୋ'ରୁମରେ ଉପଲବ୍ଧ ହେବ ବୋଲି ଏହାର ସ୍ୱତ୍ୱାଧିକାରୀ ପ୍ରକାଶ ବିଶ୍ୱାଳ ସୂଚନା ଦେଇଛନ୍ତି।

## ୧୦୦ କୋଟି ଛୁଇଁବ ଡେବିଟ୍ କାର୍ଡ

**ନୂଆଦିଲ୍ଲୀ,୩–୧୧**

ଏନ୍‌ଡିଏ ସରକାର ଡିଜିଟାଲ ଟ୍ରାଞ୍ଜାକସନ ପ୍ରତି ଜୋର୍ ଦେଉଥିବାରୁ ଏବେ ଦେଶରେ କାର୍ଡ ବ୍ୟବହାର ବହୁ ଗୁଣରେ ବଢ଼ିଯାଇଛି। ଖୁବଶୀଘ୍ର ଭାରତରେ ଡେବିଟ୍ କାର୍ଡ ସଂଖ୍ୟା ୧୦୦ କୋଟି ଛୁଇଁବ। ମନରେଗା, ଜନଧନ ଯୋଜନା ଏବଂ ଡିବିଟି ସ୍କିମ୍‌ର ଲାଭ ପାଇବା ଲାଗି ସରକାର ଅନ୍‌ଲାଇନ ବ୍ୟବସ୍ଥା କରିବା ପରେ ଡେବିଟ୍ କାର୍ଡ ବ୍ୟବହାର ବଢ଼ିଯାଇଛି। ୧୦ ବର୍ଷ ପୂର୍ବେ ଏହି ସଂଖ୍ୟା ମାତ୍ର ୮.୪ କୋଟି ଥିଲା। ଦେଶରେ ଏବେ କେବଳ ରୁପେ କାର୍ଡଧାରୀଙ୍କ ସଂଖ୍ୟା ୫ କୋଟି ୬୦ ଲକ୍ଷରେ ପହଞ୍ଚିଗଲାଣି। ୨୦୧୨ରେ ଏହାକୁ ଦେଶରେ ଲାଗୁ କରାଯାଇଥିଲା। ତେବେ ଦୁଇବର୍ଷ ପୂର୍ବେ ଅର୍ଥାତ ୨୦୧୬ରୁ ଏହାର ବ୍ୟବହାରରେ ବିରାଟ ପରିବର୍ତ୍ତନ ଆସିଛି। ଲୋକେ ଏହାକୁ ବହୁଳ ଭାବେ ବ୍ୟବହାର କରୁଛନ୍ତି। ଦୁଇ ବର୍ଷ ପୂର୍ବେ ଏହି କାର୍ଡ ସଂଖ୍ୟା ୨.୩ କୋଟି ଥିଲା।

## ବାଣିଜ୍ୟ ଦ୍ୱାର ଖୋଲିବାରୁ ଭାରତକୁ ମିଳିଛି ଫାଇଦା: ପାନଗାରିୟା

**ନୂଆଦିଲ୍ଲୀ,୩–୧୧:** ବିକାଶଶୀଳ ଦେଶଗୁଡିକ ପାଇଁ ସଂରକ୍ଷଣବାଦ ଲାଭଦାୟକ ବୋଲି ପୂର୍ବରୁ ପ୍ରଚଳିତ ଧାରଣାକୁ ଭାରତ ସମେତ ବହୁ ଦେଶ ଭୁଲ୍ ପ୍ରମାଣିତ କରିସାରିଛନ୍ତି। ବାଣିଜ୍ୟ ଦ୍ୱାର ଖୋଲିବା ଯୋଗୁ ଭାରତ ଭଳି ଦେଶଗୁଡିକୁ ଫାଇଦା ମିଳିଛି ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିୟା କହିଛନ୍ତି। ସେ କହିଛନ୍ତି ଯେ, ବାଣିଜ୍ୟରେ ଥିବା ବାଧାଗୁଡିକ ଦୂର ହେବା କାରଣରୁ ଅଭିବୃଦ୍ଧି ହାସଲ କରିବା ତଥା ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇଛି। ନିଜର ପୁସ୍ତକ 'ଫ୍ରି ଟ୍ରେଡ୍ ଆଣ୍ଡ ପ୍ରସପରିଟି'ର ଉନ୍ମୋଚନ ଉତ୍ସବରେ ସେ କହିଛନ୍ତି ଯେ,ଯେତେବେଳେ କୌଣସି ଦେଶ ବାଣିଜ୍ୟ ଲାଗି ଦ୍ୱାର ଉନ୍ମୁକ୍ତ କରେ ବିକାଶ ହୋଇଥାଏ।

## ଆଇବିସିରେ ୧୧୯୮ କର୍ପୋରେଟ ସାମିଲ

**କୋଲକାତା,୩–୧୧**

ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ (ଆଇବିସି) ଅଧୀନରେ ଋଣ ସମାଧାନ ଲାଗି ୧୧୯୮ କର୍ପୋରେଟଙ୍କୁ ସାମିଲ କରାଯାଇଛି ବୋଲି ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଆଇବିବିଆଇ)ର ପୂର୍ଣ୍ଣକାଳୀନ ସଦସ୍ୟ ନଭରଙ୍ଗ ସଇନି ପ୍ରକାଶ କରିଛନ୍ତି। ମର୍ଚ୍ଚାଣ୍ଟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଏମାନଙ୍କ ମଧ୍ୟରୁ ୫୨ ମାମଲାର ସମାଧାନ ହୋଇସାରିଛି ଏବଂ ୨୧୨ ମାମଲା ସମାଧାନ ରାସ୍ତାରେ ରହିଛି।

## ହୋଣ୍ଡା ଜଏ କ୍ଲବରେ ଯୋଡି ହେଲେ ୧ ଲକ୍ଷରୁ ଅଧିକ ସଦସ୍ୟ

**ଭୁବନେଶ୍ୱର,୩–୧୧**

ପ୍ରମୁଖ କମ୍ପାନୀ ହୋଣ୍ଡା ସ୍କୁଟର ଆଣ୍ଡ ମୋଟରସାଇକେଲ ଇଣ୍ଡିଆ ପକ୍ଷରୁ ଆରମ୍ଭ ହୋଇଥିବା ଜଏ କ୍ଲବ କାର୍ଯ୍ୟକ୍ରମରେ ୧ ଲକ୍ଷରୁ ଅଧିକ ସଦସ୍ୟ ଯୋଡି ହୋଇଛନ୍ତି। ୧ ମାସରୁ କମ୍ ସମୟ ମଧ୍ୟରେ ଏହି ସଦସ୍ୟମାନେ ଯୋଡି ହୋଇଥିବା ଜଣା ପଡିଛି। ଏହା ଦ୍ୱାରା କମ୍ପାନୀ ଏହାର ନୂଆ ତଥା ପୁରୁଣା ଗ୍ରାହକଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରୁଛି। ଭାରତୀୟ ଟୁହ୍ୱିଲର୍ସ ଶିଳ୍ପରେ ଏହା ବୃହତ୍ ତଥା ପ୍ରଥମ ପଦକ୍ଷେପ ବୋଲି କମ୍ପାନୀ ପ୍ରକାଶ କରିଛି। ଭାରତ କମ୍ପାନୀ ପାଇଁ ଏକ ପ୍ରମୁଖ ବଜାର ହୋଇଥିବା ବେଳେ ଏହାର ମୋଟ ବିକ୍ରିରେ ୩୨% ଅବଦାନ ରଖୁଛି। ୧୮ ବର୍ଷରେ କମ୍ପାନୀ ୩୯ ନିୟୁତ ପରିବାରକୁ ନିଜ ସହ ଯୋଡି ପାରିଛି। ପ୍ରତି ୫ ସେକେଣ୍ଡରେ ଜଣେ ଗ୍ରାହକ କମ୍ପାନୀର ନେଟଓ୍ୱାର୍କରେ ଯୋଡି ହେଉଛନ୍ତି। ୨୦ ଦିନ ମଧ୍ୟରେ ୧ ଲକ୍ଷରୁ ଅଧିକ ପଞ୍ଜୀକରଣ ଲାଭ କରିବାକୁ ସକ୍ଷମ ହୋଇଛୁ ବୋଲି କମ୍ପାନୀର ବିକ୍ରି ଏବଂ ବିପଣନ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

## ଅଡି ପକ୍ଷରୁ ଭୁବନେଶ୍ୱରରେ କ୍ୟୁ ଡ୍ରାଇଭ୍

**ଭୁବନେଶ୍ୱର,୩–୧୧**

ଜର୍ମାନୀର ଲକ୍ସ୍ୟୁରୀ କାର ନିର୍ମାତା ଅଡି ପକ୍ଷରୁ ଭୁବନେଶ୍ୱରରେ 'ଅଡି କ୍ୟୁ ଡ୍ରାଇଭ୍'ର ୨୦୧୮ ସିଜନ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କୁ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ ଦିଗରେ କମ୍ପାନୀ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଦେଶର ୨୮ ସ୍ଥାନରେ ଏଭଳି ମୋଟ ୩୦ ଇଭେଣ୍ଟ ଆୟୋଜନ ନେଇ କମ୍ପାନୀ ଯୋଜନା କରିଛି। ଅଡିର ଗ୍ରାହକ ଏବଂ ଉତ୍ସାହୀ ମାନେ କମ୍ପାନୀର କ୍ୱାଟ୍ରୋ ଟେକ୍ନୋଲୋଜିର ଅଭିଜ୍ଞତା ଏହା ଦ୍ୱାରା ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପାହାଳସ୍ଥିତ ଶୋ'ରୁମରେ ରବିବାର ଅନୁଷ୍ଠିତ ହେବ। କମ୍ପାନୀ ଏହି ଟେକ୍ନୋଲୋଜିକୁ ଏହାର କ୍ୟୁ ୭, କ୍ୟୁ୫, କ୍ୟୁ ୩ ଭଳି ମଡେଲରେ ବ୍ୟବହାର କରିଛି। ଅଡିର ସ୍ୱତନ୍ତ୍ର ବିଶେଷଜ୍ଞଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସଂଚାଳନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

DSPL - 191

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ଓଡ଼ିଶା ସରକାର

**ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

**ମାନସିକ ରୋଗ ସମ୍ପର୍କରେ ଜାଣିବା କଥା**

ଆମ ରାଜ୍ୟରେ ବର୍ଷକୁ ପ୍ରାୟ ୧୫ ରୁ ୧୭ ହଜାର ମାନସିକ ରୋଗୀ ଚିହ୍ନଟ ହୋଇଥାନ୍ତି । ତନ୍ମଧ୍ୟରୁ ଶତକଡ଼ା ୫୦ ରୁ ୮୦ ଭାଗ ରୋଗୀ ଆମ ରାଜ୍ୟରେ ବିଳମ୍ବରେ ଚିହ୍ନଟ ହୋଇଥାନ୍ତି । ଆପଣଙ୍କ କିମ୍ବା ଆପଣଙ୍କ ଅଂଚଳରେ ପିଲାଙ୍କ ଠାରେ ନିମ୍ନଲିଖିତ ଲକ୍ଷଣ ପରିଲକ୍ଷିତ ହେଲେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗର ଲକ୍ଷଣ**

★ ବହୁଦିନ ଧରି ରାତିରେ ନିଦ ନହେବା
★ ବାରମ୍ବାର ରାତିରେ ଦୁଃସ୍ୱପ୍ନ ଦେଖିବା
★ ମନରେ ଅତ୍ୟଧିକ ଡର ଲାଗିରହିବା
★ ଅନ୍ୟକୁ ଅତ୍ୟଧିକ ସନ୍ଦେହ କରିବା ଓ ହଠାତ୍ ରାଗିଯିବା
★ ମାତ୍ରାଧିକ ସ୍ମରଣଶକ୍ତିର ହ୍ରାସ ଘଟିବା
★ ସବୁବେଳେ ଅନ୍ୟମନସ୍କ ରହିବା ଓ ପ୍ରତ୍ୟେକ କଥା ଭୁଲିଯିବା
★ ବାରମ୍ବାର ଗୋଟିଏ କାମକୁ ଆବଶ୍ୟକତାଠାରୁ ଅଧିକଥର କରିବା
★ ମାତ୍ରାଧିକ ଦୁଃଖୀହେବା ଓ ମୌନ ରହିବା
★ ଗୋଟିଏ କଥାକୁ ବାରମ୍ବାର ଚିନ୍ତା କରିବା
★ ମନକୁ ମନ ହସିବା କିମ୍ବା ଅଯଥା ଗପିବା
★ ହତାଶ ଅନୁଭବ କରିବା ଓ ମନକୁ ଆତ୍ମହତ୍ୟା ଭାବନା ଆସିବା
★ ଅସ୍ୱାଭାବିକ ଆଚରଣ ଓ ବିଶୃଙ୍ଖଳା ଦେଖାଦେବା

**ମାନସିକ ରୋଗକୁ ପ୍ରତିରୋଧ କରିବାର ଉପାୟ**

★ କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା
★ ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା
★ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ଜାରି ରଖିବା
★ ନିୟମିତ ଶାରୀରିକ ପରିଶ୍ରମ ଜାରି ରଖିବା
★ ଉଚ୍ଚତା ଓ ବୟସ ଅନୁପାତରେ ନିଜ ଓଜନକୁ ସନ୍ତୁଳିତ ରଖିବା
★ ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସକୁ ଆପଣାଇବା
★ ଅତ୍ୟଧିକ ମାନସିକ ଚାପରୁ ନିଜକୁ ନିବୃତ୍ତ ରଖିବା
★ ନିୟମିତ ଭାବରେ ଯୋଗାଭ୍ୟାସ ଏବଂ ଧ୍ୟାନ ଜାରି ରଖିବା

10036/13/0001/1819

ଯଦି କୌଣସି ବ୍ୟକ୍ତିଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ତେବେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ ।

**ମାନସିକ ରୋଗ ପ୍ରାଥମିକ ଅବସ୍ଥାରେ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ । ମାନସିକ ରୋଗୀମାନଙ୍କ ପାଇଁ ଔଷଧ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା ମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ଅଟେ ।**

facebook.com/HFWOdisha http://www.health.odisha.gov.in/ @HFWOdisha

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା**

# ମୁଁ ଅନ୍ୟାୟର ଶିକାର ହୋଇଛି: ଜନ୍‌ସନ୍



ବେନ୍ ଜନ୍‌ସନ୍, ଲେଖକ ରିଚାର୍ଡ ମୁର୍, ସଂଯୋଜିକା ଶିରୀନ

**ଭୁବନେଶ୍ୱର, ୩।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ଏକଦା ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଧାବକ ବିବେଚିତ ହେଉଥିବା ବେନ୍ ଜନ୍‌ସନ୍ ତାଙ୍କ ପୂର୍ବ ବକ୍ତବ୍ୟକୁ ଦୋହରାଇଛନ୍ତି। କ୍ରୀଡ଼ାରେ ରାଜନୀତି ରହିଛି। କ୍ରୀଡ଼ାବିତ୍‌ମାନେ ଏହାର ଶିକାର ମଧ୍ୟ ହେଉଛନ୍ତି। ଏଠାରେ ଅନୁଷ୍ଠିତ ହୋଇଥିବା ଏସିଆର ପ୍ରଥମ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର 'ଦି ଡାର୍ଟିଏଷ୍ଟ ରେସ୍ ଇନ୍ ହିଷ୍ଟ୍ରୀ' ଶୀର୍ଷକ ଆଲୋଚନାରେ ଯୋଗଦେଇ ସେ ଏହି କଥା କହିଛନ୍ତି। ୩୦ ବର୍ଷ ତଳେ ୧୯୮୮ ସିଓଲ ଅଲିମ୍ପିକ୍ସ ଘଟଣାକୁ ମନେ ପକାଇ ସେ ଏହି କଥା କହିଛନ୍ତି। ୧୦୦ମିଟର ଦୌଡ ଇତିହାସରେ ଅଲିମ୍ପିକ୍ସର ଏହି ସଂସ୍କରଣ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୧୦୦ ମି. ଦୌଡରେ ଜନ୍‌ସନ୍ ପ୍ରଥମ ଧାବକ ଭାବେ ୯.୮୦ ସେକେଣ୍ଡ ସମୟ ନେଇ ଚାମ୍ପିୟନ ହୋଇଥିଲେ। ତେବେ ଦୁଇଦିନ ପରେ ନିଷିଦ୍ଧ ଷ୍ଟେରଏଡ ଷ୍ଟନୋଜୋଲୋ ସେବନ କରି ସେ ଡୋପ ଟେଷ୍ଟରେ ବିଫଳ ହେବା ପରେ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ କାଢି ନିଆଯାଇଥିଲା। ୧୦୦ମି. ଫାଇନାଲରେ ଅଂଶଗ୍ରହଣ କରିଥିବା ୮ ଧାବକଙ୍କ ମଧ୍ୟରୁ ଆମେରିକାର କାର୍ଲ ଲୁଇସଙ୍କ ସମେତ ୬ଜଣଙ୍କ ଡୋପିଂ ଅଭିଯୋଗ ଆସିଥିଲା। ତେବେ ଶେଷରେ ଜନ୍‌ସନ୍ ହିଁ ଦୋଷୀ ସାବ୍ୟସ୍ତ ହେବା ସହ ବାସନ୍ଦର ସମ୍ମୁଖୀନ ହୋଇଥିଲେ। ଏ ନେଇ ଜନ୍‌ସନ୍ ଆମେରିକାକୁ ଦାୟୀ କରିଛନ୍ତି। ସମ୍ପୂର୍ଣ୍ଣ ପ୍ରକ୍ରିୟା ପୂର୍ବ ନିର୍ଦ୍ଧାରିତ ଥିଲା। ମୁଁ ପ୍ରଥମ ଦିନରୁ ଏହା ଜାଣିଥିଲି ଓ ୩୦ ବର୍ଷ ପରେ ମଧ୍ୟ ଏହି କଥା କହୁଛି ବୋଲି ଜନ୍‌ସନ୍ କହିଛନ୍ତି। ଆମେରିକା ସ୍ୱର୍ଣ୍ଣ ପଦକ ହାତେଇବାକୁ ଚାହୁଁଥିଲା। ତେଣୁ ଏହି ସବୁ ଘଟଣା ଘଟିଥିଲା ବୋଲି ସେ କହିଛନ୍ତି। ଏହି ପ୍ରକ୍ରିୟାରେ କାନାଡ଼ା ସରକାରଙ୍କଠାରୁ କୌଣସି ସହାୟତା ପାଇ ନ ଥିଲେ ବୋଲି ଜନ୍‌ସନ୍ କହିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ଡୋପିଂ କଳଙ୍କ ମୁଣ୍ଡାଇ ବଞ୍ଚିବାକୁ ପ୍ରୟାସ କରି ଆସିଥିବା ଜନ୍‌ସନ୍‌ଙ୍କ ମୁହଁ ଗ୍ଳାନି ସ୍ପଷ୍ଟ ବାରି ହୋଇ ପଡିଥିଲା। ଆଜିକାଲି ପ୍ରତ୍ୟେକ କ୍ରୀଡ଼ାରେ ରାଜନୀତି ହେଉଛି। ଏହା ଠିକ୍ ନୁହେଁ ଓ ମୁଁ ମଧ୍ୟ ଏହାକୁ ପସନ୍ଦ କରେନାହିଁ। ମୋର ମଧ୍ୟ ସିଓଲ ଘଟଣା ନେଇ କୌଣସି ଅବସୋସ ନାହିଁ। ମୁଁ ମୋର ଭାଗ୍ୟକୁ ବଦଳାଇ ପାରିବି ନାହିଁ। ମୁଁ କୌଣସି ବଡ଼ ସଫଳତା ହାସଲ କଲେ, ଯଦି ଅନ୍ୟ କେହି ଈର୍ଷା କରନ୍ତି ତେବେ ଏଥିରେ ମୋର କିଛି କରିବାର ନାହିଁ ବୋଲି ଜନସନ କହିଥିଲେ। ୧୯୮୮ ଅଲିମ୍ପିକ୍ସ ପୂର୍ବରୁ କାର୍ଲ ଲୁଇସ୍ ୩ଥର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ ମଧ୍ୟ ଆମେରିକା ଅଲିମ୍ପିକ୍ସ କମିଟି ଦ୍ୱାରା ଦୋଷମୁକ୍ତ ହୋଇଥିଲେ। ସେହିପରି ଆଉଜଣେ ଆଥଲେଟ୍ ଜଷ୍ଟିନ ଗାଟଲିନ୍ ଏକାଧିକ ଡୋପ୍ ଟେଷ୍ଟରେ ବିଫଳ ହୋଇ ବାସନ୍ଦ ହୋଇଥିଲେ ମଧ୍ୟ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୨୦୧୭ ଲଣ୍ଡନ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଆମେରିକା ସବୁବେଳେ ତା'ର ଆଥଲେଟଙ୍କୁ ସହାୟତା କରିଥାଏ। ଗାଟଲିନ୍ ଓ ମୋ ମଧ୍ୟରେ ସୁବଠାରୁ ବଡ଼ ତଫାତ୍ ହେଉଛି ସେ ଜଣେ ଆମେରିକୀୟ ଓ ମୁଁ ଜଣେ କାନାଡୀୟ। ଆମେରିକା ନିଜର ଆଥଲେଟ୍‌ମାନଙ୍କୁ ସହାୟତା କରିବା ସହ ସେମାନଙ୍କର ଯତ୍ନ ନେଇଥାଏ। ଯଦି ଆମେରିକାରେ କୌଣସି ସମସ୍ୟା ଆସେ, ତାହେଲେ ସେମାନେ ଗଣମାଧ୍ୟମକୁ କିଛି କହି ନ ଥାନ୍ତି। ଆମେରିକୀୟମାନେ ସବୁବେଳେ ମିଛ କହିଥାନ୍ତି। କ୍ରୀଡ଼ା ଏବେ ବ୍ୟବସାୟ ହୋଇଯାଇଛି। ଜନ୍‌ସନ୍ ଆମେରିକା ଉପରେ ନିଜର ଅସନ୍ତୋଷ ଜାହିର କରିବା ସହ କାନାଡ଼ା ସରକାରଙ୍କଠାରୁ ସହାୟତା ପାଇ ନ ଥିବା କଥା ପରୋକ୍ଷରେ ସୂଚାଇଥିଲେ। ଏପରିକି ମୁଁ ମୋର ଜନ୍ମସ୍ଥାନ ଜାମାଇକା ଫେରିଯିବା ଉଚିତ୍ ହେବ ବୋଲି ସେ କ୍ଷୋଭର ସହିତ କହିଥିଲେ। ଟ୍ରାକ ଆଣ୍ଡ ଫିଲ୍ଡ ସହିତ ସବୁ ପ୍ରକାର କ୍ରୀଡ଼ାରେ ଫିଟ୍‌ନେସ୍ ନିହାତି ଜରୁରୀ। ସବୁ କ୍ରୀଡ଼ାର ଜନନୀ ହେଉଛି ଫୁଟବଲ। ତେଣୁ ଫୁଟବଲ ଖେଳିଲେ ଫିଟ୍‌ନେସ ବଜାୟ ରହିବ ଓ କ୍ରୀଡ଼ାବିତ୍‌ଙ୍କ ଫିଟନେସ୍ ନେଇ ଏହା ବେଶ୍ ସହାୟ ହେବ। ଏବେ ଯଦି ୬ ମାସ ପ୍ରାକ୍ଟିସ୍ କରିବି ମୁଁ ମୋର ପୂର୍ବ ସଫଳତା ଦୋହରାଇ ପାରିବି ବୋଲି ଜନ୍‌ସନ୍ କହିଥିଲେ।

# ବାଧ୍ୟରେ ଅବସର ନେଲି: ସର୍ଦ୍ଦାର



ସର୍ଦ୍ଦାର ସିଂ

**ଭୁବନେଶ୍ୱର, ୩।୧୧(କ୍ରୀଡ଼ା ପ୍ରତିନିଧି):** ଭାରତୀୟ ହକିର ଅନ୍ୟତମ ଚର୍ଚ୍ଚିତ ନାମ ସର୍ଦ୍ଦାର ସିଂ। ଭାରତକୁ ଅନେକ ମ୍ୟାଚ ବିଜୟର ସ୍ୱାଦ ଚଖାଇଥିବା ଏହି ତାରକା ମିଡ୍‌ଫିଲ୍ଡର ଏବେ ଦଳରେ ନାହାନ୍ତି। ହକି ବିଶ୍ୱକପ ପରି ଏକ ବଡ଼ ପ୍ରତିଯୋଗିତା ଘରୋଇ ପରିବେଶରେ ଆୟୋଜନ ହେବାକୁ ଯାଉଥିବାବେଳେ ଏହାର କିଛିଦିନ ପୂର୍ବରୁ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରିଛନ୍ତି ସର୍ଦ୍ଦାର। ଏହାର କାରଣକୁ ନେଇ ଚାଲିଛି ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା। କାରଣ ଖୋଜି ପାଉନାହାନ୍ତି ଭାରତୀୟ ହକିପ୍ରେମୀ ଓ ସର୍ଦ୍ଦାରଙ୍କ ପ୍ରଶଂସକ। ଶନିବାର ଏହି କୁହେଳିକା ଉପରୁ ପର୍ଦ୍ଦା ହଟାଇଛନ୍ତି ନିଜେ ସର୍ଦ୍ଦାର। ଏଠାରେ ଆୟୋଜିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲ ଅବସରରେ ସେ ପ୍ରକାଶ କରିଛନ୍ତି ମନର କଥା। ଅବସର ସେ ସ୍ୱଇଚ୍ଛାରେ ନେଇନାହାନ୍ତି ବରଂ ଏଥିପାଇଁ ତାଙ୍କୁ ବାଧ୍ୟ କରାଯାଇଥିଲା ବୋଲି ଅତ୍ୟନ୍ତ ଦୁଃଖର ସହ ସେ ବର୍ଣ୍ଣନା କରିଛନ୍ତି।

ନିଜ ଅବସର ପାଇଁ ତତ୍କାଳୀନ କୋଚ୍ ଜୋର୍ଡ ମାରିଜନେ ଓ ବର୍ତ୍ତମାନର ହାଇ ପରଫରମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍‌ଙ୍କୁ ଦାୟୀ କରିଛନ୍ତି ସର୍ଦ୍ଦାର। ''ଗତବର୍ଷ ଢାକାରେ ଏସିଆ କପ୍ ଚାଲିଥିବାବେଳେ ମାରିଜ୍‌ନେଙ୍କ ଉପସ୍ଥିତିରେ ଜନ୍ ତାଙ୍କ ରୁମ୍‌କୁ ମୋତେ ଡାକିଥିଲେ। ସେଦିନ ସନ୍ଧ୍ୟାରେ ପାକିସ୍ତାନ ସହିତ ଆମର ମ୍ୟାଚ ଥିବାରୁ ମୁଁ ସ୍ୱାଭାବିକ ଭାବେ ମାନସିକ ଚାପରେ ରହିଥାଏ। ଜନ୍ ମୋତେ କହିଲେ ଯେ, ତୁମେ ବହୁତ ତ୍ରୁଟି କରୁଛ ଏବଂ ଅନେକ ସମୟରେ ବ୍ୟକ୍ତିଗତ ଖେଳିବାଭଳି ପ୍ରଦର୍ଶନ କରୁଛ। ଏହା ମୋତେ ଖୁବ୍ ଆଘାତ ଦେଇଥିଲା। ଏହି କଥା ସେମାନେ ମୋତେ ଅନ୍ୟ କୌଣସି ସମୟରେ କହି ପାରିଥାନ୍ତେ। ପରେ ମାଲେସିଆ ବିପକ୍ଷ ମ୍ୟାଚରେ ପରାଜୟ ପରେ ମୁଁ ପରିବାରବର୍ଗଙ୍କ ସହିତ ଆଲୋଚନା କରି ଅବସର ସମ୍ପର୍କରେ ଚିନ୍ତା କରିଥିଲି'' ବୋଲି କହିଛନ୍ତି ଏହି ତାରକା ମିଡ୍‌ଫିଲ୍ଡର। ଏହାପରେ ମୋତେ ଓମାନରେ ହେବାକୁଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷିତ ସମ୍ଭାବ୍ୟ ଦଳରୁ ବାଦ୍ ଦିଆଯାଇଥିଲା। ଏହାଦ୍ୱାରା ମୋତେ ପରୋକ୍ଷରେ ଅବସର ସମ୍ପର୍କରେ ଚିନ୍ତା କରିବାକୁ ବାଧ୍ୟ କରାଯାଇଥିଲା। ମୋତେ ୱାର୍ଲ୍ଡ ହକି ଲିଗ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଦଳରୁ ବାଦ୍ ଦିଆଗଲା। ମୋତେ ଏକ ଜୁନିୟର ଦଳ ସହ ମାଲେସିଆ ଖେଳିବାକୁ ପଠାଗଲା। ଏ ସବୁ କ'ଣ ହେଉଛି ବୋଲି ସ୍ୱାଭାବିକଭାବେ ମୋ ମନରେ ପ୍ରଶ୍ନ ଉଠିଥିଲା। ଏସିଆନ ଗେମ୍ସ ପରେ ମୁଁ ୨୦୨୦ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଖେଳିବି ବୋଲି ଭାବିଥିଲି। କାରଣ ମୁଁ ଭାରତୀୟ ଦଳର ଅନ୍ୟତମ ଫିଟେଷ୍ଟ ଖେଳାଳି। ମାତ୍ର ମୋତେ ପୁଣି ଦଳରୁ ବାଦ୍ ଦିଆଯିବାରୁ ଅବସର ନେବାକୁ ବାଧ୍ୟ ହେଲି ବୋଲି ସର୍ଦ୍ଦାର କହିଛନ୍ତି।

ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳରେ ଅତ୍ୟଧିକ ପରିବର୍ତ୍ତନକୁ ବିରୋଧ କରିଛନ୍ତି ସର୍ଦ୍ଦାର। କୌଣସି ଟୁର୍ନାମେଣ୍ଟ ପାଇଁ ୨-୩ ଜଣ ଖେଳାଳି ପରିବର୍ତ୍ତନ କରାଗଲେ ଚଳିବ, ମାତ୍ର ଅତ୍ୟଧିକ ପରିବର୍ତ୍ତନ ଦ୍ୱାରା ପ୍ରଦର୍ଶନ ପ୍ରଭାବିତ ହେଉଛି। ଉଦାହରଣ ଛଳରେ ସର୍ଦ୍ଦାର କହିଲେ ଯେ, ଥରେ ବେଙ୍ଗାଲୁରୁଠାରେ କ୍ୟାମ୍ପ ଚାଲିଥିବାବେଳେ ଟିମ୍ ଚୟନ ସମ୍ପର୍କରେ ଅଦ୍ଭୁତ ଢଙ୍ଗରେ ପ୍ରକାଶ କରାଯାଇଥିଲା। ସକାଳେ କୁହାଯାଇଥିଲା କି ଦଳ ଚୟନ ତାଲିକା ରୁମ୍‌ଗୁଡ଼ିକର କାନ୍ଥରେ ଲଗାଯାଇଛି। ଯେଉଁମାନେ ଚୟନ ହୋଇଛନ୍ତି ସେମାନେ ପଡ଼ିଆକୁ ଯିବେ। ଯେଉଁମାନଙ୍କ ନାଁ ନାହିଁ ସେମାନଙ୍କୁ କାରଣ ସମ୍ପର୍କରେ ପରେ ଜଣାଇ ଦିଆଯିବ। ମୋ ନାଁ ସେହି ତାଲିକାରେ ନ ଥିବାରୁ ଅଭ୍ୟାସକୁ ଯାଇପାରି ନ ଥିଲି। ତାଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲା ସମ୍ପର୍କରେ ଅଧିକ କିଛି କହିବାକୁ ମନା କରି ଦେଇଥିଲେ ସର୍ଦ୍ଦାର। ପଞ୍ଜାବରେ ଏ ସମ୍ପର୍କିତ ୨ଟି ମାମଲା ମୋ ସପକ୍ଷରେ ଯାଇଥିଲା। ଈର୍ଷା ପରାୟଣତାର ବଶବର୍ତ୍ତୀ ହୋଇ ସମ୍ଭବତଃ ଏପରି କରାଯାଇଥାଇପାରେ। ମାତ୍ର ଏଭଳି ଘଟଣା ମୋ ଉପରେ କୌଣସି ପ୍ରଭାବ ପକାଇ ନାହିଁ କିମ୍ବା ମୋ ପ୍ରଦର୍ଶନକୁ ପ୍ରଭାବିତ କରିନାହିଁ। ଅତିକମ୍‌ରେ ୨ ବର୍ଷ ବଡ଼ ବଡ଼ ଲିଗ୍‌ରେ ଖେଳିବା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି ସର୍ଦ୍ଦାର। ''ମୁଁ ନିଜକୁ ଫିଟ୍ ରଖି ୨ ବର୍ଷ ପାଇଁ ୟୁରୋପିଆନ କ୍ଲବ ଗୁଡ଼ିକରେ ଖେଳିବି। ତେବେ କୋଚିଂ ଦେବାରେ ମୋର କୌଣସି ଯୋଜନା ନାହିଁ'' ବୋଲି ସେ କହିଛନ୍ତି। ସର୍ଦ୍ଦାରଙ୍କ ଜୀବନୀ ଉପରେ ସନ୍ଦୀପ ମିଶ୍ର 'ଦି ଲାଷ୍ଟ ସର୍ଦ୍ଦାର' ଲେଖିଛନ୍ତି। ଏହି ପୁସ୍ତକରେ ଅନେକ ତଥ୍ୟ ରହିଛି ବୋଲି ସନ୍ଦୀପ କହିଛନ୍ତି।





ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲର ଅନ୍ତିମ ଦିବସରେ ଉପସ୍ଥିତ ଦର୍ଶକ।



କୋଚ୍ ୟୁଇ ହନ୍, ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରା ଓ ଅଭିନେତା ରାହୁଲ ବୋଷ।


କାର୍ଯ୍ୟକ୍ରମ ସଂଯୋଜିକା ଦୀକ୍ଷା ତିୱାରୀ।

# ଜଣେ ରେସ୍‌ଲର ଭାବେ ପରିଚିତ ହେବାକୁ ଚାହେଁ: ଭିନେଶ

**ଭୁବନେଶ୍ୱର, ୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ମୁଁ ଜଣେ ମହିଳା ରେସଲର ଭାବେ ପରିଚିତ ହେବାକୁ ଚାହେଁ। ଏକଥା କହିଛନ୍ତି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ରେସଲର ଭାବେ ସ୍ୱର୍ଣ୍ଣ ପଦକ ଜିତିଥିବା ଭିନେଶ ଫୋଗତ। ଏଠାରେ ଅନୁଷ୍ଠିତ ଏକାମ୍ର ସ୍ପୋର୍ଟ୍ସ ଲିଟେରାରି ଫେଷ୍ଟିଭାଲରେ ଅଂଶଗ୍ରହଣ କରି ଭିନେଶ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବଲିଉଡ୍ ଲୋକପ୍ରିୟ ସିନେମା 'ଦଙ୍ଗଲ'ର ଦୁଇ ମହିଳା ରେସଲରଙ୍କ ସମ୍ପର୍କୀୟ ଭଉଣୀ ହିସାବରେ ମୁଁ ପରିଚୟ ଚାହେଁନି। ଯେତେବେଳେ ଲୋକ ମୋତେ 'ଦଙ୍ଗଲ' ରେସଲରଙ୍କ ଭଉଣୀ ବୋଲି କହିଥାନ୍ତି ସେତେବେଳେ ମୁଁ ରାଗି ଯାଇଥାଏ। ଜଣେ ରେସଲର ଭାବେ ପରିଚିତ ହେବାକୁ ମୁଁ ଅଧିକ ପସନ୍ଦ କରିବି। ତେବେ 'ଦଙ୍ଗଲ' ସିନେମା ସାରା ଦେଶରେ ରେସଲିଂକୁ ଲୋକପ୍ରିୟ କରିପାରିଛି ଓ ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଛନ୍ତି। ଦଙ୍ଗଲ ସିକ୍ୱେଲରେ ଅଭିନୟ କରିବାର ପ୍ରସ୍ତାବ ଦେଲେ ସେ ଗ୍ରହଣ କରିବେ କି ବୋଲି ପ୍ରଶ୍ନ ହେବାରୁ ସେ ଏହାକୁ ଅସ୍ୱୀକାର କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ। ରେସଲିଂ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛି। ଅନ୍ୟ କୌଣସି ବିଷୟରେ ମୋର ଆଦୌ ରୁଚି ନାହିଁ। ଅଲିମ୍ପିକ୍ସ ପରେ ମୁଁ ଅନ୍ୟକଥା ଚିନ୍ତା କରିବି ବୋଲି ସେ ସ୍ପଷ୍ଟ କରିଥିଲେ। ପିଲାବେଳେ ମୋର ନାମ ଅନୀତା ଥିଲା। ତେବେ ମୋ ଦାଦା ନାମ ପରିବର୍ତ୍ତନ କରିଥିଲେ। ଫଳରେ ମୋ ନାମ ଭିନେଶ ହୋଇଯାଇଥିଲା।



ରେସଲର ବଜରଙ୍ଗ ପୁନିଆ, ଯୋଗେଶ୍ୱର ଦତ୍ତ, ଭିନେଶ ଫୋଗତ ଓ ସଂଯୋଜିକା ସୁପ୍ରୀତା ଦାସ।

ବହୁ ଚର୍ଚ୍ଚିତ '#ମି ଟୁ' ମୁଭମେଣ୍ଟକୁ ଭିନେଶ ସମର୍ଥନ ଜଣାଇଛନ୍ତି। କର୍ମକ୍ଷେତ୍ରରେ ଯୌନ ନିର୍ଯାତନାକୁ ରୋକିବାର ସମୟ ଆସି ଉପନୀତ ହୋଇଛି। ତେବେ ମୁଁ ଏପର୍ଯ୍ୟନ୍ତ କୌଣସି ନିର୍ଯାତନାର ଶିକାର ହୋଇନାହିଁ ବୋଲି ସେ କହିଥିଲେ। କ୍ରୀଡ଼ାରେ ନିର୍ଯାତନା ଦିଆଯାଉଥିବା କଥା ମୁଁ ଜାଣିନାହିଁ। ଭିନେଶ ଉଭୟ ଏସିଆନ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରି ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ନିର୍ଯାତନା ନେଇ ମହିଳାମାନେ ସାହସ କରି ମୁହଁ ଖୋଲିବା ଭଲ କଥା। ଏ ଭଳି କ୍ଷେତ୍ରରେ ପରିବାର ଲୋକେ ମହିଳାମାନଙ୍କୁ ଆଟକ କରିବାକୁ ଚେଷ୍ଟା କରିଥାନ୍ତି। କାରଣ ସମ୍ମାନ ହାନିର ଭୟ ଥାଏ। ତେଣୁ କୌଣସି ପ୍ରକାର ନିର୍ଯାତନାକୁ ବରଦାସ୍ତ କରାଯିବା ଉଚିତ ନୁହଁ ବୋଲି ସେ କହିଥିଲେ।

ଏହି ଅବସରରେ ମଞ୍ଚ ଉପରେ ତାଙ୍କ ସହିତ ଉପସ୍ଥିତ ଥିଲେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ରେସଲର ଯୋଗେଶ୍ୱର ଦତ୍ତ ଓ ତାଙ୍କ ଶିଷ୍ୟ ତଥା ବିଶ୍ୱ'ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜେତା ରେସଲର ବଜରଙ୍ଗ ପୁନିଆ। ବିଦେଶୀ କୋଚ୍ ଅଲିମ୍ପିକ୍ସ ପଦକ ଜିତାଇବାରେ ସହାୟକ ହେବେ ନାହିଁ। ତେବେ ସେମାନଙ୍କଠାରୁ ବିଦେଶୀ ରେସଲର ଖେଳିବା ଶୈଳୀ ଜାରିହେବ। ବିଦେଶରେ ଖେଳିବା ଓ ସେଠାରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରେ ଫାଇଦା ମିଳିଥାଏ। ଭାରତୀୟ କୋଚ୍‌ମାନେ ମଧ୍ୟ ଜଣେ ଖେଳାଳିଙ୍କୁ ଗଢି ତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ଯୋଗେଶ୍ୱର କହିଛନ୍ତି। ଯୋଗେଶ୍ୱରଙ୍କ ତତ୍ତ୍ୱାବଧାନରେ ବଜରଙ୍ଗ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ଉଭୟ ନିଜର ଗୁରୁଶିଷ୍ୟ ସମ୍ପର୍କ ନେଇ ବିଭିନ୍ନ ମଜାଦାର କଥା ଉପସ୍ଥାପନା କରିଥିଲେ।

Hero

# ଏକ ଶୁଭାରମ୍ଭ, ଭେଟିର ସହିତ ।

ବିଶେଷ ଦୀପାବଳି ଅନ୍ ରୋଡ୍ ମୂଲ୍ୟ

**₹55,777***

8.5 crore HEROES
ଅଗଣିତ ସମ୍ପର୍କ



କମ ଡାଉନ ପେମେଣ୍ଟ ₹4999/-#*

ସମସ୍ତ ସରକାରୀ କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ଧନ ଲାଭ । ₹1000*

Pleasure

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. Offer valid only in Odisha. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp

Hero GoodLife | Hero MILEAGE EXTRA KILOMETERS PER LITRE | Paytm mall ₹5000/-# ର ଲାଭ | HeroFinCorp. | INDIA'S FIRST 5 YEAR WARRANTY* *Conditions apply

For Institutional and Bulk Sales please write to Kolkata@heromotocorp.com

ଅଥରାଇଜଡ୍ ଡିଲର: ବରଗଡ଼: ଆକାଶ ହୀରୋ – 7799766396. ଭବାନୀପାଟନା: ଅରୁନ୍ଧତୀ ହୀରୋ – 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ – 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ – 7799766368. ରାଉରକେଲା: ଦୁଆ ହୀରୋ – 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ – 7799766356. ସୋନପୁର: ଜୟ ଜଗନ୍ନାଥ ହୀରୋ – 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ – 8448183659. ଅଥରାଇଜଡ୍ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହୀରୋ – (06642) 229045, 9437247739. ବରପାଲି: ଦୁର୍ଗା ମୋଟର୍ସ– 256278. ବେଲପାହାଡ଼: ବର୍ଷା ମୋଟର୍ସ – 250417. ବୌଧ: ବନ୍ସଲ ଅଟୋ – 22948. ବ୍ରଜରାଜନଗର: ବାନା ମୋଟର୍ସ – 240695. ଦେବଗଡ଼: ଜିନ୍ଦାଲ ମୋଟର୍ସ – 9437056659. ଝାରସୁଗୁଡ଼ା: ବିଦ୍ୟା ଅଟୋମୋବାଇଲ୍ସ – 272465. କୁଚିଣ୍ଡା: ଶ୍ରୀ ବିମଳା ମୋଟର୍ସ – 243679. କାନ୍ତାବାଞ୍ଜି: ଆଶୀର୍ବାଦ ମୋଟର୍ସ – (06657) 220033. ନୂଆପଡ଼ା: ମାରୁତି ଅଟୋ – 9237099660, 9937928818. ପଦ୍ମପୁର: ବେଦେଶ ମୋଟର୍ସ – 223880. ରାଜଖରିଆର: ଜଗଦମ୍ବା ଅଟୋ କମ୍ପାଇନ – 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ – 220181. ସୁନ୍ଦରଗଡ଼: ଯମୁନା ମୋଟର୍ସ – 275341. ଟିଟିଲାଗଡ଼: ସ୍ନେହା ମୋଟର୍ସ – 221073. ଡିଲରର ଅନୁମୋଦିତ ପ୍ରତିନିଧି: ବଙ୍ଗମୁଣ୍ଡା – ବାବା ଅଟୋମୋବାଇଲ୍ସ – 9937626216. ଉଦୟନବନ: ବିଷ୍ଣୁ ଅଟୋମୋବାଇଲ୍ସ – 7894767744. ପାଟଣାଗଡ଼: ଚନ୍ଦନ ଅଟୋମୋବାଇଲ୍ସ – 9708962543. ସାଲେଭାଟା: ମା ମଙ୍ଗଳା ମୋଟର୍ସ – 9556924110. ବୁଗୁଡ଼ା: ତାରା ଅଟୋମୋବାଇଲ୍ସ – 7606001133. ଲାଠୋର: ରାଧାରାଣୀ ମୋଟର୍ସ– 8457978797. ଆଗଲପୁର: ଏସ.କେ. ମୋଟର୍ସ – 9776886751. ସର୍ଗିଠଳା: ବିନଧେଶ୍ୱରୀ ମୋଟର୍ସ – 9178138893. ଡୁଙ୍ଗୁରିପାଲି: ସମଲେଶ୍ୱରୀ ମୋଟର୍ସ – 9437158433. ରାମପୁର: କାହ୍ନା ମୋଟର୍ସ – 9437319101. ବିଞ୍ଜା: ଦୀପକ ମୋଟର୍ସ – 9583354141. ବୀରମହାରାଜପୁର: ସୃଷ୍ଟି ମୋଟର୍ସ – 7605928594. ବାଙ୍ଗୁମୁଣ୍ଡି: ଜୟ ଜଗନ୍ନାଥ ମୋଟର୍ସ – 8249258726. ପୁରୁଣାକଟକ: ଅର୍ମାନ ମୋଟର୍ସ – 7008416244. ତରଭା: ସିଂଘଲ ମୋଟର୍ସ – 9937220523. ନରଲା: ଶ୍ରୀ ଗଣେଶ ମୋଟର୍ସ – 8249378978, ଏମ ରାମପୁର: ସଙ୍ଗମ ମୋଟର୍ସ – 7077788809. କେସିଙ୍ଗା: ଶ୍ରୀ ଶ୍ୟାମ ମୋଟର୍ସ – 9437992920. ଜୟପାଟଣା: ରୟାଲ ମୋଟର୍ସ – 801821819. ଛାତବହାଲ: ଇଣ୍ଡିୟାନ ମୋଟର୍ସ – 9938607678, ଧର୍ମଗଡ଼: ଶ୍ରୀ ଗାୟତ୍ରୀ ମୋଟର୍ସ – 8328869765. ସିନାପାଲି: ବଡ଼ଗଙ୍ଗବଲୀ ମୋଟର୍ସ – 8018926518. ରେଙ୍ଗାଲି: ରେଙ୍ଗାଲି ମୋଟର୍ସ – 9437881075. କେଶଇବାହାଲ: ଶ୍ରୀ ଅଟୋମୋବାଇଲ୍ସ – 9438258055. କଣ୍ଟାମାଳ: ମହାଲକ୍ଷ୍ମୀ ମୋଟର୍ସ – 9437243262.



DADLS-161

ODISHA HOCKEY MEN'S WORLD CUP BHUBANESWAR 2018

ଓଡ଼ିଶା ସରକାର | ODISHA ONE

ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

ରାଉରକେଲା ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ।

୦୪ ନଭେମ୍ବର ୨୦୧୮ ରବିବାର ଅପରାହ୍ନ ୩.୦୦ – ୫.୦୦




- ବିଜୁ ପଟ୍ଟନାୟକ ହକି ଷ୍ଟାଡ଼ିୟମ୍‌ଠାରେ ଓଡ଼ିଶା ଏକାଦଶ ଏବଂ ଏନ୍.ଏସ୍.ଡବ୍ଲ୍ୟୁ (ଅଷ୍ଟ୍ରେଲିଆ) ମଧ୍ୟରେ ଆୟୋଜିତ ପ୍ରଦର୍ଶନୀ ହକି ମ୍ୟାଚ୍ ଉଦ୍‌ଘାଟନୀ ଉତ୍ସବରେ ଯୋଗଦାନ ।
- ଉଦିତ୍ ନଗର ହାଇସ୍କୁଲ ପଡ଼ିଆଠାରେ ରାଉରକେଲା ମହାନଗର ନିଗମ ଅଞ୍ଚଳ ପାଇଁ ୧୫କୋଟି ୬୬ଲକ୍ଷ ଟଙ୍କା ମୂଲ୍ୟର ୧୫ଟି ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ।
- ୧କୋଟି ୪୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୮ଟି ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ।

ସମସ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ବିନୀତ ଅନୁରୋଧ ।



ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0364/1819


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଫୁଟବଲ ପ୍ରତିଯୋଗିତା: ବାଲିଖମାର ଚାମ୍ପିୟନ

ତରଭା, ୩।୧୧(ଡ.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବାଲିଖମାର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରମା ଖେଳପଡିଆରେ ଦୁଇଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ କମସରା ଓ ବାଲିଖମାର ଭିତରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ବାଲିଖମାର ବିଜୟୀ ହୋଇଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସ୍ଥାନୀୟ ସରପଞ୍ଚ ବିବସ୍ୱ ଭୋଇ, ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଖେଳ ପରିଚାଳନା କରିଥିଲେ ମୁକ୍ଲେମିନ ମହମ୍ମଦ, ଦିଲୀପ ରଣା, ମସୁଦ ମହମ୍ମଦ। ଟୁର୍ନାମେଣ୍ଟ ବାଲିଖମାର ବିଜୁ ଯୁବ ବାହିନୀ ସଭାପତି କଣ୍ଠେଶ୍ୱର କୁଅଁର, ସମ୍ପାଦକ ରୋହିତ ରଣା, କୋଷାଧ୍ୟକ୍ଷ ତୋଚରମଲ କଲ୍ତା, ସରୋଜ ଷଢଙ୍ଗୀ, ଅବଦୁଲ ଖାଁ, ବ୍ଲକ ସଂଯୋଜକ ରଜତ ଚୌହାନ, ସଞ୍ଜିବ ମିଶ୍ରଙ୍କ ସମେତ ବିଜୁ ବାହିନୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




## ବେଆଇନ ଖନନ ମାମଲା

# ଜିଲାପାଳଙ୍କ କୋର୍ଟରେ ହାଜର ହେଲେ ୧୧ ଖଣି ମାଲିକ

କେନ୍ଦୁଝର, ୩।୧୧(ସ୍ୱ.ପ୍ର.)

ବହୁ ଚର୍ଚ୍ଚିତ ଖଣି ଅନିୟମିତତା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜରିମାନା ଖିଲାପି ଖଣି ମାଲିକଙ୍କ ନାମରେ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ କେସ୍ ରୁଜୁ ହୋଇଥିଲା । ଶନିବାର ଜିଲାପାଳଙ୍କ କୋର୍ଟରେ ୧୪ ଖଣି ମାଲିକଙ୍କୁ ହାଜର ହେବା ପାଇଁ ପୂର୍ବରୁ ନୋଟିସ ହୋଇଥିଲା । ସେମାନଙ୍କ ମଧ୍ୟରୁ ୧୧ ଖଣି ଲିଜ୍‌ଧାରୀଙ୍କ ପ୍ରତିନିଧି ହାଜର ହୋଇଥିଲେ । ଅନ୍ୟ ୩ ଖଣିର ମାଲିକମାନେ ହାଜର ହୋଇ ନ ଥିଲେ । ଫଳରେ ଏହାର ପରବର୍ତ୍ତୀ ଶୁଣାଣି ୧୭ ତାରିଖକୁ ଧାର୍ଯ୍ୟ ହୋଇଛି । ୩୧ଟି ଖଣିର ୨୩ ଖଣି ମାଲିକଙ୍କ ନାମରେ ୬୩୫୦ କୋଟି ଟଙ୍କା ଜରିମାନା ଆଦାୟ ନେଇ ନୋଟିସ ଜାରି କରାଯାଇଥିଲା । ୭ କମ୍ପାନୀ ନିଜର ଜବାବ ଦାଖଲ କରି ସାରିଛନ୍ତି । ଏହି ଶୁଣାଣିରେ ଶାରଦା ମାଇନ୍ସ ସୁପ୍ରିମ୍‌କୋର୍ଟର ଷ୍ଟେ ଅର୍ଡର ଦାଖଲ କରିଥିବା ବେଳେ ନାରାୟଣୀ ଏଣ୍ଡ ସନ୍ସ ଦୁଇଟି ଖଣିର ୧୮ କୋଟି ୪୨ ଲକ୍ଷରୁ ମାତ୍ର ୧ କୋଟି ୩୦ ଲକ୍ଷ ଟଙ୍କା ଜରିମାନା ଦାଖଲ କରିଛନ୍ତି । ଜିଲାପାଳ କାର୍ଯ୍ୟବ୍ୟସ୍ତତା ଯୋଗୁ କୋର୍ଟରେ ଅନୁପସ୍ଥିତ ରହିଥିଲେ ।

# ଗଳା କାଟି ମହିଳାଙ୍କୁ ହତ୍ୟା

ଠାକୁରମୁଣ୍ଡା,୩।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା କାଳିଆଜିଆଣି ଗ୍ରାମର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଶୁକ୍ରବାର ରାତିରେ ଗଳା କାଟି ହତ୍ୟା କରାଯାଇଛି । ପୋଲିସ ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଅନୁସନ୍ଧାନ ଚଳାଇଛି । ହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରି ନାହିଁ । ମୃତା ମହିଳା ଜଣକ ହେଲେ କାଳିଆଜିଆଣି ଗ୍ରାମର ସାଇବା ସାମାଡଙ୍କ ଝିଅ ରାନ୍ଦାଏ ସାମାଡ(୪୫) । ଏ ସମ୍ପର୍କରେ ଠାକୁରମୁଣ୍ଡା ପୋଲିସ ଏକ ମାମଲା ( ନଂ ୫୨/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବିବାହର କିଛି ବର୍ଷ ପରଠାରୁ ରାନ୍ଦାଏ ବାପଘରକୁ ପଳାଇ ଆସିଥିଲେ । ସେ ନିଜ ବାପାଙ୍କ ସହ ରହୁଥିବାବେଳେ ତାଙ୍କ ଭାଇଙ୍କ ପରିବାର କିଛି ଦୂରରେ ରହୁଥିଲେ । ଶୁକ୍ରବାର ରାତି ପ୍ରାୟ ୧୦ଟାରେ ରାନ୍ଦାଏ ନିଆଁ ଜାଳି ଘର ବାହାରେ ଏକୁଟିଆ ବସିଥିଲେ । ଘର ଭିତରେ ତାଙ୍କ ବୁଢାବାପା ଓ ଜଣେ ଝିଆରୀ ଶୋଇଥିଲେ । ପ୍ରାୟ ଅଧ ଘଣ୍ଟା ଅତିକ୍ରାନ୍ତ ହେବା ପରେ ରାନ୍ଦାଏ ଚିତ୍କାର କରିଥିଲେ । ଏହା ଶୁଣି ତାଙ୍କ ବାପା ଘର ବାହାରକୁ ଆସିଥିଲେ । ମାତ୍ର ବାହାରେ କେହି ନ ଥିବା ବେଳେ ଝିଅର ରକ୍ତ ଜୁଡୁବୁଡୁ ଶରୀର ପିଣ୍ଡାରେ ପଡିଥିବା ଦେଖିବାକୁ ପାଇଥିଲେ । ଏହା ଦେଖି ସେ କିଛି ଦୂରରେ ରହୁଥିବା ପୁଅକୁ ଡାକିଥିଲେ । ପୁଅ ଆସି ଭଉଣୀର ଗଳା କାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ । ବିଳମ୍ବିତ ରାତିରେ ଜଙ୍ଗଲ ପାହାଡଘେରା ଗାଁରୁ କାହାକୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା । ଶନିବାର ସକାଳେ ଜାମୁପୋଷି ଗ୍ରାମରେ ରହୁଥିବା ଗ୍ରାମରକ୍ଷୀଙ୍କୁ ରାନ୍ଦାଏଙ୍କ ପରିବାର ଲୋକେ ଏହି କଥା ଜଣାଇଥିଲେ । ଗ୍ରାମରକ୍ଷୀ ସେଠାରୁ ଆସି ଘଟଣା ଦେଖିବା ପରେ ଠାକୁରମୁଣ୍ଡା ଥାନାଧିକାରୀଙ୍କୁ ଅବଗତ କରାଇଥିଲେ । ପରେ ଠାକୁରମୁଣ୍ଡା ଥାନାଧିକାରୀ ଧୀରେଶ କୁମାର ଦାସ, ଏସଆଇ ଅକ୍ଷୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ଅଧିକ ଅନୁସନ୍ଧାନ ପାଇଁ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରି ଫେରିଯାଇଛନ୍ତି । ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ କରାଯାଇଥିବା ଦାଆ,ଏକ ବାଉଁଶ ଠେଙ୍ଗା ଓ ରକ୍ତ ଭିଜା ଲୁଗା ପୋଲିସ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ପଠାଇଛି ।











ତ୍ୟାଗ ଜୀବନର ମୂଳ ଲକ୍ଷ୍ୟ ହେଉ। ତ୍ୟାଗ ନ କଲେ ଏହି ଗଭୀର ଜୀବନ ସମସ୍ୟାର ରହସ୍ୟ ଭେଦ କରିପାରିବ ନାହିଁ।
-ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ



### ୩୭୦ କଫ୍ ସିରପ୍ ଜବତ, ୨ ଗିରଫ

**ବରଗଡ଼ ଅଫିସ୍/ଭଟଲି, ୩।୧୧(ଡି.ଏନ.ଏ):** ବରଗଡ଼ ଜିଲା ଭଟଲି-ଅମ୍ବାଭୋନା ରାସ୍ତାରେ କଫ ସିରପ ଚାଲାଣ ହେଉଥିବାବେଳେ ଅବକାରୀ ବିଭାଗ ହାତରେ ଧରାପଡ଼ିଛି। ଏଥିରେ ୨ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଅମ୍ବାଭୋନା ଥାନା ଭୁକ୍ତା ଗ୍ରାମର ବିଦ୍ୟାଧର ଗୌଡ଼(୨୫) ଏବଂ ସୁରଜ ବିଶର(୨୫) । ସେମାନଙ୍କ ପାଖରୁ ୩୭୦ଟି କଫ୍ ସିରଫ ଏବଂ ବ୍ୟବହୃତ ବାଇକ୍(ଓଆର୧୭ଏମ ୩୨୨୦) ଜବତ ହୋଇଛି । ଏ ନେଇ ଏକ ମାମଲା (ନଂ.୬୦/୧୮) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।

### ଗ୍ରାମବାସୀଙ୍କୁ ମିଳୁନି ସ୍ୱାସ୍ଥ୍ୟ ବାର୍ତ୍ତା

**ଜାମଟିକ୍ରା, ୩।୧୧ (ଡି.ଏନ.ଏ):** ଅତାବିରା ବ୍ଲକ କୁଲୁଣ୍ଡା ଗ୍ରାମର କୌଣସି ସ୍ଥାନରେ ସ୍ୱାସ୍ଥ୍ୟକାନ୍ଥ ନାହିଁ । ଫଳରେ କୁଲୁଣ୍ଡା ଗ୍ରାମବାସୀ ସ୍ୱାସ୍ଥ୍ୟ ବାର୍ତ୍ତା ପାଇପାରୁ ନାହାନ୍ତି । ଗାଁର ଜଗନ୍ନାଥ ମନ୍ଦିର ପାଖରେ ୪ମାସ ପୂର୍ବରୁ ଏକ ସ୍ୱାସ୍ଥ୍ୟ କାନ୍ଥ ଅବ୍ୟବସ୍ଥିତ ଭାବେ ଥିଲା। ଏଠାରେ ନିୟମିତ କୌଣସି ସ୍ୱାସ୍ଥ୍ୟ ସୂଚନା ଲେଖାଯାଉ ନ ଥିଲା । ଏବେ ସେହି କାନ୍ଥକୁ ଘର ମାଲିକ ଚୁନ ରଙ୍ଗ ଦେଇ ଲିଭାଇ ଦେଇଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନୂତନ ସ୍ୱାସ୍ଥ୍ୟ କାନ୍ଥ ତିଆରି କରାଯାଇନାହିଁ । ଏ ସମ୍ପର୍କରେ ସ୍ୱାସ୍ଥ୍ୟ କାନ୍ଥ ଦାୟିତ୍ୱରେ ଥିବା ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଚନ୍ଦ୍ରକାନ୍ତି ପଧାନଙ୍କୁ ପଚାରିବାରୁ ସେ କହିଲେ, ମିଟିଙ୍ଗ କରି ଆମେ ଖୁବ୍‌ଶୀଘ୍ର ନୂତନ ସ୍ୱାସ୍ଥ୍ୟକାନ୍ଥ କରିବାର ବ୍ୟବସ୍ଥା କରିବୁ ।

### ଇଣ୍ଟରନେଟ୍ କାଫ୍‌ରେ ଚଢ଼ାଉ

**ବରପାଲି,୩।୧୧(ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ସହରର ଏକ ଇଣ୍ଟରନେଟ୍ କେଫରେ ରେଲୱେ ଟିକେଟ୍ ବିକ୍ରିରେ ଅନିୟମିତତା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ପାଇ ଶୁକ୍ରବାର ସମ୍ବଲପୁର ରେଲୱେ କ୍ରାଇମବ୍ରାଞ୍ଚର ଏକ ଟିମ୍ ସମ୍ପୃକ୍ତ ଇଣ୍ଟରନେଟ୍ କେଫରେ ଚଡ଼ାଉ କରିଥିଲେ । ଏଥିରେ ବଲାଙ୍ଗୀର ଆରପିଏଫ ଇନ୍ସପେକ୍ଟର, ବି. ରାମୁ, ଆରପିଏଫ ହେମରାଜ ମୀନାଙ୍କ ନେତୃତ୍ୱରେ ସମ୍ବଲପୁର ରେଲୱେ ବିଭାଗର ଏସ. କେ ପ୍ରଧାନ, ମନୋଜ ବାରିକ, ଦୟାମାୟା ଲୁହା, ଏଲ.ଏନ ପ୍ରଧାନ ପ୍ରମୁଖ ସାମିଲ ରହି ତଦନ୍ତ କରିଥିଲେ । ପୂର୍ବାହ୍ନ ୧୦ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିଲା । ଏ ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ । ମାତ୍ର ଇଣ୍ଟରନେଟ କେଫରେ ରହିଥିବା କାଗଜାତ୍ ଜବତ କରି ମାଲିକଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି ।

### କୃଷକ ସମ୍ପର୍କ ମେଳା

**ଝାରବନ୍ଧ, ୩।୧୧ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଗୋଠୁଗୁଡା ପଞ୍ଚାୟତ ଅଫିସ ପରିସରରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଛି । ଏମ୍‌ପି ପ୍ରତିନିଧି ହୃଷିକେଶ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳାରେ ପଦ୍ମପୁର ବିଧାୟକ ପ୍ରଦୀପ କୁମାର ପୁରୋହିତ ମୁଖ୍ୟଅତିଥି, ଉପକୃଷି ନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ନାୟକ, ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ପଟ୍ଟନାୟକ, କୃଷି ବିଭାଗ ବୈଜ୍ଞାନିକ ରୁକେୟା ବେଗମ, କୃଷି ଇଞ୍ଜିନିୟର ସୁଧାଂଶୁ ଶେଖର ଦାଶ, ବିଧାୟକ ପ୍ରତିନିଧି ହରିହର ସାହୁ, ଜିଲା ପରିଷଦ ସଭ୍ୟା କୁମୁଦିନୀ ସାହୁ, ବରିଷ୍ଠ ଚାଷୀ ହାରାଧନ ସାହୁ, ମାନଭଞ୍ଜନ ମିର୍ଦ୍ଧା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ବ୍ଲକ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ ମଞ୍ଚ ପରିଚାଳନା କରିଥିଲେ। ସହ କୃଷି ଅଧିକାରୀ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅଞ୍ଚଳର ସମସ୍ତ ଚାଷୀ, ସରପଞ୍ଚ, ସମିତି ସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ ।

# ଜିଲାପାଳ ଅଫିସରେ ଧାରଣା

**ଥମିନି ଫସଲବୀମା ଅସନ୍ତୋଷ**



ବରଗଡ଼ ଜିଲାପାଳ ଅଫିସ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି ।

- ଚାଷୀଙ୍କୁ ଠକି ଚାଲିଛି ବୀମା କମ୍ପାନୀ
- ଉଚ୍ଚସ୍ତରୀୟ ବୈଠକ ନିଷ୍ପତ୍ତିକୁ ମାନୁନି
- ବରଗଡ଼ରୁ ଉଠାଇନେଲା ବୀମା ଅଫିସ୍
- ଏସ୍‌ପିଙ୍କୁ ଏତଲା ଦେଲେ ଚାଷୀ

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣକୁ ନେଇ ଦେଖାଯାଇଥିବା ଅସନ୍ତୋଷ ଥମିବା ନାଁ ନେଉନି । ଗତ ୨୦୧୭ ଫସଲକ୍ଷତିକୁ ଇତିମଧ୍ୟରେ ବର୍ଷେ ଅତିବାହିତ ହୋଇଛି । ୨୦୧୮ ଫସଲକ୍ଷତିକୁ ରାଜ୍ୟ ସରକାର ମରୁଡ଼ି ଘୋଷଣା କରି ସାରିଲେଣି । ଅଥଚ ଜିଲାର ଚାଷୀଙ୍କୁ ଏ ପର୍ଯ୍ୟନ୍ତ ପୂର୍ବ ଫସଲକ୍ଷତିର ବୀମା କ୍ଷତିପୂରଣ ସମ୍ପୂର୍ଣ୍ଣ ଭାବେ ମିଳିପାରିନାହିଁ। ଅନ୍ୟପଟେ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବାବେଳେ ଚାଷୀମାନଙ୍କୁ ବାରମ୍ବାର ଠକି ଚାଲିଥିବା ଅଭିଯୋଗ ହୋଇଛି ।

ଏଭଳି ଅଭିଯୋଗ ନେଇ ଶନିବାର ବରଗଡ଼ ଜିଲା କୃଷକ ସଙ୍ଗଠନ ସମନ୍ୱୟ ସମିତି ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲା । ସେଠାରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ସହିତ ସମିତିର ପ୍ରତିନିଧିମାନେ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା । ଏହାପରେ ଚାଷୀମାନେ ଧାରଣାରୁ ଉଠି ବରଗଡ଼ ଏସ୍‌ପିଙ୍କ ପାଖକୁ ଯାଇଥିଲେ । ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଭେଟିବା ସହିତ ସମିତିର ସଭାପତି ଜୟକୃଷ୍ଣ ସାହୁ ବୀମା କମ୍ପାନୀର ଠକାମୀକୁ ନେଇ ଏତଲା ଦାଖଲ କରିଥିଲେ ।

ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତି ଅନୁଯାୟୀ ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ କାମ କରୁନାହିଁ । ଚାଷୀମାନେ ଏପର୍ଯ୍ୟନ୍ତ ସେମାନଙ୍କ ବୀମା କ୍ଷତିପୂରଣ ସମ୍ପୂର୍ଣ୍ଣ ଭାବେ ପାଇ ପାରି ନାହାନ୍ତି । ଏପରିକି ଚାଷୀମାନଙ୍କୁ ପ୍ରତାରିତ କରି ବୀମା କମ୍ପାନୀ ବରଗଡ଼ରେ ଥିବା ନିଜ ଅଫିସକୁ ମଧ୍ୟ ଉଠାଇ ନେଇଛି। ବୀମା କମ୍ପାନୀର ଏଭଳି ଠକାମୀକୁ ନେଇ ମାମଲା ରୁଜୁ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମିତିର ସଭାପତି ସାହୁ ଏତଲାରେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି । ଏସ୍‌ପି ଭାମୁ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ଏବଂ ଏଥିପାଇଁ ଅପେକ୍ଷା କରିବାକୁ କହିଥିବା ସମିତିର ପ୍ରତିନିଧିମାନେ କହିଛନ୍ତି ।

ଉଲ୍ଲେଖନୀୟ, ଗତ ୨୦୧୭ ଫସଲକ୍ଷତିକୁ ନେଇ ବରଗଡ଼ ଜିଲାର ଚାଷୀମାନେ ୭୩୫ କୋଟି ଟଙ୍କାର ବୀମା କ୍ଷତିପୂରଣ ପାଇବେ ବୋଲି ପ୍ରଥମରୁ ଚର୍ଚ୍ଚା ଚାଲିଥିଲା । ପରେ ଏହା ୬୯୯ କୋଟିକୁ ହ୍ରାସ ପାଇଥିଲା । ସେଥିରୁ ୬୩୫ କୋଟି ପ୍ରଦାନ କରି ବୀମା କମ୍ପାନୀ ବକେୟା ୬୪କୋଟି ପ୍ରଦାନ ଦିଗରେ ପୁଣି ଟାଳଟୁଳ ନୀତି ଅବଲମ୍ବନ କରିଥିଲା। ଏହାପରେ ଭୁବନେଶ୍ୱରରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସେହି ବକେୟା ରାଶି ପ୍ରଦାନ କରିବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାତ୍ର ତାକୁ ମଧ୍ୟ ବୀମା କମ୍ପାନୀ ଭ୍ରୁକ୍ଷେପ କରି ନ ଥିଲା । ପୁଣି ଚାଷୀ ଆନ୍ଦୋଳନ, ଧାରଣା ପରେ ଗତ ମାସ ୨୯ତାରିଖରେ ବକେୟା ରାଶିରୁ ୫୬କୋଟି ଜମା କରିଥିଲା । ଏବେ ମଧ୍ୟ ବୀମା କମ୍ପାନୀ ଉପରେ ଆହୁରି ୮କୋଟି ଟଙ୍କା ବାକି ରହିଥିବା ଚାଷୀମାନେ କହିଛନ୍ତି ।

# ବର୍ଷା ପାଏନ୍ ଅଭାବୁ ମାଡ୍ ଖାଏଲା ମୁଗ୍‌ଫଳି ଚାଷ୍

**ପଦ୍ମପୁର, ୩।୧୧ (ଡି.ଏନ.ଏ)**

ବରଗଡ ଜିଲାର ପଦ୍ମପୁର ଅଂଚଲ ଖରିଫ ମୁଗ୍‌ଫଳି ଚାଷ୍ ସାରା ଓଡ଼ିଶାରେ ନାଁ କରିଛେ। ହେଲେ ଲଗାତାର ମରୁଡ଼ି, ଅମଲ ସମିଆରେ ବର୍ଷା ପାଏନ୍ ଅଭାବ୍ ଲାଗି ଚାଷ୍ କମ୍‌ବାର ସଂଗେ ଚାଷୀ ଚାଷ୍‌ରୁ ମୁହୁଁ ଫିରେଇ ନେଉଛନ୍। ଚଲ୍‌ତି ବଛର ଆରମ୍ଭରୁ ଭଲ୍ ବର୍ଷା ହେବାର ଲାଗି ପଦ୍ମପୁର ଅଂଚଲର ପଦ୍ମପୁର ବ୍ଲକ୍‌ରେ ୧୪୩୭ ହେକ୍ଟର, ପାଇକମାଲ ୧୯୦୦ ହେକ୍ଟର ଆର୍ ଝାରବନ୍ଧ ବ୍ଲକ୍‌ରେ ୬୦୦ ହେକ୍ଟର ମୁଗ୍‌ଫଳି ଚାଷ୍ କରାଯାଇଥିଲା। ହେଲେ ଅମଲ ସମିଆରେ ଫସଲକେ ଗୁଟେ ବର୍ଷାର ଦରକାର ଥିଲା। ବର୍ଷା ପାଏନ୍ ଅଭାବେ ଚାଷୀର ମୁଗ୍‌ଫଳି ମାଏଟ୍ ତଲେ ପଡି ରହିଛେ। କେନ୍‌ନେ କେନ୍‌ତା ଚାଷୀ ଟେଙ୍କର, ମୋଟର ପମ୍ପ ସାହାଜ୍‌ରେ ନଦୀ, ବଁଧ୍‌କଟାରୁ ପାଏନ୍ ମଡେଇ ଅମଲ କରୁଥିବାର ଦେଖ୍‌ବାକେ ମିଳୁଛେ। ପଦ୍ମପୁର ଦହିଗାଁ ଗାଁର ଚାଷୀ ଶିବରାମ ସାହୁଙ୍କର କହେବାର ଅନ୍‌ସାରେ ସେ ମୋଟର ପମ୍ପ ସାହାଜ୍‌ରେ ଦୁଇ ଏକର ଜମିରେ ପାଏନ୍ ମଡେଇ ମୁଗ୍‌ଫଳି ଅମଲ କରିଛନ୍। ହେଲେ କିରାସିନ୍ ଅଭାବୁ ପାଖାପାଖି ଗୁଟେ ଏକର ଫସଲ୍ ଅମଲ ନାଇଁ ହେଇକରି ଖେତେ ପଡିରହିଛେ। ପଦ୍ମପୁର କୃଷି ଜିଲା ଅଧୀନ ପଦ୍ମପୁର, ପାଇକମାଲ, ଝାରବନ୍ଧ ବ୍ଲକ୍‌ରେ ଗଲା ୨୨ ତାରିଖ୍‌ରୁ ବର୍ଷାର ଦେଖାନାଇଁ। ବର୍ଷା ଅଭାବୁ ମାଏଟ୍ ତଲେ ମୁଗ୍‌ଫଳି ବି ଠିକ୍ ହିସାବେ ବଢ଼ି ନାଇଁପାରି। ସାଧାରନ୍ ହିସାବ ଗୁଟେ ଗଛୁ ୭ରୁ ୧୦ଟା ମୁଗ୍‌ଫଳି ଅମଲ ହେବାର କଥା। ହେଲେ ବର୍ଷା ପାଏନ୍ ଅଭାବୁ ଏହେଦେ ୨ରୁ ୩ଟା ମୁଗ୍‌ଫଳି ଅମଲ ହେଉଥିବାର ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା, ମହୁଲପାଲି, ଘେଁସରା, ବାଦୀକଟା ଗାଁର ଚାଷୀମାନେ କହିଛନ୍। ଝାରବନ୍ଧ ବ୍ଲକ୍‌ର ବିଲାସପୁର, ଅମଠି, ଲଉଡିଦର୍ହା ଆର୍ ଚଣ୍ଡିଭଟା ପଁଚ୍‌ତେରେ ୬୦ ହେକ୍ଟର ମୁଗ୍‌ଫଳି ଚାଷ୍ ହେଇଥିଲା ବେଲେ ୫୦ ପର୍‌ତିଶତ୍‌ରୁ ଅଧିକା ଅମଲ ହେଇ ନାଇଁପାରି କରି ଖେତେ ଖରାପ ହେଇଯାଇଥିବାର ଝାରବନ୍ଧ ସହକାରୀ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀ କହିଛନ୍। ସେନ୍‌ତା ପଦ୍ମପୁର ବ୍ଲକ୍‌ରେ ଆଏଜ୍‌ତକ୍ ୬୦୦ ହେକ୍ଟରରୁ ଅଧିକା ମୁଗ୍‌ଫଳି ଫସଲ ଖରାପ ହେଇଥିବାର ପଦ୍ମପୁର କୃଷି ଅଧିକାରୀ ନିବେଦିତା ପ୍ରଧାନ କହିଛନ୍। ଫସଲ୍ ହେଇଥିବାର ଜମିମାନ୍ ବୁଲି ଦେଖ୍‌ଲା ଉତାରୁ ପରକୁତ୍ କ୍ଷତିର ଆକଳନ ଜନାପଡବା ବଲି ପଦ୍ମପୁର ଜିଲା କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା କହିଛନ୍। ଗୁଟେ ବର୍ଷାର ଲାଗି ମୁଗ୍‌ଫଳି ଚାଷ୍ ମାଡ୍ ଖାଏବାର ସଂଗେ ଚାଷୀକୁ ସରକାରୀ ସାହାଯ୍ ମିଳ୍‌ବା କି ନାଇଁ ସେ ଚିନ୍‌ତାରେ ରହିଛନ୍ ଚାଷୀ।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

# ବେଆଇନ ବାଣ ଗୋଦାମ ଜଳିଗଲା

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ସହରର ବ୍ୟସ୍ତବହୁଳ ଲମ୍ବା ବିଲ୍‌ଡ଼ିଂରୁ ଭଟଲି ଛକକୁ ଯାଇଥିବା ରାସ୍ତାକଡ଼ ବ୍ରାହ୍ମଣ ଧର୍ମଶାଳା ସମ୍ମୁଖରେ ଥିବା ଏକ ଦୋକାନରେ ଶନିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଅଗ୍ନିକାଣ୍ଡ ଘଟିଛି। ସେଠାରେ ନିଆଁ ଲାଗିବାରୁ ବାଣ ବିସ୍ଫୋରଣ ହେବା ସହିତ ଦୋକାନରେ ଥିବା ଗଦି ଏବଂ ଅନ୍ୟ ସାମଗ୍ରୀ ପୋଡ଼ି ଛାରଖାର ହୋଇ ଯାଇଛି । ଏଥିରେ କେହି ମୃତାହତ ହୋଇ ନାହାନ୍ତି । ସହକାରୀ ଅଗ୍ନିଶମ ଅଧିକାରୀ ଭ୍ରମରବର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର ଅଗ୍ନିକାଣ୍ଡକୁ ଏଡ଼ାଇ ଦିଆଯାଇ ପାରିଛି । ସେହିପରି ପାଖରେ ରହିଥିବା ଅନ୍ୟ ଦୋକାନ ଗୁଡ଼ିକ ମଧ୍ୟ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି। ସ୍ଥାନୀୟ ଟାଉନ ଥାନା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ସେଠାରେ ଗଚ୍ଛିତ ଅଫୁଟା ବାଣ ଜବତ କରିଥିବାବେଳେ ଦୋକାନୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି । ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଟାଉନ ଥାନା ଆଇଆଇସି ବିଭୁତି ଭୂଷଣ ଭୋଇ କହିଛନ୍ତି ।

# ଦୁର୍ନୀତି ପ୍ରତିବାଦରେ ବ୍ଲକ ଘେରାଉ

**ଗାଇସିଲାଟ, ୩।୧୧ (ଡି.ଏନ.ଏ)**

ଓଡିଶାର ବିଜେଡି ଶାସିତ ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ବିରୋଧ କରି ଗାଇସିଲେଟ ଭାଜପା ପକ୍ଷରୁ ଜିଲା ଉପସଭାପତି ପ୍ରବୀଣ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସ୍ଥାନୀୟ ଶହୀଦ ଛକକୁ ବାହାରି ବ୍ଲକ ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ମଣ୍ଡଳ-୨ ସଭାପତି ପୂର୍ଣ୍ଣାନନ୍ଦ ସିଂ ଠାକୁର ସ୍ୱାଗତ ଭାଷଣ ଦେଇଥିଲେ । ସଭାରେ ଅତିଥି ଭାବେ କାର୍ଯ୍ୟକାରିଣୀ ସଦସ୍ୟ ସୁବାଷ ଚୌହାନ, ଜିଲା ପରିଷଦ ଉପାଧକ୍ଷ ମଦନ ଦୀପ, ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ସସ୍ମିତା ଡନସେନା, ସଞ୍ଜୀବ ମହାପାତ୍ର, ସନତ ଗଡତିଆ, ଗୋବର୍ଦ୍ଧନ ଭୁଏ, ଅଚ୍ୟୁତ ବାରିକ, ସକୁନ୍ତଳା ମହାପାତ୍ର, ଝସକେତନ ସାହୁ, ଆଦିକନ୍ଦ ପୁରୋହିତ, ଯାଜ୍ଞେଶ୍ୱର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ ।

# ବୁଲିଲା ଋତୁକାଳୀନ ଛାତ୍ରାବାସ ସଚେତନତା ରଥ



ଋତୁକାଳୀନ ଛାତ୍ରାବାସ ଖୋଲିବା ପାଇଁ ପାଇକମାଳ ବିଇଓ ଅଫିସ୍‌ରୁ ସଚେତନତା ରଥ ବାହାରିଛି ।

**ପାଇକମାଳ, ୩।୧୧(ଡି.ଏନ.ଏ)**

ବରଗଡ ସର୍ବଶିକ୍ଷା ଅଭିଯାନ ତରଫରୁ ଋତୁକାଳୀନ ଛାତ୍ରାବାସ ଖୋଲିବା ପାଇଁ ସଚେତନତା ରଥ ବାହାରିଛି । ଶନିବାର ଏହି ରଥ ପାଇକମାଳ ବିଇଓଙ୍କ ଅଫିସ୍‌ରେ ପହଞ୍ଚିବା ପରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ବିନୋଦ ମେହେର, ମିନକେତନ ସାହୁ, ମହାଦେବ ବେହେରା, ଚମନ ସିଂ କପାଟ, ଶାନ୍ତନୁ ମେହେର, ଉମାକାନ୍ତ ପଟେଲ, ସୁବ୍ରତ ପଥାଲ, ବିପ୍ଳବ ପଟନାୟକ, ସରୋଜ ପ୍ରଧାନ, ବଳରାମ ସେଠ, ଆଦିକନ୍ଦ ବିଶ୍ୱାଳ ଯୋଗଦେଇ ସଚେତନତା ରଥକୁ ବିଭିନ୍ନ ଗ୍ରାମକୁ ପରିକ୍ରମା କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଚେତନତା ରଥ ଦେଶାନ୍ତର ଯାଉଥିବା ପରିବାରର ୬ରୁ୧୪ ବର୍ଷର ପିଲାମାନଙ୍କୁ ଋତୁକାଳୀନ ଛାତ୍ରାବାସରେ ରହି ପାଠ ପଢ଼ିବା ପାଇଁ ବାର୍ତ୍ତା ଦେବ। ପ୍ରକାଶ ଥାଉକି ଏହି ରଥ ପାଇକମାଳ, ଝାରବନ୍ଧ, ପଦ୍ମପୁର ଓ ଗାଇସିଲେଟ ବ୍ଲକର ବିଭନ୍ନ ଗ୍ରାମ ଓ ବିଦ୍ୟାଳୟମାନଙ୍କୁ ପରିକ୍ରମା କରି ସଚେତନତା କରାଇବାର କାର୍ଯ୍ୟକ୍ରମ ରହିଛି ।

# ବରଗଡ଼ ଭେଟେରାନ ୨-୦ରେ ବିଜୟୀ

**ବରଗଡ଼ ଅଫିସ୍,୩।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ପ୍ରତିଯୋଗିତା ଅବସରରେ ଶନିବାର ବରଗଡ଼ ଓ ସମ୍ବଲପୁରର ଭେଟେରାନ ଖେଳାଳିଙ୍କୁ ନେଇ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ହୋଇଥିଲା । ଏଥିରେ ବରଗଡ଼ ପ୍ରତିପକ୍ଷ ସମ୍ବଲପୁରକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ପୂର୍ବତନ ଏମ୍‌ପି ସଞ୍ଜୟ ଭୋଇ, ଅତିରିକ୍ତ ଜିଲାପାଳ ତପିରାମ ମାଝି ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ଯୁଗଳ ପ୍ରସାଦ ସିଂ, ଫୁଟବଲ ସମ୍ପାଦକ ହରଦୀପ ସିଂ, ସମ୍ବଲପୁର ଜିଲା ଫୁଟବଲ ସଂଘର ଗଫାର ଖାଁ, ଅକ୍ଷୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସଚି ପଣ୍ଡା, ଉମେଶ ଭୋଇ, ମୋତିରାମ ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ ।

# ପ୍ରତିଭା ଦେଖାଇଲେ ଶିଶୁ

**ବରଗଡ଼ ଅଫିସ୍,୩।୧୧**



ସୁରଭି କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ବରଗଡ଼ ଶିକ୍ଷାଜିଲାସ୍ତରୀୟ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ସୁରଭି ଶନିବାର ଅନୁଷ୍ଠିତ ହୋଇଛି । ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ । ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଲୋକନୃତ୍ୟରେ ଅଡ଼ଗାଁ କ୍ଲଷ୍ଟର ଅଧୀନ ପାତରପାଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିପରି ଗୀତ ପ୍ରତିଯୋଗିତାରେ ବରଗଡ଼ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ବିମଳା ପ୍ରଧାନ ପ୍ରଥମ, ସୃଜନଶୀଳ ଲିଖନ ପ୍ରତିଯୋଗିତାରେ ଛତାପଥର ପ୍ରକଳ୍ପ ପ୍ରାଥମିକ ସ୍କୁଲର ଛାତ୍ରୀ ରଞ୍ଜିତା ବିଭାର, କୁଇଜ ସିନିୟର ପ୍ରତିଯୋଗିତାରେ ଭଟଲି ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ବାରିକ ପ୍ରଥମ ହୋଇଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବକୁ ମନୋନୀତ ହୋଇଛନ୍ତି ।

# ଅଘୋଷିତ ବିଦ୍ୟୁତ୍ କାଟ୍, ଅଞ୍ଚଳବାସୀ ଅତିଷ୍ଠ

**ମନମୁଣ୍ଡା, ୩।୧୧ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ତଥା ଏହି ବିଦ୍ୟୁତ ସବ୍‌ଡିଭିଜନ ଅଧୀନ ବିଭିନ୍ନ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷାଝଡ, ତୋଫାନରେ ବିଦ୍ୟୁତ କାଟ ହେବା ଏ ଅଞ୍ଚଳ ପାଇଁ ନିତିଦିନିଆ ଘଟଣା ହୋଇଛି। କିନ୍ତୁ ସାମାନ୍ୟ ପତ୍ର ହଲିଲେ ବିଦ୍ୟୁତ୍ କାଟ୍ କରାଯାଉଥିବାରୁ ଲୋକେ ଅତିଷ୍ଠ ହୋଇପଡିଲେଣି । ଏ ନେଇ ବିଦ୍ୟୁତ୍ ବିଭାଗକୁ ପଚାରିଲେ କୌଣସି ଉତ୍ତର ମିଳୁନାହିଁ । ଏ ଦିଗରେ ଉଚ୍ଚକର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ବାଲିଯାତ୍ରା ପ୍ରସ୍ତୁତି ବୈଠକ

**ବିଜେପୁର, ୩।୧୧ (ଡି.ଏନ.ଏ)**

ବିଜେପୁର ବ୍ଲକ କନଡିହିରେ ଶୁକ୍ରବାର ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୱାର୍ଡ ସଭ୍ୟ ନରସିଂହ ପଟେଲଙ୍କ ଅଧକ୍ଷତାରେ ବୁଲୁ ରାଉତ, ଅମରେଶ ମଲ୍ଲିକ, ସୁମନ୍ତ ଭୋଇ, ଅଶ୍ୱିନୀ ପଟେଲ, ପାଣ୍ଡବ ଭୋଇ, ଅନନ୍ତ ପଟେଲ, ସଦାନନ୍ଦ ତାଣ୍ଡି, ଛନ୍ଦାଚରଣ ସାହୁ, ସମ୍ପଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ । ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ମହୋତ୍ସବ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଦର୍ଶକମାନଙ୍କ ମନୋରଞ୍ଜନ ନିମିତ୍ତ ଲୋକ ସଙ୍ଗୀତ, ସମ୍ପ୍ରଦା, ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଯୁବ ସଙ୍ଗଠକ ସୁଶାନ୍ତ ପଟେଲ ସଭା ସଞ୍ଚାଳନ କରିଥିଲେ ।

# ନାବାର୍ଡ ମୁଖ୍ୟଯନ୍ତ୍ରୀଙ୍କ ମହାନଦୀ ସେତୁ କାର୍ଯ୍ୟ ପରିଦର୍ଶନ



ନାବାର୍ଡ ମୁଖ୍ୟଯନ୍ତ୍ରୀ ଅନ୍ୟମାନଙ୍କ ଗହଣରେ ମହାନଦୀ ସେତୁ କାମ ସମୀକ୍ଷା କରୁଛନ୍ତି ।

**ପୁରୁଣାକଟକ,୩।୧୧(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଧଳପୁର ଠାରେ ନିର୍ମାଣାଧୀନ ଧଳପୁର-ଆଠମଲ୍ଲିକ ମହାନଦୀ ସେତୁ କାର୍ଯ୍ୟକୁ ଶନିବାର ନାବାର୍ଡ ମୁଖ୍ୟଯନ୍ତ୍ରୀ ବି.ଏନ ପାଲ ପରିଦର୍ଶନ ଓ ସମୀକ୍ଷା କରିଥିବା ଜଣାପଡିଛି । ମହାନଦୀ ଉପରେ ୩ କିଲୋମିଟର ଦୀର୍ଘ ବିଶିଷ୍ଟ ସେତୁ ନାବାର୍ଡ ସହାୟତାରେ ନିର୍ମାଣ ହେଉଛି । ସେତୁର ବ୍ୟୟ ଅଟକଳ ୧୬୮କୋଟି ୯୧ ଲକ୍ଷ ଟଙ୍କା । ୨୦୧୬ ଡିସେମ୍ବର ୫ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି ସେତୁ ୩୬ ମାସ ଅର୍ଥାତ ଆସନ୍ତା ଡିସେମ୍ବର ୫ ତାରିଖରେ କାମ ଶେଷ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି । ଏହି ସେତୁ କାର୍ଯ୍ୟ ବୌଦ୍ଧ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ସେତୁର ଶତକଡା ୮୦ଭାଗ କାର୍ଯ୍ୟ ଶେଷ ହେଲାଣି । ବାକି ଶତକଡା ୨୦ ଭାଗ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ସେତୁର ଅଗ୍ରଗତି ଉପରେ ବୌଦ୍ଧ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ମନୋଜ ତ୍ରିପାଠୀ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଗତ ମାସ ସୁଧା ୪୦କୋଟି ୨ଲକ୍ଷ ଟଙ୍କା ସେତୁ ନିର୍ମାଣରେ ଖର୍ଚ୍ଚ ହୋଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ନାର୍ବାଡ ମୁଖ୍ୟଯନ୍ତ୍ରୀଙ୍କ ସହ କନ୍ଧମାଳ ପୂର୍ତ୍ତ ବିଭାଗ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ତୁଷାର ଭଞ୍ଜନ ପରିଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମୋହନ ପାଢୀ ପ୍ରମୁଖ ସେତୁ ପରିଦର୍ଶନ କରିବା ସହ ମାନ ପରୀକ୍ଷା କରିଥିଲେ । ପରେ ସେତୁର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ହୋଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୪/୨୦୧୮



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### ସୁରକ୍ଷିତ ଦୀପାବଳି ଉପରେ ଗୁରୁତ୍ୱ

**ଉଲୁଣ୍ଡା,୩।୧୧(ଡି.ଏନ.ଏ)**- ଆସନ୍ତା ୭ ତାରିଖ ଦୀପାବଳି ପର୍ବ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ତରଫରୁ ବାଣ ବ୍ୟବସାୟୀଙ୍କ ସହ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଆଇଆଇସି ସଙ୍ଗୀତା ମହାପାତ୍ରଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକରେ ଅଗ୍ନିଶମ ବାହିନୀ ଅଧିକାରୀ ବି.ଏଲ୍.ଏକ୍କା ଏବଂ ବୀରମହାରାଜପୁର ଏସଡିପିଓ ଧିରଜ ଚୋପଦାର ଯୋଗଦେଇ ବାଣ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ତେବେ ବାଣ ବ୍ୟବସାୟ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସ୍ଥାନୀୟ ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇ ସମସ୍ତ ବାଣ ବ୍ୟବସାୟୀ ବିକ୍ରି କରିବାକୁ ଏସ୍‌ଡିପିଓ ଅନୁରୋଧ କରିଥିଲେ। ଏଥିରେ ଉଲୁଣ୍ଡାର ସମସ୍ତ ବାଣ ବ୍ୟବସାୟୀ ଉପସ୍ଥିତ ଥିଲେ।

### ବ୍ଲକ ଅଫିସ ଘେରିଲା ଭାଜପା

**ତରଭା/ଡୁଙ୍ଗୁରିପାଲି, ୩।୧୧(ଡି.ଏନ.ଏ.)**-ରାଜ୍ୟର ବିଜେଡି ସରକାର ବିରୋଧରେ ବିଭିନ୍ନ ଆଭିଯୋଗ ଆଣି ଶନିବାର ସୁବର୍ଣ୍ଣପୁର ଜିଲା ତରଭା ଓ ଡୁଙ୍ଗୁରିପାଲି ବ୍ଲକ ଅଫିସ ଘେରିଥିଲା ଭାଜପା । ପୂର୍ବତନ ଭାଜପା ଜିଲା ସଭାପତି ସୁରେଶ ମହଲାଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ସାଧାରଣ ସଭାରେ ଦଳୀୟ ନେତାମାନେ ସରକାରଙ୍କ ପିସି, ଦୁର୍ନୀତି, ଭ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ବର୍ଷିଥିଲେ । ସମସ୍ତ ଚାଷୀଙ୍କ ଜମିକୁ ଜଳସେଚନ, ଚକଡା ଆକ୍ରାନ୍ତ ଓ ମରୁଡି ପ୍ରବଣ ପଞ୍ଚାୟତଗୁଡିକର ଚାଷୀଙ୍କୁ ସହାୟତା ଓ କୃଷିବୀମା ପ୍ରଦାନ, ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଣ, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରିବା ଦାବି କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୪ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ପରେ ପରେ ଭାଜପା କର୍ମୀମାନେ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ତରଭା ସହରର ବିଭିନ୍ନ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ନିକଟରେ ଦାବି କରିଥିଲେ। ଏଥିରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରଦ୍ଧା ମିଶ୍ର, ପବିତ୍ର ମିଶ୍ର, ବାଳମୁକୁନ୍ଦ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ନଗର ସଭାପତି ପୁରୁଷୋତ୍ତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଡୁଙ୍ଗୁରିପାଲି ବ୍ଲକ ଭାଜପା ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବିଜୟ କୁମାର ମହାକୁରଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ଚଇତୁରା ଦୀପ, ବଳଦେବ ପ୍ରସାଦ ବେଦବାକ, ରଥ ସାହୁ, ଅଶୋକ ପୂଝାରୀ, ମହେନ୍ଦ୍ର ମହାନନ୍ଦ, ବିରଞ୍ଚି ପ୍ରସାଦ ଭୋଇ, ଓକିଲ ସେଲ ସଭାପତି ଶଙ୍କର ପଧାନ, ଶେଷଦେବ ପଧାନ, ଶିବରାମ ମିଶ୍ର, ଜିଲା ପରିଷଦ ଉପାଧକ୍ଷ ରୁଦ୍ର କିଶୋର ମହଲା ୧୯ ବର୍ଷ ଧରି ବିଜେଡି ସରକାର ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରିଥିଲେ । ପରେ ୧୬ ଦଫା ସମ୍ବଳିତ ଦାବିପତ୍ର ବିଡିଓ ସହଦେବ ସମାଧିଆଙ୍କୁ ପ୍ରଦାନ କରାଯାଇଥିଲା ।




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

■ ଦୁର୍ନୀତି ନିବାରଣ ସପ୍ତାହ ସଭାରେ ବକ୍ତାଙ୍କ ମତ

# ଦୁର୍ନୀତି ହଟିଲେ ଦେଶ ଆଗେଇବ

**ସୋନପୁର,୩।୧୧(ନି.ପ୍ର.)**

ସୁବର୍ଣ୍ଣପୁର ସରକାରୀ ଅଇଟିଆଇସ୍ଥିତ ପେସ୍ ଅଟୋମେଟିଭ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଜିଲା ନିୟୋଜନ ଅଧିକାରୀ ଶର୍ମିଷ୍ଠା ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତି ହଟିଲେ ଆମ ଦେଶ ବହୁ ଆଗକୁ ଯାଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆଇଟିଆଇର ଉପାଧ୍ୟକ୍ଷ ରଣଜିତ ମହାରଣା, ପ୍ରଥମ ଏଜୁକେଶନର ସଂଯୋଜକ ଆଶିଷ ଗୋଛାୟତ, ନେହେରୁ ଯୁବକେନ୍ଦ୍ର ସଂଗଠନର କାର୍ଯ୍ୟକ୍ରମ ସଂଯୋଜକ ରାଜପାଲ ସିଂ ଯୋଗଦାନ କରି ଦୁର୍ନୀତି ହଟାଇବା ପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସୁନୀଲ ସାହୁ, ଆନନ୍ଦ ପ୍ରଧାନ, କୃପାସିନ୍ଧୁ ସା, ଆଶିଷ ସାହୁ, ରାଜେନ୍ଦ୍ର କୁମ୍ଭାର, ଗୋପକୃଷ୍ଣ ରାଉତ ପ୍ରମୁଖ ନୂତନ ଭାରତ ଗଠନ ପାଇଁ ଦୁର୍ନୀତି ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦୁର୍ନୀତି ସମ୍ପର୍କିତ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବକେନ୍ଦ୍ର ଓ ଅନୀତା ଫାଉଣ୍ଡେସନ ବାଉଁଶୁଣି ପକ୍ଷରୁ ଏହି କାଯର୍ୟକ୍ରମ ଆୟୋଜିତ ହୋଇଥିଲା।

# ଜାନୁୟାରୀ ୧ରୁ ପଏଁରୀ ତିହାର

**ସୋନପୁର,୩।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ତରଫରୁ ଜାନୁୟାରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପଏଁରୀ ତିହାର-୨୦୧୯ ଅନୁଷ୍ଠିତ ହେବ। ଭୀମଭୋଇ କଳା ମଣ୍ଡପଠାରେ ତିନିଦିନ ଧରି ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ପାରମ୍ପରିକ ଲୋକକଳାର ସଂରକ୍ଷଣ, ବିକାଶ ଓ ସୁରକ୍ଷା ସହିତ କଳାକାରଙ୍କୁ ସମ୍ମାନ ଜଣାଇବା ଏହି ଉତ୍ସବର ଉଦ୍ଦେଶ୍ୟ। ପଏଁରୀର ଉପସଭାପତି ପ୍ରଫୁଲ୍ଲ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରାଚୀନ ଲୋକକଳା ଘୁବ୍‌କୁଡୁ, ହଲିଆ ଗୀତ, ସାଁପୁଆ କେଲା, ଡାଲଖାଇ, କରମସାନୀ, ଛେରଛେରା ଓ ଝୁମେର ନୃତ୍ୟ ଆଦି ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ଉପଦେଷ୍ଟା ଅଭିମନ୍ୟୁ କୁଶଳ, ନାଟ୍ୟଶ୍ରୀ ଗଦାଧର ବାରିକ୍ ଓ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ଉତ୍ସବକୁ ମହା ସମାରୋହରେ ପାଳନ କରିବା ସହିତ ସମସ୍ତ ପ୍ରକାର ସହଯୋଗ ଦେବାକୁ ପ୍ରତିଶୃତି ଦେଇଥିଲେ। ଜିଲାର ପାରମ୍ପରିକ ଦୁଲଦୁଲି ବାଜା ଦଳ ନେଇ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିବ। ଚଳିତ ବର୍ଷ ରାଜ୍ୟ ବାହାରୁ ଲୋକନୃତ୍ୟ ଦଳ କଲିକତା, ଆସାମ, ତେଲେଙ୍ଗାନା ଓ ଛତିଶଗଡର ପାରମ୍ପରିକ ଲୋକନୃତ୍ୟକୁ ଆମନ୍ତ୍ରଣ କରାଯିବ। ପଶ୍ଚିମ ଓଡିଶାର ପଦ୍ମଶ୍ରୀ ଉପାଧି ଗ୍ରହଣ କରାଯିବ ବୋଲି କମିଟି ବରିଷ୍ଠ ସଦସ୍ୟମାନେ ପ୍ରସ୍ତାବ ଆଗତ କରିଥିଲେ। ପ୍ରତି ଦିନ ସନ୍ଧ୍ୟାରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡିକ ପରିବେଷଣ କରାଯିବ। ସମ୍ପାଦକ ଚୌଧୁରୀ ବିଭାର, ଲକ୍ଷ୍ମୀନାରାୟଣ ମେହେର, ସନ୍ତୋଷ ମିଶ୍ର, ସତ୍ୟବ୍ରତ ପ୍ରଧାନ, ପୃଥ୍ୱୀରାଜ ବାଗ, ଗୋପାଳ ମେହେର, ସଦାନନ୍ଦନ ସାହୁ ଓ ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରସ୍ତୁତି ବୈଠକରେ ଉତ୍ସବ କମିଟିର କର୍ମକର୍ତ୍ତା ।

## ବାହାରିଲା ଭୋଟର ତାଲିକା ସଂଶୋଧନ ସଚେତନତା ରଥ

**ବୀରମହାରାଜପୁର, ୩।୧୧ (ଡି.ଏନ୍.ଏ.)**

ଭାରତର ନିର୍ବାଚନ କମିଶନଙ୍କ ନିଦେର୍ଶକ୍ରମେ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ରହିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶଧନ କାର୍ଯ୍ୟକ୍ରମର ଶେଷ ଅବଧିକୁ ଚଳିତ ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ପ୍ରକ୍ରିୟା ମତଦାତାଙ୍କ ପାଇଁ ଶେଷ ସୁଯୋଗ ଥିବାରୁ ଏହାର ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟର ତାଲିକାରେ ନାମ ଯାଞ୍ଚ ସହିତ ନୂତନ ଭାବେ ସାମିଲ, ବଦଳ, ବାଦ୍ ଓ ତୃଟି ସଂଶୋଧନ ସକାଶେ ନିର୍ଦ୍ଧାରିତ ଫର୍ମରେ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହିକ୍ରମରେ ବୀରମହାରାଜପୁର ନିବାର୍ଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥ ସ୍ଥାନୀୟ ଉପଜିଲାପାଳ ତଥା ମତଦାତା ପଞ୍ଜୀକରଣ ଅଧିକାରି କାର୍ଯ୍ୟାଳୟଠାରୁ ବାହାରିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଉପଖଣ୍ଡ ମୁଖ୍ୟାଳୟ ପରିସରରେ ଆୟୋଜିତ ଏହି ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ସୁବ୍ରତ କୁମାର ବେହେରା, ଏସ୍‌ଡିପିଓ ଧିରୋଜ ଚପୋଦାର, ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରମୁଖ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

# ମାସ୍କଟ୍ ଓଲିକୁ ସୁବର୍ଣ୍ଣପୁରରେ ସ୍ୱାଗତ

**ସୋନପୁର,୩।୧୧(ନି.ପ୍ର.)**

ନଭେମ୍ବର ୨୮ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେବ ହକି ପୁରୁଷ ବିଶ୍ୱକପ୍। ତେଣୁ ଓଡିଶାରେ ହକିକୁ ପ୍ରମୋଟ କରିବା ପାଇଁ ରାଜ୍ୟ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିକ୍ରମରେ ସଚେତନତା ସୃଷ୍ଟି ପାଇଁ ମାସ୍କଟ୍ ଓଲି ଓଡିଶା ପରିକ୍ରମା କରୁଛି। ଶନିବାର ସକାଳେ ଓଲି ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ଓ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ୍ ଖାନ ପ୍ରମୁଖ ମାସ୍କଟ୍ ଓଲିକୁ ସ୍ୱାଗତ କରିଥିଲେ। ପରେ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀର ସଦସ୍ୟ ଓ କ୍ରୀଡାବିତ୍‌ଙ୍କ ଗହଣରେ ଓଲିକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଟାଉନ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳ ହକିର ପ୍ରଚାର ପ୍ରସାର ପାଇଁ ବିଶ୍ୱକପ୍ ଆୟୋଜନ କରିବା ସରକାରଙ୍କର ଏକ ବଡ ପଦକ୍ଷେପ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ ।




ଓଲି ପାଇଁ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

## ହିଙ୍ଗମା ହାଇସ୍କୁଲରେ ପଲିଥିନ୍ ମୁକ୍ତ ଅଭିଯାନ

**ବୀରମହାରାଜପୁର, ୩।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିଙ୍ଗମାସ୍ଥିତ ଜୟକିସାନ ହାଇସ୍କୁଲ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ଶନିବାର ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଓ ଜୁନିୟର ରେଡ୍‌କ୍ରସ୍‌ର ଛାତ୍ରୀଛାତ୍ରମାନଙ୍କର ଏକ ସଚେତନତା ରାଲି ବସ୍ତି ପରିକ୍ରମା କରିଥିଲା। ଉକ୍ତ ଜନବସତିରେ ଥିବା ୧୯ଟି ତେଯରାତି ଦୋକାନରେ ପହଞ୍ଚି ଦୋକାନୀମାନଙ୍କୁ ବିଦ୍ୟାର୍ଥୀମାନେ ପଲିଥିନ୍‌ର କୁପ୍ରଭାବ ବାବଦରେ ବୁଝାଇ କାଗଜ ଠୁଙ୍ଗା ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଦୋକାନୀଙ୍କୁ ବିଦ୍ୟାର୍ଥିମାନଙ୍କ ଦ୍ୱାରା ପ୍ରସ୍ତୁତ ୫୦ଟି ଲେଖାଁଏ କାଗଜ ଠୁଙ୍ଗା ଉପହାର ସ୍ୱରୁପ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ କରୁଣାକର ମଲ୍ଲିକ, ଅଶୋକ କୁମାର ଭୋଇ ଓ ହିମାଂଶୁ ପଧାନ ପରିଚାଳନା କରିଥିଲେ। ଶୋଭାଯାତ୍ରା ବାହାରିବା ପୂର୍ବରୁ ପ୍ରଧାନଶିକ୍ଷକ ପାଢୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କୁ ପଲିଥିନ୍‌ର ଅପକାରିତା ସମ୍ପର୍କରେ ବୁଝାଇ ଦିଆଯାଇଥିଲା।

**GOVERNMENT OF ODISHA**
**Cancellation Notice**
**of**
**Bid Identification No. CCE, KIP(KCD)-02/2018-19 of**
**e PROCUREMENT NOTICE NO. CCE, KIP-03/2018-19 (Online)**

**No.703-A:-** The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

**Sd./- Chief Construction Engineer, Kanupur Irrigation Project, Basudevpur**

32012/11/0016/1819

**NOTIFIED AREA COUNCIL, PURUSHOTTAMPUR (GM.)**
**Email: purushottampurnac@gmail.com, Ph. No. 06811-275333**

Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*

**DIRECTORATE OF SECONDARY EDUCATION**
**6th Floor, Heads of Departments Building, Unit-V, Bhubaneswar, 751001**
Email: dseorissaedn@yahoo.com

53-N

**REQUEST FOR PROPOSALS (RFP)**

Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*

**Odisha State Medical Corporation Limited (OSMC)**
Assuring Quality, Saving Lives
**In front of Ram Mandir, Convent Square, Unit – III, Bhubaneswar -751 001**
**Tel.: (0674) 2380068, Website: www.osmcl.nic.in, Email : proc.osmcl.od@nic.in**

**Date: 02.11.2018**

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments) 09.11.2018, 3 PM (Glucometer) **Venue:** Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 15.11.2018, 3 PM (Plastic Surgery & Glucometer) 16.11.2018, 3 PM (Warehouse Equipments) | End Date & Time: 30.11.2018, 5 PM (Warehouse Equipments) 01.12.2018, 5 PM (Glucometer) 03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments) 05.12.2018 11 AM (Glucometer) 07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./-**
**Managing Director**
**OSMC Ltd., Odisha**

10112/11/0046/1819

**Bhubaneswar Smart City Limited**
**Block-1, II-Floor, BMC-Bhawani Mall, Bhubaneswar-751007**

No. 5458 Date: 02.11.2018

**Corrigendum to Tender Call Notice Vide Bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

*Sd./- Chief Executive Officer*
*Bhubaneswar Smart City Limited*

13070/11/0035/1819

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

*Sd./- Dr. Siva Prasad Padhi*
*Chief District Medical &*
*Public Health Officer, Rayagada*

10035/11/0018/1819

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ନଭେମ୍ବର ୪/୨୦୧୮



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା



## ସଂକ୍ଷେପରେ

### ସୁରକ୍ଷିତ ଦୀପାବଳି ଉପରେ ଗୁରୁତ୍ୱ

**ଉଲୁଣ୍ଡା,୩।୧୧(ଡି.ଏନ.ଏ)**- ଆସନ୍ତା ୭ ତାରିଖ ଦୀପାବଳି ପର୍ବ ପାଳନ କରାଯିବ। ଏହାକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ତରଫରୁ ବାଣ ବ୍ୟବସାୟୀଙ୍କ ସହ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଆଇଆଇସି ସଙ୍ଗୀତା ମହାପାତ୍ରଙ୍କ ସଂଯୋଜନାରେ ହୋଇଥିବା ଏହି ବୈଠକରେ ଅଗ୍ନିଶମ ବାହିନୀ ଅଧିକାରୀ ବି.ଏଲ୍.ଏକ୍କା ଏବଂ ବୀରମହାରାଜପୁର ଏସଡିପିଓ ଧିରଜ ଚୋପଦାର ଯୋଗଦେଇ ବାଣ ବ୍ୟବସାୟୀଙ୍କ ସହ ଆଲୋଚନା କରିଥିଲେ। ତେବେ ବାଣ ବ୍ୟବସାୟ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସ୍ଥାନୀୟ ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇ ସମସ୍ତ ବାଣ ବ୍ୟବସାୟୀ ବିକ୍ରି କରିବାକୁ ଏସ୍‌ଡିପିଓ ଅନୁରୋଧ କରିଥିଲେ।

# ମରୁଡି ପରିସ୍ଥିତି ମୁକାବିଲା ପାଇଁ ଦାବିପତ୍ର

## ■ ନୋଡାଲ କମିଶନରଙ୍କୁ ଭେଟିଲେ ସମବାୟ ବ୍ୟାଙ୍କ ସଭାପତି

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ଜିଲା ଗସ୍ତରେ ଆସିଥିବା ଜିଲାର ନୋଡାଲ କମିଶନର ତଥା ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଓ ବ୍ୟାଙ୍କର ଏକ ପ୍ରତିନିଧି ଦଳ ସାକ୍ଷାତ କରିଥିଲେ। ଜିଲାର ମରୁଡି ପରିସ୍ଥିତି ନେଇ ଆଲୋଚନା କରିବା ସହ ସେମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଜିଲାର ବିଭିନ୍ନ ନଦୀ ନାଳରେ ଚେକଡ୍ୟାମ ଓ ବ୍ୟାରେଜ ନିର୍ମାଣ କରାଯାଇ ବ୍ୟାପକ ଜଳସେଚନ ବ୍ୟବସ୍ଥା କରାଗଲେ ମରୁଡି ରୋକାଯାଇ ପାରିବ ବୋଲି ଆଲୋଚନାବେଳେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ସମସ୍ୟାକୁ ସମାଧାନ କରାଯାଇ ପ୍ରକଳ୍ପ କାମ ତୁରନ୍ତ ସାରିବା ସହ ଅପରଲାଣ୍ଠ, ଲୋୟର ଲାଣ୍ଠ ପ୍ରକଳ୍ପ କାମ ଆରମ୍ଭ କରିବା ଉପରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଲୋୟର ଇନ୍ଦ୍ର ପ୍ରକଳ୍ପରୁ ତୁରନ୍ତ ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ବ୍ଲକର ଚାଷଜମିକୁ ଜଳସେଚନ କରିବା, ତେଲନଦୀ ଓ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ କରିବା, ଜିଲାରେ ଥିବା ଅନ୍ୟାନ୍ୟ ନଦୀ ନାଳରେ ଚେକଡ୍ୟାମ ଓ ବ୍ୟାରେଜ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲାରେ ବ୍ୟାପକ ବନୀକରଣ କରିବା ଓ ରବିଋତୁରେ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦେବାକୁ ଦାବି କରିଥିଲେ । ସମବାୟ ବ୍ୟାଙ୍କ ପ୍ରତିନିଧି ଦଳରେ ସଭାପତି ମେହେରଙ୍କ ସହ ବରିଷ୍ଠ ନିର୍ଦ୍ଦେଶକ ସୁଶୀଳ କୁମାର ଚାନ୍ଦ, ଜିତେନ୍ ଦୀପ, ଦେଓଗାଁ ବ୍ଲକ ଅଧ୍ୟକ୍ଷା ତଥା ନିର୍ଦ୍ଦେଶିକା ରୀନା ମେହେର ମେହେର୍ଦ୍ଦାଙ୍କୁ ଭେଟିଥିଲେ। ଦାବିଗୁଡିକ ଉପରେ ସେ ସରକାରଙ୍କୁ ଅବଗତ କରିବେ ବୋଲି ନୋଡାଲ କମିଶନର ମେହେର୍ଦ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।



ବଲାଙ୍ଗୀର ଜିଲା ନୋଡାଲ କମିଶନର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ସମବାୟ ବ୍ୟାଙ୍କ ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି ।

# ବାହାରିଲା ଭୋଟର ତାଲିକା ସଂଶୋଧନ ସଚେତନତା ରଥ

**ବୀରମହାରାଜପୁର, ୩।୧୧ (ଡି.ଏନ୍.ଏ.)**

ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ରହିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶଧନ କାର୍ଯ୍ୟକ୍ରମର ଶେଷ ଅବଧିକୁ ଚଳିତ ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଉକ୍ତ ପ୍ରକ୍ରିୟା ମତଦାତାଙ୍କ ପାଇଁ ଶେଷ ସୁଯୋଗ ଥିବାରୁ ଏହାର ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟର ତାଲିକାରେ ନାମ ଯାଞ୍ଚ ସହିତ ନୂତନ ଭାବେ ସାମିଲ, ବଦଳ, ବାଦ୍ ଓ ତୃଟି ସଂଶୋଧନ ସକାଶେ ନିର୍ଦ୍ଧାରିତ ଫର୍ମରେ ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହିକ୍ରମରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ଏକ ସଚେତନତା ରଥ ସ୍ଥାନୀୟ ଉପଜିଲାପାଳ ତଥା ମତଦାତା ପଞ୍ଜୀକରଣ ଅଧିକାରି କାର୍ଯ୍ୟାଳୟଠାରୁ ବାହାରିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଉପଖଣ୍ଡ ମୁଖ୍ୟାଳୟ ପରିସରରେ ଆୟୋଜିତ ଏହି ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ସୁବ୍ରତ କୁମାର ବେହେରା, ଏସ୍‌ଡିପିଓ ଧିରୋଜ ଚପୋଦାର, ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଓ ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରମୁଖ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।




ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ରାଲିରେ ଯାଉଛନ୍ତି ।

# ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ସଚେତନତା ରାଲି

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଛି । କଲେଜ ଛକରୁ ବାହାରିଥିବା ଏହି ରାଲିରେ ସ୍କୁଲର ଛାତ୍ରୀଛାତ୍ର, ଅଧ୍ୟକ୍ଷା, ଅଧ୍ୟାପକ, ଷ୍ଟାଫ୍ ସାମିଲ ହୋଇଥିଲେ । ବିଭିନ୍ନ ସଚେତନତା ବାର୍ତ୍ତା ଥିବା ପ୍ଲାକାର୍ଡ ଓ ବ୍ୟାନର ଧରି ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ । ସମାଜରୁ ଦୁର୍ନୀତି ହଟାଇବା ଓ ଏକ ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ ଦେବାକୁ ସ୍କୁଲ ଛାତ୍ରୀଛାତ୍ରମାନେ ନାରା ଦେଇଥିଲେ । ଦୁର୍ନୀତି ମୁକ୍ତ ସମାଜ ଗଠନ ଉପରେ ଗୁରତ୍ୱ ଦେଇଥିଲେ । ରାଲିଟି ସହର ପରିକ୍ରମା କରି ଟାଉନ୍ ଥାନାକୁ ପହଞ୍ଚିଥିଲା । ଥାନାରେ ପହଞ୍ଚି ସ୍କୁଲ ଛାତ୍ରୀଛାତ୍ରମାନେ ଟାଉନ୍ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ, ଡିଏସ୍‌ପି ରବିନାରାୟଣ ପାତ୍ର ଓ ଅନ୍ୟ ପୋଲିସ ଅଧିକାରୀଙ୍କୁ ଗୋଲାପ ଫୁଲ ଦେଇ ସଚେତନତା ବାର୍ତ୍ତା ଦେଇଥିଲେ । ଏହି ରାଲିରେ ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ, ସ୍କୁଲ ଅଧ୍ୟକ୍ଷା ରୋଜାଲିନ୍ ଷ୍ଟିଫେନ୍ ଓ ଅନ୍ୟମାନେ ସାମିଲ ହୋଇଥିଲେ ।

## ମାସ୍କଟ୍ ଓଲିକୁ ସୁବର୍ଣ୍ଣପୁରରେ ସ୍ୱାଗତ

**ସୋନପୁର,୩।୧୧(ନି.ପ୍ର.)**

ନଭେମ୍ବର ୨୮ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେବ ହକି ପୁରୁଷ ବିଶ୍ୱକପ୍। ତେଣୁ ଓଡିଶାରେ ହକିକୁ ପ୍ରମୋଟ କରିବା ପାଇଁ ରାଜ୍ୟ ସରକାର ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିକ୍ରମରେ ସଚେତନତା ସୃଷ୍ଟି ପାଇଁ ମାସ୍କଟ୍ ଓଲି ଓଡିଶା ପରିକ୍ରମା କରୁଛି। ଶନିବାର ସକାଳେ ଓଲି ସୁରେଶ୍ୱରୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ଓ ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ହାକିମ୍ ଖାନ ପ୍ରମୁଖ ମାସ୍କଟ୍ ଓଲିକୁ ସ୍ୱାଗତ କରିଥିଲେ। ପରେ ଛାତ୍ରୀଛାତ୍ର, ବିଜୁ ଯୁବ ବାହିନୀର ସଦସ୍ୟ ଓ କ୍ରୀଡାବିତ୍‌ଙ୍କ ଗହଣରେ ଓଲିକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଟାଉନ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜାତୀୟ ଦଳ ହକିର ପ୍ରଚାର ପ୍ରସାର ପାଇଁ ବିଶ୍ୱକପ୍ ଆୟୋଜନ କରିବା ସରକାରଙ୍କର ଏକ ବଡ ପଦକ୍ଷେପ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ ।

## ଫଟୋରେ ଖବର




ଗିନିଜ୍ ବୁକ୍ ରେକର୍ଡଧାରୀ କଳାହାଣ୍ଡି ଜିଲାର ସତ୍ୟପୀର ପ୍ରଧାନଙ୍କୁ ବଲାଙ୍ଗୀର ନ୍ୟାଶନାଲ ପିସ୍ ୟୁନିସନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି । (ଫଟୋ–ସୁନୀଲ)

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

## ମଧୁବୈଶ୍ୟ ସମାଜ ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୩।୧୧**

ମଧୁବୈଶ୍ୟ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଂଗଠନିକ ଅଭିବୃଦ୍ଧି ନେଇ ଆଲୋଚନା କରାଯାଇଥିଲା। ସ୍ୱର୍ଗତ ଅନୀଲ ଚୋପଦାର (୫୫)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ସଂଗଠନ ପକ୍ଷରୁ କାଶିନାଥ ସାହୁ, ନିକୁଞ୍ଜ ସାହୁ, ପ୍ରଫୁଲ୍ଲ ସାହୁ, ପ୍ରବୀଣ ସାହୁ, ଚନ୍ଦ୍ରକାନ୍ତ ସାହୁ, ସର୍ବେଶ୍ୱର ସାହୁ, ଜୟନ୍ତ ସାହୁ, ତ୍ରିଲୋଚନ ପୃଷ୍ଟି, ନିମାଇଁ ସାହୁ, ଅଶୋକ ସାହୁ, ବିପିନ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### DISTRICT RURAL DEVELOPMENT AGENCY, PURI

Tel. No. : 0652-222136(O), Email : ori-dpuri@nic.in
Lt. No. 6372 , Date: 02.11.2018

**TENDER NOTICE FOR PROCUREMENT OF SPORTS EQUIPMENT**

Sealed tenders are invited by **District Rural Development Agency, Puri District** from reputed Firms/ Agencies as per tender specifications for **"Supply of Sports Equipment"** under **Biju Yuva Vahini Programme.** The detailed tender document may be downloaded from the website **www.puri.nic.in.**
Interested bidders may submit their sealed tender documents in the prescribed format mentoring **"Supply of Sports Equipment"** on the cover of the envelope to the District **Rural Development Agency, Puri District by** Dt. 19.11.2018 upto 3PM.
Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Supply of Sports Equipment" on the cover of the envelope along with the samples of the Sports Equipment.**
The Technical Bid will be opened on the **same day at 4PM** in the presence of the bidders or their authorized representatives. The date and time of opening of the Financial Bids will be intimated to the shortlised bidders later.
Tenders received after due date and time will not be accepted. **District Rural Development Agency Puri District** shall not be responsible for Postal delay or similar reasons. No Tenders sent through an electronic means shall be accepted. Any corrigendum / addendum, If any, will be uploaded in the above mentioned website.
Available of Bid document in website :- From Dt. 03.11.2018 of 11.00 AM to Dt. 19.11.2018 upto 3.00 PM
Pre Bid Meeting : **Dt. 08.11.2018** on or before 3 PM
Last Date of Receipt of Bid : Dt. 19.11.2018 on or before 3 PM
Date of opening of online Bid : **Dt. 19.11.2018** on or before 4 PM
District Rural Development Agency, Puri District reserves the right to accept or reject any or all tender without assigning any reason thereof.
Address : District Rural Development Agency, Puri District, Email : ori-dpuri@nic.in

**Sd./- Project Director**
**District Rural Development Agency, Puri**

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମି, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ
0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ୍‌ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩/, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍‌କିନ୍

## ସଂକ୍ଷେପରେ

### ବିଜେଡି ପଦଯାତ୍ରା, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

**ଲୋଇସିଂହା, ୩।୧୧(ଡି.ଏନ.ଏ)-** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଗଡଶଙ୍କର ଡୁଙ୍ଗରିପାଲି ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୁ କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଧାୟକ ଯୋଗେନ୍ଦ୍ର ବେହେରା, ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା, ପ୍ରଦୀପ କୁମାର ସାହୁ, ଶିବଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ବିଜେଡି ନେତୃବର୍ଗ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି ଅବସରରେ ବିଧାୟକ ବେହେରା ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଡଶଙ୍କର ଡୁଙ୍ଗରିପାଲି ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ୫ଲକ୍ଷ ବ୍ୟୟରେ ନିର୍ମିତ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର, ୪ ଲକ୍ଷ୍ୟରେ ନିର୍ମିତ କମ୍ୟୁନିଟି ସେଣ୍ଟର, ବନଛୋରପାଲି ଅଙ୍ଗନୱାଡି କେନ୍ଦ୍ର ଓ ଗେର୍ଡି ଗ୍ରାମ ଖେଳପଡିଆର ଉନ୍ନତୀକରଣ ପ୍ରକଳ୍ପର ଉଦଘାଟନ କରିଥିଲେ । ଉତ୍ସବରେ ସ୍ଥାନୀୟ ସରପଞ୍ଚ ତ୍ରିବେଣୀ ସାହୁ, ସମିତି ସଭ୍ୟ ଲଙ୍କା କାଲସାଏଙ୍କ ସମେତ ବହୁସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଭୂମିହୀନଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି ।

■ ତୃତୀୟ ଦିନରେ ଭୂମିହୀନଙ୍କ ଧାରଣା

# ନ୍ୟାୟ ନ ମିଳିବାଯାଏ ଆନ୍ଦୋଳନ ଜାରି ରହିବ

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ଜିଲାରେ ବସୁନ୍ଧରା ଯୋଜନା ଓ ଜଙ୍ଗଲ ଜମି ଅଧିକାର ଆଇନ୍‌ର ସଠିକ୍ କାର୍ଯ୍ୟାନ୍ୱୟନ କରିବା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି । ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ନେତୃତ୍ୱ ନେଉଥିବା ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ କୁହାଯାଇଛି। ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନା ଅନୁସାରେ ୪ଡିସମିଲ ଜମି ଯୋଗାଇଦେବା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ଦାବି ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ମିଳିତ ଭାବେ ଗତ ୧ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛି । ବଲାଙ୍ଗୀର ଜିଲାର ୧୪ଟି ତହସିଲ, ୨ଟି ମ୍ୟୁନିସିପାଲିଟି ଓ ୩ଟି ଏନ୍‌ଏସିର ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ସେମାନଙ୍କୁ ୪ ଡିସମିଲ ଘରଡିହ ଯୋଗାଇ ଦେବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି । ତେବେ ଜିଲା ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନ ନେବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧ୍ୟକ୍ଷ ଡ ବିପିନ କୁଶଲିଆ ଓ ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱିଜ ଦଳପତି ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା ବିଭିନ୍ନ ସ୍ଥାନରୁ ଆସିଥିବା ଭୂମିହୀନ ମହିଳା ଓ ପୁରୁଷ ଯୋଗଦାନ କରିଛନ୍ତି । ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡ କୁଶଲିଆ କହିଛନ୍ତି । ଏହି ଆନ୍ଦୋଳନରେ ଭୂମିହୀନ ପରିବାରର ମହିଳା ଓ ପୁରୁଷମାନେ ଯୋଗଦାନ କରିଛନ୍ତି ।

■ ବେନ୍ଦ୍ରା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବା ଘଟଣା

# ସପ୍ତାହକ ମଧ୍ୟରେ ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି

**ଲୋଇସିଂହା, ୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାଶିଷ୍ଟ ଦାବିରେ ଗ୍ରାମବାସୀ ଡାକ୍ତରଖାନରେ ତାଲା ପକାଇ କର୍ମଚାରୀଙ୍କୁ ଗୁରୁବାର ସନ୍ଧ୍ୟାରେ ଅଟକ ରଖିଥିଲେ । ଖବର ପାଇଁ ସିଡିଏମଓ ସୁଜ୍ଞାନେନ୍ଦ୍ର ମିଶ୍ର ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ସପ୍ତାହକ ମଧ୍ୟରେ ଏମବିବିଏସ ଡାକ୍ତର ଓ ଫାର୍ମାଶିଷ୍ଟ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାତି ୧୨ଟାରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ବେନ୍ଦ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ଦୀର୍ଘ ୬ମାସରୁ ଅଧିକ ସମୟ ହେଲା ଏବିବିଏସ ଡାକ୍ତର ପଦବୀ ଖାଲି ପଡିଛି। ଏଠାରେ ନିୟୋଜିତ ଫାର୍ମାଶିଷ୍ଟଙ୍କୁ ଡୁଡୁକାକୁ ଡେପୁଟେଶନରେ ପଠାଯାଇଛି। ଅନ୍ୟ ଜଣେ ଆୟୁଷ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଥିଲେ ମଧ୍ୟ ନିୟମିତ ଖୋଲ ଯାଉ ନ ଥିବାରୁ ରୋଗୀସେବା ବ୍ୟହତ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଥିଲେ । ତାଲା ପଡିବା ଫଳରେ କେତେକ କର୍ମଚାରୀ ଡାକ୍ତରଖାନରେ ଅଟକି ରହିଥିଲେ। ଖବର ପାଇ ଆଗଲପୁର ଇନଚାର୍ଜ ଡାକ୍ତର ଦୀନେଶ ମହେର ଆଲୋଚନା ପାଇଁ ଆସିଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ବି ଅଟକ ରଖିଥିଲେ । ପରେ ସିଡିଏମଓ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ । ସପ୍ତାହକ ମଧ୍ୟରେ ଜଣେ ଏମବିବିଏସ ଡାକ୍ତର, ଫାର୍ମାଶିଷ୍ଟ ଯୋଗାଇ ଦିଆଯିବ, ସକାଳ ଓ ସନ୍ଧ୍ୟାରେ ନିୟମିତ ଡାକ୍ତରଖାନା ଖୋଲାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

# ହିଙ୍ଗମା ହାଇସ୍କୁଲରେ ପଲିଥିନ୍ ମୁକ୍ତ ଅଭିଯାନ

**ବୀରମହାରାଜପୁର, ୩।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିଙ୍ଗମାସ୍ଥିତ ଜୟକିସାନ ହାଇସ୍କୁଲ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ଶନିବାର ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ କୁମାର ପାଢୀଙ୍କ ତତ୍ତ୍ୱାବଧାନରେ ସ୍କାଉଟ୍ ଓ ଜୁନିୟର ରେଡ୍‌କ୍ରସ୍‌ର ଛାତ୍ରୀଛାତ୍ରମାନଙ୍କର ଏକ ସଚେତନତା ରାଲି ବସ୍ତି ପରିକ୍ରମା କରିଥିଲା। ଉକ୍ତ ଜନବସତିରେ ଥିବା ୧୯ଟି ତେଯରାତି ଦୋକାନରେ ପହଞ୍ଚି ଦୋକାନୀମାନଙ୍କୁ ବିଦ୍ୟାର୍ଥୀମାନେ ପଲିଥିନ୍‌ର କୁପ୍ରଭାବ ବାବଦରେ ବୁଝାଇ କାଗଜ ଠୁଙ୍ଗା ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଦୋକାନୀଙ୍କୁ ବିଦ୍ୟାର୍ଥିମାନଙ୍କ ଦ୍ୱାରା ପ୍ରସ୍ତୁତ ୫୦ଟି ଲେଖାଁଏ କାଗଜ ଠୁଙ୍ଗା ଉପହାର ସ୍ୱରୁପ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ କରୁଣାକର ମଲ୍ଲିକ, ଅଶୋକ କୁମାର ଭୋଇ ଓ ହିମାଂଶୁ ପଧାନ ପରିଚାଳନା କରିଥିଲେ। ଶୋଭାଯାତ୍ରା ବାହାରିବା ପୂର୍ବରୁ ପ୍ରଧାନଶିକ୍ଷକ ପାଢୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କୁ ପଲିଥିନ୍‌ର ଅପକାରିତା ସମ୍ପର୍କରେ ବୁଝାଇ ଦିଆଯାଇଥିଲା।

# ଲୋଇସିଂହାରେ ଅଚ୍ୟୁତାନନ୍ଦଙ୍କ ସ୍ମୃତିଚାରଣ

**ଲୋଇସିଂହା,୩।୧୧(ଡି.ଏନ.ଏ)**

ଛତିଶଗଡର ଦାନ୍ତେୱାଡାରେ ମାଓବାଦୀ ଆକ୍ରମଣରେ ନିହତ ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କୁ ସୈନିକ କ୍ଲବ ଏବଂ ସଂକଳ୍ପ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଲୋଇସିଂହା ଷ୍ଟାଡିୟମଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। କ୍ୟାଣ୍ଡେଲ ରାଲି ଓ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ପରେ ସରୋଜ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଅରବିନ୍ଦ ସାହୁ, ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା, ସୈନିକ କ୍ଲବ ସଦସ୍ୟ ନନ୍ଥୁ ଖାନ, ସରୋଜ ବିଶ୍ୱାଳ ସ୍ୱର୍ଗତ ସାହୁଙ୍କ ସାହାସିକତା ଓ କର୍ତ୍ତବ୍ୟ ନିଷ୍ଠାର ସ୍ମୃତିଚାରଣ କରିଥିଲେ । ମାଓବାଦୀ ସଂଗଠନର ଏଭଳି କାର୍ଯ୍ୟକୁ ଦୃଢ ନିନ୍ଦା କରାଯାଇଥିଲା ।



ଲୋଇସିଂହା ଷ୍ଟାଡିୟମଠାରେ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଶତବାର୍ଷିକୀ କକ୍ଷ, ଆଇଟିଆଇ କର୍ମଶାଳା କୋଠା ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷ ଓ ଆଇଟିଆଇ କର୍ମଶାଳା କୋଠାଘରକୁ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଶନିବାର ଉଦ୍‌ଘାଟନ କରିଛନ୍ତି । ପୃଥ୍ୱୀରାଜ ହାଇସ୍କୁଲ ପହଞ୍ଚିବା ପରେ ସିଂଦେଓଙ୍କୁ ଏନ୍‌ସିସି ବ୍ୟାଣ୍ଡ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ହାଇସ୍କୁଲ ପ୍ରତିଷ୍ଠାତା ମହାରାଜା ପୃଥ୍ୱୀରାଜ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସ୍କୁଲ ପରିସରରେ ୧୩ଲକ୍ଷ ୭ହଜାର ୪୩୮ ଟଙ୍କାରେ ନିର୍ମିତ ଅତ୍ୟାଧୁନିକ ଶତବାର୍ଷିକୀ କକ୍ଷକୁ ସିଂଦେଓ ଉଦ୍‌ଘାଟନ କରିଥିଲେ। ୨୦୧୬ ମସିହାରେ ପୃଥ୍ୱୀରାଜ ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା । ଉକ୍ତ ଉତ୍ସବରେ ଯୋଗଦାନ କରିବା ସମୟରେ ସିଂଦେଓ ଶତବାର୍ଷିକୀ କକ୍ଷ ନିର୍ମାଣ ପ୍ରତିଶ୍ରୁତି ଦେଇ ଅନୁଦାନ ଯୋଗାଇ ଦେଇଥିଲେ । ଏହି କକ୍ଷ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଶନିବାର ଉଦ୍‌ଘାଟନ କରାଯାଇଛି । ଏହି ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠ୍ ସହ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ଏହାପରେ ଏମପି ସିଂଦେଓ ସରକାରୀ ଆଇଟିଆଇ ପରିଦର୍ଶନ କରିଥିଲେ । ସେଠାରେ ୩ କୋଟି ୫୪ ଲକ୍ଷ ୧୪ ହଜାର ୮୪୬ ଟଙ୍କାରେ ନିର୍ମିତ ଆଇଟିଆଇ କର୍ମଶାଳା କୋଠାଘରକୁ ସେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ଯୁବ ସଭାପତି ଲୋଟସ ଷଡଙ୍ଗୀ, କୈଳାସ ମହାନ୍ତି, ପୌର ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ରାଜୁ ବାଗ୍, ଦେବାଶିଷ ପୁରୋହିତ, ଜିତେନ୍ଦ୍ର ସ୍ୱାଇଁ, ମମତା ଜେନା, ପ୍ରିୟରଞ୍ଜନ ବହିଦାର, ଶମ୍ଭୁ ନାଗ, ଶିବ ବେହେରା, ତେଜରାଜ ସିଂ, ବଣ୍ଟି ଚାନ୍ଦ, ରାମ ନାଏକ, ବନମାଳୀ ବାଗ, ବାସୁଦେବ ଦାଶ, ଧୀରେନ୍ଦ୍ର ବନଛୋର, ମନୁ ପଟ୍ଟନାୟକ ଉପସ୍ଥିତ ଥିଲେ।



ବଲାଙ୍ଗୀର ଆଇଟିଆଇ କର୍ମଶାଳା କୋଠାକୁ ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରୁଛନ୍ତି।

### ବୀରମହାରାଜପୁର କଲେଜରେ ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ବୀରମହାରାଜପୁର, ୩।୧୧(ଡି.ଏନ୍.ଏ.)**

ମାଓବାଦୀଙ୍କ ଦ୍ୱାରା ନିହତ ଅଚ୍ୟୁତାନନ୍ଦ ସାହୁଙ୍କ ଉଦେଶ୍ୟରେ ଏକ ସ୍ମୃତିସଭା ବୀରମହାରାଜପୁର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମୁରଲୀଧର ହୋତା ସଭାରେ ସଭାପତିତ୍ୱ କରିଥିଲେ। ଅଚ୍ୟୁତାନନ୍ଦ ଉକ୍ତ କଲେଜରେ ଅଧ୍ୟୟନ କରିଥିବାରୁ ସଭାରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।


**NOTIFIED AREA COUNCIL, PURUSHOTTAMPUR (GM.)**
Email: purushottampurnac@gmail.com, Ph. No. 06811-275333

Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*



**Odisha State Medical Corporation Limited (OSMC)**
Assuring Quality, Saving Lives
In front of Ram Mandir, Convent Square, Unit – III, Bhubaneswar -751 001
Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in

Date: 02.11.2018

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments)<br>09.11.2018, 3 PM (Glucometer)<br>**Venue:** Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>15.11.2018, 3 PM (Plastic Surgery & Glucometer)<br>16.11.2018, 3 PM (Warehouse Equipments) | End Date & Time<br>30.11.2018, 5 PM (Warehouse Equipments)<br>01.12.2018, 5 PM (Glucometer)<br>03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments)<br>05.12.2018 11 AM (Glucometer)<br>07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha

10112/11/0046/1819



**GOVERNMENT OF ODISHA**
**Cancellation Notice**
of
Bid Identification No. CCE, KIP(KCD)-02/2018-19 of
**e PROCUREMENT NOTICE NO. CCE, KIP-03/2018-19 (Online)**

No.703-A:- The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

Sd./- Chief Construction Engineer,
Kanupur Irrigation Project, Basudevpur

32012/11/0016/1819



**Bhubaneswar Smart City Limited**
Block-1, II-Floor, BMC-Bhawani Mall, Bhubaneswar-751007

No. 5458 Date: 02.11.2018

**Corrigendum to Tender Call Notice Vide bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

*Sd./- Chief Executive Officer*
*Bhubaneswar Smart City Limited*

13070/11/0035/1819



**DIRECTORATE OF SECONDARY EDUCATION**
6th Floor, Heads of Departments Building, Unit-V, Bhubaneswar, 751001
Email: dseorissaedn@yahoo.com

53-N

**REQUEST FOR PROPOSALS (RFP)**

Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

*Sd./- Dr. Siva Prasad Padhi*
*Chief District Medical &*
*Public Health Officer, Rayagada*

10035/11/0018/1819



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ବିଜେଡି ପଦଯାତ୍ରା, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

**ଲୋଇସିଂହା, ୩।୧୧(ଡି.ଏନ.ଏ)-** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଗଡଶଙ୍କର ଡୁଙ୍ଗରିପାଲି ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୁ କୁମାର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଧାୟକ ଯୋଗେନ୍ଦ୍ର ବେହେରା, ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା, ପ୍ରଦୀପ କୁମାର ସାହୁ, ଶିବଦତ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକାରିତା ସମ୍ପର୍କରେ ବିଜେଡି ନେତୃବର୍ଗ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଅବସରରେ ବିଧାୟକ ବେହେରା ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଡଶଙ୍କର ଡୁଙ୍ଗରିପାଲି ନୂତନ ପଞ୍ଚାୟତ କାର୍ଯ୍ୟାଳୟ, ୫ଲକ୍ଷ ବ୍ୟୟରେ ନିର୍ମିତ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର, ୪ ଲକ୍ଷ୍ୟରେ ନିର୍ମିତ କମ୍ୟୁନିଟି ସେଣ୍ଟର, ବନଛୋରପାଲି ଅଙ୍ଗନୱାଡି କେନ୍ଦ୍ର ଓ ଗେର୍ଡି ଗ୍ରାମ ଖେଳପଡିଆର ଉନ୍ନତୀକରଣ ପ୍ରକଳ୍ପର ଉଦଘାଟନ କରିଥିଲେ। ଉତ୍ସବରେ ସ୍ଥାନୀୟ ସରପଞ୍ଚ ତ୍ରିବେଣୀ ସାହୁ, ସମିତି ସଭ୍ୟ ଲଙ୍କା କାଲସାଏଙ୍କ ସମେତ ବହୁସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଭୂମିହୀନଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି।

■ ତୃତୀୟ ଦିନରେ ଭୂମିହୀନଙ୍କ ଧାରଣା

# ନ୍ୟାୟ ନ ମିଳିବାଯାଏ ଆନ୍ଦୋଳନ ଜାରି ରହିବ

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ଜିଲାରେ ବସୁନ୍ଧରା ଯୋଜନା ଓ ଜଙ୍ଗଲ ଜମି ଅଧିକାର ଆଇନ୍‌ର ସଠିକ୍ କାର୍ଯ୍ୟାନ୍ୱୟନ କରିବା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶନିବାର ତୃତୀୟ ଦିନରେ ପହଞ୍ଚିଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ନେତୃତ୍ୱ ନେଉଥିବା ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ପକ୍ଷରୁ କୁହାଯାଇଛି। ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନା ଅନୁସାରେ ୪ଡିସମିଲ ଜମି ଯୋଗାଇଦେବା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ଦାବି ନେଇ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓ ଆଦିବାସୀ ଅଧିକାର ମହାସଂଘ ମିଳିତ ଭାବେ ଗତ ୧ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛି। ବଲାଙ୍ଗୀର ଜିଲାର ୧୪ଟି ତହସିଲ, ୨ଟି ମ୍ୟୁନିସିପାଲିଟି ଓ ୩ଟି ଏନ୍‌ଏସିର ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ସେମାନଙ୍କୁ ୪ ଡିସମିଲ ଘରଡିହ ଯୋଗାଇ ଦେବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ତେବେ ଜିଲା ପ୍ରଶାସନ ଏଦିଗରେ ବିହିତ ପଦକ୍ଷେପ ନ ନେବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭିଲେଜର୍ସ ଇଣ୍ଡିଆ ପାର୍ଟି ଅଧ୍ୟକ୍ଷ ଡ ବିପିନ କୁଶଲିଆ ଓ ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱିଜ ଦଳପତି ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା ବିଭିନ୍ନ ସ୍ଥାନରୁ ଆସିଥିବା ଭୂମିହୀନ ମହିଳା ଓ ପୁରୁଷ ଯୋଗଦାନ କରିଛନ୍ତି। ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଡ କୁଶଲିଆ କହିଛନ୍ତି। ଏହି ଆନ୍ଦୋଳନରେ ଭୂମିହୀନ ପରିବାରର ମହିଳା ଓ ପୁରୁଷମାନେ ଯୋଗଦାନ କରିଛନ୍ତି।

■ ବେନ୍ଦ୍ରା ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବା ଘଟଣା

# ସପ୍ତାହକ ମଧ୍ୟରେ ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି

**ଲୋଇସିଂହା, ୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାଶିଷ୍ଟ ଦାବିରେ ଗ୍ରାମବାସୀ ଡାକ୍ତରଖାନାରେ ତାଲା ପକାଇ କର୍ମଚାରୀଙ୍କୁ ଗୁରୁବାର ସନ୍ଧ୍ୟାରେ ଅଟକ ରଖିଥିଲେ। ଖବର ପାଇଁ ସିଡିଏମଓ ସୁଜ୍ଞାନେନ୍ଦ୍ର ମିଶ୍ର ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସପ୍ତାହକ ମଧ୍ୟରେ ଏମବିବିଏସ ଡାକ୍ତର ଓ ଫାର୍ମାଶିଷ୍ଟ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାତି ୧୨ଟାରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ବେନ୍ଦ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)ରେ ଦୀର୍ଘ ୬ମାସରୁ ଅଧିକ ସମୟ ହେଲା ଏବିବିଏସ ଡାକ୍ତର ପଦବୀ ଖାଲି ପଡଛି। ଏଠାରେ ନିୟୋଜିତ ଫାର୍ମାଶିଷ୍ଟଙ୍କୁ ଡୁଡୁକାକୁ ଡେପୁଟେଶନରେ ପଠାଯାଇଛି। ଅନ୍ୟ ଜଣେ ଆୟୁଷ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଥିଲେ ମଧ୍ୟ ନିୟମିତ ଖୋଲ ଯାଉ ନ ଥିବାରୁ ରୋଗୀସେବା ବ୍ୟହତ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଥିଲେ। ତାଲା ପଡିବା ଫଳରେ କେତେକ କର୍ମଚାରୀ ଡାକ୍ତରଖାନରେ ଅଟକି ରହିଥିଲେ। ଖବର ପାଇ ଆଗଲପୁର ଇନଚାର୍ଜ ଡାକ୍ତର ଦୀନେଶ ମହେର ଆଲୋଚନା ପାଇଁ ଆସିଥିଲେ ମଧ୍ୟ ଗ୍ରାମବାସୀ ତାଙ୍କୁ ବି ଅଟକ ରଖିଥିଲେ। ପରେ ସିଡିଏମଓ ଘଟଣାସ୍ଥଳକୁ ଆସି ଗ୍ରାମବାସୀଙ୍କ ସମସ୍ୟା ଶୁଣିଥିଲେ। ସପ୍ତାହକ ମଧ୍ୟରେ ଜଣେ ଏମବିବିଏସ ଡାକ୍ତର, ଫାର୍ମାଶିଷ୍ଟ ଯୋଗାଇ ଦିଆଯିବ, ସକାଳ ଓ ସନ୍ଧ୍ୟାରେ ନିୟମିତ ଡାକ୍ତରଖାନା ଖୋଲାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ହିଙ୍ଗମା ହାଇସ୍କୁଲରେ ପଲିଥିନ୍ ମୁକ୍ତ ଅଭିଯାନ

**ବୀରମହାରାଜପୁର, ୩।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହିଙ୍ଗମାସ୍ଥିତ ଜୟକିସାନ ହାଇସ୍କୁଲ ପକ୍ଷରୁ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଛି। ଶନିବାର ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ଦିଲୀପ କୁମାର ପାଢୀଙ୍କ ତତ୍ୱାବଧାନରେ ସ୍କାଉଟ୍ ଓ ଜୁନିୟର ରେଡ୍‌କ୍ରସ୍‌ର ଛାତ୍ରୀଛାତ୍ରମାନଙ୍କର ଏକ ସଚେତନତା ରାଲି ବସ୍ତି ପରିକ୍ରମା କରିଥିଲା। ଉକ୍ତ ଜନବସତିରେ ଥିବା ୧୯ଟି ଡେଯରାତି ଦୋକାନରେ ପହଞ୍ଚି ଦୋକାନୀମାନଙ୍କୁ ବିଦ୍ୟାର୍ଥୀମାନେ ପଲିଥିନ୍‌ର କୁପ୍ରଭାବ ବାବଦରେ ବୁଝାଇ କାଗଜ ଠୁଙ୍ଗା ବ୍ୟବହାର କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଦୋକାନୀଙ୍କୁ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ୫୦ଟି ଲେଖାଏଁ କାଗଜ ଠୁଙ୍ଗା ଉପହାର ସ୍ୱରୂପ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ କରୁଣାକର ମଲ୍ଲିକ, ଅଶୋକ କୁମାର ଭୋଇ ଓ ହିମାଂଶୁ ପଧାନ ପରିଚାଳନା କରିଥିଲେ। ଶୋଭାଯାତ୍ରା ବାହାରିବା ପୂର୍ବରୁ ପ୍ରଧାନଶିକ୍ଷକ ପାଢୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କୁ ପଲିଥିନ୍‌ର ଅପକାରିତା ସମ୍ପର୍କରେ ବୁଝାଇ ଦିଆଯାଇଥିଲା।

# ଲୋଇସିଂହାରେ ଅଚ୍ୟୁତାନନ୍ଦଙ୍କ ସ୍ମୃତିଚାରଣ

**ଲୋଇସିଂହା,୩।୧୧(ଡି.ଏନ.ଏ)**

ଛତିଶଗଡର ଦାନ୍ତେୱାଡାରେ ମାଓବାଦୀ ଆକ୍ରମଣରେ ନିହତ ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କୁ ସୈନିକ କ୍ଲବ ଏବଂ ସଂକଳ୍ପ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଲୋଇସିଂହା ଷ୍ଟାଡିୟମଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ। କ୍ୟାଣ୍ଡେଲ ରାଲି ଓ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ପରେ ସରୋଜ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଅରବିନ୍ଦ ସାହୁ, ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା, ସୈନିକ କ୍ଲବ ସଦସ୍ୟ ନୟୁ ଖାନ, ସରୋଜ ବିଶ୍ୱାଳ ସ୍ୱର୍ଗତ ସାହୁଙ୍କ ସାହାସିକତା ଓ କର୍ତ୍ତବ୍ୟ ନିଷ୍ଠାର ସ୍ମୃତିଚାରଣ କରିଥିଲେ। ମାଓବାଦୀ ସଂଗଠନର ଏଭଳି କାର୍ଯ୍ୟକୁ ଦୃଢ ନିନ୍ଦା କରାଯାଇଥିଲା।



ଲୋଇସିଂହା ଷ୍ଟାଡିୟମଠାରେ ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଶତବାର୍ଷିକୀ କକ୍ଷ, ଆଇଟିଆଇ କର୍ମଶାଳା କୋଠା ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ, ୩।୧୧**

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ କକ୍ଷ ଓ ଆଇଟିଆଇ କର୍ମଶାଳା କୋଠାଘରକୁ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ଶନିବାର ଉଦ୍‌ଘାଟନ କରିଛନ୍ତି। ପୃଥ୍ୱୀରାଜ ହାଇସ୍କୁଲ ପହଞ୍ଚିବା ପରେ ସିଂହଦେଓଙ୍କୁ ଏନ୍‌ସିସି ବ୍ୟାଣ୍ଡ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ହାଇସ୍କୁଲ ପ୍ରତିଷ୍ଠାତା ମହାରାଜା ପୃଥ୍ୱୀରାଜ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ସେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସ୍କୁଲ ପରିସରରେ ୧୩ଲକ୍ଷ ୭ହଜାର ୪୩୮ ଟଙ୍କାରେ ନିର୍ମିତ ଅତ୍ୟାଧୁନିକ ଶତବାର୍ଷିକୀ କକ୍ଷକୁ ସିଂହଦେଓ ଉଦ୍‌ଘାଟନ କରିଥିଲେ। ୨୦୧୬ ମସିହାରେ ପୃଥ୍ୱୀରାଜ ହାଇସ୍କୁଲର ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା। ଉକ୍ତ ଉତ୍ସବରେ ଯୋଗଦାନ କରିବା ସମୟରେ ସିଂହଦେଓ ଶତବାର୍ଷିକୀ କକ୍ଷ ନିର୍ମାଣ ପ୍ରତିଶ୍ରୁତି ଦେଇ ଅନୁଦାନ ଯୋଗାଇ ଦେଇଥିଲେ। ଏହି କକ୍ଷ ସମ୍ପୂର୍ଣ୍ଣ ହେବା ପରେ ଏହାକୁ ଶନିବାର ଉଦ୍‌ଘାଟନ କରାଯାଇଛି। ଏହି ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ପୃଥ୍ୱୀରାଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠ୍ ସହ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ। ଏହାପରେ ଏମପି ସିଂହଦେଓ ସରକାରୀ ଆଇଟିଆଇ ପରିଦର୍ଶନ କରିଥିଲେ। ସେଠାରେ ୩ କୋଟି ୫୪ ଲକ୍ଷ ୧୪ ହଜାର ୮୪୬ ଟଙ୍କାରେ ନିର୍ମିତ ଆଇଟିଆଇ କର୍ମଶାଳା କୋଠାଘରକୁ ସେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ଯୁବ ସଭାପତି ଲୋଟସ ଷଡଙ୍ଗୀ, କୈଳାସ ମହାନ୍ତି, ପୌର ଉପାଧକ୍ଷା ଲିପିଶ୍ରୀ ସାଏ, ରାଜୁ ବାଗ୍, ଦେବାଶିଷ ପୁରୋହିତ, ଜିତେନ୍ଦ୍ର ସ୍ୱାଇଁ, ମମତା ଜେନା, ପ୍ରିୟରଞ୍ଜନ ବହିଦାର, ଶମ୍ଭୁ ନାଗ, ଶିବ ବେହେରା, ତେଜରାଜ ସିଂ, ବଣ୍ଟି ଚାନ୍ଦ, ରାମ ନାଏକ, ବନମାଳୀ ବାଗ, ବାସୁଦେବ ଦାଶ, ଧୀରେନ୍ଦ୍ର ବନଛୋର, ମନୁ ପଟ୍ଟନାୟକ ଉପସ୍ଥିତ ଥିଲେ।



ବଲାଙ୍ଗୀର ଆଇଟିଆଇ କର୍ମଶାଳା କୋଠାକୁ ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ଉଦ୍‌ଘାଟନ କରୁଛନ୍ତି।

### ବୀରମହାରାଜପୁର କଲେଜରେ ଅଚ୍ୟୁତାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ବୀରମହାରାଜପୁର, ୩।୧୧(ଡି.ଏନ୍.ଏ.)**

ମାଓବାଦୀଙ୍କ ଦ୍ୱାରା ନିହତ ଅଚ୍ୟୁତାନନ୍ଦ ସାହୁଙ୍କ ଉଦେଶ୍ୟରେ ଏକ ସ୍ମୃତିସଭା ବୀରମହାରାଜପୁର କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମୁରଲୀଧର ହୋତା ସଭାରେ ସଭାପତିତ୍ୱ କରିଥିଲେ। ଅଚ୍ୟୁତାନନ୍ଦ ଉକ୍ତ କଲେଜରେ ଅଧ୍ୟୟନ କରିଥିବାରୁ ସଭାରେ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

**NOTIFIED AREA COUNCIL, PURUSHOTTAMPUR (GM.)**
**Email: purushottampurnac@gmail.com, Ph. No. 06811-275333**

Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*

**DIRECTORATE OF SECONDARY EDUCATION**
**6th Floor, Heads of Departments Building, Unit-V, Bhubaneswar, 751001**
Email: dseorissaedn@yahoo.com

53-N

**REQUEST FOR PROPOSALS (RFP)**

Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*

ODISHA STATE MEDICAL CORPORATION — OSMC — Assuring Quality, Saving Lives

**Odisha State Medical Corporation Limited (OSMC)**
**In front of Ram Mandir, Convent Square, Unit – III, Bhubaneswar -751 001**
**Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**

**Date: 02.11.2018**

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments)<br>09.11.2018, 3 PM (Glucometer)<br>Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time<br>15.11.2018, 3 PM (Plastic Surgery & Glucometer)<br>16.11.2018, 3 PM (Warehouse Equipments) | End Date & Time<br>30.11.2018, 5 PM (Warehouse Equipments)<br>01.12.2018, 5 PM (Glucometer)<br>03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments)<br>05.12.2018 11 AM (Glucometer)<br>07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

10112/11/0046/1819 **Sd./- Managing Director OSMC Ltd., Odisha**

**GOVERNMENT OF ODISHA**
**Cancellation Notice**
**of**
**Bid Identification No. CCE, KIP(KCD)-02/2018-19 of**
**e PROCUREMENT NOTICE NO. CCE, KIP-03/2018-19 (Online)**

**No.703-A:-** The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

**Sd./- Chief Construction Engineer, Kanupur Irrigation Project, Basudevpur**
32012/11/0016/1819

**Bhubaneswar Smart City Limited**
**Block-1, II-Floor, BMC-Bhawani Mall, Bhubaneswar-751007**

No. 5458 Date: 02.11.2018

**Corrigendum to Tender Call Notice Vide bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

13070/11/0035/1819 *Sd./- Chief Executive Officer Bhubaneswar Smart City Limited*

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

10035/11/0018/1819 *Sd./- Dr. Siva Prasad Padhi Chief District Medical & Public Health Officer, Rayagada*

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

**ବାଲିଶଙ୍କରା, ୩।୧୧ (ଡି.ଏନ.ଏ)-** ବାଲିଶଙ୍କରା ବ୍ଲକର ସଉନାମରା ଗ୍ରାମର ଆମ୍ବପଡାଠାରେ ଦିବା ୮ଟାରେ ନିକଟତମ କେଲୋ ନାଳକୁ ଶୌଚପାଇଁ ଯାଇ ଫେରୁଥିବା ବେଳେ ଗଛରେ ବସା କରିଥିବା ମହୁ ଘରାକୁ ପକ୍ଷୀ ଆକ୍ରମଣ କରିବାରୁ ମହୁମାଛି ଆକ୍ରୋଶ ହୋଇ ବୃଦ୍ଧ ଉପରେ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ବୃଦ୍ଧାଙ୍କ ନାମ ହେଉଛି ମାନୁଏଲ ଓରାମ (୬୮)। ସେଠାରେ ବେହୋସ ହୋଇ ପଡିଯାଇଥିଲେ । ଏହା ଦେଖି ଗ୍ରାମବାସୀ ବାଲିଶଙ୍କରା ଡାକ୍ତରଖାନା ନେଇଥିଲେ। ସେଠାରେ ଅଧିକ ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ମହକୁମାକୁ ନେଇଥିବାର ଜଣାପଡି ସେଠାରେ ସୁସ୍ଥ ହେଉଥିବା ଜଣାପଡିଛି।

ସରକାରୀ କଲେଜରେ ଭିଜିଲାନ୍ସ ସଚେତନତା ସପ୍ତାହ

# ଦୁର୍ନୀତି ଏକ ସାମାଜିକ ବ୍ୟାଧି

**ସୁନ୍ଦରଗଡ଼, ୩।୧୧ (ଡି.ଏନ୍.ଏ)**

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଶନିବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇ ଯାଇଛି। ଡାକ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଚେତନତା ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ଅଧ୍ୟକ୍ଷତା କରି ସମାଜରୁ ଦୁର୍ନୀତିର ମୂଳପୋଟାନ ଦିଗରେ ଛାତ୍ରୀଛାତ୍ର, ଯୁବ ସମାଜ ସଚେତନ ହୋଇ ନବଭାରତ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

ଡାକ ବିଭାଗ ସୁନ୍ଦରଗଡ ମଣ୍ଡଳର ଅଧୀକ୍ଷକ ମନୋଜ କୁମାର ନାଏକ ଯୋଗଦେଇ ବର୍ତ୍ତମାନ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଭାବେ ସମାଜକୁ କଳୁଷିତ କରୁଛି। ତେଣୁ ଏହାର ପ୍ରତିକାର ପାଇଁ ଶିକ୍ଷା ଓ ସଚେତନତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସରୋଜ କୁମାର ପୂଜାରୀ ଦୁର୍ନୀତି ଏକ ବ୍ୟାଧି ନୁହେଁ ବରଂ ଏହା ଆମ ସମସ୍ତଙ୍କ ମଧ୍ୟରେ ଏକ ପ୍ରବୃତ୍ତି ରୂପେ ରହିଛି। ଏଣୁ ମାନସିକତାର ପରିବର୍ତ୍ତନ ଦ୍ୱାରା ଏହାକୁ ଦୂର କରାଯାଇ ପାରିବ ବୋଲି କହିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ଭାରତ ବିଶ୍ୱଦରବାରରେ ପୂର୍ବରୁ ଯେଉଁ ଗୌରବମୟ ଗାରିମାର ଅଧିକାର ଥିଲା ଆଜି ତାର ମର୍ଯ୍ୟଦା ଦୁର୍ନୀତି ଦ୍ୱାରା କ୍ଷୁର୍ଣ୍ଣ ହୋଇଛି। ତେଣୁ ବର୍ତ୍ତମାନ ଯୁବପିଢି ନୈତିକତାର ପଥରେ ନିଜକୁ ପରିଚାଳିତ କରି ଏକ ଦୁର୍ନୀତିମୁକ୍ତ ଦେଶ ତଥା ସମାଜ ଗଠନ ଦିଗରେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ଇଂରାଜୀ, ଓଡିଆ ପ୍ରବନ୍ଧ, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ଡଃ ଲଳିତ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟଠାରେ ସପ୍ତାହବ୍ୟାପୀ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ, ଶପଥ ପାଠ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଭିଜିଲାନ୍ସ ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଯୁବକଙ୍କ ମୃତ୍ୟୁ ଘଟଣା

# ତିନି ଅଭିଯୁକ୍ତ ଗିରଫ

**ବାଲିଶଙ୍କରା, ୩।୧୧ (ଡି.ଏନ.ଏ)**

ତଳସରା ଥାନା ବନଡେଗା ଫାଣ୍ଡି ଅନ୍ତର୍ଗତ ଦିଆପଥର ଯୁବକଙ୍କ ମୃତ୍ୟୁ ଘଟଣାରେ ଦିଆପଥର ଗ୍ରାମର ସିଆନ ଲାକଡା (୨୯), ଆଇଜିଉବ (୩୭) ଓ ଉଲସନ ଲାକଡା (୨୯)କୁ ତଳସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପୋଲିସ ସୂଚନା ଅନୁଯାୟୀ ଦିଆପଥର ଗ୍ରାମର ଦସିଆନ, ଆଇଜିଉବ ଓ ଉଲସନ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବାରହା ମାରିବା ପାଇଁ ବେଆଇନ ତାର ଟାଣି ବିଦ୍ୟୁତ ସଂଯୋଗ କରିଥିଲେ । ଗୁରୁବାର ଭୋର ୪ଟା ବେଳେ ଉକ୍ତ ଗ୍ରାମର ଅଜିତ ଲାକଡା (୨୫) ଶୌଚ ଯିବା ସମୟରେ ଉକ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବା ଦ୍ୱାରା ଘଟଣା ସ୍ଥଳରେ ଅଜିତର ମୃତ୍ୟୁ ଘଟିଥିଲା । ସେହି ଘଟଣାରେ ସମ୍ପୃକ୍ତ ତିନି ଅଭିଯୁକ୍ତ ସିଆନ, ଆଇଜିଉବ ଓ ଉଲସନକୁ ଶୁକ୍ରବାର ତଳସରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## କୋକିଆ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ଲହୁଣୀପଡା, ୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ବଡପୁରୁଣାପାଣି ପଞ୍ଚାୟତ ଟିକାୟତପାଲି କୋକିଆ ଜଙ୍ଗଲରୁ ଶନିବାର ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତଦେହ ପଚି ଯାଇଥିଲେ ମଧ୍ୟ ଜଣେ ପୁରୁଷ ଲୋକ ବୋଲି ଜଣାପଡୁଛି। ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ପରିଚୟ ମିଳିପାରିନାହିଁ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡା, ୩।୧୧ (ଡି.ଏନ.ଏ)**

କେ.ବଲାଙ୍ଗ ଥାନା ଜାମୁଡିହିର ଏକ ବୁଦୁବୁଦିଆ ଜଙ୍ଗଲରୁ ପୋଲିସ ଶନିବାର ଏକ ମୃତଦେହ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଥିବା ଜଣାଯାଇଛି। ପୋଲିସ ସୂଚନା ଅନୁସାରେ କାଲଟାରେ ରହୁଥିବା କୃଷ୍ଣଚନ୍ଦ୍ର ରାୟ (୪୫) ଗତ ୨୪ ତାରିଖ ବୁଧବାର ହାଟକୁ ଯାଉଛି କହି ଜାମୁଡିହି ଆସିଥିଲେ। ଜାମୁଡିହି ହାଟରୁ ପରିବା କିଣି ଗାଡିରେ ପଠାଇ ଦେଇ ନିଜେ ଯାଇ ନ ଥିଲେ। ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। କିନ୍ତୁ ଜାମୁଡିହି କଣ୍ଟା ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲରୁ ଏକ ମୃତଦେହ ପଡି ଦୁର୍ଗନ୍ଧ ହେଉଥିବା ଜାଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ବଣେଇ ଏସଡିପିଓ ଅବକାଶ ରାଉତରାୟ, କୋଇଡା ତହସିଲଦାର, ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିବା ସହିତ କୃଷ୍ଣଚନ୍ଦ୍ର ରାୟ ପରିବାର ଲୋକ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଚିହ୍ନଟ ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ପାରିବାରିକ କଳହ ଯୋଗୁ କୃଷ୍ଣଚନ୍ଦ୍ର ଘରୁ ଆସି ଆଉ ଘରକୁ ଫେରି ନ ଥିଲେ। କିନ୍ତୁ କୃଷ୍ଣଚନ୍ଦ୍ରଙ୍କ କିଭଳି ମୃତ୍ୟୁ ଘଟିଲା ପୋଲିସର ପ୍ରକୃତ ତଦନ୍ତରୁ ଜଣାପଡିବ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ସବ୍‌ଡେଗା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ସବ୍‌ଡେଗା, ୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ସ୍ଥାନୀୟ ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇବିରା ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୧୦ଟି କ୍ଲଷ୍ଟରରୁ ମୋଟ ୨୦୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ ଏବଂ ୧୭ ବର୍ଷରୁ କମ ଉଭୟ ବାଳିକା, ବାଳକମାନଙ୍କୁ ନେଇ ୧୦୦, ୨୦୦, ୪୦୦, ୬୦୦, ୮୦୦, ୧୫୦୦, ୩ହଜାର ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ, ଜିଲାସ୍ତରୀୟ ଆଥେଲେଟିକ ମିଟ ଚଳିତ ୮ ଏବଂ ୯ ତାରିଖ ସବ୍‌ଡେଗା ଉପେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଛି। ବ୍ଲକସ୍ତରୀୟ ଏହି ପ୍ରତିଯୋଗିତାକୁ ଖେଳଶିକ୍ଷକ ତାରାଚାନ୍ଦ ପଟେଲ, ମମତା ପଟେଲ, ମୋନାଲିସା ନାଏକ, ସୋମନାଥ ଖଣ୍ଡା, ଅଶ୍ୱିନୀ ପ୍ରଧାନ, ଫ୍ଲୋରେନସିଆ ଏକ୍କା, ସୁଚିତା ଲାକ୍ରା, ପ୍ରଭାକର ବାରିକ, ଏମଡି ନକିରାଜା ପ୍ରମୁଖ ପରିଚାଳନା କରିଥିଲେ। ସିଆରସିସି ଅର୍ଜୁନ ରୋହିଦାସ, ପ୍ରଶାନ୍ତ ନାଏକ, ମହେନ୍ଦ୍ର ତନ୍ତି, ସୁଦାମା ମାଝି, ସୁରେଶ ପୃଷେଟ, ଡିଳେଶ୍ୱର ଭୈଷଲ, ସଞ୍ଜୟ ଗରଡିଆ, ନରେନ୍ଦ୍ର ପୁରୋହିତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡା,୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶୁକ୍ରବାର ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ତିନି ଦିନିଆ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲହୁଣୀପଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଲହୁଣୀପଡା ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧକ୍ଷ ନିପେଶ କୁମାର ଚୌରାସିଆ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ, ବ୍ରହ୍ମ ସରପଞ୍ଚ ଜୁଲିଆନି କାଣ୍ଡିର ଯୋଗଦେଇଥିଲେ। ଆସୋସିଏଶନ୍‌ର ସମ୍ପାଦକ ପିଣ୍ଟୁ ରାୟ ଅତିଥି ପରିଚୟ କରିଥିଲେ। ମୁନୁ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଚଳିତବର୍ଷ ସ୍ପୋର୍ଟ୍ସ ଆସୋସିଏଶନ୍‌ର ଫୁଟବଲ ପ୍ରତିଯୋଗିତାର ପଚିଶ ବର୍ଷ ତଥା ରୌପ୍ୟଜୟନ୍ତୀ ପାଳନ କରୁଥିବାରୁ ଅତିଥିମାନେ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ପ୍ରଶଂସା କରିବା ସହିତ ଉତ୍ସାହିତ କରିଥିଲେ। ଏହି ଫୁଟବଲ ପ୍ରତିଯୋଗିତାରେ ରାଞ୍ଚି ଓ କଲିକତା ଅଞ୍ଚଳର ଫୁଟବଲ ଦଳ ସମେତ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଭାସ୍କର ନନ୍ଦ, ଭାନୁ ବାଉରି, ଥାକୁରା ମୁର୍ମୁ, ଥବିର ଗରୁଡ, ଅଶୋକ ପାଣ୍ଡବ ଖେଳ ପରିଚାଳନା କରୁଥିଲେ। ଏହାର ଉଦ୍‌ଘାଟନୀ ମ୍ୟାଚରେ ରୁପା କ୍ଲବ ରାଞ୍ଚି ଦଳ ୫-୪ ଗୋଲରେ ସିମଲାପାଳ କଲିକତା ଦଳକୁ ହରାଇଥିଲା। ପଚିଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆସୋସିଏଶନ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଖେଳ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଖେଳ ପ୍ରେମୀଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହାର ଉଦଯାପନୀ ଖେଳ ରବିବାର ଅନୁଷ୍ଠିତ ହେବାକୁ ଥିବା ବେଳେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ନେଲସନ ହେମ୍ବ୍ରମ, ନିକୁ ସିଂ, ମଣ୍ଟୁ ମାହାନ୍ତ, ଉମର ହୁସେନ, ସଞ୍ଜୟ ପଶାୟତ, ମନୋଜ ମାହାନ୍ତ, ଅକ୍ଷୟ ମଲିକ, ବିକାଶ ମାହାନ୍ତ ପ୍ରମୁଖଙ୍କ ସମେତ ଆସୋସିଏଶନ୍‌ର ସଦସ୍ୟମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖେଳ ପରିଚାଳନା ହେଉଥିବା ଜଣାଯାଇଛି।


ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାରେ ଲହୁଣୀପଡା ସ୍ପୋର୍ଟ୍ସ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଖେଳାଳି।


ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର୍, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


**DISTRICT RURAL DEVELOPMENT AGENCY, PURI**
Tel. No. : 0652-222136(O), Email : ori-dpuri@nic.in
Lt. No. 6372 , Date: 02.11.2018

**TENDER NOTICE FOR PROCUREMENT OF SPORTS EQUIPMENT**

Sealed tenders are invited by **District Rural Development Agency, Puri District** from reputed Firms/ Agencies as per tender specifications for **"Supply of Sports Equipment"** under **Biju Yuva Vahini Programme.** The detailed tender document may be downloaded from the website **www.puri.nic.in.**
Interested bidders may submit their sealed tender documents in the prescribed format mentoring **"Supply of Sports Equipment"** on the cover of the envelope to the District **Rural Development Agency, Puri District by** Dt. 19.11.2018 upto 3PM.
Bidders are required to submit Technical Bid and Financial Bid in separate envelopes enclosed in a common envelope mentioning **"Supply of Sports Equipment" on the cover of the envelope along with the samples of the Sports Equipment.**
The Technical Bid will be opened on the **same day at 4PM** in the presence of the bidders or their authorized representatives. The date and time of opening of the Financial Bids will be intimated to the shortlised bidders later.
Tenders received after due date and time will not be accepted. **District Rural Development Agency Puri District** shall not be responsible for Postal delay or similar reasons. No Tenders sent through an electronic means shall be accepted. Any corrigendum / addendum, If any, will be uploaded in the above mentioned website.
Available of Bid document in website :- From Dt. 03.11.2018 of 11.00 AM to Dt. 19.11.2018 upto 3.00 PM
Pre Bid Meeting : **Dt. 08.11.2018** on or before 3 PM
Last Date of Receipt of Bid : Dt. 19.11.2018 on or before 3 PM
Date of opening of online Bid : **Dt. 19.11.2018** on or before 4 PM
District Rural Development Agency, Puri District reserves the right to accept or reject any or all tender without assigning any reason thereof.
Address : District Rural Development Agency, Puri District, Email : ori-dpuri@nic.in

**Sd./- Project Director**
**District Rural Development Agency, Puri**


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline: 18002126755
310, GRAM-MOHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଗ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଓଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଗଛରେ ପିଟି ହେଲା ବାଇକ୍, ଚାଷୀଙ୍କ ମୃତ୍ୟୁ

କିର୍ମିରା, ୩।୧୧ (ଡି.ଏନ.ଏ.) ଝାରସୁଗୁଡା-କିର୍ମିରା ରାସ୍ତା ଭାଲୁପତ୍ର ଗାଁ ବୁଲାଣିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଭାଲୁପତ୍ର ଗାଁର କ୍ଷେତ୍ର ରୋହିଦାସ (୪୦)ଙ୍କ ମୃତ୍ୟୁ ଘଟିଛି । ସେ ଧାନକ୍ଷେତରୁ ବାଇକରେ ଫେରୁଥିଲେ। ହେଲେ ଗାଁ ବୁଲାଣି ପାଖ ଆମ୍ବ ଗଛରେ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି।

### ଅଚ୍ୟୁତାନନ୍ଦ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରଜରାଜନଗର, ୩।୧୧ (ଡି.ଏନ.ଏ)- ଛତିଶଗଡ଼ ଦାନ୍ତେୱାଡାରେ ନକ୍ସଲଙ୍କ ଆକ୍ରମଣରେ ନିହତ ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ଅଚ୍ୟୁତାନନ୍ଦ ସାହୁଙ୍କ ପାଇଁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓପିଏମ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ଶୋକସଭାରେ ଉପନ ସାହୁ, ପ୍ରତାପ କେଶରୀ ସିଂ, ବ୍ୟାସଦେବ ପଣ୍ଡା, ଶ୍ୟାମସୁନ୍ଦର ଖଣ୍ଡେୱାଲ, ତ୍ରିଲୋଚନ ଦାସ, ସଂଗ୍ରାମ ସାଏ, ସଞ୍ଜୟ ବାହୁବଳେନ୍ଦ୍ର, ବିରଞ୍ଚି ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଥିଲେ।

### ପୋଷଣ ସଚେତନତା ଅଭିଯାନ

କୋଲାବିରା,୩।୧୧ (ଡି.ଏନ.ଏ.): ଅପପୁଷ୍ଟି ରୋକିବା ଉଦ୍ଦେଶ୍ୟରେ କୋଲାବିରା ବ୍ଲକର ବିଭିନ୍ନ ପଞ୍ଚାୟତରେ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅଭିଯାନ ଅନ୍ତର୍ଗତ ପୋଷକ ତତ୍ତ୍ୱ, ଗର୍ଭବତୀ ମା'ର ଯତ୍ନ, ପୁଷ୍ଟି ଯତ୍ନ, ସୁଷମ ଖାଦ୍ୟ, ଶିଶୁ ଯତ୍ନ ଆଦି ବିଷୟରେ ସଚେତନତା କରାଯାଇଥିଲା । କୋଲାବିରା ସିଡିପିଏ ପୁଣ୍ୟବତୀ ହେଲେନ ଖେସଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁପରଭାଇଜର ମୀନାକ୍ଷୀ ରାଜ, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ରଘୁନାଥପାଲି, ସମାସିଂହା, ଚନ୍ଦନିମାଲ, ଗୁଡିଗାଁ, କେଲେଣ୍ଡାମାଲ, ଝିଲ୍ଲାପାଲି ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

■ ବେଲପାହାଡ଼, ଲଖନପୁର ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ପ୍ରଭାବିତ ଅଞ୍ଚଳ ଘୋଷଣା ଦାବି

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ

ବେଲପାହାଡ଼,୩।୧୧(ଡି.ଏନ୍.ଏ)

ବେଲପାହାଡ଼ ଓ ଲଖନପୁର ବ୍ଲକ୍‌କୁ ସମ୍ପୂର୍ଣ୍ଣ ମରୁଡ଼ି ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ଦଳ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି । ଏଥିସହିତ ଜରୁରୀ କାଳିନ ଭିତ୍ତିରେ ପ୍ରତ୍ୟେକ ଚାଷୀ ଓ ବାସିନ୍ଦାଙ୍କୁ ପାଣି ଯୋଗାଇବା, ୨୦୧୬-୧୭ ବର୍ଷ, ୨୦୧୭-୧୮ ବର୍ଷ ଓ ୨୦୧୮-୧୯ ବର୍ଷ ପାଇଁ ଚାଷୀମାନଙ୍କୁ କୃଷି ବୀମା ଅର୍ଥ ପ୍ରଦାନ କରିବା, ଜମିହୀନ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ କରିବା, ଜମିହୀନ ଏବଂ ବାସହୀନ ବାସିନ୍ଦାଙ୍କୁ ୪ ଡ଼େସିମିଲ ଲେଖାଏଁ ଜମି ସହିତ ବିଜୁ ପକ୍କାଘର ଯୋଗାଇ ଦେବା ସମେତ ୮ ଦଫା ଦାବି ଉପସ୍ଥାପନ କରାଯାଇଛି । ଶନିବାର ପୂର୍ବାହ୍ନରେ ଉପରୋକ୍ତ ଦାବିକୁ ନେଇ କମ୍ୟୁନିଷ୍ଟ ଦଳ ପକ୍ଷରୁ ବେଲପାହାଡ଼ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ନେତା ଦେବାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଅଞ୍ଚଳର ବହୁ ଚାଷୀ ଯୋଗ ଦେଇଥିଲେ । କମ୍ୟୁନିଷ୍ଟ ଦଳ ପକ୍ଷରୁ ଜିଲା ସମ୍ପାଦକ ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ବାସୁଦେବ ଭୋଇ, ରାକେଶ ଦୁବେ, ପୁରୁଷୋତ୍ତମ ପ୍ରଧାନ ଓ ଅମେରେନ୍ଦ୍ର ପ୍ରତାପ ସିଂ ପ୍ରମୁଖ ବହୁ ନେତା ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ସ୍ୱାର୍ଥକୁ ଅଣଦେଖା କରି ବୀମା କମ୍ପାନୀମାନଙ୍କ ସ୍ୱାର୍ଥକୁ ଦେଖୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏଥିସହିତ ଫସଲ ବୀମା ଯୋଜନାରେ ମରୁଡ଼ି ପ୍ରଭାବ ଓ କ୍ଷୟକ୍ଷତି ଆକାଳନ ପାଇଁ କେନ୍ଦ୍ର ସରାକାର ଆପଣାଇଥିବା ସାଟେଲାଇଟ ସର୍ଭେ ପଦ୍ଧତି ଚାଷୀ ସ୍ୱାର୍ଥ ପରପନ୍ଥୀ ବୋଲି ଅଭିଯୋଗ କରିଥିଲେ। ରାଜସ୍ୱ ବିଭାଗ ଓ କୃଷି ବିଭାଗ ନିରପେକ୍ଷ ସରଜମିନ ତଦନ୍ତ କରି ମରୁଡ଼ି କ୍ଷୟକ୍ଷତି ଆକଳନ କରିବା ପାଇଁ ଦାବି କରିଥିଲେ। ଝାରସୁଗୁଡ଼ା ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ସହିତ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା, ମରୁଡ଼ି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା, ବିଗତ ୨ ବର୍ଷ ଖରିଫ ଚାଷର ବୀମା ଅର୍ଥ ପ୍ରଦାନ କରିବା ଏବଂ ଜିଲା ଖଣିଜ ପାଣ୍ଠିରୁ ମହାନଦୀ ପାର୍ଶ୍ୱରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇ ପୂରା ଝାରସୁଗୁଡ଼ା ଜିଲାର ପ୍ରତ୍ୟେକ ଚାଷୀଙ୍କୁ ପାଣି ଯୋଗାଇ ଦେବା ପାଇଁ ଦାବି କରାଯାଇଛି । ପ୍ରତିବାଦ ସଭାରେ କମ୍ୟୁନିଷ୍ଟ ଦଳର ନେତାମାନେ ବେଲପାହାଡ଼ ଆର୍‌ଆଇଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ଦାବିପତ୍ର ପ୍ରଦାନ କରଛନ୍ତି।



କମ୍ୟୁନିଷ୍ଟ ଦଳ ପକ୍ଷରୁ ବେଲପାହାଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଉଛି ।

ଶିକ୍ଷା ଅଧିକାର ଆଇନ ବୈଠକରେ ହଟ୍ଟଗୋଳ

## ଘରୋଇ ସ୍କୁଲର ଏତଲା, ଦୁଇ ଗିରଫ

ଝାରସୁଗୁଡା ଅଫିସ,୩।୧୧

ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଠେଲାପେଲା ଓ ଗାଳିଗୁଲଜ କରିବା ଅଭିଯୋଗରେ ଝାରସୁଗୁଡା ଟାଉନ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟନାରାୟଣ ରାଓ ଏବଂ ପ୍ରତ୍ୟୁଷ ରାଉତ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବ୍ୟକ୍ତିଗତ ମୁଚାଲିକାରେ ଉଭୟ ଜାମିନରେ ଆସିଛନ୍ତି। ଗୋଟିଏ ପଟେ ଶିକ୍ଷା ଅଧିକାର ଆଇନ୍‌କୁ ଉଲଂଘନ କରିଥିବା ଘରୋଇ ସ୍କୁଲ ବିବାଦ ଭିତରେ ଫସି ଯାଇଥିବା ବେଳେ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗି ଦୁଇଜଣ ଗିରଫ ହୋଇଥିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ସୂଚନା ଯୋଗ୍ୟ, ଗରିବ ଓ ମେଧାବୀ ଛାତ୍ରୀଛାତ୍ରୀଙ୍କ ପାଇଁ ଶିକ୍ଷା ଅଧିକାର ଆଇନ୍‌ରେ ରହିଥିବା ୨୫% ଆରକ୍ଷଣ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ପ୍ରତ୍ୟୁଷ ରାଉତ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ସେଥିପାଇଁ ଜିଲା ଶିକ୍ଷା ଅଧିକାରୀ ଜିଲାର ପ୍ରତ୍ୟେକ ଘରୋଇ ସ୍କୁଲକୁ ଚିଠି କରି ଅକ୍ଟୋବର ୩୦ ତାରିଖରେ ବୈଠକ ଡକାଇଥିଲେ। ମଙ୍ଗଳବାର ସ୍କୁଲ କର୍ତ୍ତୃପକ୍ଷ, ସ୍କୁଲ ମାଲିକମାନେ ଶିକ୍ଷା ଅଧିକାରୀଙ୍କ ଅଫିସରେ ଉପସ୍ଥିତ ହୋଇଥିଲେ। ହେଲେ ଶିକ୍ଷା ଅଧିକାରୀଙ୍କ ଅଫିସରେ ଅନୁଷ୍ଠିତ ବୈଠକରେ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଏବଂ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ କଥା କଟାକଟି ଏବଂ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଭିଡିଓ ଭାଇରାଲ ହୋଇଥିଲା। ତେଣୁ ଘରୋଇ ସ୍କୁଲ ସେଣ୍ଟ୍ ଆର୍ଣ୍ଣୋଲ୍ଡ ସ୍କୁଲର ସିଷ୍ଟର ଅନିମା, ଆସେମ୍ବ୍ଲି ଅଫ୍ ଗଡ ସ୍କୁଲର ସିଷ୍ଟର ତେଲବ୍ରିଜ୍, ବନହରପାଲି ଡିଏଭିର ପ୍ରଦୀପ ହୋତା, ଅପର୍ଣ୍ଣା ୱାର୍ଲ୍ଡ ସ୍କୁଲର ଅଜୟ ପୋଦ୍ଦାର ଏବଂ ଅନ୍ୟମାନେ ଭିଡିଓ ଭାଇରାଲ ଏବଂ ଗାଳିଗୁଲଜ କରିଥିବା ସତ୍ୟନାରାୟଣ, ପ୍ରତ୍ୟୁଷ ଏବଂ ଅନ୍ୟମାନଙ୍କ ନାମରେ ଏତଲା ଦେଇଥିଲେ। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା ବୋଲି ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

ବାଲିଘାଟରେ ରାଜସ୍ୱ କର୍ମଚାରୀଙ୍କୁ ହତ୍ୟା ଧମକ ଘଟଣା

## ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି ପୋଲିସ

ଝାରସୁଗୁଡା ଅଫିସ,୩।୧୧

ଝାରସୁଗୁଡା ପଞ୍ଚପଡା ବାଲିଘାଟରେ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ବାଲିଘାଟ ମାଲିକ ଆକ୍ରମଣ କଲେ ଓ ହତ୍ୟା ଧମକ ଦେଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କ ଏତଲା କ୍ରମେ ଟାଉନ ଥାନାରେ ମାମଲା ରୁଜୁ ହେଲା। ହେଲେ ଘଟଣାର ୧୦ ଦିନ ପରେ ବି ଅଭିଯୁକ୍ତ ଗିରଫ ହୋଇପାରିଲାନି। ପୋଲିସ ଏବଂ ପ୍ରଶାସନ ସରକାରଙ୍କ ଦୁଇଟି ପ୍ରମୁଖ ଅଙ୍ଗ। ହେଲେ ପ୍ରଶାସନିକ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସର ତଦନ୍ତ ଶିଥିଳ ଏବଂ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଆଲୋଚନାର ବିଷୟ। ଅଭିଯୁକ୍ତଙ୍କୁ ଗିରଫ କରିବା ଦିଗରେ ପୋଲିସର ନୀରବତା ରାଜସ୍ୱ କର୍ମଚାରୀଙ୍କୁ ହତୋତ୍ସାହିତ କରୁଛି । ପରୋକ୍ଷରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦିଆ ଯାଉଛି। ପୋଲିସର ଏପରି ମନୋଭାବ ଯୋଗୁ ବାଲି ମାଫିଆମାନେ ଆଗକୁ ଆହୁରି ଆକ୍ରମଣାତ୍ମକ ପଦକ୍ଷେପ ନେବା ପାଇଁ ସାହସ ଜୁଟାଇବା ଏକ ପ୍ରକାର ନିଶ୍ଚିତ। କେବଳ ପୋଲିସ ନୁହେଁ ବାଲି ମାଫିଆଙ୍କ ସହ ରାଜସ୍ୱ ବିଭାଗ ଅଧିକାରୀଙ୍କ ଭିତିରି ସମ୍ପର୍କ ତଳିଆ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅଡୁଆରେ ପକାଉଛି।

ବାଲି ମାଫିଆ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଏବଂ ହତ୍ୟା ଧମକ ଦେବା ପରେ ଚେତା ପଶିଛି। ଅକ୍ଟୋବର ୨୨ ତାରିଖ ପଞ୍ଚପଡା ଘାଟରୁ ଚୋରା ବାଲିଚାଲାଣ ହେଉଥିବା ନେଇ ଏକାତାଲି ରାଜସ୍ୱ ଅଫିସକୁ ସୂଚନା ମିଳିଥିଲା। ଖବରପାଇ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶମ୍ଭୁଲାଲ ଗୋଚ୍ଛାୟତ ଏବଂ ସୁଜାତା ପଟେଲ ଘଟଣା ସ୍ଥଳକୁ ଯାଇଥିଲେ। ରାଜସ୍ୱ ବିଭାଗ କର୍ମଚାରୀ ପଞ୍ଚପଡା ଘାଟ-ଏରେ ପହଞ୍ଚି ଯାଞ୍ଚ କରିବା ପରେ ବିନା ୱାଇଫର୍ମରେ ବାଲି ଚାଲାଣ ହେଉଥିବା ଜଣାପଡିଥିଲା। ୱାଇ ଫର୍ମ ନ ଥିବାରୁ ବାଲି ଲୋଡ ବନ୍ଦ କରିବାକୁ କହିଥିଲେ। ଏହାପରେ ଘାଟ ମାଲିକ ଅମନ ଶର୍ମା ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ଏ ବାବଦରେ ରାଜସ୍ୱ କର୍ମଚାରୀ ଝାରସୁଗୁଡା ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ୨୪ ତାରିଖ ଝାରସୁଗୁଡା ଅତିରିକ୍ତ ତହସିଲଦାର ଗୋଲକ ବିହାରୀ ମଙ୍ଗରାଜ ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ପ୍ରସଙ୍ଗରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରି ନିଜର ପ୍ରତିଶ୍ରୁତି ପାଳନ କରୁଛି ବୋଲି ଅଭିଯୋଗ ହୋଇଛି। ଏ ବାବଦରେ ଏସ୍‌ଡିପିଓ କୈଳାଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ, ଅଭିଯୁକ୍ତ ଫେରାର ଅଛି। ଗିରଫ କରିବାକୁ ଥାନା ଅଧିକାରୀ ଚଢାଉ କରିଛନ୍ତି। ଅଭିଯୁକ୍ତଙ୍କ ସମ୍ପର୍କରେ ଯଦି ପକ୍କା ଖବର ମିଳେ ତେବେ ଚଢାଉ କରି ଗିରଫ କରାଯିବ ବୋଲି ସେ କହିଛନ୍ତି।

ସନ୍ଦେହରେ ବ୍ରଜରାଜନଗର ପୌରସଂସ୍ଥା

## ୨୪ ଟେଣ୍ଡର ବାତିଲ

ଝାରସୁଗୁଡା ଅଫିସ,୩।୧୧

ଝାରସୁଗୁଡା ଜିଲା ବ୍ରଜରାଜନଗର ପୌର ପରିଷଦର ୨୪ଟି ଟେଣ୍ଡର ଏକା ସଙ୍ଗେ ଶନିବାର ବାତିଲ କରାଯାଇଛି। ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିବାରୁ ଏହି ସବୁ ଟେଣ୍ଡର ବାତିଲ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ ପଟେଲ କହିଛନ୍ତି। ହେଲେ ଏକକାଳୀନ ଏତେଗୁଡିଏ ଟେଣ୍ଡର ବାତିଲ କରିବାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଛି। କାରଣ ଟେଣ୍ଡର ବାତିଲ ହୋଇଥିବା ଠିକାଦାରଙ୍କ ମଧ୍ୟ ପ୍ରାୟ ସମସ୍ତେ ପୁରୁଣା ଓ ଅଭିଜ୍ଞ ଠିକାଦାର ଅଛନ୍ତି। ତେଣୁ ଆବଶ୍ୟକ ଡକ୍ୟୁମେଣ୍ଟ ସମ୍ପର୍କରେ ସେମାନେ ପୂର୍ଣ୍ଣ ଅବଗତ ଥିବେ। ତେବେ କେଉଁ କାରଣରୁ ଟେଣ୍ଡର ବାତିଲ କରାଗଲା ତାହାକୁ ନେଇ ସାଧାରଣରେ ଏକ ଆଲୋଚନାର ବାତାବରଣ ସୃଷ୍ଟି ହୋଇଛି। ଏହି ଟେଣ୍ଡର ମଧ୍ୟରେ ରାସ୍ତା, ଡ୍ରେନ୍, ଷ୍ଟ୍ରିଟଲାଇଟ୍ ଭଳି ଉନ୍ନତିମୂଳକ ନିର୍ମାଣ କାମ ରହିଥିଲା। ଯେଉଁଥିରେ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି, ଡିଏମ୍‌ଏଫ୍ ପାଣ୍ଠି ଅନୁଦାନରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ରହିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରଜରାଜନଗର ପୌର ପରିଷଦରେ ମାତ୍ରାଧିକ ପିସି କାରବାର ଏବଂ ନିମ୍ନମାନର କାମ ହେଉଥିବା ବିଷୟରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ବିଧାନସଭାର ମୌସୁମୀ ଅଧିବେଶନରେ ପ୍ରଶ୍ନ କରିଥିଲେ। ଏଠାରେ ହେଉଥିବା ସମସ୍ତ କାମର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଥିଲେ। ଭିଜିଲାନ୍ସ ତଦନ୍ତ ଭୟରେ ଏହିସବୁ ଟେଣ୍ଡର ବାତିଲ କରାଯାଇଥାଇପାରେ ବୋଲି ବିଧାୟିକା କହିଛନ୍ତି।

### ଆଇଏଏସ୍ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୩।୧୧(ବ୍ୟୁରୋ)

ରାଜ୍ୟରେ କାର୍ଯ୍ୟରତ କେତେଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ଅଧିକାରୀଙ୍କୁ ମୂଳ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୨୦୦୯ ବ୍ୟାଚର ଭି. ଜୟକୁମାର ବର୍ତ୍ତମାନ ସିଏମ୍‌ଜିଆଇ, ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଅଛନ୍ତି। ଉକ୍ତ ଦାୟିତ୍ୱ ସହ ସେ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ମାନ୍‌ସୀ ନିମ୍ଭଲ(୨୦୧୦ ବ୍ୟାଚ) ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ, ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ଉପରୋକ୍ତ ଦାୟିତ୍ୱ ସହ ଓଡ଼ିଶା ଉଠା ଜଳସେଚନ ନିଗମର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଜଳସମ୍ପଦ ବିଭାଗର ଉପସଚିବ ସ୍ୱାଧା ଦେବଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଅତିରିକ୍ତ କମିଶନର ଭାବେ ନିଯୁକ୍ତି ଦିଆଯାଇଛି।

### ବନ୍ଧବାହାଲ ସରସ୍ୱତୀ ଶିଶୁମନ୍ଦିରରେ ମାତୃଭାରତୀ ଗଠନ

ଲଖନପୁର,୩।୧୧(ଡି.ଏନ୍.ଏ.)

ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଅଭିଭାବିକାମାନଙ୍କୁ ନେଇ ଏକ ମାତୃଭାରତୀ ଗଠନ କରାଯାଇଛି । ଏଥିରେ ଅଧକ୍ଷା ଭାବେ ମମତା ବାବୁ, ଉପାଧକ୍ଷା ଭାବେ ସର୍ବଣ୍ଣ ବୁଢିଆ, ସମ୍ପାଦିକା ଭାବେ ପୁଷ୍ପାଞ୍ଜଳି ବାରିକ, ସହସମ୍ପାଦିକା ଭାବେ ବବିତା ଖମାରୀ ଚୟନ ହୋଇଛନ୍ତି। ପ୍ରଚାର ପ୍ରସାର ପ୍ରମୁଖ ଭାବେ ରାଜେଶ୍ୱରୀ ଧର ଓ ବବିରାଣି ଧର ରହିଛନ୍ତି। ସ୍ୱଚ୍ଛତା ପ୍ରମୁଖ ସସ୍ମିତା ପାତ୍ର, ବବିତା ଖମାରୀ, ସାଜସଜା ପ୍ରମୁଖ ସନ୍ତୋଷିନୀ ସାହୁ ଓ ମୀନା ପ୍ରଧାନ, ସମ୍ପର୍କ ପ୍ରମୁଖ ପାକିଜା ତନ୍ତୀ ଓ ସୁସନ୍ଧ୍ୟା ପାଢୀ, ବାଳିକାଶିକ୍ଷା ବିନିତା ପ୍ରଧାନ ଓ ସୁକାନ୍ତି ପ୍ରଧାନ, କାର୍ଯ୍ୟକ୍ରମ ପ୍ରମୁଖ ଭାବେ ବାସନ୍ତୀ ଧର, ସୁନିତା ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆଯାଇଛି। ସଦସ୍ୟା ଭାବେ ଇନ୍ଦୁମତି ଅଢା, ନିର୍ଦ୍ଦେଶିକା ସୁମିତ୍ରା ଦାସ, ସହନିର୍ଦ୍ଦେଶିକା ଗୀତାରାଣି ମେହେର, ସଂଯୋଜକ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପଟେଲ, ସଂଯୋଜିକା ଭାବେ ପଙ୍କଜିନୀ ସା ପ୍ରମୁଖ ଚୟନ ହୋଇଛନ୍ତି।

■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋଣ୍ଡ ମହାସଭାର ପ୍ରତିନିଧି

## ବନ୍ଦେଛକକୁ ଗୋଣ୍ଡୱାନା ଛକ ଭାବେ ନାମିତ କରିବାକୁ ଦାବି

ଝାରସୁଗୁଡା ଅଫିସ,୩।୧୧

ଝାରସୁଗୁଡାର ବନ୍ଦେ ଛକକୁ ଗୋଣ୍ଡୱାନା ଛକଭାବେ ନାମିତ କରିବା ସମେତ ୨୦ ଦଫା ଦାବି ନେଇ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଝାରସୁଗୁଡା ବନ୍ଦେଛକକୁ ଗୋଣ୍ଡୱାନା ଛକ ଭାବେ ନାମିତ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଛି। ତେଣୁ ଏହି ଦାବି ସମେତ ରାଜ୍ୟ ଅନୁସୂଚିତ ଜନଜାତି ଆୟୋଗ ଗଠନ, କେନ୍ଦ୍ର ସରକାର ଗୋଣ୍ଡୱାନା ଗୋଣ୍ଡ ରେଜିମେଣ୍ଟ ଗଠନ କରିବା, ଗୋଣ୍ଡ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା, ଗୋଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ଯାଏଁ ସମ୍ପ୍ରସାରଣ କରିବା, ଭୁବନେଶ୍ୱରରେ ଗୋଣ୍ଡ ସମାଜ ଭବନ ଗଠନ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଗୋଣ୍ଡ ସମାଜ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରମେଶଚନ୍ଦ୍ର ମାଝିଙ୍କ ନେତୃତ୍ୱରେ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମସିଂ ମାଝି, ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ମହାସଚିବ ପ୍ୟାରିମୋହନ ନାଏକ, ପ୍ରାଣ ବଲ୍ଲଭ ନାଏକ, ବୁନ୍ଦେ ଧୁରୁଆ ସମେତ ୨୦ଟି ଜିଲାର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି ପ୍ରତିନିଧି।




ଶନିବାର କିର୍ମିରା ବ୍ଲକ ଅଫିସ୍ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭରେ ବସିଛନ୍ତି।

## ପିସି କାରବାର, ଦୁର୍ନୀତି ବିରୋଧରେ ବ୍ଲକ୍ ଘେରାଉ

କିର୍ମିରା, ୩।୧୧(ଡି.ଏନ.ଏ.)

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ଚାଲିଥିବା ପିସି କାରବାର ଏବଂ ଦୁର୍ନୀତି ବିରୋଧରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିର୍ମିରା ବ୍ଲକ କାର୍ଯ୍ୟାଳୟକୁ ଭାଜପା କର୍ମୀ ରାଲିରେ ଯାଇ ପହଞ୍ଚି ଥିଲେ। ସେଠାରେ ଏକ ପ୍ରତିବାଦ ସଭାର ଆୟୋଜନ ହୋଇଥିଲା। ବ୍ଲକ ଭାଜପା ସଭାପତି ବିରଞ୍ଚି ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଭାଜପା ସଭାପତି ତଥା ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଯୋଗଦେଇ କିର୍ମିରାରେ କିପରି ପିସି କାରବାର କରି ଜନପ୍ରତିନିଧି ଲୋକଙ୍କୁ ଶୋଷଣ କରି ଚାଲିଛନ୍ତି କହି ତୀବ୍ର ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଉନ୍ନତି ପଥରେ ଆଗେଇ ଚାଲିଥିବାବେଳେ ଦୁର୍ନୀତିଗ୍ରସ୍ତ ନବୀନ ସରକାର ଓଡିଶାକୁ ପଛକୁ ଠେଲି ଦେଇଥିବା ଅଭିଯୋଗ କରିଥିଲେ । ରାଧାରାଣୀଙ୍କ ଆକ୍ରୋଶରୁ ମିଡିଆ ମଧ୍ୟ ବର୍ତ୍ତିପାରି ନ ଥିଲା । ନବୀନ ସରକାର ଟଙ୍କା ପଇସାରେ ମିଡିଆକୁ କିଣି ନେଇଥିବାରୁ ତାଙ୍କ ବିରୋଧରେ ମିଡିଆ ଖବର ପ୍ରକାଶ କରୁନାହିଁ ବୋଲି ବିଧାୟିକା ସଂଗିନ ଅଭିଯୋଗ କରିଥିଲେ। ଏହାକୁ ଉପସ୍ଥିତ ମିଡିଆ କର୍ମୀ ତୀବ୍ର ସମାଲୋଚନା କରିଛନ୍ତି । ବିଧାୟିକାଙ୍କ ଏଭଳି ମନ୍ତବ୍ୟକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଥିଲା । ସଭାରେ ସୁନିଲ ପଣ୍ଡା, ଦୀପକ ପଟେଲ, କୃଷକ ମୋର୍ଚ୍ଚାର ପ୍ରଦୀପ ପଟେଲ, ବିଧାନସଭା ପ୍ରଭାରୀ, ରବିନନ୍ଦନ ପଣ୍ଡା, ନୱାଲ ଅଗ୍ରୱାଲ, ପ୍ରେମସେନ ରାୟ, ବିଜୟ ଶର୍ମା, ଭବାନୀ ନାଏକ, କିଶୋର ସାହୁ ଉପସ୍ଥିତ ଥିଲେ ।

## ବନ୍ଧବାହାଲ କଲୋନୀ ସ୍କୁଲ ଉନ୍ନୟନ ତଦାରଖ କମିଟି ଗଠିତ: ସ୍କୁଲ୍ କ୍ୟାମ୍ପସରେ ବାହ୍ୟ ନିର୍ମାଣ କାର୍ଯ୍ୟକୁ ବିରୋଧ

ଲଖନପୁର,୩।୧୧(ଡି.ଏନ୍.ଏ.)

ଲଖନପୁର ବ୍ଲକ୍ ବନ୍ଧବାହାଲ ହାଇସ୍କୁଲ୍‌ରେ ଶନିବାର ସ୍କୁଲ୍ ଉନ୍ନୟନ ସମ୍ପର୍କୀତ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ୍ ବିକାଶ ପାଇଁ ସ୍କୁଲ୍ କର୍ତ୍ତୃପକ୍ଷ, ଜନପ୍ରତିନିଧି, ଅଭିଭାବକ, ପୁରାତନ ଛାତ୍ର, ଶିକ୍ଷାପ୍ରେମୀଙ୍କୁ ନେଇ ସ୍କୁଲ୍ ଉନ୍ନୟନ ତଦାରଖ କମିଟି ଗଠନ କରଯାଇଛି । ଏହି କମିଟି ଏମ୍‌ସିଏଲ୍ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ସହିତ ଆଲୋଚନା କରି ସ୍କୁଲର ଉନ୍ନୟନ ଦିଗରେ କାମ କରିବ। ସ୍କୁଲ୍ ପରିଚାଳନା କମିଟି ସଭାପତି ବସନ୍ତ ସିଂହ ଏଥିରେ ଅଧକ୍ଷତା କରିଥିଲେ। ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ସନ୍ତୋଷ ବଳିଆରସିଂହ ସ୍କୁଲ୍‌ର ବିଭିନ୍ନ ସମସ୍ୟା ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ।

ଗୋଟିଏ କ୍ୟାମ୍ପସ ଭିତରେ ୟୁପି ସ୍କୁଲ୍, ଏମ୍‌ଇସ୍କୁଲ୍ ଓ ହାଇସ୍କୁଲ୍ ରହିଛି । ଖେଳପଡିଆ, ପାଚେରି ନିର୍ମାଣ ଆଦି ଆବଶ୍ୟକତା ରହିଛି । ସ୍କୁଲ୍ କ୍ୟାମ୍ପସ ଚାରିପାଖରୁ ଘେରି ରହିଛି ଏମ୍‌ସିଏଲ୍ କମ୍ପାନୀର ଡ୍ରେନ୍ । ଏହି ଡ୍ରେନ୍ ନିୟମିତ ସଫାସୁତୁରା ହେଉ ନ ଥିବାରୁ ନାଳନର୍ଦ୍ଦମାରେ ପାଣି ଜମି ରହି ଦୁର୍ଗନ୍ଧ ହେଉଛି । ଫଳରେ ସ୍କୁଲ୍‌ର ପରିବେଶକୁ ଅସ୍ୱାସ୍ଥ୍ୟକର କରୁଛି। ସ୍କୁଲ୍ ସଫେଇ ପାଇଁ ଏମ୍‌ସିଏଲ୍ ତରଫରୁ ୩ଜଣ ଠିକାଶ୍ରମିକଙ୍କୁ ନିଯୁକ୍ତି କରାଯାଇଥିଲା । ଏବେ ୩ଜଣଙ୍କ ମଧ୍ୟରୁ ୨ଜଣ ଠିକାଶ୍ରମିକଙ୍କୁ କମ୍ପାନୀ ପ୍ରତ୍ୟାହାର କରିନେଇଥିବାରୁ ସ୍କୁଲ୍ ସଫେଇରେ ସମସ୍ୟା ସୃଷ୍ଟି ହେଉଛି। ସ୍କୁଲ୍‌ରେ ଖେଳପଡିଆ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି । ଏହାକୁ ଦୃଷ୍ଟିରେ ରଖି ସ୍କୁଲ୍ କ୍ୟାମ୍ପସରେ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖେଳପଡିଆ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଏହାର ଭୂମିପୂଜା ବିଧାୟିକା ରାଧାରାଣି ପଣ୍ଡା କରିଥିଲେ। ପରମୁହୂର୍ତ୍ତରେ ଏହି ପ୍ରକଳ୍ପକୁ ଜିଲାପାଳ କୁଆଡେ ବାତିଲ କରି ଦେଇଛନ୍ତି। ଫଳରେ ସ୍କୁଲ୍ ଖେଳପଡିଆ ନିର୍ମାଣକୁ ନେଇ ଏବେ ଅନିଶ୍ଚିତ ଦେଖା ଦେଇଛି । ଏହି ସ୍କୁଲ୍ ପଡିଆରେ ଏବେ କମ୍ପାନୀ କର୍ତ୍ତୃପକ୍ଷ ୩୭ଲକ୍ଷ ଟଙ୍କା ବ୍ୟୟରେ ଏକ ଭଲିବଲ୍ ଷ୍ଟାଡିୟମ୍ ନିର୍ମାଣ ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ସ୍କୁଲ୍ କ୍ୟାମ୍ପସ ମଧ୍ୟରେ ଭଲିବଲ୍ ଷ୍ଟାଡିୟମ୍ ନିର୍ମାଣ ହେଲେ ସ୍କୁଲ୍ ପରିବେଶ ନଷ୍ଟ ହେବା ଦର୍ଶାଇ ଏହାକୁ ସ୍କୁଲ୍ କର୍ତ୍ତୃପକ୍ଷ କଡା ବିରୋଧ କରିଆସୁଛନ୍ତି। ଫଳରେ ଷ୍ଟାଡିୟମ୍ ନିର୍ମାଣ କାମ ଏବେ ବନ୍ଦ ରହିଛି । ସ୍କୁଲ୍ ଉଦ୍ଦେଶ୍ୟରେ କମ୍ପାନୀ ଏକ କୋଠା ନିର୍ମାଣ କରିଥିଲା। କିନ୍ତୁ ଏବେ ଏହି କୋଠାକୁ ସ୍କୁଲ୍‌କୁ ଆଉ ହସ୍ତାନ୍ତର ନ କରି କମ୍ପାନୀ ନିଜ କବ୍‌ଜାରେ ରଖିଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧାସୃଷ୍ଟି ହେଉଛି ବୋଲି ପ୍ରଧାନ ଶିକ୍ଷକ ବଳିଆରସିଂହ କହିଥିଲେ। ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ସରପଞ୍ଚ ରାଜେନ୍ଦ୍ର ନାୟକ, ସମିତିସଭ୍ୟ ଈଶ୍ୱର କଉଡି, ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ଏମ୍‌ଇସ୍କୁଲ୍ ପରିଚାଳନା କମିଟି ସଭାପତି ପ୍ରଦୀପ ପ୍ରଧାନ, ୟୁପିସ୍କୁଲ୍ ପରିଚାଳନା କମିଟି ସଭାପତି ସୁଶାନ୍ତ ସ୍ୱାଇଁ, ଏମ୍‌ଇସ୍କୁଲ୍ ପ୍ରଧାନଶିକ୍ଷକ ଅବନୀକାନ୍ତ ବେହେରା, ୟୁପିସ୍କୁଲ୍ ପ୍ରଧାନ ଶିକ୍ଷକ ନବକିଶୋର ଦାସ, ଶିକ୍ଷକ ଉମାକାନ୍ତ ପଣ୍ଡା ପ୍ରମୁଖ ଜନପ୍ରତିନିଧି, ଶିକ୍ଷାପ୍ରେମୀ, ଅଭିଭାବକ, ଶିକ୍ଷୟିତ୍ରୀ. ଶିକ୍ଷକ, ପୁରାତନ ଛାତ୍ର ଉପସ୍ଥିତ ଥିଲେ। ସେହିଭଳି ସନ୍ତୋଷ ମହାନ୍ତି, ଘନଶ୍ୟାମ ସିଂହ, ଲକ୍ଷ୍ମୀ ବେହେରା, ଅଲେଖ ପ୍ରଧାନ, ପ୍ରଦୀପ ପ୍ରଧାନ, ହରେଶ ପ୍ରଧାନ ପ୍ରମୁଖ ମତ ରଖିଥିଲେ। ଶେଷରେ ଶିକ୍ଷକ ଉମାକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### ମଧୁବୈଶ୍ୟ ସମାଜ ପକ୍ଷରୁ ବୈଠକ

**ରାଉରକେଲା ଅଫିସ,୩।୧୧-** ମଧୁବୈଶ୍ୟ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଅନ୍ତର୍ଯ୍ୟାମି ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସାଂଗଠନିକ ଅଭିବୃଦ୍ଧି ନେଇ ଆଲୋଚନା କରାଯାଇଥିଲା। ସ୍ୱର୍ଗତ ଅନିଲ ଚୋପଦାର (୫୫)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ସଂଗଠନ ପକ୍ଷରୁ କାଶିନାଥ ସାହୁ, ନିକୁଞ୍ଜ ସାହୁ, ପ୍ରଫୁଲ୍ଲ ସାହୁ, ପ୍ରବୀଣ ସାହୁ, ଚନ୍ଦ୍ରକାନ୍ତ ସାହୁ, ସର୍ବେଶ୍ୱର ସାହୁ, ଜୟନ୍ତ ସାହୁ, ତ୍ରିଲୋଚନ ପୃଷ୍ଟି, ନିମାଇଁ ସାହୁ, ଅଶୋକ ସାହୁ, ବିପିନ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବଲପୁର ଯୁବା ସଂଘ ପକ୍ଷରୁ ନୂଆଖାଇ ଭେଟଘାଟ ୫ରେ

**ରାଉରକେଲା ଅଫିସ,୩।୧୧-** ସମ୍ବଲପୁର ଯୁବା ସଂଘ ପକ୍ଷରୁ ନୂଆଖାଇ ଭେଟଘାଟ ନେଇ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେକ୍ଟର-୨ ଦୁର୍ଗା ପୂଜା ପଡିଆରେ ୫ ତାରିଖ (ସୋମବାର) ସକାଳ ୯ଟାରେ ଏହି ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିରେ ଶତାଧିକ ମହିଳା ସଂଗଠିତ ହୋଇ ମା’ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବେ। ସନ୍ଧ୍ୟାରେ ନୂଆଖାଇ ଉପରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଜିକାଲ ନାଇଟରେ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରାଯିବ। ଏହି ଅବସରରେ ସହରର କେତକ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ।

# କେନ୍ଦ୍ର ଅନୁଦାନରେ ନାଁ ନେଉଛି ବିଜେଡି

**ରାଉରକେଲା ଅଫିସ,୩।୧୧**

ସାଧାରଣ ନିର୍ବାଚନ ପାଇଁ ଦିନ ପାଖେଇ ଆସୁଛି। କ୍ଷମତା ପାଇବାକୁ ବିଜେଡି ଅସ୍ଥିର। ହେଲେ କେନ୍ଦ୍ରୀୟ ଅନୁଦାନରେ ନିର୍ମିତ ପ୍ରକଳ୍ପରେ ରାଜ୍ୟ ସରକାର ମୋହର ମାରି ନାଁ ନେବାକୁ ଚାହୁଁଛନ୍ତି। ଏହା ଶଠତା ଛଡା ଅନ୍ୟ କିଛି ନୁହେଁ । ଭାଜପା ପକ୍ଷରୁ ଏକ ବିବୃତିରେ ଏହା କୁହାଯାଇଛି।

ମୁଖ୍ୟମନ୍ତ୍ରୀ ରବିବାର ରାଉରକେଲା ଆସୁଛନ୍ତି। ଏହି ଅବସରରେ ସେ ପ୍ରଦର୍ଶନୀ ହକି ମ୍ୟାଚରେ ମୁଖ୍ୟ ଅତିଥି ରୂପେ ଯୋଗ ଦେବେ। ହେଲେ ଏହି କାର୍ଯ୍ୟକ୍ରମରୁ କିନ୍ତୁ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ ଦୂରେଇ ରଖିବାକୁ ବିଜେଡି ଯୋଜନା କରିଥିବା ଭାଜପା ଅଭିଯୋଗ କରିଛି। ଏ ନେଇ କ୍ଷୁବ୍ଧ ନେତାମାନେ ଶନିବାର ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ରାଉରକେଲା ଅତିରିକ୍ତ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ବିଶ୍ୱକପ ପ୍ରତିଯୋଗିତା ଭୁବନେଶ୍ୱରଠାରେ ଆୟୋଜନ କରାଯାଇଥିବା ବେଳେ ଏଥିରୁ ଗୋଟିଏ ମ୍ୟାଚ ରାଉରକେଲାରେ କରାଯିବାକୁ ବହୁବାର ଦାବି କରାଯାଇଛି। ସରକାର ଶୁଣିଲେନି। ଏହା କରା ନ ଯାଇ ଗୋଟିଏ ପ୍ରଦର୍ଶନୀ ମ୍ୟାଚ ଏଠି ଖେଳାଯିବ। ସୁନ୍ଦରଗଡ ଜିଲାବାସୀଙ୍କୁ ଭଣ୍ଡାଇ ଦିଆଯାଇଛି ବୋଲି ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷେ ଭାଜପା ବିଧାୟକ କିମ୍ବା ସାଂସଦଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇନି। ଏପରି ଚକ୍ରାନ୍ତକୁ ଦଳୀୟ ନେତୃମଣ୍ଡଳୀ ସମାଲୋଚନା କରିଛନ୍ତି।

କେବଳ ଏତିକି ନୁହେଁ ପ୍ରଦର୍ଶନୀ ମ୍ୟାଚ ଶେଷ ହେବା ପରେ ଉଦିତନଗର ପଡିଆରେ ଯେଉଁ ଶିଳାନ୍ୟାସ ପର୍ବ ରଖାଯାଇଛି ସେ ନେଇ ଭାଜପା ପ୍ରଶ୍ନ ଉଠାଇଛି। ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୪୮ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ । ଏହା ସହ ୧୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୮ଟି ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏହା ସ୍ମାର୍ଟ ସିଟି ଅର୍ଥରେ ନିର୍ମାଣ କରାଯାଇଛି। ସ୍ମାର୍ଟ ସିଟି ବିକାଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକା ରହିଛି। ଏପରି ସ୍ଥଳେ କିନ୍ତୁ ଶିଳାନ୍ୟାସ କିମ୍ବା ଲୋକାର୍ପଣ ଉତ୍ସବରେ କେନ୍ଦ୍ରୀୟ ପ୍ରତିନିଧିଙ୍କୁ ଡକା ଯାଉନି। ତରବରିଆ ଭାବେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଚାପ ପ୍ରୟୋଗ କରାଯାଇ ଏଭଳି ଶିଳାନ୍ୟାସ ଓ ଲୋକାର୍ପଣ ନାଁରେ ପ୍ରଶଂସା ନେବାକୁ ଚାହୁଁଛି ବିଜେଡି। ଏହା ସଂପୂର୍ଣ୍ଣ ଭାବେ କ୍ଷମତାର ଅପବ୍ୟବହାର। କେବଳ ଏତିକି ନୁହେଁ ଶିଳାନ୍ୟାସ କିମ୍ବା ଲୋକାର୍ପଣ ନେଇ ଉଦ୍ଦିଷ୍ଟ ଫଳକରେ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କ ନାମ ଲେଖାଯାଇ ନାହିଁ। ଏହାକୁ କେବେ ବରଦାସ୍ତ କରାଯିବନି। ଏଣୁ ବିଧି, ବିଧାନ ଓ ସମ୍ବିଧାନ ମତେ ପ୍ରଶାସନ ନିରପେକ୍ଷତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଏଡିଏମ ବାନାର୍ଜୀଙ୍କୁ କହିଥିଲେ ଭାଜପା ପ୍ରତିନିଧି। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ବରିଷ୍ଠ ନେତା ନିହାର ରାୟ, ମୁଖପାତ୍ର ଭଗବାନ ରାଉତ, ତପନ ସ୍ୱାଇଁ, ଦିଲ୍ଲୀପ ଦାସ, ଗଙ୍ଗାଧର ଦାସ, ଶଶାଙ୍କ ଜେନା, ଲତିକା ପଟ୍ଟନାୟକ, ନିକୁଞ୍ଜ ରାୟ, କେଦାର ମହାନ୍ତି, ଭବାନୀ କବି, ନୃସିଂହ ଜେନା, ପ୍ରମିଳା ଦାସ, ରାଇସନ ତିର୍କୀ, କଳ୍ପନା ଲେଙ୍କା, ବିନ୍ଦର ସିଂ, ବିଜୟ ପାଣିଗ୍ରାହୀ, ଅଙ୍କୁଶ ବର୍ମା ଓ ସେଖ ମୁଜାହିଦ ପ୍ରମୁଖ ସାମିଲ ଥିଲେ।



ଏଡିଏମ୍ ମୋନିଷା ବାନାର୍ଜୀଙ୍କୁ ଭାଜପା କର୍ମକର୍ତ୍ତା ଭେଟି ଆଲୋଚନା କରୁଛନ୍ତି।

- ଆଜି ରାଉରକେଲା ଆସୁଛନ୍ତି ମୁଖ୍ୟମନ୍ତ୍ରୀ
- ହକି ପ୍ରଦର୍ଶନୀ ମ୍ୟାଚରେ ଯୋଗଦେବେ
- ଉଦିତନଗର ପଡିଆରେ ହେବ ଶିଳାନ୍ୟାସ ପର୍ବ
- ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ଅଣଦେଖା
- ପ୍ରତିବାଦରେ ଏଡିଏମଙ୍କୁ ଭେଟିଲା ଭାଜପା

### ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ରଙ୍କ ଅଭିଯୋଗ

# ପ୍ରକଳ୍ପ ପାଇଁ ଶୁଭ ଦେବା, ନାମଫଳକରେ ସୀମିତ ବିକାଶ

**ରାଉରକେଲା ଅଫିସ,୩।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଉରକେଲା ଗସ୍ତ ନେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ପ୍ରଶ୍ନ ଉଠାଇଛନ୍ତି। ସେ ଏକ ବିବୃତିରେ କହିଛନ୍ତି ଯେ ଦୀର୍ଘ ୧୮ବର୍ଷ କାଳ ଶାସନରେ ରହି ମଧ୍ୟ ବିଜେଡି ସରକାର ରାଉରକେଲା ପ୍ରତି ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି। ଏ ସହରକୁ ମୁଖ୍ୟମନ୍ତ୍ରୀ ଏକାଧିକ ଥର ଆସିଛନ୍ତି। ଏଠିକା ସମସ୍ୟା ଖୁବ ଭଲ ଭାବେ ସେ ଜାଣିଛନ୍ତି। ରାଉରକେଲା ସରକାରୀ ଡାକ୍ତରଖାନାର ସ୍ଥିତି ସୁଧାରିବା ସହ ଆଉ ଏକ ମେଡିକାଲ କଲେଜ ନେଇ ୨୦୦୪ରେ ଶୁଭ ଦେଇଥିଲେ ମୁଖ୍ୟମନ୍ତ୍ରୀ। ବ୍ରାହ୍ମଣୀ ଉପରେ ଦ୍ୱିତୀୟ ସେତୁ ନେଇ ୨୦୧୩ରେ ୟୁପିଏ ସରକାର ୮୪୦କୋଟି ଅନୁଦାନ ଯୋଗାଇ ଦେଇଛି। ବ୍ରିଜ ନିର୍ମାଣ କରିବାକୁ ଏକ ସଂସ୍ଥା ଆସି ଏଠି ୨ ବର୍ଷ କାଳ ପଡି ରହିଲା। ତଥାପି ରାଜ୍ୟ ସରକାର ସହଯୋଗ କଲେ ନାହିଁ। ବାଧ୍ୟ ହୋଇ ନିର୍ମାଣକାରୀ ସଂସ୍ଥା କାମରୁ ଓହରି ଗଲା। ଆଜି ଘଟଣା ସମସ୍ତଙ୍କ ଆଗରେ। କେବଳ ଏତକି ନୁହେଁ ଏୟାରପୋର୍ଟର ଉନ୍ନତିକରଣ ହେଉ କି ରେଳ ଡିଭିଜନ ସବୁଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ଫେଲ ମାରିଛି। ମହାନଗର ନିର୍ବାଚନ କରିବାକୁ ସରକାର ଡରୁଛନ୍ତି। ଇଏସଆଇ ହସ୍ପିଟାଲ କିମ୍ବା ଆଇଆଇପିଏମ ରାଉରକେଲାରେ ହେଲା ନାହିଁ। ଆରଡିଏ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ୨୦ ହଜାର ଘର କେବେ ନିର୍ମାଣ ହେବ ସେ ନେଇ କାହା ପାଖରେ ଖବର ନାହିଁ। ବସ୍ତି ବାସିନ୍ଦାଙ୍କ ଥଇଥାନ କଥା ରାଜ୍ୟ ସରକାର ଭୁଲି ଯାଇଛନ୍ତି। କୋଏଲ ବ୍ୟାରେଜ ନେଇ କେହି ମୁହଁ ଖୋଲୁ ନାହାନ୍ତି। ୧୮ ବର୍ଷରେ ବିଜେଡି ସରକାର ରାଉରକେଲା ପାଇଁ କରିଛି କ’ଣ ଜବାବ ରଖୁ ବୋଲି କହିଛନ୍ତି ମହାପାତ୍ର। ପ୍ରକଳ୍ପ ପାଇଁ ଶୁଭ ଦେବା ଆଉ ନାମ ଫଳକରେ ଏଠି ବିକାଶ ଅଟକିଛି। ଏବେ ମୁଖ୍ୟମନ୍ତ୍ରୀ ରାଉରକେଲା ଆସୁଛନ୍ତି। ଏ ନେଇ ସହରବାସୀଙ୍କ ସମ୍ମୁଖରେ ସ୍ପଷ୍ଟ ଜବାବ ରଖନ୍ତୁ। ଅନ୍ୟଥା ଏପରି ଗସ୍ତର କିଛି ମାନେ ନାହିଁ। ତୁଚ୍ଛା ରାଜନୀତି କଲେ ସହରର ବିକାଶ ଘଟିବ ନାହିଁ ବୋଲି ସେ ଏକ ବିବୃତିରେ କହିଛନ୍ତି।

# ରାଜନୀତି କରୁଛି ଭାଜପା

**ରାଉରକେଲା ଅଫିସ,୩।୧୧**

ଭାରତୀୟ ଜନତା ପାର୍ଟିକୁ ଭୁଆଁ ବୁଲା ନୀତି ଧରିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବନ୍ଧମୁଣ୍ଡା ରେଲୱେ ସ୍କୁଲ ସମସ୍ୟା ସମାଧାନ ପରିବର୍ତ୍ତେ ଏହି ଦଳର ନେତା ଶୋଭାଯାତ୍ରାରେ ଆସି ବିଭାଗୀୟ ରେଳବାଇ ସହକାରୀ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରିବା ହାସ୍ୟାସ୍ପଦ । ଜିଲା କଂଗ୍ରେସ ପକ୍ଷରୁ ଏକ ବିବୃତିରେ ଏହା କୁହାଯାଇଛି। ଉକ୍ତ ସ୍କୁଲ ରେଳ ବିଭାଗ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ହେଉଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଚାହିଁଲେ ଗୋଟିଏ ଫୋନ କଲରେ ସମସ୍ୟା ସମାଧାନ ହୋଇ ପାରିବ। ଏହା ନ କରି ଭାଜପା ନେତା ଓରାମଙ୍କୁ ଦାବିପତ୍ର ପ୍ରଦାନ କରିବା ହାସ୍ୟାସ୍ପଦ ବୋଲି ସବିର ହୁସେନ ପ୍ରକାଶ କରିଛନ୍ତି। ଅଭିଭାବକଙ୍କୁ ଅନ୍ଧାରରେ ରଖି ରାଜନୀତି କରୁଛି ଭାଜପା। ସମସ୍ୟା ସମାଧାନ ପରିବର୍ତ୍ତେ ଶସ୍ତା ରାଜନୀତି କରିବାକୁ ଚାହୁଁଛି ଏହି ଦଳ। ଏହା ଦ୍ୱାରା କାହାର ଉପକାର ହେବ ନାହିଁ।



ସେକ୍ଟର-୫ ଭିଆପି ମାର୍କେଟ ଅଞ୍ଚଳର ବ୍ୟବସାୟୀମାନେ ଗଛ ଡାଳ କାଟିବାକୁ ଦାବି କରି ସେକ୍ଟର-୩ରେ ଥିବା ଆରଏସ୍‌ପି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

# ଗଛ ଡାଳ କାଟିବାକୁ ଦାବି ଜଣାଇଲେ ବ୍ୟବସାୟୀ

**ରାଉରକେଲା ଅଫିସ,୩।୧୧**

**ସେକ୍ଟର-୫ ଭିଆଇପି ମାର୍କେଟ**

ବାରମ୍ବାର ସେକ୍ଟର-୫ ଭିଆପି ମାର୍କେଟ ଅଞ୍ଚଳରେ ଗଛ ଡାଳ ଭାଙ୍ଗିବା ଯୋଗୁ ଲୋକେ ଆହତ ହେଉଛନ୍ତି। ତଥାପି ଏ ନେଇ ଆରଏସପି ଉଦ୍ୟାନ ବିଭାଗ ଚେତୁ ନାହିଁ। ଗତ ରଥ ଯାତ୍ରା ପୂର୍ବରୁ ଏଭଳି ଏକ ଦୁର୍ଘଟଣା ଯୋଗୁ ୭ଟି ଗାଡି ଭାଙ୍ଗିଯାଇଥିଲା। ପୁନଃ ଶୁକ୍ରବାର ସନ୍ଧ୍ୟା ୭ଟାରେ ସେକ୍ଟର-୫ ଭିଆପି ମାର୍କେଟ ଅଞ୍ଚଳରେ ଏକ ଅଶ୍ୱତ୍ଥ ଗଛର ଡାଳ ଭାଙ୍ଗି ପଡିବାରୁ ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ଏମାନଙ୍କୁ ଚିକିତ୍ସା ନିମନ୍ତେ ଆଇଜିଏଚରେ ଭର୍ତ୍ତି କରାଯାଇଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଶନିବାର ପୂର୍ବାହ୍ନରେ ସେକ୍ଟର-୩ରେ ଥିବା ଆରଏସ୍‌ପି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ପହଞ୍ଚିଥିଲେ ମାର୍କେଟର ବ୍ୟବସାୟୀମାନେ। ଏମାନେ ଅଭିଯୋଗ କରିଥିଲେ ଯେ ଦୀର୍ଘ ବର୍ଷ ପୁରୁଣା ଗଛ ଡାଳ କଟାଯାଉ ନ ଥିବାରୁ ଏହା ବ୍ୟବସାୟୀ ଓ ପଥଚାରୀଙ୍କ ପାଇଁ ବିପଦର କାରଣ ପାଲଟିଛି। ଶୁଖିଯାଇଥିବା ରାସ୍ତା ପାର୍ଶ୍ୱ ଗଛ ଡାଳ କେତେବେଳେ ବି ତଳକୁ ପଡିପାରେ। ତୁରନ୍ତ ଏହାର ପ୍ରତିକାର କରାଯାଉ ବୋଲି ବ୍ୟବସାୟୀମାନେ ବିଭାଗୀୟ ଅଧିକାରୀଙ୍କୁ ଦାବି କରିଥିଲେ।

### ୧୭ ବର୍ଷ ପରେ ଏକାଠି ହେଲେ ଇସ୍ପାତ ବିଦ୍ୟାପୀଠ ଛାତ୍ରୀଛାତ୍ର

**ରାଉରକେଲା ଅଫିସ, ୩।୧୧**

ଦୀର୍ଘ ୧୭ ବର୍ଷ ପରେ ସେକ୍ଟର-୧ ଇସ୍ପାତ ବିଦ୍ୟାପୀଠର ପୁରାତନ ଛାତ୍ରୀଛାତ୍ର ଏକ ବନ୍ଧୁ ମିଳନ ଅବସରରେ ଏକତ୍ରିତ ହୋଇଛନ୍ତି। ସେକ୍ଟର-୮ ଜୁବିଲି ପାର୍କଠାରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଗୁଜରାଟରେ ଅବସ୍ଥାପିତ ବିଦ୍ୟାଳୟର ପୁରାତନ ଛାତ୍ର ସମୀର ଆଚାର୍ଯ୍ୟଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ। ଏଥିରେ ୧୯୯୦ ବ୍ୟାଚର ୨୯ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଭାବ ବିହ୍ୱଳ ଛାତ୍ରୀଛାତ୍ର ଏହି ଅବସରରେ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏଥିରେ ସେକ୍ଟର-୧ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୯୮୦ ଓ ପରବର୍ତ୍ତୀ ବ୍ୟାଚର କିଛି ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ମତ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ ବିଚିତ୍ରା ବେଶ୍ ଆକର୍ଷଣୀୟ ହୋଇଥିଲା। ଏଥିରେ ଅରୁଣ ଭୂୟାଁ, ଧର୍ମାନନ୍ଦ ବିଶ୍ୱାଳ, ସୁଧୀର ସାହୁ, ଶ୍ୟାମସୁନ୍ଦର ପାଢୀ, ସୁଦୀପ ମହନ୍ତ, ପ୍ରମୋଦ ରଥ, ଅକ୍ଷୟ ମହାନ୍ତି, ସ୍ୱରୂପ ମହାନ୍ତିଙ୍କ ସମେତ ଶର୍ମିଷ୍ଠା, ତୃପ୍ତି, ସନ୍ଧ୍ୟାରାଣୀ ଓ ସୁଷମା ପ୍ରମୁଖ ଉପସ୍ଥିତ ଥିଲେ।

**ମୋ ରାଉରକେଲା**

# ମାନବିକତା ହେଉଛି ଏ ସହରର ବଡ଼ ଧର୍ମ



ଯଯାତି କେଶରୀ ମହାନ୍ତି, ଅବସରପ୍ରାପ୍ତ ଆର୍‌ଏସ୍‌ପି କର୍ମଚାରୀ।

ପ୍ରାଣ ପ୍ରତୀମ ଏ ମାଟି ମୋର ଚିର ନମସ୍ୟ। ବୃତ୍ତିଗତ ଜୀବନ ଲଢ଼େଇର ପ୍ରତି କ୍ଷେତ୍ରରେ ମୁଁ ଏଠୁ କେବଳ ଆଶୀର୍ବାଦ ପାଇଛି। ନିଆଁ ଧୂଆଁ ଯାତନାରୁ ଏଠାକାର କଞ୍ଚା ମାଟି ସୁରକ୍ଷା ଦିଏ। ଚିମିନି ଧୂଆଁର ଦୁର୍ଗନ୍ଧକୁ ମୋ ସହରର ସବୁଜିମା ସବୁବେଳେ କୋଳେଇ ନେଇଛି। ସୁଖ ଶାନ୍ତିରେ ବଞ୍ଚିବାର ରାହା ଦେଇଛି ଘର୍ଘର ଗର୍ଜୁଥିବା ଇସ୍ପାତ କାରଖାନା। ଶୋଷିଲା ମଣିଷଙ୍କ ମୁହଁରେ ଅମୃତ ତୁଲ୍ୟ ବ୍ରାହ୍ମଣୀର ଧାର, ବ୍ୟାସ ପୀଠର ଐତିହ୍ୟ, ପରମ୍ପରା ମହାନ କରିଛି ଏ ମାଟିକୁ। ସବୁଜିମାରେ ହସୁଥିବା ମୋ ରାଉରକେଲାର ସଙ୍କଟହାରୀ ସଙ୍କଟମୋଚନ ସବୁବେଳେ ଉପରେ। ଆମେ ତଳ ମଣିଷ ଖୁବ ସୁଖ ଶାନ୍ତିରେ ବଞ୍ଚିଛୁ। ଖୁବ ଭଲ ଲାଗେ ସୁନ୍ଦରଗଡ଼ ଓ ଷ୍ଟିଲ ସିଟିର ରୂପ ଲାବଣ୍ୟ। ଏଠାକାର ବଣ ପାହାଡ଼, ଖଣି, ପାଣି, ମାଟି ବାଲି ସବୁ ମୋ ପାଇଁ ଅମୂଲ୍ୟ ସମ୍ପଦ। ଏ ସହରରେ ବସବାସ କରୁଥିବା ଲୋକେ ଜାତି, ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀରେ ବିଶ୍ୱାସ କରନ୍ତିନି। ମାନବିକତା ହେଉଛି ଏଠି ବଡ଼ ଧର୍ମ। ସେବା ଶୃଙ୍ଖଳା ଓ ପରୋପକାର ଭଳି ଅନ୍ତର୍ନିହିତ ଗୁଣ ସହ ଅସହାୟକୁ ସହାୟ ହେବା, ଦୁର୍ଦ୍ଦିନରେ ଅଯାଚିତ ଭାବେ ବହୁ ହାତ ଲମ୍ବି ଆସିବା ଦେଖିଛି ଏ ସହରବାସୀଙ୍କଠାରେ। ସେଇଥିପାଇଁ ତ ଅବସର ପରେ ବି ଏ ମାଟିକୁ ତ୍ୟାଗ କରିପାରୁନି। ଷ୍ଟିଲ ସିଟିର କଳା, ସଂସ୍କୃତି, ସାହିତ୍ୟ ଓ ମୌଳିକ ପରମ୍ପରା ଗାଁରୁ ଆସି ଏଠି ଡାଳ ମେଲିଛି। ସମଷ୍ଟିଗତ ଜୀବନ ବେଶ ବୋଧଗମ୍ୟ ଏଠି। ସମ୍ପର୍କର ସେତୁ ଉପରେ ଠିଆ ହୋଇ ସବୁବେଳେ ହସୁଥିବା ମଣିଷଙ୍କ ମେଳରେ ମୁଁ ରହିଥାଏ। ଏମିତି ଏ ସହରକୁ ପାଖରୁ ଦେଖୁଥାଏ, ଏତିକି କାମନା।

## ଫଟୋରେ ଖବର



ଦୀପାବଳି ଲାଗି ଦୀପକୁ ରଙ୍ଗ ଦେଇ ରୋଜଗାର ଆଶାରେ ଜଣେ କାରିଗର।



ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଓଡ଼ିଶା ଏକାଦଶ, ନ୍ୟୁ ସାଉଥ୍ ୱେଲସ୍ ଟିମର ଖେଳାଳିଙ୍କ ସହ ପାନପୋଷ କ୍ରୀଡା ଛାତ୍ରାବାସର ଅନ୍ତେବାସୀ।

## ସଂକ୍ଷେପରେ

### ଭାଜପା ଯୁବ ନେତା ଗଣେଶ ମହାଲିଙ୍ଗଙ୍କ ଅକାଳ ବିୟୋଗ

**ସୁନ୍ଦରଗଡ , ୩।୧୧ (ଡି.ଏନ୍.ଏ.)-** ସୁନ୍ଦରଗଡର ଜଣାଶୁଣା ଭାଜପା ଯୁବନେତା ଗଣେଶ ମହାଲିଙ୍ଗଙ୍କ ଶୁକ୍ରବାର ରାତିରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୧ବର୍ଷ ବୟସ ହୋଇଥିଲା। ତାଙ୍କର ଅକାଳ ବିୟୋଗରେ ପରିବାର ବର୍ଗ ବନ୍ଧୁପରିଜନ ଓ ଜିଲା ବ୍ୟାପୀ ଦଳୀୟ କର୍ମୀ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାଲିଙ୍ଗ ଭାଜପା ଦଳପାଇଁ ସମର୍ପିତ ଭାବେ କାର୍ଯ୍ୟକରି ଜିଲା ଯୁବମୋର୍ଚ୍ଚା ସଭାପତି, ଜିଲା ଭାଜପା ସାଧାରଣ ସମ୍ପାଦକ ଓ ଜିଲା କାର୍ଯ୍ୟକାରିଣୀ କମିଟିର ସଭ୍ୟ ତଥା ଦଳର ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଅବିବାହିତ ରହି ନିଜର ନୀତି, ଆଦର୍ଶ ଓ ଉତ୍ତମ ବ୍ୟବହାରରେ ଲୋକଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ଅକାଳ ବିୟୋଗର ଖବର ପ୍ରଚାରିତ ହେବା ପରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର, ପୂର୍ବତନ ଜିଲା ସଭାପତି ସହଦେବ ଖାଖା, ନଗର ମଣ୍ଡଳ ସଭାପତି ଯଶୋବନ୍ତ ନାଏକ, ଜିଲା ଯୁବ ମୋର୍ଚ୍ଚା ସଭାପତି ଆଶୀଷ ପଟେଲ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀର ମେନ ରୋଡରୁ ବାହାରି ସୁନ୍ଦରଗଡ ସରସ୍ୱତୀ ଶିଶୁ ମନ୍ଦିର, ବନବାସୀ କଲ୍ୟାଣ ଆଶ୍ରମ ଆଦି ପରିକ୍ରମା ପରେ ଜିଲା କାର୍ଯ୍ୟାଳୟ ଠାରେ ରଖାଯାଇଥିଲା। ଦଳୀୟ ନେତୃବୃନ୍ଦ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ସ୍ଥାନୀୟ ଇବ୍ ନଦୀକୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଏବିଇଓଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ଲେଫ୍ରିପଡା,୩।୧୧(ଡି.ଏନ.ଏ)-** ଲେଫ୍ରିପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଏବିଇଓ ଫକୀର ମୋହନ ଚୌଧୁରୀ ଚାକିରୀରୁ ଅବସର ଉପଲକ୍ଷେ ଶୁକ୍ରବାର ସରୁଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟରେ ବିଦାୟୀକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦିତ କୁମାର ପଟେଲ ସଭାପତିତ୍ୱ କରିଥିଲେ। ବ୍ଲକ୍ ଶିକ୍ଷାଅଧିକାରୀ ହରେକୃଷ୍ଣ ପୁରୋହିତ ଯୋଗଦାନ କରି ଏବିଇଓଙ୍କ ସହ ଚାକିରୀ କାର୍ଯ୍ୟକାଳରେ ବିତିଥିବା ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ଗିରିଙ୍ଗକେଲା କେସିପି ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ମିଶ୍ର ଯୋଗଦେଇ ବିଦାୟୀ ଏବିଇଓଙ୍କ ଗୌରବମୟ ଜୀବନକୁ ବର୍ଣ୍ଣନା କରିଥିଲେ। ଅନ୍ୟତମ ଏବିଇଓ ବିଦ୍ୟାଧର ମହାଲିଙ୍ଗ, ଭାଲେରିଆ ମିଞ୍ଜ, ଜୟରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମଣୀ ପଟେଲ, ବିଦାୟୀ ଏବିଇଓଙ୍କ ସ୍ତ୍ରୀ ନବୀନା ଚୌଧୁରୀ ଯୋଗଦାନ କରି ମଞ୍ଚାସୀନ ହୋଇଥିଲେ। ଲେଫ୍ରିପଡା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଯୁବରାଜ ସା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସିପିଜିପି ଉଚ୍ଚବିଦ୍ୟାଳୟର ଶିକ୍ଷକ ଦିଲୀପ ପଟେଲ ଧନ୍ୟବାଦ ଦେଇଥିଲେ।





ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱଚ୍ଛତାର ବାର୍ତ୍ତା ଦେଉଛନ୍ତି। ହେମଗିର ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା କୁଆଁରମୁଣ୍ଡା ବ୍ଲକ କୁମଝରିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଅତିଥିଙ୍କ ଗହଣରେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ସଚେତନତାର ବାର୍ତ୍ତା

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮
- ୧୭ ବ୍ଲକରୁ ୫୧୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ
- ସାଂସ୍କୃତିକ କାର୍ଯ୍ୟକ୍ରମରେ କୁମଝରିଆ ସ୍କୁଲ ପ୍ରଥମ
- ଅତିଥି କହିଲେ ଦୃଢ଼ ଆତ୍ମବିଶ୍ୱାସ ସଫଳତା ଆଣେ
- ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଯିବେ

**ସୁନ୍ଦରଗଡ଼, ୩।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮ ଶନିବାର ଜିଲା ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଏହି ମହୋତ୍ସବକୁ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବରେ ଜିଲାର ୧୭ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା ୫୧୦ ଜଣ ପ୍ରତିଯୋଗୀ ହସ୍ତକଳା, ଚିତ୍ର କଳା, ପେଣ୍ଟିଂ, ବିତର୍କ, ନୃତ୍ୟ, ସଙ୍ଗୀତ ଆଦି ୧୭ଟି ବିଷୟରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁଡୁଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଛାତ୍ରଜୀବନକୁ ସ୍ମରଣ କରି ଆଜିର ଛାତ୍ରୀଛାତ୍ର ଭାଗ୍ୟବାନ ପିଲା ବୋଲି କହିଥିଲେ। ସେମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସୁରଭି କାର୍ଯ୍ୟକ୍ରମ ଏକ ସଫଳ ପ୍ରୟାସ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ସୁରଭି ବୋଲି ନାମକରଣର ଯଥାର୍ଥତାକୁ ବର୍ଣ୍ଣନା କରି ବଣମଧ୍ୟରେ ଫୁଟିଥିବା ବଣମଲ୍ଲୀର ସୁବାସ ସହିତ ତୁଳନା କରି ଛାତ୍ରୀଛାତ୍ରମାନଙ୍କୁ ଆତ୍ମବିଶ୍ୱାସୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ଓ ଧୈର୍ଯ୍ୟ ହିଁ ମଣିଷକୁ ସଫଳତା ଆଣିଦେଇଥାଏ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି , ଅତିରିକ୍ତ ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଶିବଶଙ୍କର ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ସମସ୍ତେ ବିଜେତା ବୋଲି ମନେକରି ଭବିଷ୍ୟତରେ ନିଜ ପ୍ରତିଭାର କିଭଳି ଆହୁରି ବିକାଶ ହେବ ସେ ଦିଗରେ ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ରାଣୀଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଜିଲା ଅନ୍ତନିବେଶି ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗୀତ, ନାଟକ ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ବ୍ଲକ କୁମଝରିଆ ଉଚ୍ଚ ବିଦ୍ୟାଳୟ ପ୍ରଥମ, ହେମଗିର ମାଣିକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ରାଜଗାଙ୍ଗପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଡିଭାଇନ ଲାଇକ୍ ଏକାଡେମୀ ହାଇସ୍କୁଲର ସତ୍ୟପ୍ରକାଶ ମିଶ୍ର, ଲେଫ୍ରିପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭୂମିକା ପଟେଲ, ଏଲ୍‌ଡି ହାଇସ୍କୁଲ ସଦରର ସୁମିତ୍ରା ନାଏକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ପ୍ରବନ୍ଧରେ ମାଣିକେଶ୍ୱରୀ ହାଇସ୍କୁଲର ସୁବାସ କୁଣ୍ଡ ପ୍ରଥମ, ଲାଠିକଟା ସରକାରୀ ହାଇସ୍କୁଲର ଅଶୋକ ଓରାମ ଦ୍ୱିତୀୟ ଏବଂ ଲେଫ୍ରିପଡା ସିପିଜିପି ଉଚ୍ଚ ବିଦ୍ୟାଳୟ ଚନ୍ଦନ ପୋଢ ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରକୁ ଯିବେ। ଉଜ୍ଜଳା କାର୍ଯ୍ୟକ୍ରମରେ ଓଡିଶାରୁ ପ୍ରତିନିଧିତ୍ୱ କରି ବମ୍ବେଠାରେ ଯୋଗଦେଇ ଫେରିଥିବା ହେମଗିର ବ୍ଲକ କୁଣ୍ଡ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ସୁଆରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡଃ ଦୀପକ ଦାସ, ସୁସ୍ମିତା ନାଏକ, କବିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ, ରନର୍ସ ଅପ୍ ଟିମ୍ ସହିତ ଆୟୋଜକ କ୍ଲବର ସଦସ୍ୟ।

## ବିଜାଡିହି ଫୁଟବଲ ଟୁର୍ନାମେଣ୍ଟ : ଘୁମୁଣ୍ଡାକୁ ହରାଇ ବିରବିରା ଚାମ୍ପିୟନ

**ବଡ଼ଗାଁ, ୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ବିଜାଡିହି ଗ୍ରାମରେ ସ୍ଥାନୀୟ ବଜରଙ୍ଗ କ୍ଲବ ଦ୍ୱାରା ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପଞ୍ଚ ଦିବସୀୟ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବିରବିରା ଗ୍ରାମର ଜୟ ମା' ଦୁର୍ଗା କ୍ଲବ ଓ ଘୁମୁଣ୍ଡା ଗ୍ରାମର ବିଏନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିରବିରା ଟିମ ୪–୦ ଗୋଲରେ ଘୁମୁଣ୍ଡାକୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗେଶ ସିଂ ମୁଖ୍ୟ ଅତିଥି ଓ ସଦର ବ୍ଲକ ଚେୟାରମ୍ୟାନ ଅଶ୍ୱିନୀ ପଟେଲ, କୁଲଟା ସମିତି ସଭ୍ୟା ପୁଷ୍ପଲତା ପଟେଲ, ପୂର୍ବତନ ସଦର (ଖ) ଜିଲା ପରିଷଦ ସଭ୍ୟା ବୈଦେହୀ ବାଗ, ଆୟୋଜକ କ୍ଲବର ସଭାପତି ବୁଲୁ ପୃଷେଟ, ସମ୍ପାଦକ ସୁନିଲ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ, ରନର୍ସ ଅପ୍ ଦଳକୁ ଖାସି ସହିତ ସିଲ୍ଡ, ତୃତୀୟ ସ୍ଥାନ ପାଇଥିବା ସଦର ବ୍ଲକ ଅନ୍ତର୍ଗତ ସାଲେପାଲି, ଚତୁର୍ଥ ସ୍ଥାନ ପାଇଥିବା ତାଲଡିହି ଟିମକୁ ବୋଦା ସହିତ କପ୍ ପ୍ରଦାନ କରାଯାଇଥିଲା। ରମେଶ ଚନ୍ଦ୍ର ମାଝି, କର୍ମୁ କିଷାନ ଓ ଦିଲୀପ କୁମ୍ଭାର ଖେଳ ପରିଚାଳନା କରିଥିବାବେଳେ କିଶୋର ଚନ୍ଦ୍ର ନାଏକ ଧାରାବିବରଣୀ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୪୦ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ୫ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଲଟା ପଞ୍ଚାୟତ ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ନାଏକ ଅତିଥି ଭାବେ ଯୋଗଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ୩ଚକିଆ ସାଇକେଲ ପ୍ରଦାନ

**କୁଆଁରମୁଣ୍ଡା, ୩।୧୧ (ଡି.ଏନ.ଏ)** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ଶୁକ୍ରବାର ଅପରାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଭୂମେଶ ଚନ୍ଦ୍ର ବେହେରା ଜଣେ ମହିଳା ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ ଓ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଉକ୍ତ ମହିଳା ଜଣଙ୍କ ପ୍ରତାପପୁର ପଞ୍ଚାୟତର ଭାଲୁଲତା ଗ୍ରାମର ଗଜାକୋନା ବସ୍ତିର ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ନାଏକ ସୂଚନା ଦେଇଛନ୍ତି। ଏହି ୩ ଚକିଆ ସାଇକେଲ ପ୍ରଦାନ ସମୟରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, ଏବିଡିଓ ଭବାନୀଶଙ୍କର ପାଢୀ, ବିଏସ୍‌ଏସ୍‌ଓ ସୁନିଲ ନାଏକ, ପିଇଓ ଦେବବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**Cancellation Notice**
**of**
**Bid Identification No. CCE, KIP(KCD)-02/2018-19 of**
**e PROCUREMENT NOTICE NO. CCE, KIP-03/2018-19 (Online)**

**No.703-A:-** The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

**Sd./- Chief Construction Engineer,**
**Kanupur Irrigation Project, Basudevpur**
32012/11/0016/1819

**Bhubaneswar Smart City Limited**
**Block-1, II-Floor, BMC-Bhawani Mall,**
**Bhubaneswar-751007**
No. 5458 Date: 02.11.2018

**Corrigendum to Tender Call Notice Vide bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

*Sd./- Chief Executive Officer*
*Bhubaneswar Smart City Limited*
13070/11/0035/1819

**NOTIFIED AREA COUNCIL, PURUSHOTTAMPUR (GM.)**
**Email: purushottampurnac@gmail.com, Ph. No. 06811-275333**
Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*

**Odisha State Medical Corporation Limited (OSMC)**
Assuring Quality, Saving Lives
**In front of Ram Mandir, Convent Square, Unit – III,**
**Bhubaneswar -751 001**
**Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**
**Date: 02.11.2018**

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments)<br>09.11.2018, 3 PM (Glucometer)<br>**Venue:** Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| | | Start Date & Time | End Date & Time |
| 3. | Date & time of Online bid submission | 15.11.2018, 3 PM (Plastic Surgery & Glucometer)<br>16.11.2018, 3 PM (Warehouse Equipments) | 30.11.2018, 5 PM (Warehouse Equipments)<br>01.12.2018, 5 PM (Glucometer)<br>03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments)<br>05.12.2018 11 AM (Glucometer)<br>07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

**Sd./-**
**Managing Director**
**OSMC Ltd., Odisha**
10112/11/0046/1819

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

*Sd./- Dr. Siva Prasad Padhi*
*Chief District Medical &*
*Public Health Officer, Rayagada*
10035/11/0018/1819

**DIRECTORATE OF SECONDARY EDUCATION**
**6th Floor, Heads of Departments Building, Unit-V, Bhubaneswar, 751001**
Email: dseorissaedn@yahoo.com
53-N

**REQUEST FOR PROPOSALS (RFP)**

Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*



“ ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ’



## ସଂକ୍ଷେପରେ

### ଜଙ୍ଗଲ ମହାସଂଘର ରେଞ୍ଜ ଅଫିସ ଘେରାଉ ନିଷ୍ପତ୍ତି

ମୋହନଗିରି,୩।୧୧(ଡି.ଏନ୍.ଏ)
କଳାହାଣ୍ଡି ଜିଲା ମ. ରାମପୁର ବ୍ଲକରେ ଥିବା ୩୩ଟି ବନ ସୁରକ୍ଷା ସମିତି ପକ୍ଷରୁ ମ. ରାମପୁରସ୍ଥିତ ଉତ୍ତର ବନ ଖଣ୍ଡ ରେଞ୍ଜ ଅଫିସ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆନ୍ଦୋଳନର ନେତୃତ୍ୱ ଜଙ୍ଗଲ ସୁରକ୍ଷା ମହା ସଂଘ କମିଟି ସଭାପତି ପ୍ରକାଶ ମାଝି, ସମ୍ପାଦକ ଶୁକ ଦେବ ସାହୁ ପ୍ରମୁଖ ନେଇଛନ୍ତି। ସଂଘର ଅଭିଯୋଗ ମୁତାବକ, ଜଙ୍ଗଲ ସୁରକ୍ଷା ଦିଗରେ ସରକାରୀ ଅବହେଳା କରୁଛନ୍ତି। ଏପରି କି କାର୍ଯ୍ୟକାରୀ ହେଉଥିବା ଆମ ଜଙ୍ଗଲ ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ଅଟକଳ କିମ୍ବା ଖର୍ଚ୍ଚର କୌଣସି ତଥ୍ୟ ବନ ସୁରକ୍ଷା କମିଟିକୁ ଅବଗତ କରାଯାଉ ନାହିଁ। ଏହାର ପ୍ରତିବାଦ ସ୍ୱରୁପ ରେଞ୍ଜ ଅଫିସ ଘେରାଉ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମହସଂଘ ପକ୍ଷରୁ କୁହାଯାଇଛି।

{ ଆଜି କ’ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ଭବାନୀପାଟଣାରେ ମେଗା ଡାକମେଳା

ଭବାନୀପାଟଣା, ୩।୧୧ (ଡି.ଏନ୍.ଏ.)

ଭାରତୀୟ ଡାକ ବିଭାଗ ତଥା କଳାହାଣ୍ଡି ଡାକ ମଣ୍ଡଳ ପକ୍ଷରୁ ଶନିବାର ଡାକମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭବାନୀପାଟଣା ସଭାଗୃହରେ ଡାକ ଅଧୀକ୍ଷକ ପଦ୍ମନାଭ ଦାସଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମେଳା ମେୟର ବ୍ରହ୍ମପୁର ଡାକ ପରିମଣ୍ଡଳଙ୍କ କାର୍ଯ୍ୟାଳୟ ସହ ନିର୍ଦ୍ଦେଶକ ଅନ୍ତର୍ଯାମୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଡାକ ନୀରକ୍ଷକ ବାରିପଡ଼,(ପୂର୍ବ) ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ନୀଳମଣି ଜାନୀ, ମୋହନ ସୁନା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅତିଥିମାନେ ଡାକ ବିଭାଗର ସମସ୍ତ ସେବା କିପରି ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେନେଇ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ଏପରି କି ଡାକ କର୍ମଚାରୀ ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବାକୁ କହିଥିଲେ। କଳାହାଣ୍ଡି ଡିଜିଜନଙ୍କୁ ଆର୍ଥକ ବର୍ଷ ୨୦୧୮-୧୯ରେ ଦିଆଯାଇଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମେଳାରେ ପିଏଲ୍ଆଇ(ଡାକ ବିଭାଗ ବୀମା), ଆର୍‌ପିଆଇ(ଗ୍ରାମୀଣ ଡାକ ଜୀବନ ବୀମା) କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୀତାମ୍ବର ବିଶ୍ୱାଳ ବ୍ରାଞ୍ଚ ପୋଷ୍ଟ ମାଷ୍ଟର କୁଣ୍ଡାବନ୍ଧ ଏବଂ ପ୍ରତାପ ରାଉତ୍ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଚଲନା, ଆରତି ପୃଷ୍ଟି ସବ୍ ପୋଷ୍ଟ ମାଷ୍ଟର ବୋର୍ଡା, ପ୍ରମୋଦ ନାଗ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଦାସିଗାଁ (କଲମପୁର)ଙ୍କୁ ସମ୍ମାନୀତ କରାଯାଇଥିଲା। ସଭାରେ କଳାହାଣ୍ଡି ଏବଂ ଅବିଭକ୍ତ ନୂଆପଡ଼ା ଜିଲାର ସମସ୍ତ ସବ୍ ପୋଷ୍ଟମାଷ୍ଟର, ଗ୍ରାମୀଣ ଡାକ ସେବକ, ପୋଷ୍ଟ ମ୍ୟାନ, ଓଭରସିୟର (ମେଲ) ଯୋଗ ଦେଇଥିଲେ । ଡାକ ମେଳାରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜୀବନ ବୀମା ପ୍ରିମିୟମରାଶି ଏବଂ ୧୪୦୦ ନୂଆ ଏସ୍‌ବିଆର୍‌ଡି ଆକାଉଣ୍ଟ ସହ ୪୬୪ଟି ସୁକନ୍ୟା ଆକାଉଣ୍ଟ ଖୋଲାଯାଇଥିଲା। ସଭାକାର୍ଯ୍ୟକୁ ଆରତି ପୃଷ୍ଟି ଏବଂ ସୌମ୍ୟରଞ୍ଜନ ନାଏକ ପରିଚାଳନା କରିଥିବା ବେଳେ ସୁଜିତ କୁମାର ମହାନ୍ତି, ଅମିତ୍ କୁମାର ଜେନା, ଆଶିଷ କୁମାର ନାଏକ, ବିଭୂତି ଭୂଷଣ ନାୟକ, ସୁଦାମ ଚରଣ ସାହୁ, ଲିଙ୍ଗରାଜ୍ ବାରିକ, କୈଳାସ ଚନ୍ଦ୍ର ପୂଝାରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଧର୍ମଗଡ ସବ୍‌ଡିଭିଜନ୍ ଡାକ ନିରୀକ୍ଷକ ସୁଶାନ୍ତ କୁମାର ବିଁଶି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ଜଣେ ମହିଳା କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

- ଉଲ୍ଲେଖନୀୟ ଅବଦାନ ପାଇଁ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ
- ସମସ୍ତ ସେବା ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ନିବେଦନ
- ୪୬୪ ସୁକନ୍ୟା ଆକାଉଣ୍ଟ ଖୋଲାଗଲା

# ଜିଲା କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଭବାନୀପାଟଣା,୩।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଗଠନ ଦିବସ-୨୦୧୮ ପାଳନ ଅବସରରେ ଚାଲିଥିବା ଜିଲା କ୍ରୀଡ଼ା ଉତ୍ସବ ବନ୍ଧୁକ ଚାଳଣା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଟେନିସ ପଡିଆରେ ଏହି ପ୍ରତିଯୋଗୀତା ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା । ଏଥିରେ ୫୬ପୁରୁଷ ଓ ୫ ମହିଳା ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସିନିୟର ବିଭାଗରେ ପ୍ରମୋଦ କୁମାର ସିଂଦେଓ ପ୍ରଥମ, ରବୀନ୍ଦ୍ର କୁମାର ମିଶ୍ର ଦ୍ୱିତୀୟ, କେ.ଭି ଦେଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ବିଭାଗରେ ଅମର ଜ୍ୟୋତି ମିଶ୍ର ପ୍ରଥମ, ସୁମିତ୍ରା ଚୌଧୁରି ଦ୍ୱିତୀୟ, ଯୋଗେନ୍ଦ୍ର ରାଉତ ତୃତୀୟ ସ୍ଥାନ ଲାଭ କରିଥିଲେ। ମହିଳା ବିଭାଗରେ ସାଇଶିତଲ ନାୟକ ପ୍ରଥମ, ପୂଜା କୋର ଦ୍ୱିତୀୟ, ସୁଜାତା ସଂଦେଓ ତୃତୀୟ ସ୍ଥାନ ଅଂଶ ଗ୍ରହଣ କରିଥିଲେ। ସେହିପରି ୧୮ ବର୍ଷରୁ ଉର୍ଦ୍ଧ୍ୱ ବିଭାଗରେ ରାଜ କିଶୋର ସିଂଦେଓ ପ୍ରଥମ, ଶୁଶିଲ ମହାନନ୍ଦ ଦ୍ୱିତୀୟ, ସରୋଜ ସିଂଦେଓ ତୃତୀୟ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପିଡିଡିଆର୍‌ଡିଏ ପ୍ରଶନ୍ନ ଷଡଙ୍ଗୀ, ଏଡିଏମ୍ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ଜଗମୋନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶୁନିଲ କୁମାର ବେହେରା, ରବୀନ୍ଦ୍ର ମିଶ୍ର, ଭିମସେନ ସାହୁ ପରିଚାଳନା କରିଥିଲେ।



ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ପ୍ରାଦେଶିକ, କ୍ଷେତ୍ରୀୟ ଜ୍ଞାନ ବିଜ୍ଞାନ ମେଳା

ଭବାନୀପାଟଣା,୩।୧୧(ଡି.ଏନ୍.ଏ.)

ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପ୍ରାଦେଶିକ ଓ କ୍ଷେତ୍ରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଜିଲା ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧର ମୁଖ୍ୟଅତିଥି ଭାବେ ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶିକ୍ଷା ବିକାଶ ସମିତି ସମ୍ପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. କିଶୋର ଚନ୍ଦ୍ର ମହାନ୍ତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ମାର୍ଗ ଦର୍ଶନ କରିଥିଲେ। ସଭାପତି ଡା. ବିନାୟକ ଦାସ ବିଜ୍ଞାନର ଉପକାରୀତା ସମ୍ପର୍କରେ କହିଥିଲେ। ଦକ୍ଷିଣ ସମ୍ଭାଗ ସଂଯୋଜକ ବିଶ୍ୱମ୍ଭର ଦ୍ୱାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ଭାରତୀ ସହ ସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷା ବିକାଶ ସମିତି ଓଡିଶାର ସଭାପତି ଡ.ବିନାୟକ ଦାଶ, ସହ ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ଓ ଅଧିକାରୀ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଓଡ଼ିଶାର ୯୯୭ବିଦ୍ୟାଳୟର ଚୟନ ୬୫୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବିଜ୍ଞାନ, ଗଣିତ ଓ ସଂସ୍କୃତିବୋଧ ପରି ଯୋଜନା ପ୍ରଶ୍ନ ମଞ୍ଚରେ ୨୭୦ ଜଣ, ପତ୍ରବାଚନରେ ୧୦୦, ବିଜ୍ଞାନ ଓ ଗଣିତରେ ୧୯୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସେହିପରି ଆଚାର୍ଯ୍ୟ ପତ୍ର ବାଚନରେ ୨୭ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଥିଲେ । ଜ୍ଞାନ ବିଜ୍ଞାନ ମେଳାରେ ସୁପରିଚାଳନା ନିମନ୍ତେ ୪୫ ଜଣ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା, ୨୫ ପରିଚାଳକ ଓ ୬୦ ବିଶେଷଜ୍ଞ ସହାୟତା କରିଥିଲେ। ଭବାନୀପାଟଣାର ୧୨୦ ଗୁରୁମା ଗୁରୁଜୀଙ୍କ ସମେତ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା, ସେବକ ସେବିକା ମେଳାରେ ସମସ୍ତ ବ୍ୟବସ୍ଥାକୁ ସୁପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶିଶୁ ମହୋହୋତ୍ସବ ସୁରଭି

ଭବାନୀପାଟଣା ୩।୧୧ (ଡି.ଏନ୍.ଏ.)

ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଓ ମଧ୍ୟାହ୍ନ ଭୋଜନ ସଚେତନତା ମେଳା- ୨୦୧୮ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଅନ୍ୟତମ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ, ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀ ସୁଧାଶୁଂବାଳା ଦେବୀ, ସର୍ବଶିକ୍ଷା ଅଭିଯାନର ଏଫ୍.ସି ସାଧୁ ଶରଣ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜିଲାର ୧୩ଟି ବ୍ଲକରୁ ୬୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୪ରୁ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ ଯୋଗଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ କଳାହାଣ୍ଡି ଜିଲା ଏସ୍‌ପି ବାତୁଲା ଗଙ୍ଗାଧର ମୁଖ୍ୟଅତିଥିଭାବେ ଯୋଗଦେଇଥିଲା ବେଳେ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଡିଆର୍‌ଡିଏ ପିଡି ପ୍ରସନ୍ନ କୁମାର୍ ଷଡଙ୍ଗୀ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ମିଲକୀ ଅଞ୍ଚଳକୁ ମରୁଡି ଘୋଷଣା ଦାବିରେ ରାସ୍ତାରୋକୋ

ଭବାନୀପାଟଣା,୩।୧୧(ଡି.ଏନ୍.ଏ.)

ଭବାନୀପାଟଣା ସଦର ବ୍ଲକ ମିଲକୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଚକଡା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, କୃଷି ଋଣ ଛାଡ, ଜମିକୁ ଜଳସେଚନ ଦାବିରେ ଚାଷୀମାନେ ଶନିବାର ଭବାନୀପାଟଣା- ଖଡିଆଳ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ସକାଳ ୮ଟାରୁ ଜାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏନେଇ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ମିଲକୀ ଅଞ୍ଚଳର ବୋର୍ଡା, ମାଟିଆ, ମାଡିଗୁଡା, ସେପୁର, ବୋରଭଟା, କେନ୍ଦୁପାଟି, ଗୁର୍ଜୁଙ୍ଗ, ଡୁମୁରିଆ, ସିକୁଆଁ, ଅର୍ତ୍ତଲ, ପଲନା ପ୍ରଭୃତି ୧୩ଟି ପଞ୍ଚାୟତରେ ଶତାଧିକ ହେକ୍ଟର ଜମିରେ ଚକଡା ପୋକ ଲାଗି ଫସଲ ନଷ୍ଟ ହୋଇଥିବା ବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମରୁଡି ପରିସ୍ଥିତି ଦେଖାଦେଇଛି। ଏନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷେ ଫସଲ ହାନୀଯୋଗୁ ମାଦିଗୁଡ଼ା ଗ୍ରାମର ଚାଷୀ ବାହାଦୂର ରଣା ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ ନିଷ୍ପତ୍ତି ନିଆଯାଇଥିଲା। ଜିଲାପରିଷଦ ସଦସ୍ୟା ପିଙ୍କି ସାହୁଙ୍କ ନେତୃତ୍ୱରେ ସଦର ବ୍ଲକ ଅଧକ୍ଷା ସନ୍ତୋଷୀ ଦାସ, ସେପୁର ସରପଞ୍ଚ ରାଜେସ ପ୍ରସାଦ ସାହୁ, ମାଦିଗୁଡା ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ଆଶିଷ ସାହୁ, ସାନନ୍ଦ ସିନ୍ଧୂର, ବିବିଷଣ ସାହୁ, ରୁସନଲାଲ ଛତର, ଅଶ୍ୱିନକୁମାର ଭୋଇ, ପାଣ୍ଡବ ମାଝି, ଅଶ୍ୱିନ କୁମାର ପ୍ରଧାନ, ଅୟକ କୁମାର ଭୋଇ, ବିଘ୍ନରାଜ ଗହିର, ଦୟାନିଧି ନାଏକ, କୋଦଣ୍ଡ ମହାନନ୍ଦ, ପରମାନନ୍ଦ ଚିନ୍ଦା ପ୍ରମୁଖ ଚାଷୀଙ୍କ ସମସ୍ୟାର ସମାଧାନ ଦାବି କରି ରାସ୍ତାରୋକୋ କରିଥିଲେ। ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ଲଳିତ ବାଗ, ସଦର ଏସ୍‌ଡିପିଓ ବିରଞ୍ଚିନାୟଣ ବେହୁରି ପହଞ୍ଚି ଅଞ୍ଚଳର ୧୧ଟି ପଞ୍ଚାୟତରେ କ୍ଷେତ୍ର ପ୍ରଦର୍ଶନ ସହ ଏକ ସପ୍ତାହ ମଧ୍ୟରେ କ୍ଷୟକ୍ଷୟତି ଆକଳନ କରାଯାଇ ବିହିତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ଚାଷୀମାନେ ଶନିବାର ଭବାନୀପାଟଣା-ଖଡିଆଳ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଭବାନୀପାଟଣା,୩।୧୧(ଡି.ଏନ୍.ଏ.)

**ଚାଷୀଙ୍କ ସମସ୍ୟାର ସମାଧାନ ଦାବି**

ପଛୁଆ ଅଞ୍ଚଳ ବିକାଶ ସଂଗ୍ରାମ ପରିଷଦ କଳାହାଣ୍ଡି ପକ୍ଷରୁ ଚାଷୀଙ୍କ ୪ ଦଫା ଦାବି ନେଇ ଆସନ୍ତା ୯ ତାରିଖରେ ପାଷ୍ଟିକୁଡିଠାରୁ ଭବାନୀପାଟଣା ପର୍ଯ୍ୟନ୍ତ ଏକ ବିଶାଳ ଚାଷୀ ପଦଯାତ୍ରା ଅନୁଷ୍ଠିତ ହେବ। ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କଳାହାଣ୍ଡି ପଛୁଆ ଅଞ୍ଚଳ ବିକାଶ ସଂଗ୍ରାମ ପରିଷଦ ଅଧକ୍ଷ ସାମନ୍ତ ଖମାରୀ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲାର ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏନେଇ ଚାଷୀଙ୍କ କୃଷି ଋଣ ଛାଡ, ଚକଡା ପୋକ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ, ମାଗଣାରେ କୀଟନାଶକ ପ୍ରଦାନ, ଧାନ ମଣ୍ଡିରେ କଟନି ଛଟନି ବନ୍ଦ କରିବା ଆଦି ଦାବି ନେଇ ଗତ ୩୧ ତାରିଖରେ କେସିଙ୍ଗା ବ୍ଲକର ପିପଲଭାଡିଠାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କେସିଙ୍ଗା, ଭବାନୀପାଟଣା ବ୍ଲକର ପାଷ୍ଟିକୁଡି, ନାସିଗାଁ, ଫଟକାମାଲ, ଗାଏଗାଁ, ଅଧମୁଣ୍ଡା, କିକିଆ, ଲଇତରା, କୁଣ୍ଡାବନ୍ଧ, ଚହଗାଁ, ପଲନା, ଅଡତଲ, ବୋର୍ଡା, କାମଠଣା ଆଦି ପଞ୍ଚାୟତର ଚାଷୀ ଯୋଗ ଦେବା ସହିତ ଏକ ସ୍ମାରକପତ୍ର ରାଜ୍ୟ ସରକାରଙ୍କୁ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ସରକାର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏହାର ପ୍ରତିବାଦ ସ୍ୱରୁପ ସଂଗ୍ରାମ ପରିଷଦ ପକ୍ଷରୁ ୯ ତାରିଖରେ ିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଧକ୍ଷ ଖମାରୀ ପ୍ରକାଶ କରିଛନ୍ତି।

# ମା’ ଦୁଆରମୁଣ୍ଡିଆଣି ଦେବୀଙ୍କ ବାର୍ଷିକ ଦଶରା

କୋକସରା ୩।୧୧(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁଙ୍ଗାଠେଙ୍ଗା ପଞ୍ଚାୟତ ଅଧୀନ ଦର୍ଲିପଡ଼ା ଗ୍ରାମରେ ଅଧିଷ୍ଠାତ୍ରୀ ଦେବୀ ମା’ ଦୁଆରମୁଣ୍ଡିଆଣିଙ୍କ ବାର୍ଷିକ ଦଶରା ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ମା’ଦୁଆରମୁଣ୍ଡିଆଣି ଅଞ୍ଚଳବାସୀଙ୍କୁ ବିପଦରୁ ଉଦ୍ଧାର କରୁଥିବା ନେଇ ଲୋକ ବିଶ୍ୱାସ ରହିଛି। ମା’ ଗଙ୍ଗାମାୟୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦଶରା ଅବସରରେ ରେକର୍ଡ ଡ୍ୟାନ୍ସ ଏବଂ ଘୁମୁରା ପ୍ରତିଯୋଗିତା କାର୍ଯ୍ୟକ୍ରମ ହୋଇଥିଲା। ଡୁଡୁଙ୍ଗାଠେଙ୍ଗା ସରପଞ୍ଚ ସବିତା ବାଣୁଆ, ସମିତି ସଭ୍ୟ ମନୋଜ କୁମାର ଶବର, ଭତରା ସମ୍ପ୍ରଦାୟର ସଭାପତି ଗରୁଡଧ୍ୱଜ ମାଝି, ପୂର୍ବତନ ମହିମା ସରପଞ୍ଚ ଘନଶ୍ୟାମ ନାଏକ, ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, ମହିମା ସରପଞ୍ଚ ଜୟସିଂ ମାଝି ଓ ମୁଖ୍ୟବକ୍ତା ଭାବେ ରଘୁନାଥ ଖମାରି ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମେ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୯ଟି ଦଳ ଯୋଗ ଦେଇଥିଲେ । ପରେ ଘୁମୁରା ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୨ଟି ଦଳ ଯୋଗଦେଇଥିବା ବେଳେ ରାବଣଗୁଡ଼ା ଦଳ ପ୍ରଥମ, ସାରସମାଲ ଦଳ ଦ୍ୱିତୀୟ, ନୁଆଗୁଡା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ମଞ୍ଚ ପରିଚାଳନାରେ ଖଗେଶ୍ୱର ପାଣିଗ୍ରାହୀ, କୁମଦ ଚଣ୍ଡିଙ୍କ ସହ ମା’ ଗଙ୍ଗାମାୟୀ ସାଂସ୍କୃତିକ ଅନୁଷ୍ଠାନ ସଭାପତି ଭରତ ଚନ୍ଦ୍ର ଶବର, ସମ୍ପାଦକ ମଣିରାମ ବାଣୁଆ, ଦୈତାରି ଶବର, ଘାସିରାମ ବାଣୁଆ ପ୍ରମୁଖ ସହଯୋଗ କରିଥିଲେ।



ରେକର୍ଡ ଡ୍ୟାନ୍ସ ଏବଂ ଘୁମୁରା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ୬୦ପୂରି ୭୯ ଛୁଇଁଲା, ବୃଦ୍ଧାବୃଦ୍ଧଙ୍କୁ ମିଳୁନି ଭତ୍ତା

ମୋହନଗିରି,୩।୧୧(ଡି.ଏନ୍.ଏ)

ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ସରକାର ସବୁଠି ବୃଦ୍ଧାବୃଦ୍ଧଙ୍କୁ ୩୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରୁଛନ୍ତି। ଯାହାକି ପରିଣତ ବୟସରେ ଏମାନଙ୍କ ସାହାରା ପାଲଟିଛି । କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁ ଅନେକ ହିତାଧିକାରୀ ଏହି ଯୋଜନାରୁ ବାଦ ପଡିଛନ୍ତି । ନିୟମାନୁସାରେ ୬୦ବର୍ଷ ହେଲେ ଗରିବ ଅସହାୟ ବ୍ୟକ୍ତିଙ୍କୁ ଭତ୍ତା ମିଳିବା କଥା। ହେଲେ ୬୦ରୁ ୭୦ବର୍ଷ ବୟସର ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ଟଙ୍କା ମିଳୁ ନାହିଁ। କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ମୋହନଗିରିର ଶୁଳିଆ ପଠାରେ ରହୁଥିବା ରାମସିଂ ଭୋଇ, ତୁଳସା ଭୋଇ, ବିପ୍ର ମାଝି, ସୁକି ମାଝିଙ୍କୁ ଭତ୍ତା ଟଙ୍କା ମିଳୁ ନ ଥିବା ଜଣାପଡିଛି। ସମସ୍ତଙ୍କ ବୟସ ୭୦ ଛୁଇଁଲାଣି । ହେଲେ ଭତ୍ତା ଟଙ୍କା ପାଇବା ନେଇ ସେମାନେ ଗାଁ ୱାର୍ଡ ମେମ୍ବରଙ୍କଠାରୁ ଆରମ୍ଭ କରି ସରପଞ୍ଚ, ଭିଏଲଡବ୍ଲୁଙ୍କ ସମେତ ବ୍ଲକ ପ୍ରଶାସନ ଅଧିକାରୀଙ୍କୁ ଗୁହାରି କରି ଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ଝାଟି ମାଟି ଘରେ ବସବାସ କରୁଥିବା ଏହି ବୟସ୍କମାନେ ନିହାତି ଗରିବ ଶ୍ରେଣୀର। ଏନେଇ ସେମାନଙ୍କୁ ଭତ୍ତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।



ଭତ୍ତା ପାଇ ନ ଥିବା ବୃଦ୍ଧା ବୃଦ୍ଧ।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଶୁକ୍ଳିମୁଣ୍ଡିରେ କବାଡି ପ୍ରତିଯୋଗିତା

ତରବୋଡ,୩/୧୧(ଡି.ଏନ୍.ଏ.) ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ଗ୍ରାମ ପଞ୍ଚାୟତର ଶୁକ୍ଳିମୁଣ୍ଡି ଗ୍ରାମରେ ଦୁଇ ଦିନିଆ ଆଞ୍ଚଳିକ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି କବାଡି ପ୍ରତିଯୋଗିତାରେ ନୂଆପଡା ଜିଲା ସମେତ ବରଗଡ,ବଲାଙ୍ଗୀର,କଳାହାଣ୍ଡି ଓ ଛତିଶଗଡ ରାଜ୍ୟର ବାଗବାହାରା ଅଞ୍ଚଳରୁ ମୋଟ ୩୦ ଗୋଟି କବାଡି ଦଳ ଭାଗ ନେଇଥିଲେ । ଏହି କବାଡି ପ୍ରତିଯୋଗିତାରେ ଶୁକ୍ଳିମୁଣ୍ଡି ମଶାନପଡା(କ) ପ୍ରଥମ ହୋଇଥିବା ବେଳେ ଶୁକ୍ଳିମୁଣ୍ଡି ମଶାନପଡା(ଖ) ଦ୍ୱିତୀୟ, ଭୁତମୁଣ୍ଡା(ବରଗଡ)ତୃତୀୟ ଓ ଶୁକ୍ଳିମୁଣ୍ଡି ବସ୍ତିରେନ ସତରିଆ ପଡା ଚତୁର୍ଥ ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଧ୍ରୁବଲାଲ ଶବର ଓ ଡୋଲାମଣି ଶବର ଖେଳ ପରିଚାଳନା କରିଥିବା ବେଳେ ସଲିମ ଖାଁ କବାଡି ମ୍ୟାଚ ଅୟୋଜନା କରିଥିଲେ । ଓକାର ସିଂ ମାଝି, ଚିତମନ ଶବର,ପ୍ରସନ୍ନ ଶବର,କମଲ ଶବର,ମହେଦର ଶବର, ରୀନା ଶବର, ଗୋସ ମହମ୍ମଦ ସହଯୋଗ କରିଥିଲେ ।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡା, ୩।୧୧ (ଡି.ଏନ.ଏ)-** କେ.ବଲାଙ୍ଗ ଥାନା ଜାମୁଡିହିର ଏକ ବୁଦୁବୁଦିଆ ଜଙ୍ଗଲରୁ ପୋଲିସ ଶନିବାର ଏକ ମୃତଦେହ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଥିବା ଜଣାଯାଇଛି। ପୋଲିସ ସୂଚନା ଅନୁସାରେ କାଲଟାରେ ରହୁଥିବା କୃଷ୍ଣଚନ୍ଦ୍ର ରାୟ (୪୫) ଗତ ୨୪ ତାରିଖ ବୁଧବାର ହାଟକୁ ଯାଉଛି କହି ଜାମୁଡିହି ଆସିଥିଲେ। ଜାମୁଡିହି ହାଟରୁ ପରିବା କିଣି ଗାଡିରେ ପଠାଇ ଦେଇ ନିଜେ ଯାଇ ନ ଥିଲେ। ପରିବାର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। କିନ୍ତୁ ଜାମୁଡିହି କଣ୍ଟା ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲରୁ ଏକ ମୃତଦେହ ପଡି ଦୁର୍ଗନ୍ଧ ହେଉଥିବା ଜାଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ବଣେଇ ଏସଡିପିଓ ଅବକାଶ ରାଉତରାୟ, କୋଇଡା ତହସିଲଦାର, ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିବା ସହିତ କୃଷ୍ଣଚନ୍ଦ୍ର ରାୟ ପରିବାର ଲୋକ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋଣ୍ଡ ମହାସଭାର ପ୍ରତିନିଧି

ଝାରସୁଗୁଡା ଅଫିସ,୩।୧୧ ଝାରସୁଗୁଡାର ବମ୍ବେ ଛକକୁ ଗୋଣ୍ଡୱାନା ଛକଭାବେ ନାମିତ କରିବା ସମେତ ୨୦ ଦଫା ଦାବି ନେଇ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଝାରସୁଗୁଡା ବମ୍ବେଛକକୁ ଗୋଣ୍ଡୱାନା ଛକ ଭାବେ ନାମିତ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଛି। ତେଣୁ ଏହି ଦାବି ସମେତ ରାଜ୍ୟ ଅନୁସୂଚିତ ଜନଜାତି ଆୟୋଗ ଗଠନ, କେନ୍ଦ୍ର ସରକାର ଗୋଣ୍ଡୱାନା ଗୋଣ୍ଡ ରେଜିମେଣ୍ଟ ଗଠନ କରିବା, ଗୋଣ୍ଡ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବା, ଗୋଣ୍ଡୱାନା ଏକ୍ସପ୍ରେସକୁ ସମ୍ବଲପୁର ଯାଏଁ ସମ୍ପ୍ରସାରଣ କରିବା, ଭୁବନେଶ୍ୱରରେ ଗୋଣ୍ଡ ସମାଜ ଭବନ ଗଠନ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଗୋଣ୍ଡ ସମାଜ ପକ୍ଷରୁ ଦାବି କରାଯାଇଛି।

## ନଭେମ୍ବର ୨୦ରୁ ଆରମ୍ଭ ହେବ ଖରିଫ ଧାନକିଣା

# ଭାଗ ନେବେ ୨୦ହଜାର ଚାଷୀ

**ନୂଆପଡା ଅଫିସ,୩।୧୧**

ବର୍ତ୍ତମାନ ଛୋଟ କିସମର ଧାନ ଅମଳ ହୋଇ ଖୋଲା ବଜାରରେ କମଦରରେ ବିକ୍ରି ଚାଲିଥିବା ବେଳେ ଜିଲା ପ୍ରଶାସନ ତରଫରୁ ସଅଳ ଧାନ କିଣାଯିବାକୁ ପ୍ରସ୍ତୁତି ହୋଇଛି। ୨୦ତାରିଖରୁ ଏହି ଧାନକିଣା ସରକାରୀ ଭାବେ ଆରମ୍ଭ କରାଯିବ। ଜିଲାର ମୋଟ ୨୦ହଜାର ୬୪୫ଜଣ ଚାଷୀ ଭାଗ ନେବେ। ଶନିବାର ପୂର୍ବାହ୍ନ ୧୧ଟାବେଳେ ସ୍ଥାନୀୟ ରାଜୀବ ସେବା କେନ୍ଦ୍ରରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନକିଣା ବୈଠକରେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ହୋତା ଏହା ଜଣାଇଛନ୍ତି। ସେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି କହିଥିଲେ ଯେ, ଜିଲାରେ ଚାଷୀଙ୍କୁ ଠିକ୍ ଭାବେ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯିବ। ୬୦ହଜାର ୭୩୫.୨୯୪ ମେଟ୍ରିକ ଟନ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ଟଙ୍କା ଥିବାବେଳେ ଗ୍ରେଡ ଏ ମାନର ଧାନ ପ୍ରତି କ୍ୱିଣ୍ଟାଲ୍ ପିଛା ୧୭୭୦ଟଙ୍କା ସ୍ଥିରୀକୃତ ହୋଇଥିବା ସେ ସୂଚନା ଦେଇଥିଲେ। ଜିଲାର ମୋଟ ୨୬ ସେବା ସମବାୟ ସମିତିରେ ୬୩ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯିବ ବୋଲି ସହକାରୀ ସମବାୟ ନିବନ୍ଧକ ଲିଙ୍ଗରାଜ ନାଏକ କହିଥିଲେ। ମଣ୍ଡିଗୁଡ଼ିକରେ ଚାଷୀମାନଙ୍କ ପାଇଁ ପାଣି, ଛାଉଣୀ, ଧାନ ଆନାଲିସିସ କିଟ୍ସ, ଟାରପୋଲିନ ଆଦିର ବ୍ୟବସ୍ଥା କରାଯାଇଥିବା ନିୟନ୍ତ୍ରିତ ବଜାର କମିଟୀ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନନ୍ଦ ଅବଗତ କରିଥିଲେ । ଧାନକିଣା ବେଳେ ମିଲର୍ସ ଓ ମିଲର୍ସ ଏଜେଣ୍ଟମାନଙ୍କ ତରଫରୁ ଯେପରି କୌଣସି ବିଶୃଙ୍ଖଳା ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ପ୍ରତିନିଧି ବୈଠକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାଷୀମାନେ କଷ୍ଟୋପାର୍ଜିତ ଧାନକୁ ଠିକ୍ ମୂଲ୍ୟରେ ମୂଲଚାଲ କରିବାକୁ ପ୍ରସ୍ତୁତ ହୋଇଥାନ୍ତି। ହେଲେ ମିଲର୍ସମାନେ କଟନୀ କରି ଶୋଷଣ କରିଥାନ୍ତି ବୋଲି ଅଭିଯୋଗ ଆଣିଥିଲେ।

ବୈଠକରେ ଜିଲାପାଳ ଡା.ପୋମା ଟୁଡୁ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧକ୍ଷା ନମିତା ହୋତା, ଏଏସପି ମହେନ୍ଦ୍ର କୁମାର ପଟେଲ, ବିଧାୟକ ପ୍ରତିନିଧି କମଳେଶ ଦିକ୍ଷୀତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ମୋଟ ୩୦ ମିଲର୍ସଙ୍କ ମଧ୍ୟରୁ ମାତ୍ର ୮ଜଣ ଧାନ କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ୟମାନେ ବକେୟା ଟଙ୍କା ପାଇ ନଥିବାରୁ ଧାନକିଣାରେ ଭାଗ ନେବାକୁ ଅରାଜି ହୋଇଥିଲେ। କିଛି ଦିନ ତଳେ ମିଲର୍ସମାନଙ୍କ ଚାଉଳ ଅନଲୋଡିଂ ବାବଦକୁ ଜଣେ ଠିକାଦାର ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଣୁ ସେମାନେ ଧାନକିଣାରେ ଭାଗ ନେବେ ନାହିଁ ବୋଲି ଏକ ଚେତାବନୀ ପତ୍ର ଦେଇଥିବା ଜଣାଯାଏ । ଏଭଳି ସ୍ଥିତିରେ ମିଲର୍ସମାନେ ସହଯୋଗର ହାତ ବଢାଇବାକୁ ଜିଲାପାଳ ଟୁଡୁ କହିଥିଲେ। ଅପରପକ୍ଷେ, କୌଣସି ଚାଷୀ ନେତାଙ୍କୁ ଡକା ନଯାଇ କେତେଜଣ ସମବାୟ ସମିତିଙ୍କୁ ନେଇ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ କରିଥିବା ଜିଲା କୃଷକ ସଂଘ ସଭାପତି ଘାସିରାମ ମାଝୀ ପ୍ରତିକ୍ରିୟା ରଖିଛନ୍ତି। ଏଣୁ ଧାନକିଣାରେ ଯଦି ବ୍ୟତିକ୍ରମ ଘଟେ, ଜିଲା ବ୍ୟାପୀ ଆନ୍ଦୋଳନ କରାଯିବ ଚେତାବନୀ ଦେଇଛନ୍ତି। ବୈଠକରେ ଜିଲାର ସମସ୍ତ ମିଲର୍ସ, ମିଲର୍ସ ଏଜେଣ୍ଟ, ଯୋଗାଣ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।




ଜିଲାସ୍ତରୀୟ ଧାନକିଣା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

- ୬୦, ୭୩୫.୨୯୪ମେଟ୍ରିକ ଟନ ଧାନକିଣା ହେବ
- ପୁରୁଣାବକେୟା ନମିଳିଲେ ଧାନକିଣିବେ ନାହିଁ ମିଲର୍ସ

## ଲୋକ ସେବକ ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୩।୧୧**

ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଜିଲାପ୍ରଶାସନ ପକ୍ଷରୁ ଲୋକ ସେବକ ଅଧିକାର ଆଇନ ୨୦୧୨ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଜୟଶ୍ରୀ ପାଢୀ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଲୋକ ସେବକ ଅଧିକାର ଆଇନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଉପରେ ଆଲୋଚନା ହୋଇଥିଲା। ଆଇନ ସମ୍ପର୍କରେ ଲୋକେ ସଚେତନ ହୋଇ ନିଜ ଅଧିକାର ସାବ୍ୟସ୍ତ କଲେ ସରକାରଙ୍କ ଆଇନ କାର୍ଯ୍ୟକାରୀ କରିବାର ଲକ୍ଷ୍ୟ ପୂରଣ ହେବ ବୋଲି ବକ୍ତାମାନେ କହିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଣ, ପରିବହନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ନ୍ୟାଶନାଲ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**ନୂଆପଡା ଅଫିସ,୩।୧୧**

ସ୍ଥାନୀୟ ନ୍ୟାଶନାଲ କଲେଜରେ ଏନ୍‌ଏସ୍‌ଏସ୍ ଏବଂ ୱାଇଆର୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ଅଶୋକ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ରାଜନୀତି ବିଭାଗ ଅଧ୍ୟାପକ ସୁରେନ୍ଦ୍ର ମୋହନ ଦାସ, ଇଂଲିଶ ବିଭାଗ ପ୍ରାଧ୍ୟାପକ ସମରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମରେନ୍ଦ୍ର ନାରାୟଣ ଦାସ ସମସ୍ତଙ୍କୁ ସତ୍ୟପାଠ କରାଇଥିଲେ । ଦୁର୍ନୀତି ସମାଜର ସବୁସ୍ତରକୁ ବ୍ୟାପି ଯାଇଛି। ଏହାକୁ ଦୂର କରିବାକୁ ହେଲେ ସଚେତନତାର ଆବଶ୍ୟକତା ରହିଥିବା ଅଧକ୍ଷ ଡ. ପଟ୍ଟନାୟକ ବକ୍ତବ୍ୟରେ କହିଥିଲେ । ବିଶେଷ କରି ଛାତ୍ରୀଛାତ୍ରମାନେ ସଚେତନ ହୋଇ ସମସ୍ତଙ୍କୁ ସଚେତନ କରିବାକୁ ପରାମର୍ଶ ଦେଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ କପିଳ ଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଈଶ୍ୱର ପଟେଲ, ଶୁକଦେବ ଭିଲ, ଶିବ ପ୍ରସାଦ ସା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ବିଆର୍ ଗହୀର ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧପକ ଯୋଗ ଦେଇଥିଲେ।

## ଫଟୋରେ ଖବର



ବିପଦ ସଂକୁଳ ଭାବରେ ରହିଛି ମ. ରାମପୁର ବ୍ଲକ ମୋହନଗିରିଠାରେ ଥିବା କଳିଂଗଙ୍ଗା ବ୍ରିଜ। ବନ୍ୟାରେ ବ୍ରିଜର୍ ଉଭୟ ପାର୍ଶରେ ଥିବା ସୁରକ୍ଷା ବାଡ଼ ଭାଙ୍ଗି ଯାଇଥିଲେ ମଧ ସମ୍ପୃକ୍ତ ପୂର୍ତ୍ତ ବିଭାଗ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

### ଶିକ୍ଷା ଅଧିକାର ଆଇନ୍ ବୈଠକରେ ହଟ୍ଟଗୋଳରୁ ୨ ଗିରଫ

**ଝାରସୁଗୁଡା ଅଫିସ,୩।୧୧**

ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଠେଲାପାଲା ଓ ଗାଳିଗୁଲଜ କରିବା ଅଭିଯୋଗରେ ଝାରସୁଗୁଡା ଟାଉନ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟନାରାୟଣ ରାଓ ଏବଂ ପ୍ରତ୍ୟୁଷ ରାଉତ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ବ୍ୟକ୍ତିଗତ ମୁଚାଲିକାରେ ଉଭୟ ଜାମିନରେ ଆସିଛନ୍ତି। ଗୋଟିଏ ପଟେ ଶିକ୍ଷା ଅଧିକାର ଆଇନ୍‌କୁ ଉଲଂଘନ କରିଥିବା ଘରୋଇ ସ୍କୁଲ ବିବାଦ ଭିତରେ ଫସି ଯାଇଥିବା ବେଳେ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗି ଦୁଇଜଣ ଗିରଫ ହୋଇଥିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି।

### ବ୍ରଜରାଜନଗର ପୌରସଂସ୍ଥାର ୨୪ ଟେଣ୍ଡର ବାତିଲ

ଝାରସୁଗୁଡା ଅଫିସ,୩।୧୧– ଝାରସୁଗୁଡା ଜିଲା ବ୍ରଜରାଜନଗର ପୌର ପରିଷଦର ୨୪ଟି ଟେଣ୍ଡର ଏକା ସଙ୍ଗେ ଶନିବାର ବାତିଲ କରାଯାଇଛି। ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିବାରୁ ଏହି ସବୁ ଟେଣ୍ଡର ବାତିଲ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ ପଟେଲ କହିଛନ୍ତି। ହେଲେ ଏକକାଳୀନ ଏତେଗୁଡିଏ ଟେଣ୍ଡର ବାତିଲ କରିବାକୁ ନେଇ ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଛି। କାରଣ ଟେଣ୍ଡର ବାତିଲ ହୋଇଥିବା ଠିକାଦାରଙ୍କ ମଧ ପ୍ରାୟ ସମସ୍ତେ ପୁରୁଣା ଓ ଅଭିଜ୍ଞ ଠିକାଦାର ଅଛନ୍ତି। ତେଣୁ ଆବଶ୍ୟକ ଡକ୍ୟୁମମଣ୍ଟ ସମ୍ପର୍କରେ ସେମାନେ ପୂର୍ଣ୍ଣ ଅବଗତ ଥିବେ। ତେବେ କେଉଁ କାରଣରୁ ଟେଣ୍ଡର ବାତିଲ କରାଗଲା ତାହାକୁ ନେଇ ସାଧାରଣରେ ଏକ ଆଲୋଚନାର ବାତାବରଣ ସୃଷ୍ଟି ହୋଇଛି। ଏହି ଟେଣ୍ଡର ମଧ୍ୟରେ ରାସ୍ତା, ଡ୍ରେନ୍, ଷ୍ଟ୍ରିଟଲାଇଟ୍ ଭଳି ଉନ୍ନତିମୂଳକ ନିର୍ମାଣ କାମ ରହିଥିଲା।


**GOVERNMENT OF ODISHA**
**Cancellation Notice**
**of**
**Bid Identification No. CCE, KIP(KCD)-02/2018-19 of**
**e PROCUREMENT NOTICE NO. CCE, KIP-03/2018-19 (Online)**

**No.703-A:-** The Notice inviting Bid for the work "Improvement of Dam Toe and Approach road of Kanjhari Dam in the District of Keonjhar" vide Bid Identification No. CCE, KIP (KCD)-02/2018-19 of e procurement Notice No. CCE, KIP-03/2018-19 (Online) is hereby cancelled.

**Sd./- Chief Construction Engineer,**
**Kanupur Irrigation Project, Basudevpur**
32012/11/0016/1819

**Bhubaneswar Smart City Limited**
**Block-1, II-Floor, BMC-Bhawani Mall,**
**Bhubaneswar-751007**
No. 5458 Date: 02.11.2018

**Corrigendum to Tender Call Notice Vide bid Identification No. 5177/BSCL/165/2018, dated 04.10.2018**

**No. 330-C:-** The tender invited for the work "Selection of Consultancy Firm for setting up of Project Monitoring Unit (PMU) for Bhubaneswar Smart City Limited" has been modified as follows:

1. The modified schedule of bidding process are as follows:
   a. Last date/time for receipt of proposal is 16.11.2018 till 5.00PM
   b. The tender will be opened on 17.11.2018 at 11.30AM
   c. Date of presentation is 19.11.2018 at 11.30AM
2. The Pre-bid clarifications are available in the website www.smartcitybhubaneswar.gov.in

All other terms and conditions of the RFP document remain unchanged.

*Sd./- Chief Executive Officer*
*Bhubaneswar Smart City Limited*
13070/11/0035/1819

**NOTIFIED AREA COUNCIL, PURUSHOTTAMPUR (GM.)**
**Email: purushottampurnac@gmail.com, Ph. No. 06811-275333**
Letter No. 1578 Date: 03.11.2018

**QUOTATION CALL NOTICE**

Sealed quotations are invited from the intending manufacturers / agencies having authorised dealership / fabricator license holder for supply of the machineries / equipments as described in DQCN-I for Tractor Engine of 45 HP and DQCN-II for Dumper Bins, Dustbins, Hydrulic Trailor and crow bar for Municipal Solid Waste Management purposes. The Detailed Quotation Call Notice (DQCN) along with Drawing & Specification are available in the NAC Office. The quotationers can purchase DQCN-I & II with a cost of Rs. 4000/- each separately in the form of cash or DD in favour of E.O., NAC, Purushottampur payable at SBI, Purushottampur within Office hours (Except Sundays & Govt. holidays). The quotationer should submit quotation papers along with valid dealership certificate / fabricator license / GST Certificate / PAN Card and 1% EMD to their quoted rates in shape of DD in favour of Executive Officer, NAC, Purushottampur payable at SBI Branch at Purushottampur. The lowest quotationer will deposit ISD @ 1% in shape of cash or DD before execution of Agreement. The quotation should reach to the undersigned on or before 17.11.2018 upto 2.00PM & the sealed quotations will be opened on 17.11.2018 at 5.00PM. The agencies or their authorized agents may be present at the time of opening of quotations. The quotations received beyond scheduled date and time shall not be entertained. The authority reserves the right to reject any or all quotation without assigning any reason thereof.

*Sd./- Executive Officer, N.A.C., Purushottampur*

**Odisha State Medical Corporation Limited (OSMC)**
Assuring Quality, Saving Lives
**In front of Ram Mandir, Convent Square, Unit – III, Bhubaneswar -751 001**
**Tel.: (0674) 2380608, Website: www.osmcl.nic.in, Email : proc.osmcl.od@nic.in**
**Date: 02.11.2018**

**NOTICE INVITING E-TENDER FOR SUPPLY & INSTALLATION OF BURN, PLASTIC SURGERY & RECONSTRUCTIVE SURGERY EQUIPMENTS, WAREHOUSE EQUIPMENTS AND SUPPLY OF GLUCOMETER AND TEST STRIPS WITH AUTO DISABLE LANCETS**

**No. CAD-982-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ EQP-Glucometer/13 | Supply of Glucometer and Test strips with Auto disable Lancets | 5,600/- |
| 2 | OSMCL/2018-19/ EQP-Plastic Surgery/14 | Supply & Installation of Burn, Plastic Surgery & Reconstructive Surgery Equipments | 5,600/- |
| 3 | OSMCL/2018-19/ EQP-WH/15 | Supply & Installation of Equipments related to Drug Warehouses | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 02.11.2018, 3 PM | |
| 2. | Date & time of Pre-bid meeting | 09.11.2018, 11 AM (Plastic Surgery & Warehouse Equipments) 09.11.2018, 3 PM (Glucometer) **Venue:** Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 15.11.2018, 3 PM (Plastic Surgery & Glucometer) 16.11.2018, 3 PM (Warehouse Equipments) | End Date & Time: 30.11.2018, 5 PM (Warehouse Equipments) 01.12.2018, 5 PM (Glucometer) 03.12.2018, 5 PM (Plastic Surgery) |
| 4. | Date & time of online Technical bid opening | 04.12.2018, 11 AM (Warehouse Equipments) 05.12.2018 11 AM (Glucometer) 07.12.2018, 11 AM (Plastic Surgery) | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha
10112/11/0046/1819

**DIRECTORATE OF SECONDARY EDUCATION**
**6th Floor, Heads of Departments Building, Unit-V, Bhubaneswar, 751001**
Email: dseorissaedn@yahoo.com
53-N

**REQUEST FOR PROPOSALS (RFP)**

Notice No. 32534 Date: 03.11.2018

1. Director, Secondary Education, Odisha invites proposals from experienced and reputed Agency to conduct 'Online Competitive Examination for recruitment of Contractual Teachers in Govt. Secondary Schools' as detailed in the table below:

| Sl. No. | Name of the Project | Bid Security | Cost of Bid document |
|---|---|---|---|
| 1 | 2 | 3 | 4 |
| 1 | Selection of Agency to Conduct 'Online Competitive Examination for Recruitment of Contractual Teachers in Govt. Secondary Schools'. | Rs. 5,00,000/- | Rs. 1000/- + Rs. 120/- (GST@12%) |

2. Bid documents (RFP Terms & Conditions, Vol.I & II) will be available on the website http://opepa.odisha.gov.in/ & http://sme.odisha.gov.in/ from 03.11.2018 till 3.00PM of 29.11.2018.
3. A pre-bid meeting shall be held on 16.11.2018 at 3.00PM at OPEPA, Bhubaneswar.
4. Last date / time of receipt of proposals is 29.11.2018 till 3.00PM.

27014/11/0004/1819 *Sd./- Director, Secondary Education, Odisha*

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
District Headquarters Hospital Campus, Rayagada-765001
Phone No. 06856-235603, Fax No. 06856-236631
No. 6958 / 2018 Rayagada, Dated the 02.11.2018

**QUOTATION CALL NOTICE**

**No. 544-E:-** Sealed quotations are invited from the authorized dealers FOR SUPPLY OF EIGHT NUMBERS OF 150 CC BIKE LIKE HERO CBZ/ EXTREME, HONDA UNICORN AND TVS APACHE to the undersigned as well as sealed quotation are invited from the Authorised CARGO BODY MAKERS for Commissioning to the above bike which will be used as BIKE AMBULANCE (QUICK RESPONSE). The interested authorized cargo body makers may visit to look over the existing bike ambulance (Quick Response) with the undersigned for his better reference. Terms & conditions (Quotations) may be downloaded from the district website www.rayagada.nic.in. The last date of receipt of the tender is 19.11.2018 upto 5.00PM (By Speed Post / Registered Post only) and the same will be opened on Dt.20.11.2018 at 10.00AM in the office chamber of Chief District Medical Public Health Officer, Rayagada. The undersigned reserves the right to accept or reject any or all the tenders without assigning any reason thereof.

*Sd./- Dr. Siva Prasad Padhi*
*Chief District Medical & Public Health Officer, Rayagada*
10035/11/0018/1819

